ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ମଙ୍ଗଳବାର, ମେ ୬/୨୦୨୫ (୧୨ ପୃଷ୍ଠା) Bhubaneswar, Tuesday, May 6/2025 Page 12 ₹ 7.00 | BALASORE
୫୧ଶ ଭାଗ ୧୬୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 160 ମୂଲ୍ୟ ₹୭/-

# ଭାରତକୁ ରୁଷିଆର ପୂର୍ଣ୍ଣ ସମର୍ଥନ

**ପହଲଗାମ୍ ଘଟଣା**



ଭ୍ଲାଡିମିର ପୁଟିନ୍

**ନୂଆଦିଲ୍ଲୀ,୫।୫**

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଫୋନ୍ ଯୋଗେ କଥା ହେବା ଅବସରରେ ପହଲଗାମ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣକୁ ଦୃଢ଼ ନିନ୍ଦା କରିଛନ୍ତି। ଆକ୍ରମଣରେ ପ୍ରାଣ ହରାଇଥିବା ୨୬ ଜଣ ପର୍ଯ୍ୟଟକଙ୍କ ପାଇଁ ସେ ଗଭୀର ସମବେଦନା ଜଣାଇବା ସହ ଆତଙ୍କବାଦ ବିରୋଧରେ ଲଢ଼େଇରେ ଭାରତକୁ ରୁଷିଆ ପୂର୍ଣ୍ଣ ସମର୍ଥନ ଯୋଗାଇଦେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ଭାରତ-ରୁଷିଆ ସମ୍ପର୍କକୁ ଅଧିକ ଦୃଢ଼ ଓ ଘନିଷ୍ଠ କରିବା ଉପରେ ଉଭୟ ନେତା ରାଜି ହୋଇଛନ୍ତି। ରୁଷିଆର ୮୦ତମ ବିଜୟ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ମୋଦି ରାଷ୍ଟ୍ରପତି ପୁଟିନ୍‌ଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କୁ ଚଳିତ ବର୍ଷର ବାର୍ଷିକ ସମ୍ମିଟ୍‌ରେ ଯୋଗଦେବା ନିମନ୍ତେ ଭାରତ ଗସ୍ତରେ ଆସିବାକୁ ଆମନ୍ତ୍ରଣ କରିଛନ୍ତି।

**ଆଜିର ସମ୍ପାଦକୀୟ**

**ହୁଟିଙ୍କ ମାଡ଼**

# ୭ରେ ସିଭିଲ୍ ମକ୍‌ଡ୍ରିଲ୍

**ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢ଼ିଚାଲିଛି। ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିକୁ ଦୃଷ୍ଟିରେ ରଖାଯାଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତା ବୁଧବାର ସିଭିଲ୍ ଡିଫେନ୍ସ (ନାଗରିକ ପ୍ରତିରକ୍ଷା) ମକ୍ ଡ୍ରିଲ୍ କରିବା ପାଇଁ ସୋମବାର ବିଭିନ୍ନ ରାଜ୍ୟକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପ୍ରତିରକ୍ଷା ଅଭ୍ୟାସ ବେଳେ ଏୟାର ରେଡ୍ ୱାର୍ନିଂ ସାଇରନ୍‌କୁ ସକ୍ରିୟ କରାଯିବ। ସାଧାରଣ ନାଗରିକ ଏବଂ ଛାତ୍ରୀଛାତ୍ର କିପରି ନିଜକୁ ଆକ୍ରମଣରୁ ସୁରକ୍ଷିତ ରଖିପାରିବେ ସେନେଇ ପ୍ରଶିକ୍ଷଣ ଦିଆଯିବ। ଏଥିସହ ଗୁରୁତ୍ୱପୂର୍ଣ୍ଣ କାରଖାନା ବା ପ୍ରତିଷ୍ଠାନ ପାଇଁ ଆଗୁଆ ସୁରକ୍ଷା ବ୍ୟବସ୍ଥା ହେବ। ଉନ୍ନତ ସ୍ଥାନାନ୍ତରଣ ଲାଗି ଲୋକଙ୍କୁ ଅଭ୍ୟାସ କରାଯିବା ସକାଶେ କ୍ଷେତ୍ର ପ୍ରସ୍ତୁତ କରାଯାଉଛି।**

**ନୂଆଦିଲ୍ଲୀ,୫।୫**

ଆତଙ୍କବାଦୀ ଆକ୍ରମଣ ପରେ ଉଭୟ ଦେଶ ପରସ୍ପର ବିରୋଧରେ ଏକାଧିକ କୂଟନୈତିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବାବେଳେ ସୀମାରେ ଅସ୍ତ୍ରବିରତି ଉଲ୍ଲଂଘନ କରାଯାଇ କ୍ରମାଗତ ଗୁଳିବର୍ଷା ଲାଗିରହିଛି। ଆକ୍ରମଣର ଦୃଢ଼ ଜବାବ ଦିଆଯିବ ବୋଲି ଭାରତ କହିଥିବାବେଳେ ପାକିସ୍ତାନ ୨ ଦିନରେ ୨ଟି କ୍ଷେପଣାସ୍ତ୍ର ପରୀକ୍ଷା କଲାଣି। ଭାରତ ଏହାର ସାମରିକ ପ୍ରସ୍ତୁତି ବଢ଼ାଇଛି। ଯେକୌଣସି ସମୟରେ ସାମରିକ କାର୍ଯ୍ୟାନୁଷ୍ଠାନ ସମ୍ଭାବନା ଥିବାରୁ ଜରୁରୀ ପ୍ରସ୍ତୁତିକୁ ବଢ଼ାଇବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରାଜ୍ୟଗୁଡ଼ିକୁ ନାଗରିକ ପ୍ରତିରକ୍ଷା ଅଭ୍ୟାସ କରିବାକୁ କହିଛି। ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ୩ ବାହିନୀର ମୁଖ୍ୟମାନଙ୍କ ସହ ଉଚ୍ଚସ୍ତରୀୟ ସୁରକ୍ଷା ବୈଠକ ବସି ସେନାକୁ ସାମରିକ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ନିଷ୍ପତ୍ତି ନେବା ପାଇଁ ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଥିଲା। ପରେ ନୌସେନା ଏବଂ ବାୟୁସେନା ମୁଖ୍ୟମାନେ ପ୍ରଧାନମନ୍ତ୍ରୀଙ୍କୁ ଅଲଗା ଅଲଗା ଭେଟି ସ୍ଥିତି ସମ୍ପର୍କରେ ଅବଗତ କରିଥିବାବେଳେ ସୋମବାର ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂ ପ୍ରଧାନମନ୍ତ୍ରୀଙ୍କୁ ଭେଟିଛନ୍ତି।

ପାକିସ୍ତାନ ସହ ଉତ୍ତେଜନା ଚରମସୀମାରେ ପହଞ୍ଚିଥିବାବେଳେ ସମ୍ଭାବ୍ୟ ଯୁଦ୍ଧ ଆଶଙ୍କାରେ ଭାରତର ଗୋଳାବାରୁଦ କାରଖାନାଗୁଡ଼ିକରେ କର୍ମଚାରୀଙ୍କ ଲମ୍ବା ଛୁଟିକୁ ବାତିଲ କରାଯାଇଛି। ମହାରାଷ୍ଟ୍ରର ଚନ୍ଦ୍ରପୁର ଓ ମଧ୍ୟପ୍ରଦେଶର ଜବଲପୁରରେ ଥିବା ଅର୍ଡନାନ୍ସ ଫ୍ୟାକ୍ଟ୍ରି କର୍ମଚାରୀଙ୍କୁ ୨ ଦିନରୁ ଅଧିକ ଛୁଟି ଦିଆଯାଉ ନାହିଁ। ଲମ୍ବା ଛୁଟି ନ ଦେବାକୁ ଅଧିକାଂଶ ପ୍ଲାଣ୍ଟକୁ ନିର୍ଦ୍ଦେଶ ଦିଆଯାଇଛି।

ପାକିସ୍ତାନ ଶନିବାର ୪୫୦ କିଲୋମିଟର ଲକ୍ଷ୍ୟଭେଦ କ୍ଷମତା ବିଶିଷ୍ଟ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷା କରିଥିଲା। ସୋମବାର ଇସ୍‌ଲାମାବାଦ ଆଉ ଏକ ମିଶାଇଲ୍ ପରୀକ୍ଷା କରିଛି। ଫତାହ ନାମକ ଏହି ମିଶାଇଲ୍‌ର ଲକ୍ଷ୍ୟଭେଦ କ୍ଷମତା ୧୨୦ କିଲୋମିଟର ପର୍ଯ୍ୟନ୍ତ ବୋଲି ପାକ୍ ସେନାର ଗଣମାଧ୍ୟମ ଶାଖା ଇଣ୍ଟର ସର୍ଭିସେସ୍ ପବ୍ଲିକ୍ ରିଲେଶନ ପକ୍ଷରୁ କୁହାଯାଇଛି। ପହଲଗାମ୍ ଆକ୍ରମଣ ପରଠାରୁ ପାକିସ୍ତାନ କ୍ରମାଗତ ନିୟନ୍ତ୍ରଣରେଖା ଓ ଅନ୍ତର୍ଜାତୀୟ ସୀମାରେଖାରେ ଅସ୍ତ୍ରବିରତି ଉଲ୍ଲଂଘନ କରି ଭାରତକୁ ଉସୁକାଇବାକୁ ଉଦ୍ୟମ କରିଆସୁଛି। ଭାରତ ପକ୍ଷରୁ ଏହାର ଠିକଣା ଜବାବ ଦିଆଯାଉଛି।

# ଏପ୍ରିଲ ୨୭ ଏସ୍‌ଆଇ ପରୀକ୍ଷା ରଦ୍ଦ କଲା ଓଏସ୍‌ଏସ୍‌ସି

**ଜୁଲାଇ ୬ରେ ସାଜି ପରୀକ୍ଷା**

**ଭୁବନେଶ୍ୱର,୫।୫(ସୁଚିସ୍ମିତା ସାହୁ)**

ଓଡ଼ିଶା କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ସି) ଦ୍ୱାରା ପରିଚାଳିତ ଏକ୍ସାଇଜ୍ ଓ ଟ୍ରାଫିକ ଏସ୍‌ଆଇ ପଦବୀ ପାଇଁ ଏପ୍ରିଲ ୨୭ରେ ହୋଇଥିବା ପରୀକ୍ଷାକୁ ରଦ୍ଦ କରାଯାଇଛି। ପରୀକ୍ଷା ପରିଚାଳନାରେ ବ୍ୟାପକ ତ୍ରୁଟି ନଜରକୁ ଆସିବା ପରେ ଓଏସ୍‌ଏସ୍‌ସି ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ନିଷ୍ପତ୍ତି ଅନୁସାରେ, ଏସ୍‌ଆଇ ର୍‍ୟାଙ୍କର ବିଭିନ୍ନ ବର୍ଗର ପଦ ପଦବୀ ପାଇଁ ସମସ୍ତ ପରୀକ୍ଷା ରଦ୍ଦ କରାଯାଇଛି। ତେବେ ଜୁଲାଇ ୬ରେ ପୁଣିଥରେ ପରୀକ୍ଷା କରାଯିବ ବୋଲି ସୋମବାର ଓଏସ୍‌ଏସ୍‌ସି ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛି।

ସୂଚନାଯୋଗ୍ୟ, ଏପ୍ରିଲ ୨୭ରେ ୨୧ଟି ଏସ୍‌ଆଇ ଟ୍ରାଫିକ ପଦବୀ (ଗ୍ରୁପ୍ ବି) ଓ ୧୦ଟି ଏକ୍ସାଇଜ୍ ଏସ୍‌ଆଇ ପଦବୀ ପାଇଁ ମିଳିତ ଭାବେ ଲିଖିତ ପରୀକ୍ଷା ହୋଇଥିଲା। ଏହି ପରୀକ୍ଷା ପାଇଁ ହଜାର ହଜାର ସଂଖ୍ୟାର ପରୀକ୍ଷାର୍ଥୀ ରାଜ୍ୟର ସମସ୍ତ ଜିଲାରେ ପରୀକ୍ଷା ଦେଇଥିଲେ। ହେଲେ ପରୀକ୍ଷାରେ ଅନ୍ୟ ବିଷୟର ପ୍ରଶ୍ନ ପଡିଥିଲା। ଏହାକୁ ନେଇ ସମସ୍ତ ପରୀକ୍ଷା କେନ୍ଦ୍ରରେ ଉତ୍ତେଜନା ଦେଖାଦେଇଥିଲା। ତଦନ୍ତ ପରେ ପରୀକ୍ଷା ପରିଚାଳନାରେ ଏଭଳି ତ୍ରୁଟି ହୋଇଥିବା ଓଏସ୍‌ଏସ୍‌ସି କର୍ତ୍ତୃପକ୍ଷ ସ୍ୱୀକାର କରିବା ସହିତ ଦୁଃଖ ପ୍ରକାଶ କରିଥିଲେ। ଏସବୁ ପରୀକ୍ଷାର ବିକଳ୍ପ ବ୍ୟବସ୍ଥା ନିମନ୍ତେ ଓଏସ୍‌ଏସ୍‌ସି କର୍ତ୍ତୃପକ୍ଷ ମେ ୪ ପର୍ଯ୍ୟନ୍ତ ପରୀକ୍ଷାର୍ଥୀଙ୍କଠାରୁ ମତାମତ ଲୋଡିଥିଲେ।






# ସମ୍ପୂର୍ଣ୍ଣ ଗାଜା ଦଖଲ ପାଇଁ ଇସ୍ରାଏଲ୍‌ର ଯୋଜନା

ତେଲ୍ ଆଭିଭ୍,୫।୫


ବେଞ୍ଜାମିନ ନେତାନ୍ୟାହୁ

ସମଗ୍ର ଗାଜାଷ୍ଟ୍ରିପ୍‌କୁ ଦଖଲ କରି ସେଠାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ରହିବା ଯୋଜନାକୁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ କ୍ୟାବିନେଟ୍ ସୋମବାର ଅନୁମୋଦନ କରିଛି। ଏହା କାର୍ଯ୍ୟକାରୀ ହେଲେ ପାଲେଷ୍ଟାଇନ୍ ଅଞ୍ଚଳରେ ଇସ୍ରାଏଲ୍‌ର ସାମରିକ କାର୍ଯ୍ୟାନୁଷ୍ଠାନ ଆହୁରି ବଢ଼ିବ। ସୋମବାର ସକାଳେ ଇସ୍ରାଏଲ୍‌ର କ୍ୟାବିନେଟ ମନ୍ତ୍ରୀମାନେ ଭୋଟ ଜରିଆରେ ନୂଆ ଯୋଜନାକୁ ମଞ୍ଜୁରୀ ଦେଇଛନ୍ତି। ଅନେକ ହଜାର ରିଜର୍ଭ ସୈନ୍ୟଙ୍କୁ ଡକାଯାଇଥିବା କିଛି ଘଣ୍ଟା ପୂର୍ବରୁ ଇସ୍ରାଏଲୀ ସେନା ମୁଖ୍ୟ କହିଥିଲେ। ହମାସ୍‌କୁ ପରାଜିତ କରି ଗାଜାକୁ ଆକ୍ରମଣରୁ ମୁକ୍ତ କରିବା ପାଇଁ ଏହି ନୂଆ ଯୋଜନା କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ହୋଇଥିବା ଜେରୁଜେଲମ୍ ପକ୍ଷରୁ କୁହାଯାଇଛି। ଏହା ଦ୍ୱାରା ଲକ୍ଷାଧିକ ପାଲେଷ୍ଟିନୀୟ ଦକ୍ଷିଣ ଗାଜାରେ ପ୍ରବେଶ କରିବା ସୁଯୋଗ ପାଇବେ।

ମାର୍ଚ୍ଚ ମଧ୍ୟଭାଗରେ ଅସ୍ତ୍ରବିରତି ଚୁକ୍ତି ଭଙ୍ଗ ହେବା ପରେ ଇସ୍ରାଏଲ୍ ଗାଜାରେ ଜୋର୍‌ଦାର ଆକ୍ରମଣ ଚଳାଇଛି। ଏଥିରେ ଶତାଧିକ ଲୋକଙ୍କ ମୃତ୍ୟୁ ଘଟିଲାଣି। ଏହା ଅନେକ ଅଞ୍ଚଳକୁ ଦଖଲ କରିବା ସହ ଗାଜାରେ ପାଖାପାଖି ୫୦ ପ୍ରତିଶତକୁ ନିଜ ନିୟନ୍ତ୍ରଣରେ ରଖିଛି। ୧୯ ମାସ ହେବ ଲାଗିରହିଥିବା ଯୁଦ୍ଧ ଯୋଗୁ ଗାଜାରେ ମାନବୀୟ ସଙ୍କଟ ଉତ୍କଟ ସ୍ଥିତିରେ ପହଞ୍ଚିଥିବାବେଳେ ଅସ୍ତ୍ରବିରତି ଉଲ୍ଲଂଘନ ପୂର୍ବରୁ ଇସ୍ରାଏଲ୍ ସେଠାକୁ ଖାଦ୍ୟ, ଇନ୍ଧନ, ପାଣି ଆଦି ମାନବୀୟ ସହାୟତା ବନ୍ଦ କରିଦେଇଥିଲା। ଫଳରେ କ୍ଷୁଧା ଓ ଖାଦ୍ୟାଭାବ ଯୋଗୁ ଗାଜାରେ ଲୁଟ୍‌ପାଟ ବଢ଼ିଛି। ଇସ୍ରାଏଲୀ ଅଧିକାରୀଙ୍କ କହିବା ଅନୁଯାୟୀ, ସମ୍ପୂର୍ଣ୍ଣ ଗାଜା ଦଖଲ ଫଳରେ ମାନବୀୟ ସହାୟତା ବଣ୍ଟନରୁ ହମାସ୍ ଆତଙ୍କବାଦୀଙ୍କୁ ଦୂରେଇ ରଖାଯିବ। ହମାସ୍ ଉକ୍ତ ସହାୟତାକୁ ନିଜ ପାଇଁ ରଖି ଏହାର ସାମର୍ଥ୍ୟ ବଢ଼ାଉଛି। ସହାୟତା ବନ୍ଦ ହେଲେ ହମାସ୍ ଉପରେ ଏହା ବଡ଼ ଆକ୍ରମଣ ହେବ। ଗାଜାକୁ ସମ୍ପୂର୍ଣ୍ଣ ଅକ୍ତିଆର କରି ଏହାର ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଯୋଜନା ସମ୍ପର୍କରେ ଇସ୍ରାଏଲ୍ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ଅନ୍ୟ ଦେଶ ସହ ଆଲୋଚନା କରିଛି। ତେବେ ଇସ୍ରାଏଲ୍‌ର ଏଭଳି କାର୍ଯ୍ୟକୁ ଏହାର ସହଯୋଗୀ ୟୁରୋପୀୟ ରାଷ୍ଟ୍ର ଆରବ ଦେଶଗୁଡ଼ିକ ନିନ୍ଦା କରିଛନ୍ତି। ଅସ୍ତ୍ରବିରତି ଚୁକ୍ତିକୁ ଅଧିକ କୋହଳ କରିବା ପାଇଁ ଇସ୍ରାଏଲ୍ ହମାସ୍ ଉପରେ ଚାପ ପକାଇ ଆସୁଛି। ଅନ୍ୟପକ୍ଷରେ ନୂଆ ଚୁକ୍ତି ପାଇଁ ଉଭୟ ପକ୍ଷଙ୍କୁ ଏକାଠି କରିବା ଲାଗି ଅନ୍ତର୍ଜାତୀୟ ମଧ୍ୟସ୍ଥମାନେ ଉଦ୍ୟମ ଚଳାଇଛନ୍ତି। ଯୁଦ୍ଧ ବନ୍ଦ ପାଇଁ ଚୁକ୍ତିନାମା ଆଣିବାକୁ ହମାସ୍ ଦାବି କରୁଛି। ତେବେ ହମାସ୍ ପରାଜିତ ନ ହେବା ପର୍ଯ୍ୟନ୍ତ ଯୁଦ୍ଧ ବନ୍ଦ କରିବାକୁ ଇସ୍ରାଏଲ୍ ଚାହୁଁ ନାହିଁ।

# ପାକିସ୍ତାନକୁ ଚେନାବ ଜଳ ରୋକିଲା ଭାରତ

ନୂଆଦିଲ୍ଲୀ,୫।୫



ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପ୍ରଥମ ପଦକ୍ଷେପ ସ୍ୱରୂପ ସିନ୍ଧୁନଦୀ ଜଳ ଚୁକ୍ତିକୁ ସ୍ଥଗିତ ରଖିଥିବାବେଳେ ରବିବାର ଜମ୍ମୁର ବାଗ୍ଲିହାର ଡ୍ୟାମ୍‌ରୁ ଚେନାବ ନଦୀଜଳ ପ୍ରବାହକୁ ସାମୟିକ ଭାବେ ରୋକିଛି। ବନ୍ଦିପୋର ନିକଟ କିଶନଗଙ୍ଗା ଡ୍ୟାମ୍‌ରୁ ମଧ୍ୟ ଅନୁରୂପ ଭାବେ ଜଳ ରୋକିବାକୁ କେନ୍ଦ୍ର ସରକାର ଯୋଜନା କରୁଥିବା ଜଣାପଡ଼ିଛି। କଶ୍ମୀରର ୨ଟି ଜଳବିଦ୍ୟୁତ୍ ପ୍ରକଳ୍ପର ଭଣ୍ଡାର ଜଳଧାରଣ କ୍ଷମତା ବଢ଼ାଇବାକୁ ସରକାର କାମ ଆରମ୍ଭ କରିଛନ୍ତି। ଏଥିସହିତ ଉକ୍ତ ଅଞ୍ଚଳରେ ଅଟକି ରହିଥିବା ୬ଟି ଜଳବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବା ଆଶା କରାଯାଉଛି। ସେଗୁଡ଼ିକ ହେଲା ସାୱଲକୋଟ୍‌ର ୧,୮୫୬ ମେଗାୱାଟ ପ୍ରକଳ୍ପ, ୧,୩୨୦ ମେଗାୱାଟ୍ କ୍ଷମତା ବିଶିଷ୍ଟ କିର୍ଥାଇ-୧ ପ୍ରକଳ୍ପ ଏବଂ ୧୦୦୦ ମେଗାୱାଟ କ୍ଷମତା ବିଶିଷ୍ଟ ପକଲ ଡୁଲ୍। ଏହା ବ୍ୟତୀତ ଅନ୍ୟ ୩ଟି ପ୍ରକଳ୍ପରୁ ୨,୨୨୪ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି। ଏହି ୬ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ଜମ୍ମୁ-କଶ୍ମୀର ମୋଟ ୧୦ ହଜାର ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ କରିବା ସହ ଜଳସେଚନ ଓ ଘରୋଇ ବ୍ୟବହାର ପାଇଁ ଅଧିକ ଜଳ ପାଇପାରିବ। ତେବେ ସିନ୍ଧୁନଦୀ ଜଳ ଚୁକ୍ତି ଏବେ ମଧ୍ୟ କାର୍ଯ୍ୟକାରୀ ଥିବାରୁ ଉପରୋକ୍ତ ନିର୍ମାଣର ୬ ମାସ ପୂର୍ବରୁ ଭାରତ ପାକିସ୍ତାନକୁ ନୋଟିସ୍ କରିବାକୁ ପଡ଼ିବ। ଇସ୍‌ଲାମାବାଦ ପ୍ରକଳ୍ପକୁ ବିଳମ୍ବିତ କିମ୍ବା ବାତିଲ କରାଇବା ପାଇଁ ବିଭିନ୍ନ ଆଇନଗତ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ।

## ପରବର୍ତ୍ତୀ ସିଜେଆଇ ଗଭାଇଙ୍କ ଖଣ୍ଡପୀଠରେ ହେବ ୱାକ୍‌ଫ ଶୁଣାଣି

ନୂଆଦିଲ୍ଲୀ,୫।୫(ପି.ଟି.)

ୱାକ୍‌ଫ ସଂଶୋଧନ ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଅନେକ ପିଟିଶନ ଦାଏର ହୋଇଥିବାବେଳେ ଭାରତର ପରବର୍ତ୍ତୀ ପ୍ରଧାନ ବିଚାରପତି (ସିଜେଆଇ) ବି.ଆର୍. ଗଭାଇଙ୍କ ଖଣ୍ଡପୀଠରେ ଆସନ୍ତା ୧୫ ତାରିଖରୁ ଏହାର ଶୁଣାଣି ହେବ। ବର୍ତ୍ତମାନର ସିଜେଆଇ ସଞ୍ଜୀବ ଖାନ୍ନା ମେ' ୧୩ରେ ଅବସର ନେଉଥିବାରୁ ଶୁଣାଣିକୁ ନୂଆ ସିଜେଆଇଙ୍କ ଖଣ୍ଡପୀଠକୁ ସ୍ଥାନାନ୍ତର କରିବା ଲାଗି ସର୍ବୋଚ୍ଚ ଅଦାଲତ ସୋମବାର ନିଷ୍ପତ୍ତି ନେଇଛନ୍ତି। ଶୁଣାଣି ପାଇଁ ସୋମବାର ସିଜେଆଇ ଖାନ୍ନା, ଜଷ୍ଟିସ୍ ସଞ୍ଜୟ କୁମାର ଏବଂ କେ.ଭି. ବିଶ୍ୱନାଥନଙ୍କ ଖଣ୍ଡପୀଠ ବସିଥିଲା। ସିଜେଆଇ କହିଥିଲେ, କେନ୍ଦ୍ର ସରକାରଙ୍କ ସହ ସମ୍ପୃକ୍ତ ନିର୍ଦ୍ଦିଷ୍ଟ ଦିଗଗୁଡ଼ିକ ସ୍ପଷ୍ଟ ହେବା ଆବଶ୍ୟକ, ଯେଉଁଥିପାଇଁ ସମୟ ଲାଗିବ। ଅନ୍ତରୀଣ ପର୍ଯ୍ୟାୟରେ କୌଣସି ରାୟ ବା ନିର୍ଦ୍ଦେଶନାମାକୁ ସଂରକ୍ଷିତ ରଖିବାକୁ ସେ ଚାହୁଁ ନ ଥିବା କହିଥିଲେ।


ଜାପାନର ଓସାକାଠାରେ ଆୟୋଜିତ 'ଏକ୍ସପୋ ୨୦୨୫' ଇଭେଣ୍ଟର ଭାରତୀୟ ପାଭିଲିଅନରେ କେତେଜଣ ମହିଳା ପାରମ୍ପରିକ ପୋଷାକ ସହ ଫଟୋ ଉଠାଉଛନ୍ତି।

## ଆନ୍ଦୋଳନର ଦିନକ ପୂର୍ବରୁ ବହୁ କୃଷକ ନେତା ଗୃହବନ୍ଦୀ

ଚଣ୍ଡିଗଡ଼, ୫।୫

ପଞ୍ଜାବର ଫରିଦକୋଟ ଜିଲା ପୋଲିସ ସୋମବାର ଜଗଜିତ ସିଂ ଡାଲ୍ଲେୱାଲଙ୍କ ସମେତ ବହୁ କୃଷକ ନେତାଙ୍କୁ ଗୃହବନ୍ଦୀ କରିଛି। ସଂଯୁକ୍ତ କିଷାନ ମୋର୍ଚ୍ଚା (ଅଣରାଜନୈତିକ) ପକ୍ଷରୁ ମଙ୍ଗଳବାର ଶମ୍ଭୁ ଥାନା ଘେରାଉ ଯୋଜନା ଥିବାବେଳେ ଏହା ପୂର୍ବରୁ ଫରିଦକୋଟ ଏସ୍‌ପି ମନବିନ୍ଦର ବୀର ସିଂଙ୍କ ନେତୃତ୍ୱରେ ପୋଲିସର ଏକ ଟିମ୍ ଡାଲ୍ଲେୱାଲଙ୍କ ଘରେ ପହଞ୍ଚି ତାଙ୍କୁ ଗୃହବନ୍ଦୀ କରିଛନ୍ତି। ସେହିପରି କିଷାନ ମଜଦୁର ୟୁନିୟନର ମୁଖ୍ୟ ଦିଲ୍‌ବାଗ ସିଂଙ୍କୁ ତାଙ୍କ ଜୀବନପୁରସ୍ଥିତ ବାସଭବନରେ ଗୃହବନ୍ଦୀ କରାଯାଇଛି। ରାଜ୍ୟ ସରକାର ଲୋକଙ୍କ ସ୍ୱରକୁ ପ୍ରତିହତ କରୁଥିବା ସଂଯୁକ୍ତ କିଷାନ ମୋର୍ଚ୍ଚା ଅଭିଯୋଗ ଆଣିଛି।

## ଭାରତର ପ୍ରତିରକ୍ଷା ୱେବ୍‌ସାଇଟ୍ ହ୍ୟାକ୍ କଲେ ପାକ୍ ସାଇବର ଗ୍ରୁପ୍

ନୂଆଦିଲ୍ଲୀ,୫।୫

ଆତଙ୍କବାଦୀ ଆକ୍ରମଣକୁ ନେଇ ଉତ୍ତେଜନା ଲାଗିରହିଥିବାବେଳେ ପାକିସ୍ତାନୀ ହ୍ୟାକରମାନେ ଭାରତୀୟ ପ୍ରତିରକ୍ଷା ୱେବ୍‌ସାଇଟ୍‌ଗୁଡ଼ିକୁ ଟାର୍ଗେଟ କରିଛନ୍ତି। ସେମାନେ ପ୍ରତିରକ୍ଷା ମନ୍ତ୍ରଣାଳୟର ଏକାଧିକ ୱେବ୍‌ସାଇଟ୍ ହ୍ୟାକ୍ କରିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ସେମାନେ ପ୍ରତିରକ୍ଷା ଅଧିକାରୀମାନଙ୍କ ସମ୍ପର୍କିତ ସମ୍ବେଦନଶୀଳ ତଥ୍ୟ ଏବଂ ସେମାନଙ୍କ ଲଗ୍‌ଇନ୍ ପାସ୍‌ୱାର୍ଡ ଇତ୍ୟାଦିରେ ଜାଲିଆତି କରି ଅସୁବିଧାରେ ପକାଇପାରନ୍ତି ବୋଲି କୁହାଯାଉଛି। ହ୍ୟାକରମାନେ ମିଲିଟାରି ଇଞ୍ଜିନିୟରିଂ ସର୍ଭିସେସ୍ ଏବଂ ମନୋହର ପାରିକର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡିଫେନ୍ସ ଷ୍ଟଡିଜ୍ ଆଣ୍ଡ ଆନାଲିସିସ୍‌ର ସମ୍ବେଦନଶୀଳ ତଥ୍ୟ ପାଇଥିବା ପାକିସ୍ତାନ ସାଇବର ଫୋର୍ସ ପକ୍ଷରୁ ଦାବି କରାଯାଇଛି। ଏହା ବ୍ୟତୀତ ସେମାନେ ଆର୍ମର୍ଡ ଭେହିକିଲ୍ ନିଗମ ଲିଃର ୱେବ୍‌ସାଇଟ୍‌କୁ ବିକୃତ କରିବାକୁ ଉଦ୍ୟମ କରିଥିବା ଜଣାପଡ଼ିଛି। ଅଡିଟ ପାଇଁ ଉକ୍ତ ୱେବ୍‌ସାଇଟ୍‌କୁ ଅଫ୍‌ଲାଇନ୍‌ରେ ରଖାଯାଇଛି।

## ପାକିସ୍ତାନକୁ ପାଣ୍ଠି ହ୍ରାସ ପାଇଁ ଏଡିବି ଉପରେ ଭାରତର ଚାପ

ନୂଆଦିଲ୍ଲୀ,୫।୫

ଗତ ମାସ ୨୨ ତାରିଖରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ବିରୋଧରେ ଭାରତ ଏକାଧିକ କୂଟନୈତିକ କଟକଣା ଲଗାଇଥିବାବେଳେ ଏବେ ଆର୍ଥିକ ଆକ୍ରମଣ କରିବାକୁ ଲକ୍ଷ୍ୟ ରଖିଛି। ଆତଙ୍କବାଦୀ ସଂଗଠନଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଉଥିବା ଇସ୍‌ଲାମାବାଦକୁ ଅନ୍ତର୍ଜାତୀୟ ପାଣ୍ଠି ହ୍ରାସ କରାଇବା ପାଇଁ ଭାରତ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଏସିଆନ୍ ଡେଭେଲପ୍‌ମେଣ୍ଟ ବ୍ୟାଙ୍କ (ଏଡିବି) ଅଧ୍ୟକ୍ଷଙ୍କୁ ଭେଟି ପାକିସ୍ତାନକୁ ପାଣ୍ଠି ହ୍ରାସ କରିବାକୁ ଦାବି କରିଥିବା ଏକ ସରକାରୀ ସୂତ୍ରରୁ ଜଣାପଡ଼ିଛି। କେବଳ ସେତିକି ନୁହେଁ, ପାକିସ୍ତାନକୁ ପୁଣିଥରେ ଫାଇନାନ୍‌ସିଆଲ୍ ଆକ୍ସନ ଟାସ୍କଫୋର୍ସ (ଏଫଏଟିଏଫ୍)ର ଗ୍ରେ ତାଲିକାରେ ରଖିବା ପାଇଁ ସୀତାରାମନ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ସହ ଆଲୋଚନା କରିଛନ୍ତି।

ଇଟାଲୀର ମିଲନଠାରେ ଅନୁଷ୍ଠିତ ଏଡିବି ବାର୍ଷିକ ବୈଠକରେ ଅର୍ଥମନ୍ତ୍ରୀ ଏଡିବି ଅଧ୍ୟକ୍ଷ ମାସାତୋ କାଣ୍ଡାଙ୍କୁ ଭେଟିଥିଲେ। ଏଥିସହିତ ସେ ଇଟାଲୀ ଅର୍ଥମନ୍ତ୍ରୀ ଗିଆନକାର୍ଲୋ ଗିଓର୍ଗେଟିଙ୍କୁ ଭେଟି ଅନୁରୂପ ଦାବି କରିଥିଲେ। ଆର୍ଥିକ ସଙ୍କଟ ମଧ୍ୟରେ ଥିବା ପାକିସ୍ତାନ ଏଡିବି ପାଣ୍ଠି ଉପରେ ଅତ୍ୟଧିକ ନିର୍ଭରଶୀଳ। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ଏବଂ ଏଡିବି ପାକିସ୍ତାନର ବିଭିନ୍ନ ସେକ୍ଟରକୁ ଆର୍ଥିକ ସହାୟତା ଯୋଗାଇ ଆସୁଛନ୍ତି। ପାକିସ୍ତାନକୁ ଆଇଏମ୍‌ଏଫ୍‌ର ୭ ବିଲିୟନ ଡଲାରରୁ ଊର୍ଦ୍ଧ୍ୱ ସହାୟତା ପ୍ୟାକେଜ୍‌କୁ ନେଇ ଭାରତ ନିଜର ଉଦ୍‌ବେଗ ଜଣାଇବ ବୋଲି ଆଶା କରାଯାଉଛି। ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଉଥିବା ପାକିସ୍ତାନକୁ ଏଫ୍‌ଏଟିଏଫ୍ ଗ୍ରେ ତାଲିକାରେ ପୁନର୍ବାର ସାମିଲ କରାଇବା ପାଇଁ ଭାରତ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ଉପରେ ଚାପ ପକାଉଛି। ଅନ୍ତର୍ଜାତୀୟ ସହାୟତା ଯେପରି ଆଞ୍ଚଳିକ ସ୍ଥିରତା ପ୍ରତି ବିପଦ ସୃଷ୍ଟି କାର୍ଯ୍ୟକୁ ସହାୟତା ପାଇଁ ବିନିଯୋଗ ନ ହୁଏ, ସେଥିପାଇଁ କଡ଼ା ସର୍ତ୍ତ ରଖିବାକୁ ଭାରତ ଦାବି କରିଛି।

# ବିଦାୟ ନେଲା ସ୍କାଇପ୍

**'ମାଇକ୍ରୋସଫ୍ଟ ଟିମ୍ସ' ସହ ସମନ୍ୱିତ ହେଲା**

ୱାଶିଂଟନ, ୫।୫




ଲୋକପ୍ରିୟ ଭିଡିଓ କନ୍‌ଫରେନ୍ସି ପ୍ଲାଟଫର୍ମ ସ୍କାଇପ୍ ଆପ୍ଲିକେଶନ ସୋମବାରଠାରୁ ବନ୍ଦ ହୋଇଛି। ପ୍ରାୟ ୨ ଦଶନ୍ଧି ଧରି ଲୋକଙ୍କୁ ଯୋଡ଼ି ରଖିଥିବା ଏହି ଆପ୍ ଏବେ ଇତିହାସରେ ପରିଣତ ହୋଇଛି। ନିଜର ନୂତନ ଏବଂ ଅଧିକ ଶକ୍ତିଶାଳୀ କମ୍ୟୁନିକେଶନ ଟୁଲ୍ସ 'ମାଇକ୍ରୋସଫ୍ଟ ଟିମ୍ସ' ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦେବାକୁ ଲକ୍ଷ୍ୟ ରଖି ମାଇକ୍ରୋସଫ୍ଟ ସ୍କାଇପ୍ ସେବାକୁ ବନ୍ଦ କରିଛି। ମାଇକ୍ରୋସଫ୍ଟ ପକ୍ଷରୁ 'ମାଇକ୍ରୋସଫ୍ଟ ଟିମ୍ସ'କୁ ସ୍କାଇପର ଉତ୍ତରାଧିକାରୀ ଭାବେ ଘୋଷଣା କରାଯାଇଛି। ଏହା ସହ ମାଇକ୍ରୋସଫ୍ଟ ମାଲିକାନାରେ ଥିବା ସ୍କାଇପ୍ ଆପ୍ ମାଇକ୍ରୋସଫ୍ଟ ଟିମ୍ସ ସହ ସମନ୍ୱିତ ହୋଇଛି। ସ୍କାଇପ୍ ବନ୍ଦ ହେବା ପରେ ଯେପରି ଏହାର ୟୁଜର୍ସମାନେ ଅସୁବିଧାର ସମ୍ମୁଖୀନ ନ ହେବେ, ତାହାକୁ ଦୃଷ୍ଟିରେ ରଖି ସ୍କାଇପ୍‌ରୁ ମାଇକ୍ରୋସଫ୍ଟ ଟିମ୍ସକୁ ସ୍ଥାନାନ୍ତରିତ ହେବା ପାଇଁ ସେମାନଙ୍କୁ ବହୁ ପୂର୍ବରୁ ମାଇକ୍ରୋସଫ୍ଟ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ମାଇକ୍ରୋସଫ୍ଟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ସ୍କାଇପ୍ ବ୍ୟବହାରକାରୀଙ୍କ ନିକଟରେ ମାଗଣାରେ ମାଇକ୍ରୋସଫ୍ଟ ଟିମ୍ସକୁ ଯିବା ପାଇଁ ବିକଳ୍ପ ରହିଛି ଯାହା ସ୍କାଇପ୍ ଆପ୍‌ଠାରୁ ଅଧିକ ଭଲ ଫିଚର ପ୍ରଦାନ କରିବ।

୨୦୦୩ରେ ସ୍କାଇପ୍ ଆପ୍ଲିକେଶନ ଲଞ୍ଚ୍ ହୋଇଥିଲା। ଏହା ଏକ ସ୍ୱତନ୍ତ୍ର କମ୍ପାନୀ ଭାବେ ଆରମ୍ଭ ହୋଇଥିଲା ଏବଂ ଖୁବ୍‌ଶୀଘ୍ର ଏହା ଜନସାଧାରଣଙ୍କ ମଧ୍ୟରେ ଲୋକପ୍ରିୟ ହୋଇଥିଲା। ୨୦୦୫ରେ ଆମେରିକୀୟ ମଲ୍ଟିନ୍ୟାଶନାଲ ଇ-କମର୍ସ କମ୍ପାନୀ 'ଇବେ' ସ୍କାଇପ୍‌କୁ ୨.୬ ବିଲିୟନ ଡଲାରରେ କିଣିଥିଲା। ତେବେ 'ଇବେ'ର ଏହି ଅଧିଗ୍ରହଣ ସଫଳ ହୋଇ ନ ଥିଲା। ୨୦୦୯ରେ 'ଇବେ' ସ୍କାଇପ୍‌ର ୭୦% ଅଂଶକୁ 'ସିଲ୍‌ଭର ଲେକ ପାର୍ଟନର୍ସ' ଭଳି ନିବେଶକଙ୍କୁ ବିକ୍ରି କରିଥିଲା। ତେବେ ଏହାପରେ ୨୦୧୧ରେ ମାଇକ୍ରୋସଫ୍ଟ ୮.୫ ବିଲିୟନ ଡଲାର ମୂଲ୍ୟରେ ସ୍କାଇପ୍‌କୁ କିଣିଥିଲା। ଏହିପରି ଭାବେ ୨୦୦୩ରେ ଲଞ୍ଚ୍ ହୋଇଥିବା ସ୍କାଇପ୍ ଆପ୍ ୨୦୧୧ରେ ସମ୍ପୂର୍ଣ୍ଣ ଭାବେ ମାଇକ୍ରୋସଫ୍ଟର ମାଲିକାନା ଅଧୀନକୁ ଆସିଥିଲା।

# ବିଦେଶୀ ଫିଲ୍ମ ଉପରେ ଟ୍ରମ୍ପ୍‌ଙ୍କ ୧୦୦% ଟାରିଫ୍

ୱାଶିଂଟନ, ୫।୫

**'ହଲିଉଡ୍ ବ୍ୟାପକ କ୍ଷତି ସହୁଛି'**


ଡୋନାଲ୍ଡ ଟ୍ରମ୍ପ୍

ଆମେରିକା ବାହାରେ ନିର୍ମିତ ଚଳଚ୍ଚିତ୍ର ୟୁଏସ୍‌ରେ ରିଲିଜ୍ ହେବାନେଇ ୧୦୦% ଟାରିଫ୍ ଲଗାଯିବ ବୋଲି ସୋମବାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟ୍ରୁଥ୍ ସୋସିଆଲରେ ଘୋଷଣା କରିଛନ୍ତି। ଏହି ଘୋଷଣାକୁ କାର୍ଯ୍ୟକାରୀ କରିବାକୁ ସେ ଆମେରିକାର ବାଣିଜ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଟ୍ରମ୍ପ୍ କହିଛନ୍ତି, ଆମେରିକୀୟ ଚଳଚ୍ଚିତ୍ର ଶିଳ୍ପର ଦ୍ରୁତଗତିରେ ମୃତ୍ୟୁ ହେବାକୁ ଯାଉଛି। ଅନ୍ୟ ଦେଶଗୁଡ଼ିକ ବିଭିନ୍ନ ପ୍ରଲୋଭନ ଦେଖାଇ ଆମେରିକୀୟ ଫିଲ୍ମ ନିର୍ମାତାଙ୍କୁ ନିଜ ଦେଶ ପ୍ରତି ଆକୃଷ୍ଟ କରୁଛନ୍ତି। ଏହାଯୋଗୁ ହଲିଉଡ୍ ଏବଂ ଆମେରିକାର ବହୁ ଅଞ୍ଚଳ ବ୍ୟାପକ ମାତ୍ରାରେ କ୍ଷତି ସହୁଛନ୍ତି। ଏହା ନିହାତିପକ୍ଷେ ଅନ୍ୟ ଦେଶମାନଙ୍କର ଏକ ସଙ୍ଗଠିତ ଯୋଜନା। ତେଣୁ ଅନ୍ୟ ଦେଶରେ ନିର୍ମିତ ଫିଲ୍ମ ଆମେରିକାର ରାଷ୍ଟ୍ରୀୟ ସୁରକ୍ଷା ପାଇଁ ବିପଦ ହୋଇଥିବା ସେ କହିଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ଆମେରିକାରେ ଚଳଚ୍ଚିତ୍ର ନିର୍ମାଣ କ୍ରମାଗତ ଭାବେ ହ୍ରାସ ପାଇଛି। ୨୦୨୧ ତୁଳନାରେ ୨୦୨୩ରେ ଆମେରିକାରେ ହେଉଥିବା ଚଳଚ୍ଚିତ୍ର ନିର୍ମାଣରେ ୨୬% ହ୍ରାସ ଘଟିଛି। ଟ୍ରମ୍ପ୍‌ଙ୍କ ଏହି ଘୋଷଣା ପରେ ସାରା ବିଶ୍ୱରେ ଫିଲ୍ମ ଷ୍ଟୁଡିଓଜ୍, ପ୍ରଡକ୍ସନ ହାଉସ୍ ଏବଂ ଫିଲ୍ମ ନିର୍ମାତାମାନେ ଚିନ୍ତାରେ ପଡ଼ିଛନ୍ତି।

### ଚିନ୍ତାରେ ବଲିଉଡ୍ ଫିଲ୍ମ ନିର୍ମାତା

ବିଦେଶୀ ଚଳଚ୍ଚିତ୍ର ଉପରେ ଆମେରିକା ପକ୍ଷରୁ ୧୦୦% ଟାରିଫ୍ ଲଗାଯିବା ନେଇ ଟ୍ରମ୍ପ୍‌ଙ୍କ ଘୋଷଣା ପରେ ଅନେକ ଭାରତୀୟ ଫିଲ୍ମ ନିର୍ମାତା ମଧ୍ୟ ଚିନ୍ତାରେ ପଡ଼ିଛନ୍ତି। ବଲିଉଡ୍ ସମେତ ତେଲୁଗୁ, ତାମିଲ ଏବଂ ମାଲୟାଲମ ଇଣ୍ଡଷ୍ଟ୍ରିରେ ଫିଲ୍ମ ବ୍ୟବସାୟର ଏକ ବଡ଼ ଅଂଶ ଆମେରିକାରୁ ଆସିଥାଏ। ସେହିପରି ଅନେକ ସୁପରହିଟ୍ ଭାରତୀୟ ଫିଲ୍ମ କରିଥିବା ବ୍ୟବସାୟର ବଡ଼ ଅଂଶ ଆମେରିକାରୁ ରହିଥାଏ। ସେହିପରି ଗତ କିଛି ବର୍ଷ ଧରି ବଲିଉଡ୍ ଫିଲ୍ମ ନିର୍ମାତାମାନେ ସେମାନଙ୍କ ଫିଲ୍ମର ଶୁଟିଂ ପାଇଁ ଆମେରିକାଠାରୁ ୟୁରୋପୀୟ ଦେଶକୁ ବେଶି ପସନ୍ଦ କରୁଛନ୍ତି। ଶୁଟିଂ ସ୍ଥାନକୁ ଆଧାର କରି ଆମେରିକା ପକ୍ଷରୁ ବିଦେଶୀ ଚଳଚ୍ଚିତ୍ର ଉପରେ ଟାରିଫ୍ ଲଗାଗଲେ ଭାରତୀୟ ପ୍ରଡକ୍ସନ କମ୍ପାନୀଗୁଡ଼ିକୁ ବ୍ୟାପକ କ୍ଷତି ସହିବାକୁ ପଡ଼ିବ ବୋଲି ଫିଲ୍ମ ସମୀକ୍ଷକ କହିଛନ୍ତି।

**ଫୁରସତ୍**

# ବିନା ବିମାନରେ ବିଶ୍ୱ ଭ୍ରମଣ

କୋପେନ୍‌ହେଗେନ୍


ଥର ପେଡର୍ସନ

ସାଧାରଣତଃ ଲୋକମାନେ ବିଭିନ୍ନ ଦେଶ ଭ୍ରମଣ କରି ସେଠାକାର ଚାଲିଚଳନ, ସଂସ୍କୃତି ଆଦିକୁ ଜାଣିବାକୁ ଚାହିଁଥାନ୍ତି। ତେବେ ଅନେକେ ଦୈନନ୍ଦିନ ଜୀବନରେ ବ୍ୟସ୍ତ ରହି ନିଜର ଏହି ଇଚ୍ଛାକୁ ପୂରଣ କରି ପାରନ୍ତି ନାହିଁ। ଡେନ୍‌ମାର୍କ ନିବାସୀ ଥର ପେଡର୍ସନ (୪୬)ଙ୍କ ନାଁରେ ଏହାର ଠିକ୍ ବିପରୀତ ଏକ ଅନନ୍ୟ ଏବଂ ବିରଳ କୃତିତ୍ୱ ରହିଛି। ୨୦୨୩ରେ ସେ ବିମାନର ବ୍ୟବହାର ବିନା ୨୦୩ ଦେଶରେ ନିଜ ଭ୍ରମଣ ଶେଷକରି ଇତିହାସ ରଚିଥିଲେ।

ନିକଟରେ ଏକ ସାକ୍ଷାତ୍କାର ଦେଇ ଥର କହିଛନ୍ତି ସେ କେବଳ ଜାହାଜ, ବୋଟ୍, ଟ୍ରେନ୍ ଏବଂ ସଡ଼କ ମାର୍ଗରେ ବିଭିନ୍ନ ଯାନବାହନର ସହାୟତା ନେଇ ଏହି ବିଶ୍ୱ ଭ୍ରମଣକୁ ସଫଳତାର ସହ ଶେଷ କରିଥିଲେ। ଜାତିସଂଘ ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ୧୯୫ ଦେଶ ସହ ୱେଷ୍ଟର୍ନ ସାହାରା, ତାଇୱାନ୍ ପରି ମାନ୍ୟତା ମିଳି ନ ଥିବା ଅନ୍ୟ ୮ଟି ଦେଶ ମଧ୍ୟ ସେ ଭ୍ରମଣ କରିଥିଲେ। ଏହି ବିଶ୍ୱ ଭ୍ରମଣରେ ସେ ମୋଟ ୩୫୧ଟି ବସ, ୧୫୮ଟି ଟ୍ରେନ୍, ୩୭ଟି କଣ୍ଟେନର ଶିପ୍, ୩୩ଟି ବୋଟ, ୯ଟି ଟ୍ରକ୍, ୨ଟି କ୍ରୁଜ ଜାହାଜ, ଗୋଟିଏ ପୋଲିସ କାର୍ ଏବଂ ଗୋଟିଏ ଘୋଡ଼ା ଗାଡ଼ିର ବ୍ୟବହାର କରିଥିଲେ। ୨୦୧୮ର ଶେଷ ଭାଗ ଏବଂ ୨୦୧୯ର ପ୍ରାରମ୍ଭରେ ସେ ଭାରତ ଆସିଥିଲେ ବୋଲି ଥର କହିଛନ୍ତି। ୨୦୨୩ରେ ସେ ମାଳଦ୍ୱୀପ ପହଞ୍ଚି ନିଜର ଏହି ବିଶ୍ୱ ଭ୍ରମଣକୁ ସମୁଦାୟ ୩,୫୧୨ ଦିନରେ ଶେଷ କରିଥିଲେ। ଏହି ଅବଧି ମଧ୍ୟରେ ସେ ପ୍ରତ୍ୟେକ ଦେଶରେ ସର୍ବନିମ୍ନ ୨୪ ଘଣ୍ଟା ରହିଥିବା ଥର କହିଛନ୍ତି। ଥର ଆହୁରି କହିଛନ୍ତି, ସେ ୨୦୧୩ରେ ନିଜର ଏହି ବିଶ୍ୱ ଭ୍ରମଣ ଯାତ୍ରାକୁ ଆରମ୍ଭ କରିଥିଲେ। ସେତେବେଳେ ସେ ମାତ୍ର ୪ ବର୍ଷ ମଧ୍ୟରେ ପୂରା ବିଶ୍ୱ ଭ୍ରମଣ କରିବାକୁ ସ୍ଥିର କରିଥିଲେ। ତେବେ ବିଭିନ୍ନ ଦେଶରେ ରାଜନୈତିକ ଅସ୍ଥିରତା ଏବଂ କରୋନା ମହାମାରୀ ଯୋଗୁ ସେ ବିଳମ୍ବରେ ଏହି ଯାତ୍ରା ଶେଷ କରିଥିଲେ। କୋଭିଡ୍ ମହାମାରୀ ବେଳେ ସେ ୨ ବର୍ଷ ଧରି ହଂକଂରେ ଫସି ରହିଥିଲେ। ତେବେ ଭ୍ରମଣ କରିଥିବା ୨୦୩ ଦେଶ ମଧ୍ୟରୁ କ୍ୟୁବା ତାଙ୍କର ସବୁଠାରୁ ପସନ୍ଦଯୋଗ୍ୟ ଦେଶ ହୋଇଥିବା ଥର କହିଛନ୍ତି। ଅନ୍ୟ ଦେଶଗୁଡ଼ିକଠାରୁ କ୍ୟୁବାର ପରିବେଶ ସମ୍ପୂର୍ଣ୍ଣ ଭିନ୍ନ ଥିବା ସେ ଅନୁଭବ କରିଥିଲେ। ସେଠାକାର ଲୋକ ନିଜ କର୍ମମୟ ଜୀବନରେ ବାନ୍ଧି ନ ହୋଇ ନିଜ ନିଜର ଜୀବନକୁ ଉପଭୋଗ କରନ୍ତି ବୋଲି ଥର କହିଛନ୍ତି।

# ବଡ଼ ପରଦାରେ ଡେବ୍ୟୁ କରିବେ ରିଦ୍ଧିମା

ମୁମ୍ବାଇ



ବଲିଉଡ୍ ଅଭିନେତା ରଣବୀର କପୁରଙ୍କ ବଡ଼ ଭଉଣୀ ରିଦ୍ଧିମା କପୁର ସହାନି ଖୁବ୍‌ଶୀଘ୍ର ବଡ଼ ପରଦାରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଗତ ବର୍ଷ ସେ ୱେବ୍ ସିରିଜ୍ 'ଫାବୁଲସ ଲାଇଭ୍ସ ଭର୍ସେସ୍ ବଲିଉଡ୍ ୱାଇଭ୍ସ' ସିରିଜ୍ ସହ ଓଟିଟିରେ ଡେବ୍ୟୁ କରିଥିଲେ। ସମ୍ପ୍ରତି ଶିମ୍‌ଲାର ଏକ ପାହାଡ଼ିଆ ଅଞ୍ଚଳରେ ରିଦ୍ଧିମାଙ୍କ ଡେବ୍ୟୁ ଫିଲ୍ମର ଶୁଟିଂ ଜାରି ରହିଛି। ରିଦ୍ଧିମା ଫିଲ୍ମରେ ନିଜ ସାଥୀ କଳାକାରଙ୍କ ସହ ଶୁଟିଂ ବେଳର କେତେକ ଫଟୋକୁ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଏହି ଫଟୋରେ ରିଦ୍ଧିମା ତାଙ୍କ ମା' ନୀତୁ କପୁର, କମେଡି କିଙ୍ଗ୍ କପିଲ ଶର୍ମା ଏବଂ ଫିଲ୍ମର ଅନ୍ୟ ଷ୍ଟାର୍‌କାଷ୍ଟଙ୍କ ସହ ନଜରକୁ ଆସିଛନ୍ତି। ଏକ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଆଶିଷ ଆର୍ ମୋହନଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ଟାଇଟଲ ବର୍ତ୍ତମାନ ସୁଦ୍ଧା ଘୋଷଣା କରାଯାଇ ନାହିଁ। ଗତ ଏପ୍ରିଲରେ ଚଣ୍ଡିଗଡ଼ରେ ଏହାର ଶୁଟିଂ ଆରମ୍ଭ ହୋଇଥିଲା। ଏବେ ଫିଲ୍ମର ଦ୍ୱିତୀୟ ପର୍ଯ୍ୟାୟ ଶୁଟିଂ ଶିମ୍‌ଲାର ପାହାଡ଼ିଆ ଅଞ୍ଚଳରେ ଜାରି ରହିଛି। ତେବେ ରିଦ୍ଧିମାଙ୍କ ଏହି ଡେବ୍ୟୁ ଫିଲ୍ମ କେବେ ରିଲିଜ୍ ହେବ, ସେନେଇ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ। ଏହି ଫିଲ୍ମରେ ନୀତୁ କପୁରଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ ବୋଲି ରିପୋର୍ଟରେ କୁହାଯାଇଛି। ପ୍ରକାଶ ଯେ, ରିଦ୍ଧିମା ଜଣେ ସଫଳ ବିଜ୍‌ନେସ୍ ୱମେନ୍ ହେବା ସହ ଫେଶନ ଉଦ୍ୟୋଗୀ ଭାବେ ବେଶ୍ ଜଣାଶୁଣା।




# ସିଡବ୍ଲ୍ୟୁସି ଅଧ୍ୟକ୍ଷାଙ୍କ ସହ ୪ ସଦସ୍ୟ ବହିଷ୍କୃତ

## ଶିଶୁକନ୍ୟାକୁ ବେଆଇନ ଭାବେ ପୋଷ୍ୟ ଗ୍ରହଣ ଘଟଣା

**ରାୟଗଡ଼ା,୫।୫ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡା ବ୍ଲକର ଚାନ୍ଦିଲି ଥାନା ଅନ୍ତର୍ଗତ ଜେକେପୁର ନିକଟସ୍ଥ ନୂଆପଡା କଲୋନୀରୁ ଏକ ନବଜାତ ଶିଶୁକନ୍ୟାକୁ ବେଆଇନ ଭାବରେ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରାଯାଇଥିବା ଘଟଣାରେ ସୋମବାର ଶିଶୁ କଲ୍ୟାଣ ସମିତି (ସିଡବ୍ଲ୍ୟୁସି) ଅଧ୍ୟକ୍ଷାଙ୍କ ସହ ୪ ସଦସ୍ୟଙ୍କୁ ବହିଷ୍କୃତ କରାଯାଇଛି। ରାୟଗଡ଼ା ଜିଲାପାଳ ପାରୁଲ ପଟାୱରି ସିଡବ୍ଲ୍ୟୁସି ଭାଙ୍ଗିବା ପାଇଁ ସୁପାରିସ କରିବା ପରେ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ କର୍ତ୍ତବ୍ୟରେ ଅବହେଳା କରିଥିବା ଦର୍ଶାଇ ସିଡବ୍ଲ୍ୟୁସି ଅଧ୍ୟକ୍ଷା ବିଦ୍ୟୁଲତା ହୁଇକାଙ୍କ ସମେତ ୪ ସଦସ୍ୟଙ୍କୁ ପଦରୁ ବହିଷ୍କାର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଶିଶୁ କଲ୍ୟାଣ କମିଟିର ସଦସ୍ୟ ଗାଗାରିନ୍ ଶବର, ପ୍ରିୟଦର୍ଶିନୀ ମହାକୁଲ, କୈଳାସ ଚନ୍ଦ୍ର ପାଳ ଓ ଜ୍ୟୋସ୍ନାମୟୀ ପାଢ଼ୀଙ୍କୁ ତୁରନ୍ତ ଦାୟିତ୍ୱରୁ ବହିଷ୍କାର କରିବା ସହ ତାଙ୍କ ନିକଟରେ ଥିବା ସମସ୍ତ ରେକର୍ଡ ଏବଂ ସମ୍ପତ୍ତି ଡିସିପିଓଙ୍କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, ନୂଆପଡ଼ାର ଦମ୍ପତି କୁମୁଦ ଗାଣ୍ଡା ଏବଂ ରାହୁଲ ଧନବାଦୀ ନିଜର ୯ ଦିନର ଶିଶୁକନ୍ୟାକୁ ଏକ ଅଣପଞ୍ଜୀକୃତ ପୋଷ୍ୟ ଗ୍ରହଣ ଡିଡ୍‌ରେ ସ୍ୱାକ୍ଷର କରି ଆନ୍ଧ୍ରପ୍ରଦେଶର ପାର୍ବତୀପୁରମ (ମାନ୍ୟମ) ଜିଲାର ବାଲାଜୀପେଟାର କେ. ନନ୍ଦିନୀ ଏବଂ କେ. ରାଜଶେଖରଙ୍କୁ ଦେଇଥିଲେ। ଜିଲା ପ୍ରଶାସନ ଏହି ସମ୍ବେଦନଶୀଳ ଘଟଣା ବିଷୟରେ ସିଡବ୍ଲ୍ୟୁସିକୁ ରିପୋର୍ଟ ମାଗିଥିଲେ। ହେଲେ ସିଡବ୍ଲ୍ୟୁସି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଏବଂ ଅଣ-ପଞ୍ଜୀକୃତ ପୋଷ୍ୟସନ୍ତାନ ଗ୍ରହଣ ଡିଡ୍‌ର ଏକ କପି ପାଇବା ସତ୍ତ୍ୱେ ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ନେବାରେ ବିଫଳ ହୋଇଥିବା ତଦନ୍ତ କରୁଥିବା କମିଟି ଜିଲାପାଳଙ୍କୁ ରିପୋର୍ଟ ଦେଇଥିଲେ। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ନିହାର ରଞ୍ଜନ କହଁରଙ୍କୁ ପଚାରିବାରୁ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇ ଜିଲାପାଳଙ୍କୁ ଚିଠି କରାଯାଇଛି ବୋଲି କହିଛନ୍ତି। ଉକ୍ତ ଚିଠିରେ କାର୍ଯ୍ୟର ଅବହେଳା ନେଇ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଥିବା ଉଲ୍ଲେଖ ରହିଛି ବୋଲି ସେ କହିଛନ୍ତି।

# ବିପ୍ଲବୀ, ଆଧ୍ୟାତ୍ମିକତାର ପ୍ରତୀକ ଥିଲେ ଧରଣୀଧର: ମୁଖ୍ୟମନ୍ତ୍ରୀ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂତନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରୁଛନ୍ତି।

## ଧରଣୀଧରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

### ୨୧୪ର ଭିତ୍ତିପ୍ରସ୍ତର, ୧୦୪ ପ୍ରକଳ୍ପ ଉଦ୍‌ଘାଟନକଲେ ମୁଖ୍ୟମନ୍ତ୍ରୀ

**କେନ୍ଦୁଝର,୫।୫ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

ବିପ୍ଳବୀ ସହ ଆଧ୍ୟାତ୍ମିକତାର ପ୍ରତୀକ ଥିଲେ ଧରଣୀଧର। ଓଡ଼ିଶାରେ ବ୍ରିଟିଶ ବିରୋଧୀ ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ। ତାଙ୍କ ଦୃଢ଼ ସଂକଳ୍ପ, ଦେଶପ୍ରେମ ଓ ତ୍ୟାଗ ଆଜି ଯୁବପିଢ଼ି ପାଇଁ ପ୍ରେରଣା ହୋଇଛି। ରାଜ୍ୟ ସରକାର ତାଙ୍କ ସ୍ମୃତିକୁ ଅମର କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ବିପ୍ଳବୀ ଧରଣୀଧରଙ୍କ ମାଟିରେ ପ୍ରତିଷ୍ଠା ହେବ ସ୍ମୃତି ସଂଗ୍ରହାଳୟ ଓ ବ୍ୟାଖ୍ୟାନ କେନ୍ଦ୍ର। ଧରଣୀଧରଙ୍କ ନାମରେ, ଭୁବନେଶ୍ୱରରେ ଅତିଥି ଭବନ ପ୍ରତିଷ୍ଠା ହେବ ବୋଲି କେନ୍ଦୁଝର ସଦର ବ୍ଲକ୍ କୁସୁମିତା ଗ୍ରାମରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବିପ୍ଳବୀ ଧରଣୀଧର ନାଏକଙ୍କ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ, ପୂଜ୍ୟପୂଜା ପରମ୍ପରାକୁ ଗୁରୁତ୍ୱ ଦେଇ ଆଜି ଆମ ସରକାର ସାରା ଓଡ଼ିଶାରେ ମହାପୁରୁଷଙ୍କ ଜୟନ୍ତୀ ସେମାନଙ୍କ ଜନ୍ମମାଟିରେ ପାଳନ କରୁଛି। ଏହା ହିଁ ଆମ ଅସ୍ମିତାର ପରିଚୟ। ଧରଣୀଧରଙ୍କ ଜୀବନୀ ହିଁ ଆମକୁ ଅଖଣ୍ଡତା ଓ ବିକାଶର ଦିଗରେ କାର୍ଯ୍ୟ କରିବାକୁ ଶିକ୍ଷା ପ୍ରଦାନ କରେ। ଜୀବନର ପ୍ରଥମ ଭାଗ ସେ ବିଦ୍ରୋହ କରି ସ୍ୱାଧୀନତାର ଅଗ୍ନି ଜଳାଇଥିଲେ। ଶେଷ ଭାଗକୁ ସେ ଆଧ୍ୟାତ୍ମିକ ମାର୍ଗରେ ଯାଇ ଦେଶର ସ୍ୱାଧୀନତା ପାଇଁ ଈଶ୍ୱରଙ୍କ ଆଶୀର୍ବାଦ ଲାଭ କରିଥିଲେ। ଆଜି ଧରଣୀଧର ନାହାନ୍ତି, ତାଙ୍କ ସ୍ମୃତି ଅଛି। ବିପ୍ଳବ କରିବାର ଯେଉଁ ଚେତନା ସେ ସୃଷ୍ଟି କରିଥିଲେ, ସେ ଚେତନା ଅଛି। ଆଜି ସ୍ୱାଧୀନତା ପାଇଁ ଲଢ଼ିବାର ନାହିଁ। ଆଜିର ସମୟ ହେଉଛି ବିକାଶ ପାଇଁ ଲଢ଼ିବାର ସମୟ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜିଲାରେ ପ୍ରାୟ ୧୧୫୫ କୋଟି ଟଙ୍କା ବ୍ୟୟ ବରାଦର ସମୁଦାୟ ୩୪୦ ଗୋଟି ନୂତନ ପ୍ରକଳ୍ପର ଘୋଷଣା, ଶୁଭ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିରେ ୮୭ କୋଟି ଟଙ୍କାରେ ୧୦୪ଟି ପ୍ରକଳ୍ପର ଉଦ୍‌ଘାଟନ, ୪୪୯ କୋଟି ଟଙ୍କାରେ ୨୧୪ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ, ୬୨୦ କୋଟି ଟଙ୍କାରେ ୨୨ଟି ନୂତନ ପ୍ରକଳ୍ପର ଘୋଷଣା କରିଥିଲେ। ବିପ୍ଳବୀଙ୍କ ଜନ୍ମ ଗ୍ରାମ କୁସୁମିତାରେ ୫୦ ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ସ୍ମୃତି ସଂଗ୍ରହାଳୟ ଓ ବ୍ୟାଖ୍ୟାନ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସ୍ମୃତିପୀଠରେ ଧରଣୀଧରଙ୍କ ପୈତୃକ ବାସଗୃହର ସଂରକ୍ଷଣ କରାଯିବ। ତାଙ୍କ ବ୍ୟବହୃତ ସାମଗ୍ରୀଗୁଡ଼ିକୁ ସୁରକ୍ଷିତ କରି ରଖାଯିବ। ଧରଣୀଧରଙ୍କ ଘର ପାଖରେ ୨ ଏକର ଜମିରେ ଏକ ସଂଗ୍ରହାଳୟ ପ୍ରତିଷ୍ଠା କରାଯିବା ସହ ଏକ ବ୍ୟାଖ୍ୟାନ କେନ୍ଦ୍ର ମଧ୍ୟ ସ୍ଥାପନ କରାଯିବ। ଏହାକୁ ଏକ ପର୍ଯ୍ୟଟନ ଭାବେ ବିକଶିତ କରି ପାର୍କ ଓ ଅନ୍ୟାନ୍ୟ ସୁବିଧାର ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏଥିସହ କେନ୍ଦୁଝରରେ ଜେଏସ୍‌ଡବ୍ଲ୍ୟୁ ଦ୍ୱାରା ଏକ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା ହେବାକୁ ଯାଉଛି। ଷ୍ଟିଲ୍ ପ୍ଲାଣ୍ଟ ପାଇଁ ପ୍ରଥମ ପର୍ଯ୍ୟାୟରେ ୩୫ ହଜାର କୋଟି ଟଙ୍କା ବିନିଯୋଗ ହେବ। ଏଥିସହ କେନ୍ଦୁଝରରେ ସମୁଦାୟ ୧,୨୯,୮୦୦ କୋଟି ଟଙ୍କା ପୁଞ୍ଜିନିବେଶରେ ୩୦ଟି ପ୍ରକଳ୍ପ କାର୍ଯ୍ୟକାରୀ ହେବ ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝରର କାଙ୍ଗାଳି ଚରଣ ନାଏକଙ୍କୁ ଧରଣୀଧର ସମ୍ମାନରେ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ବିପ୍ଳବୀ ଧରଣୀଧରଙ୍କୁ ସ୍ୱାଭିମାନର ପ୍ରତୀକ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ତେଲକୋଇ ବିଧାୟକ ଡ. ଫକୀର ମୋହନ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ପ୍ରମୁଖ ନିଜ ଅଭିଭାଷଣ ରଖିଥିଲେ।

କାର୍ଯ୍ୟକ୍ରମରେ ବିପ୍ଳବୀ ଧରଣୀଧର ନାଏକଙ୍କ ବଂଶଧର କଳାକର ନାଏକ ଯୋଗଦେଇଥିବା ବେଳେ ଭୂୟାଁ ସାଂସ୍କୃତିକ ସଂଗଠନର ସମ୍ପାଦକ ଶ୍ୟାମ ସୁନ୍ଦର ନାଏକ ବିବରଣୀ ପାଠ କରିଥିଲେ। ଜିଲାପାଳ ବିଶାଳ ସିଂହ ସ୍ୱାଗତ ଭାଷଣ ଦେଇଥିଲେ। ଭୂୟାଁ ସାଂସ୍କୃତିକ ସଂଗଠନର ଉପଦେଷ୍ଟା ମମିତା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଦୀଘା' ଜଗନ୍ନାଥ ଧାମ ନୁହେଁ: ଗଜପତି

**ଭୁବନେଶ୍ୱର,୫।୫ (ରବିନାରାୟଣ ଜେନା)**

ପଶ୍ଚିମବଙ୍ଗର 'ଦୀଘା'ରେ ନବନିର୍ମିତ ଜଗନ୍ନାଥ ମନ୍ଦିରକୁ ନେଇ ଉପୁଜିଥିବା ବିବାଦରେ ପୁରୀ ଗଜପତି ରାଜା ଦିବ୍ୟସିଂହ ଦେବ ପ୍ରତିକ୍ରିୟା ରଖିଛନ୍ତି।

ସୋମବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଗଜପତି ମହାରାଜା କହିଛନ୍ତି, 'ଦୀଘା'ଜଗନ୍ନାଥ ମନ୍ଦିର 'ଜଗନ୍ନାଥ ଧାମ' ନୁହେଁ। ସେ କହିଛନ୍ତି, ବିଭିନ୍ନ ଗଣମାଧ୍ୟମର ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗର ପୂର୍ବ ମେଦିନାପୁରର ଦୀଘାରେ ନବନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିରକୁ ଜଗନ୍ନାଥ ଧାମ ତଥା ଜଗନ୍ନାଥ ଧାମ ସାଂସ୍କୃତିକ କେନ୍ଦ୍ର ନାମରେ ନାମିତ କରାଯାଇଛି। ଏହି ପରିପ୍ରେକ୍ଷୀରେ, ଚଳିତମାସ ୩ରେ ଏକ ଚିଠି ମାଧ୍ୟମରେ ମୁକ୍ତି ମଣ୍ଡପ ପଣ୍ଡିତ ସଭାର ମତାମତ ମାଗିଥିଲୁ, ଯାହାର ଉତ୍ତର ରବିବାର ମିଳିଛି।

ଗଜପତି ମହାରାଜା କହିଛନ୍ତି,କେବଳ ସ୍କନ୍ଦ ପୁରାଣ ନୁହେଁ ବରଂ ବ୍ରହ୍ମ-ପୁରାଣ, ନୀଳାଦ୍ରି ମହୋଦୟ ଏବଂ ଅନ୍ୟାନ୍ୟ ପବିତ୍ର ଓ ପ୍ରାଚୀନ ଶାସ୍ତ୍ରରେ ଶ୍ରୀପୁରୁଷୋତ୍ତମକ୍ଷେତ୍ର ପୁରୀ ହିଁ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ପରମ ପବିତ୍ର ଆବିର୍ଭାବ ଓ ଉପାସନା ପୀଠ ବୋଲି ସ୍ପଷ୍ଟ ଉଲ୍ଲେଖ ରହିଛି। ସେହିପରି ପଦ୍ମପୁରାଣର ଷଷ୍ଠ ଅଧ୍ୟାୟରେ ଉଲ୍ଲେଖ ଅଛି, କେବଳ ଭଗବାନଙ୍କ ପବିତ୍ର ନିତ୍ୟ ନୀଳୟକୁ ହିଁ 'ଧାମ' ବୋଲି କୁହାଯାଇପାରିବ, ଅନ୍ୟ କୌଣସି ସ୍ଥାନ ନୁହେଁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରଗୁଡ଼ିକ ଶ୍ରୀଜଗନ୍ନାଥ ଧାମ(ପୁରୀ) ମୂଳପୀଠର ମହାନ୍ ପ୍ରାଚୀନ ପରମ୍ପରା,ରୀତିନୀତି ଏବଂ ଶାସ୍ତ୍ରୀୟ ସିଦ୍ଧାନ୍ତକୁ ସମ୍ମାନ ଦେବା ସହିତ ଶ୍ରୀମନ୍ଦିର ଗୌରବକୁ ଅକ୍ଷୁଣ୍ଣ ରଖିବା ନିହାତି ଆବଶ୍ୟକ ବୋଲି ଗଜପତି ଦର୍ଶାଇଛନ୍ତି।

# ଆଇନ ମନ୍ତ୍ରୀଙ୍କୁ ଅନ୍ତରୀଣ ରିପୋର୍ଟ ଦେଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

## ଦୀଘା ଜଗନ୍ନାଥ ମନ୍ଦିର ବିବାଦ ପ୍ରସଙ୍ଗ

- ଧାମ ଓ ମହୋଦଧି ଶବ୍ଦ ହଟାଇବାକୁ ପଶ୍ଚିମବଙ୍ଗ ସରକାରଙ୍କୁ ଖୁବଶୀଘ୍ର ଚିଠି ଲେଖାଯିବ

**ଭୁବନେଶ୍ୱର, ୫।୫(ସୁନିତ୍ ମିଶ୍ର)**

ଦୀଘା ସ୍ଥିତ ଜଗନ୍ନାଥ ମନ୍ଦିରକୁ ନେଇ ଚାଲିଥିବା ବିବାଦରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଭୀର ଚିନ୍ତା ପ୍ରକଟ କରିବା ସହିତ ଏହି ଘଟଣାରେ ଏକ ଅନ୍ତରୀଣ ରିପୋର୍ଟ ପ୍ରସ୍ତୁତ କରି ଦେବା ଲାଗି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ରିପୋର୍ଟ ପ୍ରସ୍ତୁତ କରିବା ପରେ ମୁଖ୍ୟ ଶାସନ ସଚିବ ଅରବିନ୍ଦ ପାଢ଼ୀ ସୋମବାର ମନ୍ତ୍ରୀ ହରିଚନ୍ଦନଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିଛନ୍ତି। ଏହି ରିପୋର୍ଟରେ ଦୀଘାଠାରେ ଜଗନ୍ନାଥଙ୍କ ମନ୍ଦିର ହେବା, ମନ୍ଦିର ନାମକୁ ଜଗନ୍ନାଥ ଧାମ ଲେଖାଯିବା, ଏଠାରୁ ସେବାୟତମାନେ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଯୋଗଦେବା, ବଳକା ଦାରୁ କାଠରେ ପ୍ରତିମା ନିର୍ମାଣ ହେବା ବାବଦରେ ଅନ୍ତରୀଣ କମିଟି ରିପୋର୍ଟ ପ୍ରସ୍ତୁତ କରିଛି। ଉକ୍ତ ରିପୋର୍ଟ ଗ୍ରହଣ କରିବା ପରେ ଆଇନ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ରିପୋର୍ଟ ହସ୍ତଗତ ହୋଇଛି। ମହାରଣା ସେବକ, ମନ୍ଦିର ସୁରକ୍ଷା ଦାୟିତ୍ୱରେ ଥିବା ନିଯୋଗ, ଦଇତାପତି ନିଯୋଗ ଏବଂ ଯେଉଁମାନେ ଦୀଘା ମନ୍ଦିର ଯାଇଥିଲେ ସେମାନଙ୍କୁ ନେଇ ୩ ଦିନ ଧରି ଶ୍ରୀମନ୍ଦିର ପ୍ରଶାସନ ବୈଠକ କରିଛି। ଏହି ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯିବା ସହିତ ସମ୍ପୂର୍ଣ୍ଣ ଅନୁଧ୍ୟାନ କରାଯାଇ ଆଗାମୀ କାର୍ଯ୍ୟପନ୍ଥା ଓ ପଦକ୍ଷେପ ଗ୍ରହଣ କରାଯିବ।



ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ତଦନ୍ତ ରିପୋର୍ଟ ପ୍ରଦାନ କରୁଛନ୍ତି।

ସେ ଆହୁରି କହିଛନ୍ତି, ଯେକୌଣସି ସ୍ଥାନରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରିବାର ସୁବିଧା ନାହିଁ। ଅନେକ ସ୍ଥାନରେ ନୀତିକାନ୍ତି ନେଇ ତାଳମେଳ ରହୁନାହିଁ। ତେଣୁ ମହାପ୍ରଭୁଙ୍କ ଦୈନନ୍ଦିନ କାର୍ଯ୍ୟ କ'ଣ ରହିବ ଏନେଇ ଶ୍ରୀମନ୍ଦିର ପକ୍ଷରୁ ସବୁ ଜଗନ୍ନାଥ ମନ୍ଦିରକୁ ମାର୍ଗଦର୍ଶିକା ଜାରି ହେବ। ଦେଶରେ କେବଳ ୪ଟି ଧାମ ରହିଛି। ତେଣୁ କେବଳ ପୁରୀ ବ୍ୟତୀତ ଅନ୍ୟ କେଉଁଠି ଧାମ ଶବ୍ଦ ଲେଖାଯାଇପାରିବ ନାହିଁ। ଖୁବ୍‌ଶୀଘ୍ର ପଶ୍ଚିମବଙ୍ଗ ସରକାରଙ୍କୁ ଏନେଇ ପତ୍ର ଲେଖାଯିବ। ଦୀଘା ଠାରେ ମହୋଦଧି ନାଁ କାଟିବାକୁ ମଧ୍ୟ କୁହାଯିବ। ଅନ୍ୟପଟେ ସେବାୟତମାନେ କୌଣସି ସ୍ଥାନକୁ ଯାଇ ସେଠାରେ ପୂଜାର୍ଚ୍ଚନା କରିବାର ବିଧି ନାହିଁ। ରିପୋର୍ଟରୁ ଯାହା ଜଣାପଡିଛି, ବଳକା ଦାରୁ ବାହାରକୁ ଯାଇ ସେଥିରେ ବିଗ୍ରହ ନିର୍ମାଣ ହେବା ସମ୍ଭବ ନୁହେଁ। ଏହା ସମ୍ପୂର୍ଣ୍ଣ ମିଛ। ଦାରୁ ଘର ଭିତରେ କାଠ ସୁରକ୍ଷିତ ଅଛି। ସେ ସମସ୍ତ କାଠ ଦାରୁ ଘରକୁ ଆଣିକି ତା'ର ଗଣତି କରିବା ଲାଗି ୫ ଜଣିଆ କମିଟି ଗଠିତ ହୋଇଛି। ଦଇତାପତି ନିଯୋଗର ସମ୍ପାଦକଙ୍କ ବିରୋଧରେ ଯେଉଁ ଅଭିଯୋଗ ଆସିଥିଲା ସେନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ନୋଟିସ୍ ଦିଆଯାଇଥିଲା। କାହିଁକି ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନ ହେବ ସେନେଇ ୭ ଦିନରେ ରିପୋର୍ଟ ଦେବାକୁ କୁହାଯାଇଛି ବୋଲି ସେ କହିଛନ୍ତି।

# ଏକକ ପିଜି ପ୍ରବେଶିକା ପରୀକ୍ଷା ଆରମ୍ଭ

**ଭୁବନେଶ୍ୱର,୫।୫ (ସୁଚିସ୍ମିତା ସାହୁ)**

୨୦୨୫-୨୬ ଶିକ୍ଷାବର୍ଷରେ ପିଜି ନାମଲେଖା ପାଇଁ ସୋମବାରଠାରୁ ଏକକ ପ୍ରବେଶିକା ପରୀକ୍ଷା(ସିପିଇଟି-୨୦୨୫) ଆରମ୍ଭ ହୋଇଛି। ଏହି ପରୀକ୍ଷା ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଦିନକୁ ୩ଟି ସିଫ୍ଟରେ ପରୀକ୍ଷା କରାଯାଉଛି। ପ୍ରଥମ ସିଫ୍ଟ ପରୀକ୍ଷା ସକାଳ ୯ଟାରୁ ୧୦ଟା ୨୦ ପର୍ଯ୍ୟନ୍ତ, ଦ୍ୱିତୀୟ ସିଫ୍ଟ ପୂର୍ବାହ୍ନ ୧୧ଟା ୩୦ରୁ ଅପରାହ୍ନ ୧୨ଟା ୫୦ ଏବଂ ତୃତୀୟ ସିଫ୍ଟ ଅପରାହ୍ନ ୩ଟାରୁ ୪ଟା ୨୦ ପର୍ଯ୍ୟନ୍ତ ହେଉଛି। ପ୍ରତ୍ୟେକ ସିଫ୍ଟରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଅତିରିକ୍ତ ୩୦ ମିନିଟ ଦିଆଯିବାର ବ୍ୟବସ୍ଥା ରହିଛି। ତେବେ ମେରିଟ ଲିଷ୍ଟ ପ୍ରକାଶ ତାରିଖ ସମ୍ପର୍କରେ ପରବର୍ତ୍ତୀ ସମୟରେ ସୂଚନା ଦିଆଯିବ। ମେରିଟ ଲିଷ୍ଟରେ ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ର ଚୟନ ହୋଇଥିବା ବିଶ୍ୱବିଦ୍ୟାଳୟରେ ନାମ ଲେଖାଇବେ। ତେବେ ଚଳିତବର୍ଷ ତିନୋଟି ପର୍ଯ୍ୟାୟରେ ନାମଲେଖା ହେବ। ପ୍ରତି ପର୍ଯ୍ୟାୟରେ ୪ ରାଉଣ୍ଡରେ ନାମଲେଖା ହେବ। ଶେଷ ରାଉଣ୍ଡରେ ସ୍ପଟ୍ ନାମଲେଖା କରାଯିବ। ଛାତ୍ରୀଛାତ୍ର ଯେଉଁ ରାଉଣ୍ଡରେ ନାମ ଲେଖାଇବା ନିମନ୍ତେ ଚୟନ ହେବେ ସେହି ପର୍ଯ୍ୟାୟରେ ନାମ ଲେଖାଇବେ। ନଚେତ ପରବର୍ତ୍ତୀ ପର୍ଯ୍ୟାୟରେ ନାମଲେଖା ପ୍ରକ୍ରିୟାରୁ ବାଦ ପଡ଼ିବେ। ସୂଚନାଯୋଗ୍ୟ, ରାଜ୍ୟରେ ପିଜି ନାମଲେଖା ପାଇଁ ମୋଟ ୧୧୬ଟି ଶିକ୍ଷାନୁଷ୍ଠାନରେ ୨୯,୭୩୨ଟି ସିଟ୍ ରହିଛି। ଚଳିତ ବର୍ଷ ଏସବୁ ସିଟ୍‌ରେ ନାମଲେଖା ଲାଗି ଏକକ ପିଜି ପ୍ରବେଶିକା ପରୀକ୍ଷା ଦେବାକୁ ୬୨ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଆବେଦନ କରିଥିଲେ।

# ବସ୍-ହାଇୱା ମୁହାଁମୁହିଁ ଧକ୍କା, ୩୩ରୁ ଉର୍ଦ୍ଧ୍ୱ ଆହତ

**ଆନନ୍ଦପୁର/ଠାକୁରମୁଣ୍ଡା, ୫।୫(ସୁଶାନ୍ତ କୁମାର ସାହୁ/ ତାରାକାନ୍ତ ପଟ୍ଟନାୟକ)**



ଦୁର୍ଘଟଣାଗ୍ରସ୍ତ ବସ୍ ଓ ହାଇୱା।

କେନ୍ଦୁଝର ଜିଲା ଆନନ୍ଦପୁର-ଠାକୁରମୁଣ୍ଡା ରାସ୍ତାର ସାତକୋଶିଆ ଘୋଡ଼ାଘାଟି ଛକ ନିକଟରେ ସୋମବାର ପୂର୍ବାହ୍ନରେ ୧ଟାରେ ମୁଖ୍ୟମନ୍ତ୍ରୀ ବସ୍ ସେବା ଗାଡ଼ି ସହ ହାଇୱା ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ୨୩ରୁ ଉର୍ଦ୍ଧ୍ୱ ଆହତ ହୋଇଥିବା ବେଳେ ୧୩ ଗୁରୁତର ହୋଇଥିବା ଜଣାପଡ଼ିଛି। ଆହତ, ଗୁରୁତରଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ଓ କଟକରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ବସ୍ (ଓଆର୍ ୧୧ ଏଇ ୩୪୬୩)ଟି ଠାକୁରମୁଣ୍ଡାରୁ ନଦା ଆସୁଥିଲା। ଠାକୁରମୁଣ୍ଡା ଅଭିମୁଖେ ଏକ ହାଇୱା (ଜେଏଚ୍ ୦୫ ଟିସି ୨୩୯୫) ଯାଉଥିଲା। ସାତକୋଶିଆ ଘୋଡ଼ାଘାଟି ଛକରେ ହାଇୱା ସହ ମୁଖ୍ୟମନ୍ତ୍ରୀ ବସ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟ ଡ୍ରାଇଭର ଗାଡ଼ିରେ ଚାପିହୋଇ ରହିଥିଲେ। ବସ୍‌ରେ ୫୦ ଉର୍ଦ୍ଧ୍ୱ ଯାତ୍ରୀ ରହିଥିଲେ। ବସ୍ ଡ୍ରାଇଭର କ୍ଷେତ୍ରମୋହନ ମହାନ୍ତଙ୍କ ସମେତ ୧୩ ଜଣ ଗୁରୁତର ହୋଇଛନ୍ତି। ୨୩ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ଆନନ୍ଦପୁର, ଘସିପୁରା ଅଗ୍ନିଶମ ବିଭାଗ ଓ ମହୁଲଡ଼ିହା, ଠାକୁରମୁଣ୍ଡା ପୋଲିସ ପହଞ୍ଚି ସମସ୍ତଙ୍କୁ ଉଦ୍ଧାରକରି ଆନନ୍ଦପୁର ଡାକ୍ତରଖାନାକୁ ପଠାଇଥିଲେ। ରେବତୀ ନାୟକ, ସୁରୁ ସିଂ, ପାନ ଶୁଣ୍ଢି, ବସନ୍ତ ନାୟକ, ବଳରାମ ନାୟକ, କ୍ଷେତ୍ରମୋହନ ମହାନ୍ତ, ବୁଧୁନି ହାଇବୁରୁଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜେସିବି ସାହାଯ୍ୟରେ ହଟାଯାଇଛି। ଦୁର୍ଘଟଣା ପରେ ପ୍ରାୟ ୧ ଘଣ୍ଟା ଧରି ରାସ୍ତା ଜାମ ହୋଇ ଯାନବାହନ ଚଳାଚଳ ବନ୍ଦ ହୋଇଥିଲା। ଠାକୁରମୁଣ୍ଡା ବିଡିଓ, ତହସିଲଦାର, କରଞ୍ଜିଆ ପିଏଆଇଟିଡିଏ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟର ତଦାରଖ ସହ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଆହତ ଗୁରୁତରଙ୍କ ଅବସ୍ଥା ପଚାରି ବୁଝିଥିଲେ।

# ୬ ସାଙ୍ଗଠନିକ ଜିଲା ସଭାପତି ନାଁ ଘୋଷଣା କଲା ବିଜେଡି

- ପ୍ରକାଶ ପାଇଲା ଫ୍ରଣ୍ଟାଲ ୱିଙ୍ଗ୍‌ସ, ଷ୍ଟେଟ୍ ଅଫିସ୍ ବିଅରର୍, ପଛୁଆ ବର୍ଗ, ସଂଖ୍ୟାଲଘୁ ସେଲ୍ ତାଲିକା
- ବିଜେଡି ରାଜନୈତିକ ବ୍ୟାପାର କମିଟି ଅଧ୍ୟକ୍ଷ ନବୀନ, ମୋଟ୍ ୧୦ ସଦସ୍ୟ ରହିଲେ

**ଭୁବନେଶ୍ୱର, ୫।୫(ସୁନିତ୍ ମିଶ୍ର)**

ବିଜେଡି ପକ୍ଷରୁ ଆଉ ୬ ଜିଲାର ସଭାପତିଙ୍କ ନାଁ ଘୋଷଣା କରାଯାଇଛି। ପୂର୍ବରୁ ୧୮ ଜିଲାର ସଭାପତିଙ୍କ ନାଁ ଘୋଷଣା କରାଯାଇସାରିଥିଲା। ଏବେ ମୋଟ୍ ୨୪ ଜିଲାର ସଭାପତିଙ୍କ ନାଁ ଘୋଷଣା ସମ୍ପୂର୍ଣ୍ଣ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିଜ ଜିଲା କେନ୍ଦୁଝରରେ ଆଶିଷ ଚକ୍ରବର୍ତ୍ତୀଙ୍କୁ ଦଳ ସଭାପତି କରିଛି। ସେହିପରି ଭୁବନେଶ୍ୱର ଜିଲା ସଭାପତି ଭାବେ ଅଶୋକ ଚନ୍ଦ୍ର ପଣ୍ଡାଙ୍କୁ ଦାୟିତ୍ୱ ଦିଆଯାଇଛି। ପୂର୍ବରୁ ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ ଭୁବନେଶ୍ୱର ସାଙ୍ଗଠନିକ ଜିଲା ସଭାପତି ଭାବେ ଦାୟିତ୍ୱ ତୁଲାଉଥିବା ବେଳେ ତାଙ୍କୁ ବଦଳାଯାଇଛି। ରାଉରକେଲାରେ ପ୍ରଦ୍ୟୁମ୍ନ ତ୍ରିପାଠୀ, ମୟୂରଭଞ୍ଜ-୨ରେ ଦେବାଶିଷ ମାରାଣ୍ଡି, ସମ୍ବଲପୁରରେ ରୋହିତ ପୂଜାରୀ ଏବଂ ବଲାଙ୍ଗୀରରେ ସରୋଜ କୁମାର ମେହେରଙ୍କୁ ଦଳ ଜିଲା ସଭାପତି ଭାବେ ନିଯୁକ୍ତ କରିଛି। ପୂର୍ବରୁ ଏହି ୬ ସାଙ୍ଗଠନିକ ଜିଲାରେ ଯେଉଁମାନେ ଦାୟିତ୍ୱରେ ଥିଲେ ସେମାନଙ୍କୁ ପରିବର୍ତ୍ତନ କରାଯାଇଛି। ମୋଟ୍ ୨୪ଟି ସାଙ୍ଗଠନିକ ଜିଲାର ସଭାପତିଙ୍କ ନାଁ ଘୋଷଣା ସରିଥିବା ବେଳେ ଆଉ ୯ଟି ଜିଲାର ସଭାପତି ଚୟନ ଏଯାଏଁ ବାକି ରହିଛି। ସେହିପରି ଦଳ ପକ୍ଷରୁ ଫ୍ରଣ୍ଟାଲ ୱିଙ୍ଗ୍‌ସ, ଷ୍ଟେଟ୍ ଅଫିସ ବିଅରର୍, ପଲିଟିକାଲ ଆଫେୟାର୍ସ କମିଟି, ପଛୁଆ ବର୍ଗ ସେଲ୍ ଏବଂ ଦଳର ସଂଖ୍ୟାଲଘୁ ସେଲ୍‌ର ଦାୟିତ୍ୱ ବଣ୍ଟନ ନେଇ ନେଇ ଘୋଷଣା କରାଯାଇଛି।

ଦଳ ପକ୍ଷରୁ ଏହି ସାଙ୍ଗଠନିକ ଦାୟିତ୍ୱ ବଣ୍ଟନ ବହୁ ଭାବିଚିନ୍ତି କରାଯାଇଥିବା ଦେଖିବାକୁ ମିଳିଛି। ତାଲିକାଗୁଡିକରେ ବହୁ ବରିଷ୍ଠ ନେତାଙ୍କୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରାଯାଇଛି। ଦଳ ପକ୍ଷରୁ କୃଷକ ଜନତା ଦଳର ବରିଷ୍ଠ ଉପସଭାପତି ଭାବେ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଦାୟିତ୍ୱ ମିଳିଛି। ସେହିପରି ଆଞ୍ଚଳିକ ବିକାଶ ମୋର୍ଚ୍ଚାର ବରିଷ୍ଠ ଉପସଭାପତି ଭାବେ ଅନଙ୍ଗ ଉଦୟ ସିଂଦେଓ, ସମବାୟ ମୋର୍ଚ୍ଚା ବରିଷ୍ଠ ଉପସଭାପତି ଭାବେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଶିକ୍ଷା ଓ ଶିକ୍ଷକ ମୋର୍ଚ୍ଚା ବରିଷ୍ଠ ଉପସଭାପତି ଭାବେ ବଦ୍ରି ନାରାୟଣ ପାତ୍ର, ଆଦିବାସୀ ମୋର୍ଚ୍ଚାର ବରିଷ୍ଠ ଉପସଭାପତି ଭାବେ ମଙ୍ଗଳା କିଷାନ, ଓବିସି ମୋର୍ଚ୍ଚା ଉପସଭାପତି ଭାବେ ବିଧାୟକ ଅରୁଣ କୁମାର ସାହୁ, ବରିଷ୍ଠ ନାଗରିକ ମୋର୍ଚ୍ଚା ଉପସଭାପତି ଭାବେ ଦେବାଶିଷ ସାମନ୍ତରାୟ, ଏସ୍‌ସି ସେଲ୍ ବରିଷ୍ଠ ସାଧାରଣ ସମ୍ପାଦକ ଭାବେ ମହେଶ ସାହୁ ଏବଂ ବିଜେଡି ଆଇଟି ସେଲ୍ ଏବଂ ସାମାଜିକ ଗଣମାଧ୍ୟମ ସେଲ୍ ବରିଷ୍ଠ ସାଧାରଣ ସମ୍ପାଦକ ଭାବେ ଅମର ପଟ୍ଟନାୟକଙ୍କୁ ଦାୟିତ୍ୱ ଦିଆଯାଇଛି। ଦଳର ଷ୍ଟେଟ୍ ଅଫିସ୍ ବିଅରର୍ ଭାବେ ମୋଟ୍ ୭୧ ଜଣଙ୍କୁ ରଖାଯାଇଛି। ଏହି କମିଟିର ବରିଷ୍ଠ ଉପସଭାପତି ମୁଖ୍ୟାଳୟ ଭାବେ ଦେବୀ ପ୍ରସାଦ ମିଶ୍ରଙ୍କୁ ରଖାଯାଇଛି। ସେହିପରି ଉପ ସଭାପତି ମୁଖ୍ୟାଳୟ ଭାବେ ପ୍ରତାପ ଜେନା ଦାୟିତ୍ୱ ପାଇଛନ୍ତି। ଏହି କମିଟିରେ ୭ ଜଣ ବରିଷ୍ଠ ଉପସଭାପତି, ୮ ଜଣ ଉପସଭାପତି ଏବଂ ଜଣେ ଟ୍ରେଜେରର, ୧୯ ଜଣ ବରିଷ୍ଠ ସାଧାରଣ ସମ୍ପାଦକ ଏବଂ ୩୪ ଜଣଙ୍କୁ ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଛି।

ସେହିପରି ବିଜେଡି ରାଜନୈତିକ ବ୍ୟାପାର କମିଟି ମଧ୍ୟ ଗଠନ କରିଛି। ଏଥିରେ ମୋଟ୍ ୧୦ ଜଣ ସଦସ୍ୟ ରହିଛନ୍ତି। କମିଟିର ଅଧ୍ୟକ୍ଷ ଭାବେ ଦଳର ସଭାପତି ନବୀନ ପଟ୍ଟନାୟକ ରହିଥିବା ବେଳେ ସଦସ୍ୟ ଭାବେ ବିକ୍ରମ କେଶରୀ ଆରୁଖ, ପ୍ରମିଳା ମଲ୍ଲିକ, ନିରଞ୍ଜନ ପୂଜାରୀ, ସଞ୍ଜୟ କୁମାର ଦାସବର୍ମା, ପ୍ରଣବ ପ୍ରକାଶ ଦାସ, ସୁଦାମ ମାରାଣ୍ଡି, ଟୁକୁନି ସାହୁ, ସସ୍ମିତ ପାତ୍ର ଏବଂ ସଂତୃପ୍ତ ମିଶ୍ର ରହିଛନ୍ତି। ସେହିପରି ଦଳ ସଂଖ୍ୟାଲଘୁ ସେଲ୍‌ର ଆବାହକ ଭାବେ ଦିଲୀପ ତିର୍କୀ, ସହ ଆବାହକ ଭାବେ ରିଜୱାନ୍ ବେଗମ, ଦକ୍ଷିଣାଞ୍ଚଳ ସଂଯୋଜକ ଭାବେ ମୁଜିବୁଲ୍ଲା ଖାନ୍, ପଶ୍ଚିମାଞ୍ଚଳରେ ସଂଯୋଜକ ଭାବେ ଆୟୁବ ଖାନ୍ ଏବଂ ମଧ୍ୟାଞ୍ଚଳ ସଂଯୋଜକ ଭାବେ ଏସ୍.କେ. ନିଜାମୁଦ୍ଦିନ୍‌ଙ୍କୁ ନବୀନ ଦାୟିତ୍ୱ ଦେଇଛନ୍ତି।

ତେବେ ଏଯାଏ ଦଳ ତା'ର ଛାତ୍ର, ଯୁବ ଏବଂ ମହିଳା ସଙ୍ଗଠନର ସଭାପତି ଓ କମିଟି ଘୋଷଣା କରିନାହିଁ। ଆହୁରି ୯ଟି ସାଙ୍ଗଠନିକ ଜିଲାର ସଭାପତି ପଦ ମଧ୍ୟ ଖାଲି ପଡିଛି। ଦଳ ସବୁ ଫ୍ରଣ୍ଟାଲ ସେଲ୍‌ଗୁଡିକର ସଭାପତି ପଦରେ କାହାକୁ ବସାଇବ ନା ନାହିଁ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ବିଶ୍ୱ ଥାଲାସେମିଆ ଦିବସ, ସ୍ଥାନ: ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସ, ୟୁନିଟ୍‌-୪, ସମୟ: ପୂର୍ବାହ୍ନ ୧୦ଟା ୩୦।
- 'ଯୁଗ ପ୍ରବର୍ତ୍ତକ' ବିଷୁବ ସଂଖ୍ୟା-୨୦୨୫ର ଶୁଭ ଉନ୍ମୋଚନ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୫ଟା ୩୦।
- ପ୍ରତିମା ପୁରସ୍କାର ଉତ୍ସବ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।

## କଟକ
- ଉତ୍କଳ ସାହିତ୍ୟ ସମାଜ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ ସମାରୋହ, ସ୍ଥାନ: ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର
- ବୈଶାଖୀ ମହୋତ୍ସବ ଓ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଦୁଧହଂସା, ବସ୍ତା, ସମୟ: ଦିବସବ୍ୟାପୀ।
- ସ୍ୱାଭିମାନ ବାଲିଆପାଳିଆ ମଞ୍ଚ ପକ୍ଷରୁ ଆମରଣ ଅନଶନ.ସ୍ଥାନ: ଇଡ୍‌କୋ ହସ୍ପିଟାଲରେ ପରିସର, ବାଲିଆପାଳ,ସମୟ:ପୂର୍ବାହ୍ନ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: ସତ୍ୟ ନାରାୟଣ ମନ୍ଦିର ହଲ, ଜଳେଶ୍ୱର,ସମୟ: ପୂର୍ବାହ୍ନ ୯ଟା।
- ସିଦ୍ଧେଶ୍ୱର (ବୁଢ଼ା ମହାଦେବ)ଙ୍କର ଘଟ ଉତ୍ତୋଳନ କାର୍ଯ୍ୟକ୍ରମ,ସ୍ଥାନ: ପଞ୍ଚୁଘୁଣ୍ଟା, ଜଳେଶ୍ୱର, ସମୟ: ସନ୍ଧ୍ୟା ୭ଟା।
- ମା ବାସୁଳୀଙ୍କ ବୈଶାଖୀ ଉତ୍ସବ ଶୁଭାରମ୍ଭ,ସ୍ଥାନ: ବାସୁଳି ପଡ଼ିଆ, ଭୋଗରାଇ, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ
- ମନ୍ତ୍ରୀଙ୍କ ଜନଶୁଣାଣି ଶିବିର, ସ୍ଥାନ: ରଇପୁର, ଧାମନଗର, ସମୟ: ସକାଳ ୮ଟା।
- ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: କାଞ୍ଚିଆପାଟ, ତିହିଡ଼ି, ସମୟ: ସକାଳ ୯ଟା।
- ମା' ଯୋଗେଶ୍ୱରୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ବାର୍ଷିକ ଉତ୍ସବ, ସ୍ଥାନ: ରତାଙ୍ଗ, ବାସୁଦେବପୁର, ସମୟ: ସକାଳ ୯ଟା।
- ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ସାରଣା, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ମାଟ୍ରିକ୍‌ରେ କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ହରେକୃଷ୍ଣ ସଦ୍‌ଭାବନା ଗୃହ, ଭଦ୍ରକ ବାଇପାସ୍, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଜଳସେଚନ ବଙ୍ଗଳା, ଭଦ୍ରକ ବାଇପାସ୍, ସମୟ: ମଧ୍ୟାହ୍ନ ୧୨ଟା।
- ଜଗବନ୍ଧୁ ମେମୋରିଆଲ ଆନ୍ତଃ ରାଜ୍ୟ ଫୁଟ୍‌ବଲ ମ୍ୟାଚ୍‌ର ୨ୟ ଦିବସ, ସ୍ଥାନ: ଏବି ହାଇସ୍କୁଲ ପରିସର, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।
- 'ଆମେ-୮୦' ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ସକାଳ ୯ଟା।

## ବ୍ରହ୍ମପୁର
- ଗ୍ରାମ କଣ୍ଠ ପଟ୍ଟା ବଣ୍ଟନ, ସ୍ଥାନ: ସଂସ୍କୃତି ଭବନ ହିଲପାଟଣା, ସମୟ: ସକାଳ ୯ଟା।

## ଗଜପତି
- ରାଜ୍ୟସ୍ତରୀୟ ପାରଳା ନାଟକ ମୋହତ୍ସବ ଉଦ୍‌ଯାପିତ, ସ୍ଥାନ: ନଗର ଭବନ, ସମୟ ସନ୍ଧ୍ୟା ୭ ଟା।

## ଢେଙ୍କାନାଳ
- କଂଗ୍ରେସ ପକ୍ଷରୁ ସମ୍ବିଧାନ ସୁରକ୍ଷା ଅଭିଯାନ, ସ୍ଥାନ: ଢେଙ୍କାନାଳ ବାଜିଚୌକ, ସମୟ: ଅପରାହ୍ନ ସାଢ଼େ ୪ଟା।
- ପିସିସି ସଭାପତିଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ଢେଙ୍କାନାଳ ଗୋପବନ୍ଧୁ ଟାଉନହଲ, ସମୟ: ସନ୍ଧ୍ୟା ସାଢ଼େ ୭ଟା।

## ଅନୁଗୋଳ
- କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶ, ସ୍ଥାନ: ଅନୁଗୋଳ ସଭାଘର, ସମୟ: ପୂର୍ବାହ୍ନ ୧୧ ଘଟିକା।

## କେନ୍ଦ୍ରାପଡ଼ା
- ଚିତ୍ରୋତ୍ପଳା ମହୋତ୍ସବ, ସ୍ଥାନ: ହରିଦାସପୁର, ବେତାରୀ, ଗରଦପୁର, ସମୟ: ସନ୍ଧ୍ୟା ୬ଟା।
- ମା' ମହିପାଳିନୀ ମନ୍ଦିରର ବାର୍ଷିକ ଉତ୍ସବ ଓ ରାମଚରିତ ମାନସ ପାରାୟଣ, ସ୍ଥାନ: ମହୀପାଳ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମା' କନ୍ତେଇ ଠାକୁରାଣୀ ପୀଠ, ବାଙ୍କମୁଣ୍ଡାଇ, ଚାନ୍ଦୋଳ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ମା' ମଙ୍ଗଳା ମନ୍ଦିରର ୧୩ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଭିକିପୁର ମନ୍ଦିର ପରିସର, ସମୟ : ସକାଳ ୬ଟା।

## ନୟାଗଡ଼
- ଚତୁର୍ଥରେ ଚନ୍ଦନଯାତ୍ରା ସପ୍ତମ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ସପ୍ତମ ଦିବସ, ସ୍ଥାନ:ଖଣ୍ଡପଡ଼ା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଲଡୁବାବାଙ୍କ ଚନ୍ଦନଯାତ୍ରା ସପ୍ତମ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ସପ୍ତମ ଦିବସ, ସ୍ଥାନ:ନୟାଗଡ଼ ପୁରୁଣା ସହର ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ରଘୁନାଥଙ୍କ ଚନ୍ଦନଯାତ୍ରାର ସପ୍ତମ ଦିବସ, ସ୍ଥାନ:ଓଡ଼ଗାଁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞ ମହୋତ୍ସବର ସପ୍ତମ ଦିବସ, ସ୍ଥାନ: ଓଡଗାଁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ସାଢ଼େ ୭ଟା।
- ମଦନମୋହନଙ୍କ ଚନ୍ଦନ ଯାତ୍ରାର ସପ୍ତମ ଦିବସ, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞର ଷଷ୍ଠ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ ଗୋବିନ୍ଦପୁର ବିଜେ ସୋମନାଥ ଦେବଙ୍କ ପୀଠ, ସମୟ: ଭୋର ୫ଟା।
- ସମୂହ ମାତୃମଣ୍ଡଳୀର ବାର୍ଷିକ ମେଳଣ, ସ୍ଥାନ: ଖଣ୍ଡପଡା ବ୍ଲକ ଗୋପିନାଥପୁର ଶୁଳିଆ ପାହାଡ ପାଦଦେଶ ଶୁଳିଆ ଠାକୁରାଣୀ, ସମୟ: ପ୍ରାତଃ ୫ଟା।

## ରାୟଗଡ଼ା
- ଖିଲାମଣ୍ଡା ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ପଦ୍ମପୁର ପାଖ ଲାଉଗୁଡା ଗ୍ରାମ, ସମୟ: ସକାଳ ୭ଟା।
- ନୂତନ ବର୍ଦ୍ଧିତ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ମୁନିଗୁଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ସକାଳ ୮ଟା।

## ନବରଙ୍ଗପୁର
- ଆଗୁଆ ସାର ଯୋଗାଣ ନେଇ ସମୀକ୍ଷା, ସ୍ଥାନ: ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ରାଜ୍ୟ ୭ଥ ବ୍ରଡ୍ ବ୍ୟାଣ୍ଡ କମିଟିର ବୈଠକ, ସ୍ଥାନ: ଓସ୍ୱାନ ଗୃହ, କୋରାପୁଟ, ସମୟ: ଅପରାହ୍ନ ୫ଟା।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳିନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।

## ବଲାଙ୍ଗୀର
- ଜିଲାସ୍ତରୀୟ ଅସୀଚାଳନା ର୍ୟାଙ୍କିଙ୍ଗ୍ ପ୍ରତିଯୋଗିତା ଶିବିର, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର ସମୟ: ସକାଳ ୬ଟା।

## ରାଉରକେଲା
- ଗାୟତ୍ରୀ ପୀଠରେ ସାମୂହିକ ହୋମଯଜ୍ଞ, ସ୍ଥାନ: ସେକ୍ଟର-୨, ସମୟ: ସକାଳ ୬ଟା ୩୦।
- ନାଟ୍ୟବନ୍ଧୁ ଅଶୋକ ବଳଙ୍କ ଶେଷଦର୍ଶନ, ସ୍ଥାନ: ସେକ୍ଟର-୫ ଭଞ୍ଜଭବନ, ସମୟ: ସକାଳ ୯ଟା।
- ତାରିଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବର ଖବରଦାତା ସମ୍ମିଳନୀ, ସ୍ଥାନ: ରାଉରକେଲା ତାରିଣୀ ମନ୍ଦିର ଛକ, ସମୟ: ପୂର୍ବାହ୍ନ ୧୦ଟା।
- ଅସୀମ ପ୍ରେମ ଅନୁଷ୍ଠାନ ପକ୍ଷରୁ ଜଳସେବା, ସ୍ଥାନ: ସେକ୍ଟର-୨ ବିଜୁ ପଟ୍ଟନାୟକ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ବହୁଭାଷୀ ନାଟ୍ୟ ମହୋତ୍ସବର ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର--୧୫, ସମୟ: ପୂର୍ବାହ୍ନ ୧୧ଟା।
- କଳ୍ପତରୁ ଆଶ୍ରମରେ ଶ୍ରୀମଦ୍ ଭଗବତ୍ ଗୀତା ପାରାୟଣ, ସ୍ଥାନ: ବାସନ୍ତୀ କଲୋନି ଆଶ୍ରମ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ବରଗଡ଼
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: କଲ୍ୟାଣ ମଣ୍ଡପ, ଗାନ୍ଧିଛକ, ବରଗଡ଼, ସମୟ:ସକାଳ ୮ଟା।

## ବୌଦ୍ଧ
- ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ ବୌଦ୍ଧ, ସମୟ: ୧୦ଟା ୩୦।

## ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର,ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

## ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ, ସ୍ଥାନ: କୋମନା ବ୍ଲକ ସୋସେଙ୍ଗ ପଞ୍ଚାୟତ ଦେଓସିଲ ଗାଁ, ସମୟ: ପ୍ରାତଃ ୫ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ, ସ୍ଥାନ: ସିନାପାଲି ବ୍ଲକ କରନବାହାଲି ପଞ୍ଚାୟତ କୁଳିଆଡୋଙ୍ଗରୀ ଗାଁ, ସମୟ: ପ୍ରାତଃ ୪ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆପଣଙ୍କ ଦୈହିକ ଓ ଆତ୍ମବଳଯୁକ୍ତ କାରଣରୁ ପାରିବାରିକ, ପରିବହନ, ନିର୍ମାଣକାର୍ଯ୍ୟ ଭଲରେ ଚାଲିବ। ଆନୁଷ୍ଠାନିକ ଆଲୋଚନାରେ ସଫଳତା ଲାଭ କରିବାରେ ଅସୁବିଧା ହେବନାହିଁ। ଆତ୍ମୀୟଙ୍କ ଆରୋଗ୍ୟ ଲାଭ ପାଇଁ ଚିନ୍ତା ବଢ଼ିପାରେ। ନିଜର ଇଚ୍ଛା ବିରୋଧରେ କୌଣସି କାମକରି ଅନୁତାପ କରିବାକୁ ପଡ଼ିପାରେ।

**ବୃଷ** ଧୈର୍ଯ୍ୟର ସହ ପରିସ୍ଥିତିର ମୁକାବିଲା କରି କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ। ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା ସାମାଜିକ ଜୀବନକୁ ଋଦ୍ଧିମନ୍ତ କରିବ। ବାହାର ଲୋକଙ୍କଠାରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ସାଙ୍ଗସାଥୀମାନଙ୍କ ସହ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ମିଥୁନ** ଅନ୍ୟମନସ୍କ କିମ୍ବା ଅସାବଧାନତାରୁ ମୂଲ୍ୟବାନ୍ ଦ୍ରବ୍ୟ ହଜିଯିବା କିମ୍ବା ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହୋଇପାରନ୍ତି। ବିଳାସକାରକ ଶୁକ୍ର ପ୍ରଭାବରୁ ସବୁ କଥା ଓ କାମ ପଛକୁ ପକାଇ ଖୁସି ମିଜାଜରେ କାମ କରିବେ। ମନରେ ବିଭିନ୍ନ କଳ୍ପନାର ରଙ୍ଗିନ ପ୍ରତିଛବି ଉଙ୍କିମାରିପାରେ। ବ୍ୟବସାୟକୁ ନୂତନ ରୂପଦେବାକୁ ବନ୍ଧୁଙ୍କ ସହ ଯୋଗାଯୋଗ କରିପାରନ୍ତି।

**କର୍କଟ** ଅସଜଡ଼ା କାମକୁ ସଜାଡ଼ିରେ ଦୂରଯାତ୍ରାର ପୂର୍ଣ୍ଣ ସମ୍ଭାବନା ରହିଛି। ଅଫିସ୍ କାମକୁ ନେଇ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ସାଧାରଣ କଥାକୁ ନେଇ ପରିବାରରେ କଥା କଟାକଟି ଓ ଟଣାଓଟରା ଦେଖାଦେବ। ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ, ରାଜନୀତି, ଆଇନ ତଥା ଆନୁଷ୍ଠାନିକ କ୍ଷେତ୍ରରୁ ସଫଳତା ପାଇବେ।

**ସିଂହ** ଦୃଢ଼ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ। ସ୍ୱାଭିମାନୀ କାରଣରୁ କିଏ କିଛି କହିଲେ ସହଜରେ ହଜମ କରିବା କଷ୍ଟକର ହେବ। ଅଫିସ୍‌ରେ ସରକାରୀ ସ୍ତରରୁ ଆସିଥିବା କୌଣସି ଖବର ପାଇ ଖୁସି ହେବେ। ଜମିଜମା, ମାଲିମକଦ୍ଦମା, ମାଙ୍ଗଳିକ କାର୍ଯ୍ୟ ସମ୍ପର୍କୀୟ ଆଲୋଚନାରେ ଅଗ୍ରଗତି ହୋଇପାରେ।

**କନ୍ୟା** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ରହିବାରୁ ସାମୟିକ ଆଶ୍ୱସ୍ତି ଲାଭକରିବେ। ଅର୍ଥହାନି, ଯାତ୍ରାରେ ସମସ୍ୟା ଓ ମତାନ୍ତରଜନିତ ମାନସିକ ସ୍ଥିତି ଭଲ ରହି ନ ପାରେ। ଲେଖାପଢ଼ା, ପ୍ରକାଶନ, ରଚନାତ୍ମକ କାର୍ଯ୍ୟ, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଆତ୍ମତୃପ୍ତି ପାଇବେ। ନିଜ ନିଜର କର୍ମଜଞ୍ଜାଳ ବୃଦ୍ଧି ସହ ସମ୍ମାନ, ପ୍ରତିଷ୍ଠା ଓ ବନ୍ଧୁଙ୍କ ସଦ୍‌ଭାବ ଉଚ୍ଚା ହେବନି।

**ତୁଳା** ଆପଣଙ୍କ ଉଚ୍ଚାଶା ସାଙ୍ଗକୁ କାର୍ଯଶୈଳୀ ପ୍ରତ୍ୟେକ କ୍ଷେତ୍ରରେ ଗ୍ରହଣୀୟ ହେବ। ପାରିବାରିକ କ୍ଷେତ୍ର, ବୈଷୟିକ ଅଭିବୃଦ୍ଧି, କ୍ରୟ ବିକ୍ରୟର ଅଭିଳାଷ ପୂରଣ ଦିଗରେ ଯତ୍ନବାନ୍ ହୋଇପାରନ୍ତି। ରବିଙ୍କ ସୁପ୍ରଭାବରୁ ଆର୍ଥିକ, ରାଜନୈତିକ, ଆନୁଷ୍ଠାନିକ କାମକୁ ତ୍ୱରାନ୍ୱିତ କରାଇବ। ପରିବାରରେ ମତପାର୍ଥକ୍ୟ ମାନସିକ ଅଶାନ୍ତି ସୃଷ୍ଟି କରିପାରେ।

**ବିଛା** ଯାହା କରିବାକୁ ମନସ୍ଥ କରିଥିବେ ତାହା ବଦଳିଯିବାର ସମ୍ଭାବନା ରହିଛି। ପାରିବାରିକ କ୍ଷେତ୍ରରେ କେତେକ କଥା ଯାହାକି ଆପଣ ପଣା ବୋଲି ଫିଙ୍ଗିପାରିବେ ନାହିଁ କିମ୍ବା ପାଣି ବୋଲି ପିଇ ପାରିବେ ନାହିଁ। ସ୍ୱାର୍ଥବାଦୀ ବନ୍ଧୁଙ୍କ ଦ୍ୱାରା ଅସୁବିଧାର ସମ୍ମୁଖୀନ ହେବେ। ଅବହେଳିତ କାମ ସକାଶେ କୈଫିୟତ ତଲବ ଆଶଙ୍କା ରହିଛି।

**ଧନୁ** କିଛି ଅସୁବିଧା ନ ହେଲେ ମଧ୍ୟ ଆପଣଙ୍କ ଜିଦ୍ ଓ କଡ଼ା କଥା ସମସ୍ୟା ସୃଷ୍ଟି କରିପାରେ। ଯାହା ଚିନ୍ତା କରୁଥିଲେ ଆଜି ତାହା ବାସ୍ତବତାରେ ପରିଣତ ହୋଇଯିବ। ପୂର୍ବ ସ୍ଥିରୀକୃତ ଏବଂ ନୂତନ ଭାବେ କରିବାକୁ ଯାଉଥିବା କାମରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ନ ହୋଇପାରେ। ସ୍ୱାର୍ଥହାନି ଆଶଙ୍କାରେ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି।

**ମକର** ଆପଣଙ୍କ ସୁସଂଯତ ଉପସ୍ଥାପନା ପ୍ରଣାଳୀ ପ୍ରତ୍ୟେକ କ୍ଷେତ୍ରରେ ଅସହିଷ୍ଣୁଙ୍କ ଗାତ୍ରଦାହ କରାଇବ। ସ୍ୱାସ୍ଥ୍ୟ ମଧ୍ୟମ ପ୍ରକାର ରହିବା ସହ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବନ୍ଧୁଙ୍କ ସୂଚନା ମୁତାବକ ସରକାରୀ କ୍ଷେତ୍ରରୁ ଲାଭର ଆଶା ନେଇ ଉତ୍‌ଫୁଲ୍ଲିତ ହେବେ। ସାମାଜିକ ସ୍ତରରେ ସୁଯୋଗ ହରାଇବାରୁ ବ୍ୟଥିତ ହୋଇପାରନ୍ତି।

**କୁମ୍ଭ** ପ୍ରତ୍ୟେକ ଦିଗରୁ ଅନୁକୂଳ ବାତାବରଣ ଆପଣଙ୍କ ଆଶା ଓ କାମନା ପୂରଣ କରିବାରେ ସମର୍ଥ ହେବ। ସାମାଜିକ ସ୍ତରରେ ମରମ କଥାଟି କହି ପରୋକ୍ଷ ଶତ୍ରୁତାକୁ ଡାକିଆଣିପାରନ୍ତି। ବାଣିଜ୍ୟ ଓ ପରିବହନରେ ଆୟ ତୁଳନାରେ ବ୍ୟୟ ବଢ଼ିପାରେ। ସାହାଯ୍ୟ ଓ ସହଯୋଗ କରିବାକୁ କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟିଯିବେ।

**ମୀନ** ମନ କଥାକୁ ମନ ଭିତରେ ସାଇତି ରଖି କାମ କରିବାକୁ ବାଧ ହୋଇପାରନ୍ତି। ରୋଗପୀଡ଼ାରେ ଉପଶମ ଅନୁଭବ କରିବା ସହ ବନ୍ଧୁବର୍ଗଙ୍କ ସହାନୁଭୂତି ପାଇ ଖୁସିହେବେ। ବୈଷୟିକ ଅଭିବୃଦ୍ଧି ସହ ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା କ୍ଷେତ୍ର ସମସ୍ୟାର ସମାଧାନ ହେବ। ବ୍ୟବସାୟ, ଜମିଜମା କ୍ରୟବିକ୍ରୟ ଆଲୋଚନା ଫଳପ୍ରଦ ହୋଇପାରେ।

ଆଜି ମେ ୬ ତାରିଖ, ବୈଶାଖ ଶୁକ୍ଳ ନବମୀଯୁକ୍ତ ଦଶମୀ ମଙ୍ଗଳବାର। ରାଶିନକ୍ଷତ୍ର-ମଘା/ସିଂହ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୮।୩୧ ଗତେ, ଘ.୧୦।୨୬ ମଧ୍ୟେ, ଘ.୦୧।୦୦.ଗତେ, ଘ.୦୧।୧୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୫ ଗତେ, ଘ.୦୪।୩୧ ମଧ୍ୟେ ରାହୁକାଳ।

# ଅନ୍‌ଲାଇନ୍‌ରେ ଉପଲବ୍ଧ ହେଲା ମାଟ୍ରିକ୍ ସାର୍ଟିଫିକେଟ

କଟକ,୫।୫(କାର୍ତ୍ତିକ ସାହୁ)

ଚଳିତ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ପରୀକ୍ଷାର୍ଥୀମାନଙ୍କୁ ଅନ୍‌ଲାଇନ୍‌ରେ ଡିଜିଟାଇଜ୍‌ଡ ସାର୍ଟିଫିକେଟ ସୋମବାରଠାରୁ ଉପଲବ୍ଧ କରାଯାଇଛି। ଏଥିସହ ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ମଧ୍ୟମା ପରୀକ୍ଷାର କୃତକାର୍ଯ୍ୟ ପରୀକ୍ଷାର୍ଥୀମାନେ ମଧ ସେମାନଙ୍କ ସାର୍ଟିଫିକେଟ ଅନ୍‌ଲାଇନ୍‌ରୁ ଡାଉନ୍‌ଲୋଡ୍ କରିପାରିବେ। ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ୱେବସାଇଟ୍ www.bseodisha.ac.inରେ ପ୍ରଦତ୍ତ ଲିଙ୍କ୍‌ରୁ ସାର୍ଟିଫିକେଟ୍ ଡାଉନଲୋଡ୍ କରିବାର ବ୍ୟବସ୍ଥା ହୋଇଛି। ସେଥିରେ ପରୀକ୍ଷାର ନାମ, ବର୍ଷ, ଜନ୍ମ ତାରିଖ, ରୋଲ ନମ୍ବର ଓ ମୋବାଇଲ ନମ୍ବର ଲେଖିବା ପରେ ମୋବାଇଲକୁ ଓଟିପି ଆସିବ। ଓଟିପି ପୂରଣ କରିବା ପରେ ସାର୍ଟିଫିକେଟ ଡାଉନ୍‌ଲୋଡ୍ ହୋଇଯିବ। ଚଳିତ ମାସ ୨ ତାରିଖ ଅପରାହ୍ନରେ ପରୀକ୍ଷାଫଳ ପ୍ରକାଶ ପରେ ୭୨ ଘଣ୍ଟା ମଧ୍ୟରେ ଅନ୍‌ଲାଇନ୍‌ରେ ସାର୍ଟିଫିକେଟ ଉପଲବ୍ଧ ହେବ ବୋଲି ଘୋଷଣା କରାଯାଇଥିଲା। ତେବେ ପରୀକ୍ଷାର୍ଥୀମାନେ ଫଳ ପ୍ରକାଶନର ୭ ଦିନ ମଧ୍ୟରେ ଦେୟମୁକ୍ତ ଭାବେ ଅନ୍‌ଲାଇନ୍‌ରୁ ସାର୍ଟିଫିକେଟ ଡାଉନଲୋଡ୍ କରିପାରିବେ। ଏହି ସମୟ ପରେ ଏଥିପାଇଁ ଦେୟ ଦେବାକୁ ପଡ଼ିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

# କଠୋର କାର୍ଯ୍ୟାନୁଷ୍ଠାନର ଅନ୍ତରୀଣ ରହିତାଦେଶ ବଳବତ୍ତର

**ବିଷ୍ଣୁପଦ ସେଠୀଙ୍କ ଘରେ ସିବିଆଇ ଚଢ଼ାଉ ମାମଲା**

କଟକ,୫।୫(କାର୍ତ୍ତିକ ସାହୁ)


ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ୍ ଲିମିଟେଡ୍ ଲାଞ୍ଚ ଘଟଣାରେ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କ ଘରେ ସିବିଆଇ ଚଢ଼ାଉ ମାମଲାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ ହାଇକୋର୍ଟ ଲଗାଇଥିବା ରୋକ୍ ବଳବତ୍ତର ରହିଛି। ସୋମବାର ମାମଲାର ଶୁଣାଣି ହେବାକୁ ଧାର୍ଯ୍ୟ ହୋଇଥିବା ବେଳେ ହାଇକୋର୍ଟରେ ବିଚାରପତି ଏସ୍. କେ. ପାଣିଗ୍ରାହୀ ମାମଲାର ଶୁଣାଣିକୁ ମେ ୭ ତାରିଖ ଯାଏ ଘୁଞ୍ଚାଇ ଦେଇଛନ୍ତି। ସେ ପର୍ଯ୍ୟନ୍ତ ବିଷ୍ଣୁପଦଙ୍କ ବିରୋଧରେ ସିବିଆଇ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ନାହିଁ। ପରବର୍ତ୍ତୀ ଶୁଣାଣି ନିମନ୍ତେ ଆସନ୍ତା ୭ ତାରିଖକୁ ଧାର୍ଯ୍ୟ ହୋଇଛି।

# ଫୁସଫୁସ୍‌ଜନିତ ସମସ୍ୟାର ସମାଧାନ 'ପତଞ୍ଜଳି ବ୍ରୋଙ୍କୋମ୍'

ଭୁବନେଶ୍ୱର,୫।୫
(ଅନୁରାଧା ମହାରଣା)




ପ୍ଲାଷ୍ଟିକ୍ ବ୍ୟବହାର କାରଣରୁ ବର୍ତ୍ତମାନ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହେଉଛି। ବିଶେଷକରି ମାଇକ୍ରୋପ୍ଲାଷ୍ଟିକ୍‌ର କ୍ଷୁଦ୍ର କଣିକା ଫୁସ୍‌ଫୁସ୍‌ଜନିତ ରୋଗ ସୃଷ୍ଟି କରୁଛି। ଏପରି ସମସ୍ୟାର ସମାଧାନ ପାଇଁ ପତଞ୍ଜଳିର ଆୟୁର୍ବେଦିକ ଔଷଧ 'ବ୍ରୋଙ୍କୋମ' ବେଶ୍ ସହାୟକ ହେଉଛି। ଆଚାର୍ଯ୍ୟ ବାଳକୃଷ୍ଣ ଏହି ସୂଚନା ପ୍ରଦାନ କରି କହିଛନ୍ତି, ମାନବ ଶରୀରରେ ଫୁସ୍‌ଫୁସ୍‌ରେ ପୋଡ଼ାଜଳା ଓ ଫୁଲା ସମସ୍ୟା ହେଉଥିଲେ ବ୍ରୋଙ୍କୋମ ସେବନ ଦ୍ୱାରା ଏଥିରୁ ଉପଶମ ମିଳିଥାଏ। ପତଞ୍ଜଳି ବୈଜ୍ଞାନିକମାନେ ମୂଷା ଉପରେ ଏହି ଔଷଧର ସଫଳ ପରୀକ୍ଷଣ ପରେ ଏହାକୁ ବଜାରରେ ଉପଲବ୍ଧ କରାଯାଇଛି। ପତଞ୍ଜଳି ଗବେଷଣା ପ୍ରତିଷ୍ଠାନର ଉପାଧ୍ୟକ୍ଷ ତଥା ବୈଜ୍ଞାନିକ ଡା. ଅନୁରାଗ ବାର୍ଷ୍ଣେୟ କହିଛନ୍ତି, ସନାତନ ଜ୍ଞାନ ଏବଂ ଆଧୁନିକ ବିଜ୍ଞାନର ସଙ୍ଗମ ସମଗ୍ର ବିଶ୍ୱକୁ ନିରୋଗ ରଖିବାରେ ସହାୟକ ହେବ।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜ୍‌ମା ପ୍ରତି ସତର୍କତା ଜରୁରୀ




ଶ୍ୱାସକ୍ରିୟା ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଏକ ନିରବଚ୍ଛିନ୍ନ ପ୍ରକ୍ରିୟା। ଏହାଦ୍ୱାରା ଆମେ ବାୟୁମଣ୍ଡଳରେ ଥିବା ବାୟୁକୁ ପ୍ରଶ୍ୱାସରେ ନେଇ ସେଥିରୁ ଅମ୍ଳଜାନ ଆହରଣକରି ଶରୀରରେ ସୃଷ୍ଟି ହେଉଥିବା ଅଦରକାରୀ ଅଙ୍ଗାରକାମ୍ଳକୁ ବାହାରକୁ ନିଃଶ୍ୱାସ ମାଧ୍ୟମରେ ଛାଡ଼ିଥାଉ। ଏଠାରେ ଉଲ୍ଲେଖଯୋଗ୍ୟ, ପ୍ରଶ୍ୱାସ ବା ବାୟୁ ଆହରଣ ଏକ ବଳଯୁକ୍ତ କାର୍ଯ୍ୟ ମାତ୍ର ନିଃଶ୍ୱାସ ଯେଉଁଥିରେ ଆମେ ଲଙ୍ଗସ (ଫୁସ୍‌ଫୁସ୍)ରୁ ବାୟୁ ବାହାରକୁ ଛାଡ଼ିଥାଉ ତାହା ପାଇଁ ବଳ ଖର୍ଚ୍ଚ କରିବାକୁ ପଡ଼ି ନ ଥାଏ। ଶ୍ୱାସ ବା ବ୍ରୋଙ୍କିଆଲ୍ ଆଜ୍‌ମା ହେଉଛି ଏପରି ଏକ ରୋଗ ଯେଉଁଥିରେ ରୋଗୀକୁ ଶ୍ୱାସକ୍ରିୟା କରିବାରେ କଷ୍ଟ ହୋଇଥାଏ। ଏହା ଆମର ଶ୍ୱାସନଳୀର ସଙ୍କୋଚନ ଯୋଗୁ ହୋଇଥାଏ ଓ ସେଥିପାଇଁ ଶ୍ୱାସରୋଗୀ ପ୍ରଶ୍ୱାସ ନେବା ଏବଂ ନିଃଶ୍ୱାସ ଛାଡ଼ିବା ବେଳେ ବଂଶୀବାଜିବା ପରି ଶବ୍ଦ ବାହାରିଥାଏ। ଆଜ୍‌ମାର ଦୁଇଟି ମୁଖ୍ୟ କାରଣ ହେଲା-ଶ୍ୱାସନଳୀ ସଙ୍କୋଚନ ଏବଂ ଏହା ଉପରେ ସଂକ୍ରମଣ। ସାଧାରଣତଃ ପ୍ରଥମଟି ଆଲର୍ଜି ବା ହାଇପର ସେନ୍‌ସିଟିଭ ଯୋଗୁ ହୋଇଥାଏ। ଏଣୁ ଏହାର ଚିକିତ୍ସା ପାଇଁ ଆଣ୍ଟିହିଷ୍ଟାମିନ୍ ଯଥା ସେଟ୍ରିଜିନ୍, ଲିଭୋସେଟ୍ରିଜିନ୍, ମଣ୍ଟେଲୁକାଷ୍ଟ, ଫେକ୍ସୋଫେନାଡନ୍ ଇତ୍ୟାଦି ଔଷଧ ବ୍ୟବହାର କରାଯାଏ। ସାଲବ୍ୟୁଟାମଲ ଓ ଟର୍ବୋଟେଲିନ୍ ପରି ଶ୍ୱାସନଳୀ ପ୍ରସାରକ ଔଷଧ ଇନ୍‌ହେଲର, ତରଳ ଅଥବା ଟାବ୍‌ଲେଟ ଆକାରରେ ବ୍ୟବହାର କରାଯାଏ। ଏହି ରୋଗ ଅତ୍ୟଧିକ ହେଲେ ଇନ୍‌ହେଲର ଷ୍ଟିରଏଡ୍ ଇଞ୍ଜେକସନ୍ ଆକାରରେ ମଧ ଦିଆଯାଏ। ଅତି ଗୁରୁତର ହେଲେ ହସ୍ପିଟାଲରେ ରହି ଆଇସିୟୁରେ ଚିକିତ୍ସା ହେବାକୁ ପଡ଼ିଥାଏ। ଅକ୍ସିଜେନ୍ ଓ ଭେଣ୍ଟିଲେଟରର ଆବଶ୍ୟକତା ପଡ଼େ। ଶ୍ୱାସରୋଗ ପାଇଁ ସତର୍କ ରହିବା ବିଧେୟ। ଏହି ରୋଗୀମାନେ ଜାଣିବା ଉଚିତ ଯେ ତାଙ୍କର କ'ଣ ଆଲର୍ଜି ରହିଛି। ଫୁଲରେଣୁ, ଗୁଣ୍ଡ, ଧୂଳିଧୂଆଁ, ଚିଙ୍ଗୁଡ଼ି, ଅଣ୍ଡା, କେତେକ ରଙ୍ଗ, ଅବିର ଏବଂ ଆହୁରି ଅନେକ ଜିନିଷ ଆଲର୍ଜି କରିଥାଏ। ଦରଜ ହ୍ରାସକାରୀ ଔଷଧ ଏବଂ ଆସ୍ପିରିନ୍‌ରୁ ମଧ ଆଲର୍ଜି ହେବାର ଆଶଙ୍କା ରହିଛି। ତେଣୁ ଏଭଳି ଆଲର୍ଜିଠାରୁ ଦୂରେଇରହିବା ଭଲ। ତା'ସହ ଆଇସ୍‌କ୍ରିମ, ଥଣ୍ଡା ପାନୀୟ, ଥଣ୍ଡା ପାଣି ଇତ୍ୟାଦି ନ ଖାଇବା ଭଲ। ଏଥିରୁ ଉପଶମ ପାଇବା ଲାଗି ଶ୍ୱାସପ୍ରଶ୍ୱାସର ପ୍ରାଣାୟାମ ଏବଂ ସକାଳେ ଏବଂ ସନ୍ଧ୍ୟାରେ ଶଙ୍ଖ ଫୁଙ୍କିବା ମଧ୍ୟ ଏକ ଉତ୍ତମ ବ୍ୟାୟାମ। ଉଷୁମ ଖାଦ୍ୟ ଖାଇବା ସହ ଚା' ଏବଂ କଫି ପିଇପାରନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ପ୍ରକାର ଷ୍ଟିରଏଡ୍ ବ୍ୟବହାର କରିବା ଉଚିତ ନୁହେଁ।

**- ଡା. ରାମଚନ୍ଦ୍ର ରାଉତ,**
ବରିଷ୍ଠ ଚିକିତ୍ସକ

### ଏ ବର୍ଷର ବାର୍ତ୍ତା

ମେ' ୬ ତାରିଖରେ ପାଳିତ ହେଉଛି 'ବିଶ୍ୱ ଆଜ୍‌ମା ଦିବସ'। ଆଜ୍‌ମା ଏଭଳି ଏକ ସମସ୍ୟା ଯେଉଁଥିଲାଗି ବେଶ୍ ସତର୍କତା ଅବଲମ୍ବନ କରିବାକୁ ପଡ଼ିଥାଏ। ଏହି ଦିବସ ଅବସରରେ ଚଳିତ ବର୍ଷର ବାର୍ତ୍ତା ରହିଛି-'ସମସ୍ତଙ୍କ ପାଇଁ ଇନ୍‌ହେଲଡ୍ ଚିକିତ୍ସା ଉପଲବ୍ଧ କରିବା।' ଚଳିତ ବର୍ଷ




ଉକ୍ତ ଦିବସ ପାଳନ ଅବସରରେ ଏହା ଉପରେ ଅଧିକ ଗୁରୁତ୍ୱ ଦେବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ) ପକ୍ଷରୁ ସୂଚନା ଦିଆଯାଇଛି। ଏହି ରୋଗର କାରଣ ବିଷୟରେ ଅବଗତ ହେବା ମାତ୍ରେ ତାହାର ଉପଯୁକ୍ତ ଚିକିତ୍ସା କରାଇନେବା ଦରକାର।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଧାନ ପଶିଲା, ଜର ଆଣିଲା,**
**ମୋ କତରା କାହିଁ ?**
**ଭାତ ଫୁଟିଲା, ଜର ତୁଟିଲା,**
**ମୋ ପଥୁରି କାହିଁ ?**

କାମ କରିବାକୁ କହିଲେ ଅନେକେ ଦେହ ଖରାପ ଥିବା ନେଇ ନାନା ବାହାନା ଦେଖାଇଥାନ୍ତି। କାମଦାମ କଲାବେଳକୁ ଜରର ଛଳନା ଓ ଭାତ ଖାଇବା ବେଳକୁ ଜର ଛାଡିଯିବା ଭଳି ତୁଚ୍ଛା ବାହାନା କରୁଥିବା ବ୍ୟକ୍ତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଧାଈ ଆଗରେ ପେଟ ଲୁଚାଇବା।**

ସାଧାରଣତଃ ଅଭିଜ୍ଞ ବ୍ୟକ୍ତିଙ୍କ ପାଖରେ କୌଣସି ଖବର ଗୁପ୍ତ ହୋଇ ରହିପାରେ ନାହିଁ। ଏଭଳି ବ୍ୟକ୍ତିଙ୍କ ଆଖିରେ ଧୂଳି ପକାଇବା ଅତ୍ୟନ୍ତ କାଠିକର ପାଠ ହୋଇଥିବା ବେଳେ ଏପରି କରାଯାଉଥିବା ଅପଚେଷ୍ଟା ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଅଖିଳ ଭାରତୀୟ ଯୁବ କଂଗ୍ରେସର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଡ. ସ୍ମୃତିରଞ୍ଜନ ଲେଙ୍କା ତାଙ୍କ ରଚିତ ପୁସ୍ତକ 'ଅନ୍ୱେଷଣ– ସତ୍ୟର ସନ୍ଧାନ'କୁ ସୋମବାର ଧରିତ୍ରୀ କାର୍ଯ୍ୟାଳୟ ପରିସରରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀଙ୍କୁ ପ୍ରଦାନ କରୁଛନ୍ତି।

# 'ଧରଣୀଧର କେନ୍ଦୁଝରର ଅସ୍ମିତାର ଏକ ସ୍ୱର୍ଣ୍ଣଫର୍ଦ୍ଦ'

## ବିପ୍ଳବୀ ଧରଣୀଧର ନାଏକଙ୍କ ଜୟନ୍ତୀ

**କେନ୍ଦୁଝର,୫।୫(ନରେଶ ଚନ୍ଦ୍ର ପଟ୍ଟନାୟକ):** କେନ୍ଦୁଝର ଜିଲା ଧରଣୀଧର ବିଶ୍ୱବିଦ୍ୟାଳୟରେ ସୋମବାର ପୂର୍ବାହ୍ନ ୧୦ଟାରେ ବିପ୍ଳବୀ ଧରଣୀଧର ନାଏକଙ୍କ ୧୬୧ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ କୁଳପତି ପ୍ରଫେସର ପ୍ରତାପ କୁମାର ମହାନ୍ତି ଓ ଅତିଥିମାନେ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଧରଣୀଧର ଓ ଅନ୍ୟାନ୍ୟ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କୁଳପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବରେ ଏମ୍‌ପି ଅନନ୍ତ ନାୟକ ଯୋଗଦେଇ ବିପ୍ଳବୀ ଧରଣୀଧରଙ୍କୁ ବିଚକ୍ଷଣ ଓ କୁଶଳୀ ବ୍ୟକ୍ତି ଭାବରେ ଅଭିହିତ କରିଥିଲେ। ସେ କିପରି ପାଦରେ କେନ୍ଦୁଝର ଓ ସିଂଭୂମି ଜମି ବିବାଦର ସମାଧାନ କରିଥିଲେ, ତାହା ଉଲ୍ଲେଖ କରିବା ସହିତ ଜନଜାତି ବିଦ୍ରୋହ କିପରି ଭାରତ ଇତିହାସରେ ସ୍ୱତନ୍ତ୍ର ତାହା ଦର୍ଶାଇଥିଲେ। ବିପ୍ଳବୀ ଧରଣୀଧର ଉତ୍ସବ ପାଳନ କମିଟିର ସଂଯୋଜକ ଡ଼. ସୁମନ୍ତ୍ର ନାଏକ ଧରଣୀଧରଙ୍କର ଜୀବନୀ ଓ ସାଧନାର କଥା ଉତ୍ଥାପନ କରି ବିପ୍ଳବୀ ଧରଣୀଧର ନାଏକଙ୍କୁ କେନ୍ଦୁଝର ଅସ୍ମିତାର ଏକ ଫର୍ଦ୍ଦ ଓ କେନ୍ଦୁଝରର ପରିଚୟ ବୋଲି ଦର୍ଶାଇଥିଲେ। ସେ ଆହୁରି ଦର୍ଶାଇଥିଲେ ଯେ, ଜନଜାତିଙ୍କ ଦ୍ୱାରା ସଂଗଠିତ ଭାରତର ଅନ୍ୟତମ ପ୍ରସିଦ୍ଧ ଜନ ଆନ୍ଦୋଳନ ଯାହା ରାଜତନ୍ତ୍ର ଓ ଇଂରେଜଙ୍କ ଶାସନକଳ ଦୋହଲେଇ ଦେଇଥିଲା। ମୁଖ୍ୟ ବକ୍ତାଭାବରେ କବି ଚିତ୍ତ ରଞ୍ଜନ ମିଶ୍ର ଯୋଗଦେଇ ଧରଣୀଧରଙ୍କ ବାଲ୍ୟ ଜୀବନ, ଶିକ୍ଷା ତଥା ତାଙ୍କ ସମର୍ପିତ ଜୀବନ ସଂଗ୍ରାମର କଥା ଆଲୋଚନା କରିଥିଲେ। କୁଳସଚିବ ଡ଼. ଶଶିକାନ୍ତ ଜେନା ଧରଣୀଧରଙ୍କ ପ୍ରଜା ଆନ୍ଦୋଳନ କଥାର ମାର୍ମିକ ଇତିହାସ ବର୍ଣ୍ଣନା କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ପ୍ରଭୁ ପ୍ରସାଦ ଦାସ ଧରଣୀଧରଙ୍କ ବିଜ୍ଞତାକୁ ଦର୍ଶାଇଥିଲେ। ସଭାରେ ଧରଣୀଧରଙ୍କ ବଂଶଧର ବଡ଼ ଭାଇ ଗୋପାଳ ନାଏକଙ୍କ ପଣନାତି ପବିତ୍ର ମୋହନ ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଧରଣୀଧରଙ୍କ ଜୀବନୀ ଉପରେ ପର୍ଯ୍ୟବେଶିତ ଏକ ବକ୍ତୃତା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଜୟ ଦାସ, ନିରଜା ନଳିନୀ ନାଏକ, ରଶ୍ମିତା ନାୟକ, ଅକାଳୁ ପୃଷ୍ଟି ପ୍ରମୁଖ ସହଯୋଗ କରିଥିଲେ। ସୁଶ୍ରୀ ଗୀତାଞ୍ଜଳି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




ଉପସ୍ଥିତ ଏମ୍‌ପି ଅନନ୍ତ ନାୟକ ଓ ଅନ୍ୟ ଅତିଥିମାନେ।

## ଦୁର୍ଘଟଣା ପରେ ଟ୍ରକ୍ ଜଳିଗଲା

**ବଡ଼ବିଲ,୫।୫(ଦେବପ୍ରିୟ ରଣା):** କେନ୍ଦୁଝର ଜିଲା ବଡ଼ବିଲ ଥାନା ୫୨୦ ନମ୍ବର ଜାତୀୟ ରାଜପଥର ବାରବାଙ୍କଠାରେ ସୋମବାର ଅପରାହ୍ନ ପ୍ରାୟ ୨ଟାରେ ଦୁର୍ଘଟଣା ଘଟି ଏକ ଟ୍ରକ୍ ଜଳିଯାଇଛି। ଏକ ଟ୍ରକ୍ ଭଦ୍ରାସାହି ଆଡ଼କୁ ଆସୁଥିବା ବେଳେ ଆଗରେ ଯାଉଥିବା ଅନ୍ୟ ଏକ ଟ୍ରକ୍‌କୁ ପଛପଟୁ ଧକ୍କା ଦେଇ ଟ୍ରକ୍(ଏନ୍‌ଏଲ୍ ୦୧ ଏଏ ୩୬୫୦) ଜଳିବାକୁ ଲାଗିଥିଲା। ଖବରପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ।

## ମାଙ୍ଗାନିଜ ବୋଝେଇ ଟ୍ରକ୍ ଜବତ, ୨ ଗିରଫ

**ବଡ଼ବିଲ,୫।୫(ଦେବପ୍ରିୟ ରଣା):** କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ରାଜପଥର ଟଣ୍ଡୋଠାରେ ସୋମବାର ଏକ ମାଙ୍ଗାନିଜ ବୋଝେଇ ଟ୍ରକ୍‌କୁ ପୋଲିସ ଜବତ କରିଛି। ଚୋରାଚାଲାଣ ଅଭିଯୋଗରେ ୨ ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବଡ଼ବିଲ ଥାନା ଅନ୍ତର୍ଗତ ସେରେଣ୍ଡା ଅଞ୍ଚଳର ଜୁଗନୁ ଗୁଡ଼ିଆ, ରୁଗୁଡି ଥାନା ଅନ୍ତର୍ଗତ କୁନ୍ଦୁରୁ ପାଣି ଅଞ୍ଚଳର ରବିନ୍ଦ୍ର ନାଏକ। ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତି ପ୍ରାୟ ୧ଟା ବେଳେ ରୁଗୁଡ଼ି ପଟୁ ଭଦ୍ରାସାହି ଆଡକୁ ଏକ ଚୋରା ମାଙ୍ଗାନିଜ ବୋଝେଇ ଟ୍ରକ୍ ଆସୁଥିଲା। ପୋଲିସ ସୂଚନା ପାଇ ଭଦ୍ରାସାହିରୁ ରୋଇଡା ଆଡ଼କୁ ଯାଇଥିବା ୫୨୦ ନମ୍ବର ଜାତୀୟ ରାଜପଥର ଟଣ୍ଡୋ ନିକଟରେ ରାସ୍ତା ଅବରୋଧ କରିଥିଲା। ଟ୍ରକ୍(ଓଡି ୦୯ ଭି ୦୩୨୬) ଅଟକାଇବା ସହ ଟ୍ରକ୍‌ରେ ଥିବା ୨ ଜଣଙ୍କୁ କାବୁ କରିଥିଲା। ମାଙ୍ଗାନିଜର କୌଣସି କାଗଜପତ୍ର ନ ପାଇ ପୋଲିସ ଟ୍ରକ୍‌ଟିକୁ ଜବତ କରିଥିଲା। ଅଭିଯୁକ୍ତଙ୍କଠାରୁ ୨ ମୋବାଇଲ ଜବତ କରିଥିବା ଜଣାପଡ଼ିଛି। ଏ ନେଇ ବଡ଼ବିଲ ଥାନାରେ ଏକ ମାମଲା(ନଂ.୧୦୪/୨୦୨୫)ରୁଜୁ ହୋଇଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ବଡ଼ବିଲ ଥାନା ଆଇଆଇସି ଅଶୋକ ନାୟକ କହିଛନ୍ତି।

# ବିଜେଡି ପକ୍ଷରୁ ଧରଣୀଧରଙ୍କ ଜୟନ୍ତୀ

**କେନ୍ଦୁଝର,୫।୫(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ):**

କେନ୍ଦୁଝର ବିଜେଡି ପକ୍ଷରୁ ସୋମବାର ବିପ୍ଳବୀ ବୀର ଧରଣୀଧର ନାଏକଙ୍କ ୧୬୧ତମ ଜୟନ୍ତୀ ସୋମବାର ପୂର୍ବାହ୍ନ ୧୦ଟାରେ ପାଳିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ଏମ୍‌ପି ମାଧବ ସର୍ଦ୍ଦାରଙ୍କ ନେତୃତ୍ୱରେ ଜେଲ ରୋଡସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜୁ ଜନତା ଦଳର ଜିଲା ସଭାପତି ତଥା ଜିଲା ପରିଷଦ ଆଶିଷ ଚକ୍ରବର୍ତ୍ତୀ ଧରଣୀଧରଙ୍କ ବିପ୍ଳବ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ୫ ନମ୍ବର ଜିଲା ପରିଷଦ ସଦସ୍ୟ ରଥ ମୁଣ୍ଡା, ବରିଷ୍ଠ ଉପ ସଭାପତି ପ୍ରମୋଦ ପଟ୍ଟନାୟକ, ନଗର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ସଦର ବ୍ଲକ୍ ସଭାପତି ଚକ୍ରଧର ପରିଡ଼ା, ପୂର୍ବତନ ନଗରପାଳ ମୀନା ମାଝୀ, ପ୍ରଭଞ୍ଜନ ପଟ୍ଟନାୟକ, ବରିଷ୍ଠ କର୍ମୀ ରକ୍ଷାକର ସାହୁ, ପରେଶ ପ୍ରଧାନ, ଯୁବନେତା ଦେବୁ ପଟ୍ଟନାୟକ, ଜଗଦିଶ୍ ଆପଟ, ତ୍ରିନାଥ ମହାନ୍ତ, କୃଷ୍ଣଚନ୍ଦ୍ର ନାଏକ, ନଟବର ସର୍ଦ୍ଦାର, ତାପସ ଦେହୁରୀ, ନାରୀନେତ୍ରୀ ପୁନମ କୁମାରୀଙ୍କ ସହ ଶତାଧିକ କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।



ବିଜେଡି କର୍ମକର୍ତ୍ତାମାନେ।

## 'ଧରଣୀଧରଙ୍କ ବିସ୍ମୃତ ଇତିହାସ ଏ ଜାତିକୁ ଏକ ନୂତନ ଦିଗ୍‌ଦର୍ଶନ ଦେଇଛି'

**କେନ୍ଦୁଝର,୫।୫(ନରେଶ ଚନ୍ଦ୍ର ପଟ୍ଟନାୟକ):**

କେନ୍ଦୁଝରସ୍ଥିତ ଜିଲା ପ୍ରେକ୍ଷାଳୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓ ସାହିତ୍ୟ ଏକାଡେମୀ ପକ୍ଷରୁ ମହାନ ବିପ୍ଳବୀ ଧରଣୀଧର ନାଏକଙ୍କ ଜୟନ୍ତୀ ସମାରୋହ ସୋମବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଡ. ରାମଚନ୍ଦ୍ର ନାୟକ, ମୁଖ୍ୟବକ୍ତା ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ଚିତ୍ତରଞ୍ଜନ ନାୟକ, ବ୍ଲକ୍ ଉନ୍ନୟନ ଅଧିକାରୀ ଘଟଗାଁ ଓ ବିଶିଷ୍ଟ ଗାଳ୍ପିକ ଡକ୍ଟର ଅନୀଲ ଦାସ ଯୋଗଦାନ କରିଥିଲେ। ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ସ୍ୱାଗତ ସମ୍ଭାଷଣ ପ୍ରଦାନ କରିବା ସହ ବିପ୍ଳବୀ ଧରଣୀଧରଙ୍କ ସଂଘର୍ଷ ଜୀବନର ଅନେକ ଘଟଣାବଳୀ ଉପରେ ଆଲୋଚନା କରିଥିଲେ। ସୌମ୍ୟ ଶୁଚରିତା ଗିରି ଘୋଷକ ଭାବେ କାର୍ଯ୍ୟନିର୍ବାହ କରିଥିଲେ ଏବଂ ଅବିନାଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନାଚକ୍ର ଅଧିବେଶନରେ କେନ୍ଦୁଝରସ୍ଥ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ସଭାପତି ଯୋଗେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ସମ୍ମାନନୀୟ ଆଲୋଚକଭାବେ ଜଟଣୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ବଂଶୀଧର କର, ବିଶିଷ୍ଟ ସାହିତ୍ୟିକ ଡ. ହଳଧର ପଣ୍ଡା, ଉତ୍କଳ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ପାରେଶ୍ୱର ସାହୁ, ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟାପକ ଡ. ଜନ୍ମେଜୟ ଚୌଧୁରୀ, ସରକାରୀ ବାଣିଜ୍ୟକର ଓ ଦ୍ରବ୍ୟ ଏବଂ ସେବାକର ଅଧିକାରୀ ଭୀମସେନ ମହାନ୍ତ, ଝାରବେଲଦାସ୍ଥିତ ସନ୍ତୋଷ ମା' ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓ ବିଭାଗର ବରିଷ୍ଠ ଅଧ୍ୟାପିକା ଡ. ସ୍ମୃତି ବାନାର୍ଜୀ ଏବଂ ଧରଣୀଧର ବିଶ୍ୱବିଦ୍ୟାଳୟର ସରକାରୀ ପ୍ରାଧ୍ୟାପିକା ଡ. ଶୁଭସ୍ମିତା ଦାଶ ଇତ୍ୟାଦି ଯୋଗଦାନ କରିଥିଲେ। ଏକାଡେମୀର ସହ–ସଚିବ ସଞ୍ଜୟ କୁମାର ଛୁଆଳସିଂହ ଧନ୍ୟବାଦ ଅର୍ପଣ ଓ ବିପ୍ଳବୀ ଧରଣୀଧରଙ୍କ ମୁକ୍ତି ସଂଗ୍ରାମର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଆୟୋଜିତ କବିତା ପାଠୋତ୍ସବରେ ଇନ୍ଦୁମତୀ ପାତ୍ର, ଶୋଭନା ଜେନା, ବିଶ୍ୱନାଥ ଶତପଥୀଙ୍କ ସଂଯୋଜନାରେ କେନ୍ଦୁଝର ଏବଂ ଆଖପାଖ ଅଞ୍ଚଳରୁ ୧୫୦ରୁ ଊର୍ଦ୍ଧ୍ୱ କବୟିତ୍ରୀ, କବିମାନେ ଯୋଗଦାନ କରି କବିତା ପାଠ କରିଥିଲେ।

## ମହିଳାଙ୍କ ବେକରୁ ଚେନ ଝାମ୍ପିନେଲେ

**ଯୋଡ଼ା,୫।୫(ମାନସ ମହାନ୍ତି):** କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ଟାଟାଷ୍ଟିଲ ଡାକ୍ତରଖାନା ନିକଟ କ୍ୟାମ୍ପରେ ରବିବାର ସକାଳ ସମୟରେ ଜଣେ ମହିଳାଙ୍କ ବେକରୁ ଦୁର୍ବୃତ୍ତ ସୁନା ଚେନ୍ ଝାମ୍ପି ନେଇଛନ୍ତି। ଏ ନେଇ ଅଭିଯୋଗ ପରେ ଯୋଡ଼ା ପୋଲିସ ଏକ ମାମଲା(ନଂ.୧୧୦/୨୫)ରୁଜୁ କରି ତଦନ୍ତ କରୁଛି। ଅଭିଯୋଗ ଅନୁଯାୟୀ, କୁନ୍ଦୁରୁନାଲାଠାରେ ରହୁଥିବା ମହିଳା ଶୁଭାବତି ସିଂ ପ୍ରାତଃ ଭ୍ରମଣରେ ଯାଇଥିଲେ। ୟୁନିଟ୍ ୩୩ କ୍ୟାମ୍ପରେ ଚାଲି ଚାଲି ଯାଉଥିବା ବେଳେ ସକାଳ ପ୍ରାୟ ୬ଟା ୧୦ ରେ ୩ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ଆଗରେ ଠିଆ ହୋଇଥିଲା। ଜଣେ ବାଇକରୁ ଓହ୍ଲାଇ ସୁଭାବତିଙ୍କ ନିକଟକୁ ଆସି ସୁନା ଚେନଟି ଛିଡ଼ାଇ ୩ ଜଣ ସେଠାରେ ଚାଲିଯାଇଥିଲେ। ଶୁଭାବତି ଘରକୁ ଯାଇ ପୁଅଙ୍କୁ କହିବା ପରେ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ଘଟଣାସ୍ଥଳରେ ସିସି କ୍ୟାମେରା ଫୁଟେଜ୍ ଯାଞ୍ଚ କରି ତଦନ୍ତ କରୁଛି। ସୁନା ଚେନ୍‌ର ମୂଲ୍ୟ ପ୍ରାୟ ୯୦ ହଜାରରୁ ଏକ ଲକ୍ଷ ଟଙ୍କା ହେବ ବୋଲି ଅଭିଯୋଗ ହୋଇଛି।

## କାଳବୈଶାଖୀରେ ଉପୁଡ଼ିଲା ଗଛ

**ପାଟଣା,୫।୫(ବୀରକିଶୋର ଦାଶ):** କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଅଞ୍ଚଳରେ ସୋମବାର ପୂର୍ବାହ୍ନରେ କାଳବୈଶାଖୀ ପ୍ରଭାବରେ ଘଡ଼ଘଡି, ବର୍ଷା, ପବନ ହୋଇଥିଲା। ଫଳରେ ଏହି ବ୍ଲକ୍ ଚିନାମାଳିପଶି ପଞ୍ଚାୟତ ଘଟଗାଁର ନୂଆପଡ଼ା ମାଝିସାହି ନିକଟରେ ରାସ୍ତା ଉପରେ ଏକ ବିରାଟ ଚାକୁଣ୍ଡା ଗଛ ଓ ପଣସ ଗଛ ଉପୁଡ଼ି ପଡ଼ି ରାସ୍ତା ଅବରୋଧ ହୋଇଥିଲା। ଦୀର୍ଘ ସମୟ ଧରି ରାସ୍ତା ଉପରେ ଗଛପଡ଼ି ରହିବାରୁ ପାଟଣା ପାର୍ଶ୍ୱରୁ ଘଟଗାଁକୁ ଗମନଗମନ ବ୍ୟାଘାତ ହୋଇଥିଲା। ଅପରାହ୍ନ ୫ଟା ୩୦ରେ ଅଗ୍ନିଶମ କର୍ମଚାରୀ ଗଛ କାଟି ରାସ୍ତା ସଫା କରିଥିଲେ।

## ହାଣ୍ଡିଭଙ୍ଗାରେ ଘର ଭାଙ୍ଗିଲା ଦନ୍ତା

**କେନ୍ଦୁଝର,୫।୫(ନରେଶ ଚନ୍ଦ୍ର ପଟ୍ଟନାୟକ):** କେନ୍ଦୁଝର ସଦର ବ୍ଲକ୍ ହାଣ୍ଡିଭଙ୍ଗା ପଞ୍ଚାୟତ ହାଣ୍ଡିଭଙ୍ଗା ଗୋଡ଼ାସାହିରେ ଏକ ଦନ୍ତା ଘର ଭାଙ୍ଗିଛି। କାଣ୍ଡେ ମୁଣ୍ଡା ଓ ଅର୍ଜୁନ ନାଗଙ୍କ ଘର ଭାଙ୍ଗି ଧାନ ଚାଉଳ ଖାଇ ଜଙ୍ଗଲକୁ ପଳାଇ ଯାଇଥିବା ସାହି ଲୋକେ କହିଛନ୍ତି।

ପ୍ରକାଶ ଯେ, ରବିବାର ବିଳମ୍ବିତ ରାତିରେ ଦନ୍ତା ହାତୀ ଖପରାଖାଇ, ବଉଳମାଳ ଗ୍ରାମ ଦେଇ ହାଣ୍ଡିଭଙ୍ଗାଗ୍ରାମର ଗୋଡ଼ାସାହିକୁ ପ୍ରବେଶ କରିଥିଲା। ୨ ଜଣଙ୍କ ଘର ଭାଙ୍ଗି ଚାଉଳ, ଧାନ ଖାଇ ଜଙ୍ଗଲକୁ ପଳାଇଯାଇଛି। ବନ ବିଭାଗ ଏହି ଦନ୍ତା ହାତୀର ଗତି ବିଧି ଉପରେ ନଜର ନ ରଖିବା ଅତି ଦୁର୍ଭାଗ୍ୟର ବିଷୟ ବୋଲି ଗାଁ ଲୋକେ କହିଛନ୍ତି।

## ବିସ୍ଥାପିତଙ୍କ ସମସ୍ୟା ନେଇ ବିଧାୟକଙ୍କ ଉଦ୍‌ବେଗ



ସ୍ଥାନୀୟ ଲୋକଙ୍କ ସହ ବିଧାୟକ ଆଲୋଚନା କରୁଛନ୍ତି।

**ଚମ୍ପୁଆ,୫।୫(ମହେଶ୍ୱର ଦାସ):**

କାନପୁର ନଦୀବନ୍ଧ ଯୋଜନାରେ ବିସ୍ଥାପିତ ଲୋକଙ୍କ ସମସ୍ୟା ସମାଧାନ ପରିବର୍ତ୍ତେ ବଢୁଛି। ନିକଟ ଅତିତରେ ଚମ୍ପୁଆ ବିଧାୟକ ସନାତନ ମହାକୁଡ ବିଭିନ୍ନ ବିସ୍ଥାପିତ ଅଞ୍ଚଳ ପରିଦର୍ଶନ କରିବା ସହିତ ବିସ୍ଥାପିତମାନେ ମୌଳିକ ସମସ୍ୟାରୁ ବଞ୍ଚିତ ହୋଇଥିବାରୁ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିଶେଷ ଭାବରେ ପାନୀୟ ଜଳ, ରାସ୍ତା, ବିଦ୍ୟାଳୟ, ଖେଳପଡ଼ିଆ, ବିଦ୍ୟୁତ ଆଦିରେ ଅବହେଳିତ ଏହି ବିସ୍ଥାପିତମାନେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ବିସ୍ଥାପିତ କୋଲନୀ ପରିଦର୍ଶନ କରି ବିଧାୟକ ତାଙ୍କ ସମସ୍ୟା ଭିତରେ ପଚାରି ବୁଝିଥିବା ଦେଖିବାକୁ ମିଳିଥିଲା।

ସୂଚନା ଅନୁଯାୟୀ, ଚମ୍ପୁଆ ଉପଖଣ୍ଡର ବାସୁଦେବପୁର ନିକଟରେ ଦ୍ୱିତୀୟ ବୃହତମ କାନପୁର ନଦୀବନ୍ଧ ଯୋଜନା ପାଇଁ ଉକ୍ତ ସ୍ଥାନରେ ଥିବା ଲୋକଙ୍କୁ ବିସ୍ଥାପନ କରାଯାଇଛି। ସେ ସମୟରେ ଆବଶ୍ୟକ ସୁବିଧା ସୁଯୋଗ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ଫଳରେ ଚମକପୁର ପଞ୍ଚାୟତର ଅଧାରୁ ଅଧିକ ଗ୍ରାମବାସୀଙ୍କୁ ବିସ୍ଥାପିତ କରାଯାଇ ଆଙ୍ଗୁଳିଆ, ନାରଦପୁର, ଜଗନ୍ନାଥପୁର, ଶଙ୍କରପୁର, ଧୋବାକୁରୁଡା, ଉଡୁଆଁ, କଣ୍ଡରା ଆଦି ଅଞ୍ଚଳରେ ସ୍ଥାପିତ କରାଯାଇଥିଲା। ମାତ୍ର ବର୍ତ୍ତମାନ ସୁଧା ଅନେକ ବିସ୍ଥାପିତ କୋଲନୀରେ ଲୋକମାନେ ଉପରୋକ୍ତ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ଅନେକ ବିସ୍ଥାପିତ କୋଲନୀରେ ମିଳିଥିବା ସୁବିଧାଗୁଡ଼ିକ ଲୋକଙ୍କ ଆବଶ୍ୟକତା ମେଣ୍ଟାଇ ପାରୁନାହିଁ ବୋଲି ବିଧାୟକ ଅଭିଯୋଗ କରିଥିଲେ।

# ଆଶିଷ ବିଜେଡିର ଜିଲା ସଭାପତି

**କେନ୍ଦୁଝର,୫।୫(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର):**



କେନ୍ଦୁଝର ଜିଲାର ଯୁବନେତା ଆଶିଷ ଚକ୍ରବର୍ତ୍ତୀଙ୍କୁ ବିଜୁ ଜନତା ଦଳର ସଭାପତିଭାବେ ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ମନୋନୀତ କରିଛନ୍ତି। ଛାତ୍ର ରାଜନୀତିରୁ ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିବା ଆଶିଷ ଚକ୍ରବର୍ତ୍ତୀ ଜିଲା ଛାତ୍ର ଜନତା ଦଳ ସଭାପତିଭାବେ ସଂଗଠନ ଆରମ୍ଭ କରିଥିଲେ। ପରେ ଯୁବ ଜନତା ଦଳ ସଭାପତି ସହ ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ସହ ଜିଲା ସଭାପତି ଭାବରେ ଦାୟିତ୍ୱ ସମ୍ପାଦନ କରିଛନ୍ତି। ୨୦୧୭ରେ ତାଙ୍କ ସଭାପତିତ୍ୱ ସମୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହୋଇ ବିଜୁ ଜନତା ଦଳ ବିପୁଳ ଜନ ସମର୍ଥନ ହାସଲ କରିଥିଲା। ସେ କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ମଧ୍ୟ ରହିଥିଲେ। ଦୀର୍ଘ ସମୟ ଧରି ଜିଲା ଓକିଲ ସଙ୍ଘର ସଭାପତି ଦାୟିତ୍ୱ ନିର୍ବାହ କରିବା ସହିତ ଏବେ ଜିଲା ପରିଷଦ ସଦସ୍ୟ ରହିଛନ୍ତି। ଜଣେ ଓଜସ୍ୱିନୀ ବକ୍ତା ଓ ସଂଗଠକ ଭାବେ ତାଙ୍କର ସୁନାମ ରହିଥିବା ବେଳେ ତାଙ୍କୁ ପୁନର୍ବାର ଏହି ଦାୟିତ୍ୱ ମିଳିଥିବାରୁ ଜିଲାର ବିଜୁ ଜନତା ଦଳ କର୍ମୀମାନେ ଆନନ୍ଦ ପ୍ରକାଶ କରିଛନ୍ତି। ଏବେ କେନ୍ଦୁଝର ସଦର ନିର୍ବାଚନମଣ୍ଡଳୀର ବିଧାୟକ ମୋହନ ଚରଣ ମାଝୀ ରାଜ୍ୟର ମୁଖ୍ୟମନ୍ତ୍ରୀ ଅଛନ୍ତି। ଏହାକୁ ନେଇ ଭାରତୀୟ ଜନତା ପାର୍ଟିର କର୍ମୀମାନେ ଉତ୍ସାହିତ ଥିବା ବେଳେ ଏହି ନୂତନ ଦାୟିତ୍ୱ ଆଶିଷଙ୍କ ପାଇଁ ଅଗ୍ନି ପରୀକ୍ଷା ସଦୃଶ ହେବ। ତେବେ ଦଳକୁ ତୃଣମୂଳ ସ୍ତରରେ ସଂଗଠିତ କରିବା ସହିତ କର୍ମୀ ଓ ନେତାଙ୍କ ମଧ୍ୟରେ ସମନ୍ୱୟ ରଖାଯିବାକୁ ସେ ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଛନ୍ତି।

# ୨୦ ଜଣଙ୍କୁ ୨ ଥର ମାରିଛନ୍ତି

## ହରିଶ୍ଚନ୍ଦ୍ର ଯୋଜନାରେ ଦୁର୍ନୀତି

**ଆନନ୍ଦପୁର,୫।୫(ସୁଶାନ୍ତ କୁମାର ସାହୁ):**

କେନ୍ଦୁଝର ଜିଲା ଆନନ୍ଦପୁର ପୌରାଞ୍ଚଳରେ ହରିଶ୍ଚନ୍ଦ୍ର ଯୋଜନାରେ କେଳେଙ୍କାରି ହୋଇଛି। ଟଙ୍କା ଲୁଟିବା ପାଇଁ ୨୦ରୁ ଅଧିକ ଲୋକଙ୍କୁ ଦୁଇଥର ମୃତ ଦର୍ଶାଯାଇଛି। ୨୦୧୭ରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ସାମିଲ କରିବାକୁ ୨୦୧୯ରେ ମରିଥିବା ଦର୍ଶାଯାଇଛି। ଏଭଳି ଭାବେ ମନଇଚ୍ଛା ଟଙ୍କା ବଣ୍ଟାଯାଇଥିବା ପ୍ରଗତିଶୀଳ ମଞ୍ଚ ପକ୍ଷରୁ ଯଜ୍ଞ ପ୍ରସାଦ ସାହୁ ଅଭିଯୋଗ କରିଛନ୍ତି। ଦୁର୍ନୀତି ବିରୋଧରେ ରବିବାର ଘଷିପୁରାସ୍ଥିତ ହୋଟେଲ ଗାୟତ୍ରୀରେ ଏକ ଖବରଦାତା ସମ୍ମିଳନୀ କରି ପୂର୍ବର ବିଜେଡି ସରକାର ଉପରେ ବର୍ଷିବା ସହ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

ଅଭିଯୋଗ ମୁତାବକ, ୨୦୧୯ରେ ଆନନ୍ଦପୁର ପୌରାଞ୍ଚଳରେ ୯୪ ଜଣଙ୍କର ମୃତ୍ୟୁ ହୋଇଥିବା ଦର୍ଶାଇ ଜଣଙ୍କ ପ୍ରତି ୩ ହଜାର ହିସାବରେ ସମ୍ପର୍କୀୟଙ୍କୁ ମୋଟ ୨ ଲକ୍ଷ ୮୨ ହଜାର ଟଙ୍କା ପ୍ରଦାନ କରାଯାଇଛି। ଚଳିତ ବର୍ଷ ୯ ନମ୍ବର ୱାର୍ଡର ବାଣୀ ଦାସଙ୍କ ମୃତ୍ୟୁ ପରେ ଶବ ସତ୍କାର ପାଇଁ ତାଙ୍କ ପୁତ୍ର ପ୍ରାଣକୃଷ୍ଣ ଦାସଙ୍କୁ ୩ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ତେବେ ବାଣୀ ଦାସଙ୍କୁ ଆଉ ଥରେ ମୃତ ଦର୍ଶାଇ ତାଙ୍କ ବୋହୂ ରାଧିକା ଦାସଙ୍କୁ ମଧ୍ୟ ୩ ହଜାର ଟଙ୍କା ପ୍ରଦାନ କରାଯାଇଛି। ଅପରପକ୍ଷରେ ୧୪ ନମ୍ବର ୱାର୍ଡର ପ୍ରାଣବନ୍ଧୁ ସାହୁଙ୍କର ୨୦୧୭ ଜୁଲାଇ ୨୨ରେ ଅଟୋ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ହରିଶ୍ଚନ୍ଦ୍ର ସହାୟତା ପ୍ରଦାନ ଆଳରେ ମୃତକଙ୍କ ମୃତ୍ୟୁ ତାରିଖ ୨୦୧୯ ହୋଇଥିବା ଦର୍ଶାଇ ପୌର ପରିଷଦ ପକ୍ଷରୁ ୩ ହଜାର ଟଙ୍କା ପୁତ୍ର ବିରଞ୍ଚି ସାହୁଙ୍କୁ ପ୍ରଦାନ କରାଯାଇଥିବା ଆରଟିଆଇ ତଥ୍ୟ କହୁଛି। ସେହିଭଳି ସରକାରୀ ଖାତାରେ ୫ ନମ୍ବର ୱାର୍ଡର ସତ୍ୟଭାମା ଦାସଙ୍କ ୨ ଥର ଶ୍ମଶାନରେ ଶବ ଜଳିଛି। ପୁଅ ଦୀପକ ଦାସ ୨ ଥର ସହାୟତା ରାଶି ବାବଦକୁ ୬ ହଜାର ଟଙ୍କା ଗ୍ରହଣ କରିଥିବା ପୌର ପରିଷଦର ତଥ୍ୟ କହୁଛି। ୯ ନମ୍ବର ୱାର୍ଡର ବୁଦ୍ଧିଆ ସେଠୀଙ୍କର ୨୦୨୪ରେ ୨ଥର ମୃତ୍ୟୁ ହୋଇଛି। ଏହାକୁ ଦର୍ଶାଇ ବୋହୂ ରୀତା ସେଠୀଙ୍କୁ ୬ ହଜାର ଟଙ୍କା ପ୍ରଦାନ କରାଯାଇଛି। ୭ ନମ୍ବର ୱାର୍ଡ ଚନ୍ଦ୍ରମୋହନ ମୁଣ୍ଡାଙ୍କର ଜୁଇ ୨ ଥର ଜଳିଛି। ସ୍ତ୍ରୀ ବୁଧୁନି ମୁଣ୍ଡା ସହାୟତା ବାବଦକୁ ୬ ହଜାର ଟଙ୍କା ନେଇଥିବା ତଥ୍ୟ କହୁଛି। ପୌରାଞ୍ଚଳରେ ହରିଶ୍ଚନ୍ଦ୍ର ସହାୟତା ରାଶି ଲୁଟ ପାଇଁ ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଏଭଳି ଦୁଇ ଥର ଶ୍ମଶାନ ଜୁଇରେ ଶୁଆଇ ଦିଆଯାଇଛି। ଅନ୍ୟପକ୍ଷରେ ହିତାଧିକାରୀ ଟଙ୍କା ପାଇ ନ ଥିବା ଅଭିଯୋଗ କରିଛନ୍ତି। ସୋମବାର ଦିନ ୫ନଂ ୱାର୍ଡର ସତ୍ୟଭାମା ଦାସଙ୍କ ପୁଅ ଦୀପକ କୁମାର ଦାସ ବ୍ଲକ କାର୍ଯ୍ୟାଳୟରେ ହୋହଲ୍ଲା କରିଥିଲେ।

ଅନ୍ୟପକ୍ଷେ ୨୦୨୦ କରୋନା ସମୟରେ ୨୪ ଜଣଙ୍କୁ ଏହି ଯୋଜନାରେ ମୋଟ ୭୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ୨୦୨୧ରେ ମୃତ୍ୟୁସଂଖ୍ୟା ୧୨୩ ଦର୍ଶାଇ ୩ ଲକ୍ଷ ୬୯ ହଜାର ଟଙ୍କା ପ୍ରଦାନ କରାଯାଇଥିବା କୁହାଯାଇଛି। ୨୦୨୨ରେ ୧୦୭ ଜଣଙ୍କୁ ଏହି ଯୋଜନାରେ ସାମିଲ କରାଯାଇ ୩ ଲକ୍ଷ ୨୧ ହଜାର ଟଙ୍କା ସମ୍ପର୍କୀୟଙ୍କୁ ପ୍ରଦାନ କରାଯାଇଛି। ସେହିପରି ୨୦୨୩ରେ ୧୫୧ ଜଣଙ୍କୁ ୫ ଲକ୍ଷ ୬୨ ହଜାର ସହାୟତା ରାଶି ପ୍ରଦାନ କରାଯାଇଥିଲା। ୨୦୨୪ରେ ୧୬୩ ଜଣ ମୃତକଙ୍କୁ ଏହି ଯୋଜନାରେ ସାମିଲ କରାଇ ଶବ ସତ୍କାର ପାଇଁ ୬ ଲକ୍ଷ ୫୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଆଶ୍ଚର୍ଯ୍ୟର କଥା, ଅନେକ ମୃତକଙ୍କ ପାଇଁ ହରିଶ୍ଚନ୍ଦ୍ର ସହାୟତା ରାଶି ଗ୍ରହଣ କରିଥିବା ହିତାଧିକାରୀଙ୍କ ନାମ ଓ ୱାର୍ଡ ସଂଖ୍ୟା ଉଲ୍ଲେଖ ନ କରି ଅର୍ଥ ହଡ଼ପ କରାଯାଇଥିବା ସାମାଜିକ କର୍ମୀ ହିମାଂଶୁ ଶେଖର ନାୟକ ଅଭିଯୋଗ କରିଛନ୍ତି। ଏହି ଆର୍ଥିକ କେଳେଙ୍କାରିର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଯଜ୍ଞ ପ୍ରସାଦ ସାହୁ ଓ ହିମାଂଶୁ ଶେଖର ନାୟକ ଦାବି କରିଛନ୍ତି।

## ମାଟ୍ରିକ୍ ପରୀକ୍ଷାରେ ସରସ୍ୱତୀ ବିଦ୍ୟାମନ୍ଦିରର ସଫଳତା

**ଯୋଡ଼ା,୫।୫(ମାନସ ମହାନ୍ତି):** କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ତଥା ସହରସ୍ଥିତ କୁନ୍ଦୁରୁନାଲା ସରସ୍ୱତୀ ବିଦ୍ୟାମନ୍ଦିରର ୩ ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷାରେ ଏ–୧ ଗ୍ରେଡ୍‌ରେ ପାସ କରିଛନ୍ତି। ଛାତ୍ରୀ ଅସ୍ମିତା ପୃଷ୍ଟି ସର୍ବାଧିକ ୫୬୦ ନମ୍ବର (୯୩.୩୩ ପ୍ରତିଶତ) ରଖି ବିଦ୍ୟାଳୟ ତଥା ବ୍ଲକ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଅଂଶୁମାନ ମହାନ୍ତ ୫୫୨(୯୨ ପ୍ରତିଶତ) ରଖି ଦ୍ୱିତୀୟ, ଛାତ୍ରୀ ଶ୍ରେୟା ସାଲିନି ମହାନ୍ତି ୫୪୩(୯୦ପ୍ରତିଶତ) ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି। ଛାତ୍ରୀଛାତ୍ରଙ୍କ ସଫଳତା ପାଇଁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଭଗବାନ ବର୍ଦ୍ଧନ, ଆଚାର୍ଯ୍ୟା ସଂଯୁକ୍ତା ମହାନ୍ତ, ବରିଷ୍ଠ ଆଚାର୍ଯ୍ୟ ଦୀନବନ୍ଧୁ ମହାନ୍ତ, ପାରେଶ୍ୱର ପ୍ରଧାନ, ପବିତ୍ର ମୋହନ ଜେନା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।



ଏକ ସମୟରେ ମନୁଷ୍ୟ ପାଇଁ ପାପବୋଧ ଦରକାର ଥିଲା । ତା’ଫଳରେ ତା’ର ନିଜକୃତ ଦୋଷତ୍ରୁଟି ଉପରେ ଘୃଣା ଆସେ । ଏହା ଯେପରି ମଣିଷର ଅହଂକାର ଉପରେ ଭଗବାନଙ୍କର ସମାର୍ଜନୀ ! କିନ୍ତୁ ଭଗବାନଙ୍କର ଏହି କୌଶଳଟିର ବିରୁଦ୍ଧରେ ମଣିଷ ଅହଂକାର ସ୍ଥାପନ କଲେ, ନିଜ ପାପ ସମ୍ବନ୍ଧେ ବୋଧ କମିଯାଏ ଓ ଅନ୍ୟର ପାପ ସମ୍ବନ୍ଧେ ବୋଧ ବଢ଼ିଯାଏ । **–ଶ୍ରୀଅରବିନ୍ଦ**



# ହୁତିଙ୍କ ମାଡ଼

ଇରାନ୍ ସମର୍ଥିତ ୟେମେନ୍‌ର ହୁତି ଉଗ୍ରବାଦୀମାନେ ମେ ୪ ତାରିଖରେ ଇସ୍ରାଏଲର ବୃହତ୍ତମ ସହର ତେଲ୍ ଆଭିଭ୍‌ର ବେନ୍ ଗୁରିଅନ୍ ଏୟାରପୋର୍ଟ ନିକଟରେ ବାଲାଷ୍ଟିକ ମିଶାଇଲ ମାଡ଼ କରିଛନ୍ତି। ଏହି ମିଶାଇଲ ଇସ୍ରାଏଲର ୪ ସ୍ତରୀୟ ଏୟାର ଡିଫେନ୍ସ ସିଷ୍ଟମକୁ ଭେଦ କରି ଲକ୍ଷ୍ୟରେ ପହଞ୍ଚିଥିବାରୁ ସେଠାରେ ୨୦ ଫୁଟିଆ ଗର୍ତ୍ତ ସୃଷ୍ଟି ହୋଇଛି। ଏପରି କି ପ୍ରଥମ ଥର ପାଇଁ ଇସ୍ରାଏଲର ଆରୋ ହେଜ୍ ଏବଂ ଆମେରିକାର ଥାଡ୍ ଏୟାର ଡିଫେନ୍ସ ସିଷ୍ଟମକୁ ଚକ୍‌ମା ଦେଇଛି ହୁତିର ବାଲାଷ୍ଟିକ ମିଶାଇଲ। ଏହି ଆକ୍ରମଣ ପରେ ବେନ୍ ଗୁରିଅନ୍ ଏୟାରପୋର୍ଟକୁ ସମସ୍ତ ବିମାନ ସେବା ବନ୍ଦ କରାଯାଇଛି। ସୂଚନା ଦିଆଯାଇପାରେ ଯେ ଏୟାର ଇଣ୍ଡିଆର ବିମାନ ତେଲ ଆଭିଭ୍‌ରେ ଅବତରଣ କରିବାର ଏକ ଘଣ୍ଟାର କମ୍ ସମୟ ପୂର୍ବରୁ ହୁତି ଆକ୍ରମଣ କରିଥିଲା। ଫଳରେ ସମ୍ପୃକ୍ତ ବିମାନକୁ ଆବୁଧାବୀକୁ ନିଆଯାଇଥିଲା। ତେବେ ଏଭଳି ଆକ୍ରମଣ ସୂଚିତ କରିଛି, ଉଗ୍ରବାଦୀମାନେ ଅଧିକ କ୍ଷମତାସମ୍ପନ୍ନ ମିଶାଇଲର ଅଧିକାରୀ ହୋଇଗଲେଣି। ପୂର୍ବରୁ ସେମାନେ ଡ୍ରୋନ୍ ବ୍ୟବହାର କରିବା ଦେଖାଯାଇଛି। ଏବର ମିଶାଇଲ ଆକ୍ରମଣ ଏକ ଚିନ୍ତାଜନକ ବିଷୟ। ଅନେକ ଥର ଆମେରିକା ସମେତ ନାଟୋର ସାମରିକ କାର୍ଯ୍ୟାନୁଷ୍ଠାନ ହୁତିଙ୍କୁ ଉଗ୍ରବାଦରୁ କ୍ଷାନ୍ତ କରିପାରିନାହିଁ। ଉଲ୍ଲେଖଯୋଗ୍ୟ, ୧୯୯୦ ଦଶକରେ ହୁସେନ-ଅଲ୍-ହୁତିଙ୍କ ଦ୍ୱାରା ଗଠିତ ଏହି ସଂଗଠନର ନେତୃତ୍ୱ ସେହି ପରିବାର ନେଇଆସୁଛି। ଏବେ ତାହାର ନେତୃତ୍ୱରେ ଅଛନ୍ତି ଅବଦୁଲ ମଲିକ ଅଲ୍ ହୁତି। ଏହା ୟେମେନ୍ ସରକାରଙ୍କ ଦୁର୍ନୀତି ଓ ସେଠାରେ ପାଶ୍ଚାତ୍ୟର ପ୍ରଭାବକୁ ବିରୋଧ କରିଆସୁଛି ଏବଂ ସ୍ଥଳବିଶେଷରେ ଗୃହଯୁଦ୍ଧ ସ୍ଥିତି ସୃଷ୍ଟି କରିଛି। ହୁତି ଆମେରିକା ଓ ଇସ୍ରାଏଲର ଦୃଢ଼ ବିରୋଧୀ ଭାବେ ଜଣାଶୁଣା।

୭ ଅକ୍ଟୋବର ୨୦୨୩ରେ ପାଲେଷ୍ଟାଇନ୍‌ର ହମାସ ଉଗ୍ରବାଦୀମାନେ ଇସ୍ରାଏଲ ଉପରେ ଆକ୍ରମଣ କରିଥିଲେ। ସେମାନେ ବିଦେଶୀଙ୍କ ସମେତ ପାଖାପାଖି ୧୨୦୦ ଲୋକଙ୍କୁ ହତ୍ୟା କରିବା ପରେ ସେହିଦିନ ଇସ୍ରାଏଲ ହମାସ ଉପରେ ପ୍ରତିଆକ୍ରମଣ ଆରମ୍ଭ କରିଦେଇଥିଲା। ଅଢ଼େଇ ବର୍ଷରୁ ଅଧିକ ହେବ ଲାଗି ରହିଥିବା ଏହି ଯୁଦ୍ଧରେ ୫୦ ହଜାରରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟ ଓ ୧,୭୦୦ରୁ ଅଧିକ ଇସ୍ରାଏଲୀଙ୍କ ମୃତ୍ୟୁ ଘଟିଲାଣି। ପ୍ରାରମ୍ଭିକ ସ୍ତରରେ ଇସ୍ରାଏଲ ଓ ହମାସ ଯୁଦ୍ଧରେ ହୁତି ପ୍ରତିକ୍ରିୟା ପ୍ରକାଶ କରି ଲୋହିତସାଗରରେ ଇସ୍ରାଏଲକୁ ଆସୁଥିବା ଜାହାଜଗୁଡ଼ିକୁ ରକେଟ ଆକ୍ରମଣ କରିଥିଲା ଏବଂ ଏବେ ସୁଦ୍ଧା ତାହା ଜାରି ରଖିଛି। ହୁତିର କାର୍ଯ୍ୟକଳାପ ସାମ୍ନାକୁ ଆସିବା ପରେ ଲେବାନନର ହେଜ୍‌ବୁଲ୍ଲା ଉଗ୍ରବାଦୀମାନେ ହମାସ ସପକ୍ଷରେ ସମର୍ଥନ ଘୋଷଣା କରି ଇସ୍ରାଏଲକୁ ଶତ୍ରୁ ଦୃଷ୍ଟିରେ ଦେଖିଚାଲିଛି। ଫଳରେ ଇସ୍ରାଏଲ ହିଜ୍‌ବୁଲ୍ଲା ଉପରେ କଠୋର ସାମରିକ କାର୍ଯ୍ୟାନୁଷ୍ଠାନ ନେଇଛି। ଦେଖିବାକୁ ଗଲେ ଏହିସବୁ ଉଗ୍ରବାଦୀ ଗୋଷ୍ଠୀଙ୍କୁ ଇରାନ ଆର୍ଥିକ ଓ ସାମରିକ ସହଯୋଗ କରିଆସୁଛି। ଏହାକୁ କେନ୍ଦ୍ରକରି ଇସ୍ରାଏଲ ଏବଂ ଇରାନ୍ ଅନେକ ସମୟରେ ମୁହାଁମୁହିଁ ହେଉଛନ୍ତି। ତେବେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଜାନୁଆରୀ ୨୦୨୫ରେ ପୁନଃକ୍ଷମତାକୁ ଆସିବା ପରେ ତାଙ୍କ ପ୍ରଶାସନର ହସ୍ତକ୍ଷେପ ଯୋଗୁ ଯୁଦ୍ଧବିରତି ସହ ଇସ୍ରାଏଲୀ ପଣବନ୍ଦୀ ଓ ହମାସ ଯୁଦ୍ଧବନ୍ଦୀ ପ୍ରତ୍ୟର୍ପଣ କିଛିଦିନ ଚାଲିଲା। ଆଶା କରାଯାଇଥିଲା ମଧ୍ୟପ୍ରାଚ୍ୟ ଶାନ୍ତ ପଡ଼ିଯିବ କିନ୍ତୁ ତାହା ହେଲା ନାହିଁ। ବୁଝାମଣା ବିଫଳ ହେଲା ଓ ଦୁଇମାସର ଅସ୍ତ୍ରବିରତି ପରେ ମାର୍ଚ୍ଚରୁ ପୁନର୍ବାର ଇସ୍ରାଏଲ ହମାସ ଉପରେ ଆକ୍ରମଣ କରିଦେଲା। ତେବେ ହୁତିର ଏବକାର ମିଶାଇଲ ଆକ୍ରମଣ ପରେ ଏକ ନୂଆ ଦିଗ ବାହାରିଲାଣି। କେବଳ ଇସ୍ରାଏଲ ଏବଂ ହମାସ ମଧ୍ୟରେ ସୀମିତ ରହିବା ପରିବର୍ତ୍ତେ ଏହି ଯୁଦ୍ଧ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ନେଇଛି ; ଯାହା ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଅନ୍ୟ ଦେଶଗୁଡ଼ିକ ପ୍ରତି ବିପଦ ସୃଷ୍ଟି କରିଛି। ଡୋନାଲ୍ଡ ଟ୍ରମ୍ପ୍‌ଙ୍କର ହମାସକୁ ଦେଇଥିବା ଧମକର କୌଣସି ପ୍ରତିକ୍ରିୟା ପ୍ରକାଶ ପାଇଲା ନାହିଁ। ଟ୍ରମ୍ପ୍ ବିବୃତି ଦେଇ ହମାସକୁ ୪୮ ଘଣ୍ଟା ମଧ୍ୟରେ ସବୁ ପଣବନ୍ଦୀଙ୍କୁ ମୁକ୍ତ କରିଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତତ୍‌ସହିତ ମାର୍ଚ୍ଚ ୬ ତାରିଖରେ କହିଥିଲେ, ଯଦି ହମାସ ତାଙ୍କ କଥା ନ ଶୁଣେ ତେବେ ସବୁକିଛି ଧ୍ୱଂସ କରିଦେବେ। ହମାସ ଗାଲୁଆମି କରି ଟ୍ରମ୍ପ୍‌ଙ୍କ ଧମକକୁ ପାଣିରେ ଗାର ଭାବେ ପ୍ରମାଣ କରିଦେଲାଣି। ସେଭଳି ପରିସ୍ଥିତିରେ ଆମେରିକା ତାହାର ଭାବମୂର୍ତ୍ତି ସମ୍ପୂର୍ଣ୍ଣ ଭାବେ ହରାଇ ସାରିଲାଣି। ମନେହୁଏ, ପୃଥିବୀରେ ଏକ ନୂଆ ପର୍ଯ୍ୟାୟ ସୃଷ୍ଟି ହେବାର ଏହା ପ୍ରଥମ ଲକ୍ଷଣ । ଏଥିରେ ଭାରତ ଭଳି ଦେଶର ଗୁରୁତ୍ୱ ଓ ଭୂମିକା ଆହୁରି ଅଧିକ ଗୌଣ ହେବାର ସମ୍ଭାବନା ସ୍ପଷ୍ଟ ଜଣାପଡୁଛି।

# ପ୍ରତିକାର ଛାଟ

ପର୍ବତାରୋହଣ ଦୁଃସାହସିକ କ୍ରୀଡ଼ା ପର୍ଯ୍ୟାୟଭୁକ୍ତ। କିନ୍ତୁ ସେଥିରେ ପ୍ରତିଦ୍ୱନ୍ଦ୍ୱିତା ଶୀର୍ଷ ଛୁଇଁଥିବାରୁ ଗିରିଶୃଙ୍ଗରେ ପହଞ୍ଚିବାର ରୋମାଞ୍ଚ ପୂର୍ବଭଳି ଆକର୍ଷଣ ସୃଷ୍ଟି କରୁନାହିଁ। ବରଂ ଏହା ଅନେକ ଅନଭିଜ୍ଞଙ୍କ କୋଳାହଳ ଯୋଗୁ ଏକ ଫ୍ୟାଶନ ପାଲଟି ଯାଇଛି। କେବଳ ସେତିକିରେ ଅଟକି ଯାଉନାହିଁ ଯାତ୍ରା। ଠିକ୍ ପ୍ରଶିକ୍ଷିତ ହୋଇ ନ ଥିବା ବହୁ ପର୍ବତ ଚଢ଼ାଳିଙ୍କୁ ଉପରକୁ ଉଠିବା ପାଇଁ ଅନୁମତି ଦିଆଯାଉଥିବାରୁ ଅନେକ ଦୁର୍ଘଟଣା ଘଟୁଛି ଓ ସ୍ଥଳବିଶେଷରେ ସେମାନଙ୍କ ସୁରକ୍ଷା ପ୍ରଶ୍ନବାଚୀରେ ରହିଲାଣି। ଏ ସବୁକୁ ଦେଖି ନେପାଳ ସରକାର ପୃଥିବୀର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଭରେଷ୍ଟ ଚଢ଼ିବା ନିୟମକୁ କଡ଼ା କରିବାକୁ ଯାଉଛନ୍ତି। ମିଳିଥିବା ଖବର ଅନୁଯାୟୀ ହିମାଳୟବ୍ୟାପ୍ତ ଦେଶରେ ଥିବା କୌଣସି ଗିରିଶୃଙ୍ଗରେ ପୂର୍ବରୁ ୭ ହଜାର ମିଟର ବା ୨୨ ହଜାର ୯୬୫ ଫୁଟ ଚଢ଼ିବାର ଅଭିଜ୍ଞତା ରଖିଥିବା ପର୍ବତାରୋହୀଙ୍କୁ ଏଭରେଷ୍ଟ ଯିବାର ସୁଯୋଗ ମିଳିବ। ଉଲ୍ଲେଖଯୋଗ୍ୟ, ଏଭରେଷ୍ଟର ଉଚ୍ଚତା ୮ ହଜାର ୮୪୮ ମିଟର ବା ୨୯,୦୩୨ ଫୁଟ। ଏଥିସହିତ ଗାଇଡ୍ ବା ସେର୍ପାମାନେ ନେପାଳୀ ନାଗରିକ ହୋଇଥିବା ବାଞ୍ଛନୀୟ। ନେପାଳ ସରକାର ଏଭଳି ଚିଠା ଆଇନ ପ୍ରସ୍ତୁତ କରିବା ପଛରେ ରହିଛି ଏଭରେଷ୍ଟରେ ଗହଳି ହ୍ରାସ ଓ ସୁରକ୍ଷା ଦିଗକୁ ଧ୍ୟାନଦେବା। ସୂଚନା ଦିଆଯାଇପାରେ ଯେ ୨୦୨୩ରେ ଏଭରେଷ୍ଟ ଚଢ଼ାଳିଙ୍କ ମଧ୍ୟରୁ ୧୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫ ଜଣ ନିଖୋଜ ହୋଇଥିଲେ। ଗତବର୍ଷ ମଧ୍ୟ ୮ ଜଣ ପର୍ବତାରୋହୀଙ୍କ ମୃତ୍ୟୁ ଘଟିଥିଲା।

ନେପାଳ ସରକାର ଆଣିବାକୁ ଯାଉଥିବା ନୂଆ ଆଇନ ଆଉ ଗୋଟେ ଦୃଷ୍ଟିରୁ ପରିବେଶ ଅନୁକୂଳ ହେବ ବୋଲି କୁହାଯାଇପାରେ। ଅନେକ ପର୍ବତାରୋହୀଙ୍କୁ ଚଢ଼ିବା ଲାଗି ଅନୁମତି ଦିଆଯିବା ପଛରେ ଅଧିକ ଅର୍ଥ ଉପାର୍ଜନର ଚିନ୍ତା ରହିଛି। କାରଣ ଯେଉଁମାନେ ପର୍ବତ ଚଢ଼ନ୍ତି ସେମାନଙ୍କୁ ଅନୁମତି ପାଇବା ନିମନ୍ତେ ଋତୁକାଳୀନ ସ୍ଥିରୀକୃତ ଆମେରିକୀୟ ଡଲାର ଦେବାକୁ ପଡ଼ିଥାଏ, ଯାହା ନେପାଳ ସରକାରଙ୍କ ପାଖକୁ ଯାଇଥାଏ। ତେବେ ଯେଉଁଭଳି ହାରରେ ଚଢ଼ାଳିଙ୍କ ସଂଖ୍ୟା ବଢ଼ିଛି, ତାହା ଦ୍ୱାରା ସେହି ଅଞ୍ଚଳ ଦିନକୁ ଦିନ ଅଧିକ ପ୍ରଦୂଷିତ ହେବାରେ ଲାଗିଛି। ଗଦାଗଦା ପ୍ଲାଷ୍ଟିକ୍ ବର୍ଜ୍ୟ ଯୋଗୁ ହିମାଳୟର ଏହି ଅଞ୍ଚଳରୁ ଜନ୍ମ ନେଇଥିବା ଅନେକ ନଦୀର ଜଳ ମଧ୍ୟ ଦୂଷିତ ହେଉଛି। ଏଥିସହିତ ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ମାଟି ମଧ୍ୟ ପ୍ରଦୂଷିତ ହେବାରେ ଲାଗିଛି। କହିବାକୁ ଗଲେ ବିସ୍ତୃତ ହିମାଳୟ ଆସ୍ତେ ଆସ୍ତେ ଜୈବ ବିବିଧତା ହରାଉଛି। ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନର ପ୍ରଭାବ ପୃଥିବୀର ପ୍ରତ୍ୟେକ ବ୍ୟକ୍ତି ସିଧାସଳଖ ଅନୁଭବ କରୁଥିବା ବେଳେ ଜୈବ ବିବିଧତାର ଗନ୍ତାଘର ଭାବେ ଦଣ୍ଡାୟମାନ ହିମାଳୟ ଭଳି ମେରୁ ପ୍ରଦୂଷଣ ଯୋଗୁ ଦୋହଲି ଗଲେ ବିପଦ ଆଗକୁ ଆହୁରି ବଡ଼ ରୂପ ଧାରଣ କରିବ। ନେପାଳ ସରକାର ପର୍ବତାରୋହୀଙ୍କ ପାଇଁ କରିଥିବା କଡ଼ା ନିୟମକୁ ପ୍ରତିକାରର ଏକ ଛାଟ ରୂପେ ବିବେଚନା କରାଯାଉ।

# କାରାଗାର ଏବେ ଅଣନିଃଶ୍ୱାସୀ



ସୁକାନ୍ତ କୁମାର ପଟେଲ

ଭାରତୀୟ କାରାଗାରଗୁଡିକ ଏବେ ଅଣନିଶ୍ୱାସୀ। ଏହା ହିଁ ବାସ୍ତବତା, ଯାହା ସରକାରୀ ତଥ୍ୟ ଉପରେ ପର୍ଯ୍ୟବସିତ। ଆମ ଦେଶରେ ଜନସଂଖ୍ୟା ବୃଦ୍ଧି ଅନୁସାରେ ଅପରାଧୀଙ୍କ ସଂଖ୍ୟା ବଢୁଛି। ବିଡମ୍ବନାର ବିଷୟ, ସେହି ଅନୁସାରେ କାରାଗାର ସଂଖ୍ୟା କିମ୍ବା ଏହାର ଅନ୍ତେବାସୀ ଆସନ କ୍ଷମତା ବୃଦ୍ଧି ଘଟୁନାହିଁ। ଭାରତରେ ମୋଟ ୧୩୮୨ କାରାଗାର ଥିବାବେଳେ ଏହାର ଅଧାରୁ ଅଧିକରେ ଆସନ କ୍ଷମତାଠାରୁ ଅଧିକ କଏଦୀ ଅଛନ୍ତି। ଅନେକରେ ଏହାର ଚାରିଗୁଣ ଅଧିକ କଏଦୀ ରହୁଛନ୍ତି। ଦେଶର ସବୁଠାରୁ ବଡ଼ କାରାଗାର ‘ତିହାର’ରେ ଏହାର କ୍ଷମତାଠାରୁ ୮ ଗୁଣ ଅଧିକ କଏଦୀ ରହିଛନ୍ତି। ନିକଟରେ ପ୍ରକାଶିତ ‘ଇଣ୍ଡିଆ ଜଷ୍ଟିସ ରିପୋର୍ଟ’ ଅଥବା ଭାରତୀୟ ନ୍ୟାୟ ରିପୋର୍ଟ ଅନୁସାରେ ମୋଟ ୧୩୮୨ କାରାଗାର ମଧ୍ୟରୁ ୧୭୬ଟିରେ ୪ଗୁଣ ଅଧିକ କଏଦୀ ଅଛନ୍ତି। ଏହି ରିପୋର୍ଟ ମୁତାବକ ଜାତୀୟ ସ୍ତରରେ ଧାର୍ଯ୍ୟ କ୍ଷମତାଠାରୁ ୧୩୧ ପ୍ରତିଶତ ଅଧିକ କଏଦୀ କାରାଗାରଗୁଡ଼ିକରେ ରହୁଛନ୍ତି। ଆହୁରି ମଧ୍ୟ ୩୪ କାରାଗାରରେ ୨୫୦ରୁ ଅଧିକ ଏବଂ ୮୫ କାରାଗାରରେ ୨୦୦ ପ୍ରତିଶତରୁ ଅଧିକ କଏଦୀ ରହିଛନ୍ତି।

କାରାଗାର ଗହଳି କ୍ଷେତ୍ରରେ ଉତ୍ତରପ୍ରଦେଶ ଆଗୁଆ ଏବଂ ଏହାର ୧୮ଟି କାରାଗାର ମଧ୍ୟରୁ କେବଳ ମୋରାଦାବାଦରେ କଏଦୀଙ୍କ ସଂଖ୍ୟା ୪୯୭ ପ୍ରତିଶତ ଅଧିକ। ଦିଲ୍ଲୀର ‘ତିହାର’ର ଦୁଇଟି କାରାଗାରରେ ଯଥାକ୍ରମେ ୪୧୧ ଏବଂ ୪୬୭ ପ୍ରତିଶତ ଅଧିକ କଏଦୀ ଅଛନ୍ତି। ତେବେ କାରାଗାରଗୁଡିକ ଅଣନିଃଶ୍ୱାସୀ ହେବାର ଏକମାତ୍ର କାରଣ ହେଉଛି ବିଚାରାଧୀନ କଏଦୀଙ୍କ ଦୀର୍ଘ ଅବସ୍ଥାନ। ରିପୋର୍ଟ ଅନୁଯାୟୀ ପ୍ରାୟ ୭୬ ପ୍ରତିଶତ କଏଦୀଙ୍କ ଦୀର୍ଘ ଅବସ୍ଥାନ ଯୋଗୁ କାରାଗାରଗୁଡିକରେ ଅଯଥା ଭିଡ଼ ଦେଖାଦେଇଛି। ବିଗତ ଏକ ଦଶନ୍ଧି ଅର୍ଥାତ୍ ୨୦୧୨ରୁ ୨୦୨୨ ମଧ୍ୟରେ କାରାଗାର କ୍ଷମତା ୨୭ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ କଏଦୀଙ୍କ ସଂଖ୍ୟା ୪୮ ପ୍ରତିଶତ ବୃଦ୍ଧି ପାଇଥିଲା। ଏଥିମଧ୍ୟରୁ ବିଚାରାଧୀନ କଏଦୀଙ୍କ ସଂଖ୍ୟା ପ୍ରାୟ ୬୬ରୁ ୭୬ପ୍ରତିଶତ ବୃଦ୍ଧି ଘଟିଛି। ସୂଚନାଯୋଗ୍ୟ ଯେ ଦିଲ୍ଲୀର କାରାଗାରଗୁଡିକରେ ଏହି ବିଚାରାଧୀନ କଏଦୀଙ୍କ ସଂଖ୍ୟା ପ୍ରାୟ ୯୧ ପ୍ରତିଶତ। ସଂଖ୍ୟାଧିକ କଏଦୀଙ୍କ ପାଇଁ ରାଜକୋଷ ଉପରେ ଅତିରିକ୍ତ ବୋଝ ପଡୁଛି ଏବଂ ପ୍ରତିବର୍ଷ ବଜେଟରେ କାରାଗାର ବାବଦ ବ୍ୟୟ ଅଟକଳ ବୃଦ୍ଧି ପାଉଛି। ପ୍ରତି କଏଦୀଙ୍କ ମୁଣ୍ଡପିଛା ଖର୍ଚ୍ଚ ୬୨ ଟଙ୍କାରୁ



୧୨୧ ଟଙ୍କା ଅର୍ଥାତ୍ ୯୬ ପ୍ରତିଶତ ବୃଦ୍ଧି ଘଟିଛି। ସେହି ହିସାବରେ ପୂର୍ବ ଦଶନ୍ଧି ତୁଳନାରେ ବ୍ୟୟ ଅଟକଳ ୧୫୬ରୁ ୧୯୨ ପ୍ରତିଶତକୁ ବୃଦ୍ଧିପାଇଛି।

ପ୍ରାୟ ୫୦ ପ୍ରତିଶତ ରାଜ୍ୟରେ ସର୍ବାଧିକ ମାମଲା ତିନି ବର୍ଷରୁ ଅଧିକ ସମୟ ଧରି ବିଚାରାଧୀନ ରହିଛି। ଉଦାହରଣ ସ୍ୱରୂପ ବିହାରରେ ବିଭିନ୍ନ ଅଦାଲତରେ ୭୧ ପ୍ରତିଶତ ମାମଲା ପଡ଼ି ରହିଥିବା ବେଳେ ଏହା ପଛକୁ ଅଛି ପଶ୍ଚିମବଙ୍ଗ ଏବଂ ଓଡ଼ିଶା। ଅଧିକନ୍ତୁ ପଞ୍ଜାବ, ଛତିଶଗଡ, ଉତ୍ତରାଖଣ୍ଡ ଏବଂ ହରିୟାଣାରେ ଏହି ସଂଖ୍ୟା ଅପେକ୍ଷାକୃତ ଭାବେ କମ୍ ରହିଛି। ନ୍ୟାୟପାଳିକାରେ ନ୍ୟାୟ ପ୍ରଦାନରେ କଚ୍ଛପ ଗତି ଯୋଗୁ ଆଜିର ଏ ପ୍ରକାର ଅବସ୍ଥା। ବିଶେଷକରି ବିଚାରାଧୀନ କଏଦୀଙ୍କ ସଂଖ୍ୟା ଅସମ୍ଭବ ଭାବେ ବୃଦ୍ଧିପାଉଛି। କାରାଗାର ସଂଶୋଧନ କମିଟି ରିପୋର୍ଟ ଅନୁଯାୟୀ ୬୮ ପ୍ରତିଶତ କଏଦୀ ଭଲଭାବେ ଶୋଇପାରୁଥିବା ବେଳେ ଅବଶିଷ୍ଟ କଏଦୀଙ୍କ ନିମନ୍ତେ ଉପଯୁକ୍ତ ସ୍ଥାନାଭାବ ରହିଛି।

ସୀମିତ ନ୍ୟାୟିକ ସହାୟତା ସହ ବିଚାରପତିଙ୍କ ସଂଖ୍ୟା କମ୍ ଥିବାରୁ ମାମଲା ଫଇସଲା ପ୍ରକ୍ରିୟାରେ ଅତିଶୟ ବିଳମ୍ବ ଘଟୁଛି। ଯଦି ଭାରତର ଜନସଂଖ୍ୟା ୧୪୦ କୋଟି ଥିବାବେଳେ ବିଚାରପତିଙ୍କ ସଂଖ୍ୟା ୨୧,୨୮୫। ଅର୍ଥାତ୍ ପ୍ରତି ୧୦ ଲକ୍ଷ ଜନସଂଖ୍ୟାରେ ମାତ୍ର ୧୫ ଜଣ ବିଚାରପତି। ବିଚାରପ୍ରକ୍ରିୟା ତ୍ୱରାନ୍ୱିତ ନ ହେଲେ କାରାଗାରଗୁଡ଼ିକର ଅବସ୍ଥା ସାଂଘାତିକ ହେବ ଏଥିରେ ଆଦୌ ସନ୍ଦେହ ନାହିଁ। ଭାରତୀୟ ନ୍ୟାୟ ରିପୋର୍ଟ–୨୦୨୫ ଅନୁସାରେ ୨୦୨୨ ସୁଦ୍ଧା ୪ ଲକ୍ଷ ୩୬ ହଜାର କଏଦୀ ରହିବା ନିମନ୍ତେ ଉଦ୍ଦିଷ୍ଟ କାରାଗାରଗୁଡ଼ିକରେ ୫ ଲକ୍ଷ ୭୩ ହଜାର କଏଦୀ ରହିଥିଲେ। ବିଶେଷଜ୍ଞମାନଙ୍କ ଆକଳନ ଅନୁସାରେ ଏହି ହାରରେ ୨୦୩୦ ସୁଦ୍ଧା ଆମ ଦେଶରେ ମୋଟ କଏଦୀଙ୍କ ସଂଖ୍ୟା ୬ ଲକ୍ଷ ୬୦ ହଜାର ପର୍ଯ୍ୟନ୍ତ ପହଞ୍ଚି ଯାଇପାରେ।

ସାଧାରଣତଃ ସ୍ଥାନ, କାଳ, ପରିସ୍ଥିତି, ଭାବନାତ୍ମକ ଉଦ୍‌ବେଗ ଏବଂ ଆପରାଧିକ ମନୋବୃତ୍ତି ଯୋଗୁ ଜଣେ ଅପରାଧ ଜଗତରେ ପାଦ ଥାପି ଅପରାଧୀ ହୋଇ କାରାଗାରରେ ରହିଥାଏ। କିନ୍ତୁ କାରାଗାର ନିର୍ମାଣର ଉଦ୍ଦେଶ୍ୟ ହେଉଛି ଅପରାଧୀଙ୍କୁ ସୁଧାରିବା ଏବଂ କାରାଗାରରେ ରହିବା ସହ ସମାଜଠାରୁ ସ୍ୱତନ୍ତ୍ର ରହି ସ୍ୱକୀୟ କର୍ମର ପଶ୍ଚାତ୍ତାପ କରିବା। ଏହା ଅନ୍ୟ ଅର୍ଥରେ ସୁଧାର ଗୃହ। ଏଠାରେ ଅବସ୍ଥାନ କରିବାର ଅର୍ଥ ନୁହେଁ ଦଣ୍ଡ ଭୋଗିବା ବରଂ କୃତକର୍ମକୁ ମାନସିକ ଭାବେ ବିଶ୍ଳେଷଣ କରି ଭବିଷ୍ୟତରେ ଏହା ନ କରିବା ନିମନ୍ତେ ନିଜକୁ ପ୍ରସ୍ତୁତ କରିବା। କିନ୍ତୁ ‘ଇଣ୍ଡିଆ ଜଷ୍ଟିସ ରିପୋର୍ଟ–୨୦୨୫ ଅନୁସାରେ ଭାରତର କାରାଗାରଗୁଡ଼ିକର ଯେଉଁ ବିକଳ ଅବସ୍ଥା ତାହା ଏହି ଉଦ୍ଦେଶ୍ୟକୁ ପରିପୂରଣ କରିବାରେ ନିଶ୍ଚିତଭାବେ ଅସମର୍ଥ।

ସ୍ଥାନାଭାବ ଯୋଗୁ ବିଭିନ୍ନ ସମସ୍ୟା ହିଁ ଚିନ୍ତାର କାରଣ। ଏଠାରେ ମାନବାଧିକାର ପ୍ରଶ୍ନ ଉଠିବା ସ୍ୱାଭାବିକ ବିଷୟ। କଏଦୀଙ୍କ ମଧ୍ୟରେ ମାନସିକ ରୋଗ ବୃଦ୍ଧି ପାଇବାବେଳେ ଆମ କାରାଗାର ପାଇଁ ଅଛନ୍ତି ମାତ୍ର ୨୫ ଜଣ ମନୋଚିକିତ୍ସକ। ନ୍ୟାୟିକ ପ୍ରକ୍ରିୟାରେ ବିଳମ୍ବ ଯୋଗୁ ବିଚାରାଧୀନ ବନ୍ଦୀଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ କାରାଗାରଗୁଡିକରେ ୪୩ ପ୍ରତିଶତ ଚିକିତ୍ସା ଅଧିକାରୀଙ୍କ ସଂଖ୍ୟା ଖାଲି ପଡିଛି। ଅତଏବ ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ କଏଦୀମାନେ ମାନସିକ ଏବଂ ଶାରୀରିକ ଉଭୟ କ୍ଷେତ୍ରରେ ଯନ୍ତ୍ରଣାର ଶିକାର ହେବା ସ୍ୱାଭାବିକ। ଏହା ସାଙ୍ଗକୁ କାରାଗାରଗୁଡିକରେ ବଞ୍ଚିତ, ନିରକ୍ଷର ଏବଂ ଆର୍ଥିକ ଭାବେ ଦୁର୍ବଳ ତଥା ଅନଗ୍ରସର ବର୍ଗର କଏଦୀଙ୍କୁ ସମୟାନୁସାରେ ବିନା ମୂଲ୍ୟରେ ଆଇନ ସେବା ପ୍ରଦାନ କରାଯାଇପାରୁନାହିଁ। ଅନେକ କାରାଗାର ସଂସ୍କାର କମିଟି ନିଜର ରିପୋର୍ଟ ପ୍ରଦାନ କରିଥିଲେ ମଧ୍ୟ ଏହା କାର୍ଯ୍ୟକାରୀ କରାଯାଇପାରିନାହିଁ। ଏହା ବ୍ୟତୀତ ସର୍ବୋଚ୍ଚ ଅଦାଲତ ଦୀର୍ଘକାଳୀନ ଜେଲ ସୁଧାର ଯୋଜନା ଉପରେ ଗୁରୁତ୍ୱାରୋପ କରିଥିଲେ ମଧ୍ୟ ଆମ ଦେଶର ପ୍ରଶାସନର ଉଦାସୀନତା ଉପରୋକ୍ତ ସମସ୍ୟାକୁ ଦ୍ୱିଗୁଣିତ କରିଛି।

ପରିଶେଷରେ କୁହାଯାଇପାରେ ଯେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ଏହି ସମସ୍ୟାର ସମାଧାନ ହେବା ପରିବର୍ତ୍ତେ ବୃଦ୍ଧି ପାଇ ଚାଲିଛି। ଯଦି ଉପଯୁକ୍ତ ଫାଷ୍ଟ ଟ୍ରାକ୍ କୋର୍ଟ ପ୍ରତିଷ୍ଠା କରାଯିବା ସହ ବିଚାରପତି ପଦବୀଗୁଡିକ ସମୟାନୁସାରେ ପରିପୂରଣ କରାଯାଇପାରନ୍ତା ତେବେ ବିଚାରାଧୀନ କଏଦୀଙ୍କ ସଂଖ୍ୟା ନିଶ୍ଚିତ ଭାବେ ହ୍ରାସ ଘଟନ୍ତା ଏବଂ କାରାଗାରରେ କଏଦୀଙ୍କ ସଂଖ୍ୟାରେ ଅହେତୁକ ବୃଦ୍ଧି ଘଟନ୍ତା ନାହିଁ। ସୁତରାଂ ସରକାର ଏ ଦିଗରେ ଆଶୁ ପଦକ୍ଷେପ ଗ୍ରହଣ କରିବା ଜରୁରୀ, ଯାହା ଦ୍ୱାରା କାରାଗାରଗୁଡିକର ସମସ୍ୟାର ସମାଧାନ ହୋଇପାରିବ।

**ପାର୍ବତୀ ଭବନ, ବସୁନ୍ଧରା ଲେନ–୨,**
**ବିଡାନାସୀ, କଟକ, ମୋ: ୭୦୦୮୩୫୦୪୭୭**

# ଠିଆ ଖିଆ, ମାଗି ଖିଆ



ସତ୍ୟନାରାୟଣ ଦେହୁରୀ

ମଣିଷ ଯେଉଁ ଦିନରୁ ସାମାଜିକ ପ୍ରାଣୀ ଭାବରେ ଗଣା ହେଲା, ସେହିଦିନଠାରୁ ତା’ର ଏକ ନିର୍ଦ୍ଦିଷ୍ଟ ପ୍ରଥା, ପରମ୍ପରା ଓ ଚଳଣି ସୃଷ୍ଟି ହେଲା। ଗୋଟିଏ ପରିବାରର ସମସ୍ତ ସଦସ୍ୟ ଏକତ୍ର ବସି ଏକ ନିର୍ଦ୍ଦିଷ୍ଟ ସମୟରେ ଭୋଜନ କରିବା ଧାରା ଆରମ୍ଭ ହେଲା। ତାହା ପୁଣି ଦଳଗତ ଭାବରେ। ପରିବାରର ପୁରୁଷମାନେ ପ୍ରଥମେ ଭୋଜନ କରିବେ, ତା’ପରେ ସ୍ତ୍ରୀମାନେ ଏକତ୍ର ଭୋଜନ କରିବାର ପରମ୍ପରା ଆରମ୍ଭ ହେଲା। ଏବେ ମଧ୍ୟ ଏହି ପରମ୍ପରା କେତେକ ପରିବାରରେ ପ୍ରଚଳିତ ଅଛି। ବଡ଼ ପରିବାରମାନଙ୍କରେ ଏକତ୍ର ବସି ଖଲିପତ୍ରରେ ଭୋଜନ କରିବାର ଆନନ୍ଦ କହିଲେ ନ ସରେ।

ଆସନରେ ବସି ଖାଦ୍ୟ ଖାଇବା ବଦଳରେ ଏବେ ଆରମ୍ଭ ହେଲାଣି ଠିଆ ଖିଆ। ସବୁ ଜାଗାରେ ଲୋକମାନେ ଠିଆରେ ଖାଦ୍ୟ ଖାଇଲେଣି। ଭୋଜିଭାତଠୁ ଆରମ୍ଭ କରି ହୋଟେଲରେ ଖାଇବା ମଧ୍ୟ ଠିଆରେ ହେଲାଣି। ରାସ୍ତା ପାର୍ଶ୍ୱ ଉଠା ଦୋକାନଗୁଡ଼ିକରେ ଅନେକ ଲୋକ ଠିଆରେ ଜଳଖିଆ ଖାଇବାକୁ ପସନ୍ଦ କରୁଛନ୍ତି। କୌଣସି ହୋଟେଲରେ ବସି ଖାଇବାକୁ ବେଶି ଲୋକ ପସନ୍ଦ କରୁନାହାନ୍ତି। କାହାରି ପାଖରେ ସମୟ ନାହିଁ। ହୋଟେଲରେ ବସି ଅଧିକ ସମୟ ଦେବାକୁ । ଠିଆରେ ଖାଦ୍ୟ ଖାଇବାର କୁପ୍ରଭାବ କଥା କେହି ଚିନ୍ତା କରନ୍ତି ନାହିଁ। ଏହା ଆମର ରେଚନ କ୍ରିୟାରେ ବାଧା ସୃଷ୍ଟି କରିଥାଏ। ଠିଆ ହୋଇ ଖାଦ୍ୟ ଖାଇବା କିମ୍ବା ପାଣି ପିଇବା ଦ୍ୱାରା ଆମର କିଡ୍‌ନୀ ଉପରେ ପ୍ରଭାବ ପକାଏ। ଠିଆରେ ଖାଦ୍ୟ ଖାଇଲେ ଶୀଘ୍ର ଶୀଘ୍ର ଖାଦ୍ୟ ଖାଇବା ଦ୍ୱାରା ରେଚନ କ୍ରିୟା ବାଧା ପାଏ। ଏବେ ଅନେକ ଜାଗାରେ ଖାଦ୍ୟ ବିକ୍ରି କରାଯାଉଛି କିନ୍ତୁ ବସିବା ପାଇଁ କୌଣସି ବ୍ୟବସ୍ଥା ନ ଥାଏ। ଫଳରେ ଅନେକ ଲୋକ ଠିଆ ହୋଇ ଖାଦ୍ୟ ଖାଇଥାଆନ୍ତି। କେହି ବସିବା ଜାଗା ଖୋଜନ୍ତି ନାହିଁ। କାରଣ ସମସ୍ତେ ଅଭ୍ୟସ୍ତ ହୋଇଗଲେଣି ଠିଆ ଖିଆରେ।

ବାହାଘର, ବ୍ରତଘର କିମ୍ବା ଜନ୍ମଦିନ ଇତ୍ୟାଦି ସାମାଜିକ କାର୍ଯ୍ୟକ୍ରମରେ ଯେଉଁ ଭୋଜିର ଆୟୋଜନ ହୋଇଥାଏ, ସେଗୁଡ଼ିକ ସବୁ ବଫେ। ଲମ୍ବା ଲାଇନରେ ଠିଆ ହୋଇ ଖଲି ଧରି ଖାଦ୍ୟ ମାଗି କରି ଠିଆରେ ହିଁ ଖାଇବାକୁ ପଡ଼ିଥାଏ। ଖାଦ୍ୟର ପସରା ମେଲା ହୋଇଥାଏ। ନିଜର ପସନ୍ଦ ଅନୁସାରେ ଖାଦ୍ୟ ମାଗି ଠିଆରେ ଖାଇବାକୁ ହୁଏ। ଖାଦ୍ୟ ସରିଗଲେ ଆଉଥରେ ଲାଇନରେ ଯାଇ ଖାଦ୍ୟ ମାଗିବାକୁ ପଡ଼ିଥାଏ। ସବୁ ଲୋକ ଏହି ଠିଆ ଖିଆ, ମାଗି ଖିଆକୁ ପସନ୍ଦ କରନ୍ତି ନାହିଁ। ଅନେକ ଲୋକ ଖାଦ୍ୟ ମାଗି ଆଣି ଜାଗାଦେଖି ବସି ପଡ଼ନ୍ତି ଓ ଖାଦ୍ୟ ଖାଇଥାଆନ୍ତି। ଯେଉଁମାନଙ୍କର ଠିଆ ଖାଇବାର ଅଭ୍ୟାସ ନ ଥାଏ ସେମାନେ କୌଣସି ମତେ ବସି ଖାଇବାକୁ ଚେଷ୍ଟା କରନ୍ତି। ଆଜିକାଲି ସହରମାନଙ୍କରେ ଆଉ ବସି ଖାଇବାର ବ୍ୟବସ୍ଥା କରା ଯାଉନାହିଁ। ସବୁ ଜାଗାରେ ଠିଆ ଖିଆ, ମାଗି ଖିଆ। କିନ୍ତୁ ଗାଁ ଗହଳରେ କିଛି



ପରିମାଣରେ ଭୋଜି ଭାତ ହେଲେ ଟେବୁଲ, ଚୌକିର ବ୍ୟବସ୍ଥା କରାଯାଉଛି। ଯଦିଓ ଟିକିଏ ଅପେକ୍ଷା କରିବାକୁ ପଡ଼ିଥାଏ, ତଥାପି ବସି ଖାଇବାର ସୁଯୋଗ ମିଳିଥାଏ। ଗାଁ ଗହଳରେ ଥିବା ବୁଢ଼ୀବୁଢ଼ାମାନଙ୍କୁ ଏହି ବ୍ୟବସ୍ଥା ସୁହାଇଥାଏ। ସେମାନେ ଅନ୍ତତଃ ଭୋଜି ଖାଇବାର ସୁଯୋଗ ପାଇଥାଆନ୍ତି।

୨୦୦୦ ମସିହା ପରଠାରୁ ଠିଆ ଖିଆ ସଂସ୍କୃତି ଆରମ୍ଭ ହୋଇଛି। ତା’ ପୂର୍ବରୁ ସବୁ ବସି ଖାଇବା ସଂସ୍କୃତି ଥିଲା। ଆଗରୁ ତଳେ ବସି ଭୋଜି ଖିଆ ଯାଉଥିଲା। ତା’ପରେ ଟେବୁଲ ,ଚୌକି ବ୍ୟବସ୍ଥା କରାଗଲା। ଟେବୁଲ, ଚୌକିରେ ଥରକରେ ଏକ ନିର୍ଦ୍ଦିଷ୍ଟ ପରିମାଣର ଲୋକ ଖାଦ୍ୟ ଖାଇପାରିଲେ। କିନ୍ତୁ ତଳେ ଖାଇଲେ ଏକକାଳୀନ ଅନେକ ଲୋକ ଖାଦ୍ୟ ଖାଇ ପାରୁଥିଲେ। କାହାରିକୁ ଅପେକ୍ଷା କରିବାକୁ ପଡୁ ନ ଥିଲା। ଯିଏ ଯେତେବେଳେ ଆସିଲେ ଯେକୌଣସି ଜାଗାରେ ବସି ଖାଦ୍ୟ ଖାଇ ପାରୁଥିଲେ। ପରିମାଣର କୌଣସି ସୀମା ନ ଥାଏ। ଏଥିରେ ଖାଦ୍ୟ ନଷ୍ଟ ହୁଏ ନାହିଁ। ଯିଏ ଯାହା ଖାଏ ତାହା ତାଙ୍କୁ ପଚାରି ପଚାରି ଦିଆଯାଇଥାଏ। କିନ୍ତୁ ଠିଆ ଖିଆ ବା ବଫେରେ ଜଣେ ଯେତିକି ଖାଦ୍ୟ ମାଗି ଆଣି ଥାଆନ୍ତି ତାହା ଖାଇ ନ ପାରିଲେ ଫୋପାଡ଼ି ଚାଲିଯାଆନ୍ତି। କାରଣ ସମସ୍ତଙ୍କୁ ସମାନ ପରିମାଣର ଖାଦ୍ୟ ଦିଆ ଯାଉଥାଏ। ଆଉ ଯଦି କେହି ଦ୍ୱିତୀୟ ଥର ଖାଇବାର ଇଚ୍ଛା ଥାଏ ଗହଳି ଲାଇନ ଦେଖି ଆଉ ଯିବାକୁ ଇଚ୍ଛା କରେ ନାହିଁ। ଫଳରେ ତାଙ୍କୁ ସେହି ଥରକରେ ହିଁ ସନ୍ତୁଷ୍ଟ ହେବାକୁ ପଡ଼ିଥାଏ। ଏଠାରେ ଅଳ୍ପ ଖାଦ୍ୟ ବେଶି ଲୋକ ଖାଇପାରନ୍ତି। କାରଣ କମ୍ କମ୍ ଖାଦ୍ୟ ପରଷା ଯାଏ। ଯିଏ ଅଧିକ ଥର ମାଗି ଖାଇପାରେ ସେ ପେଟ ଭରି ଖାଇପାରେ। ଯିଏ ଥରକରେ ଆଉ ଧାଡ଼ିକୁ ଯାଏ ନାହିଁ ତା’ର ପେଟ ପୂରି ନ ଥାଏ। ଲାଜ କରୁଥିବା ଲୋକ ଏଠାରେ ଭୋକିଲା ରହିବାକୁ ପଡ଼େ। ନିଲଜିଆ ହୋଇ ବାରମ୍ବାର ଧାଡ଼ି ଧରିଲେ ପେଟପୂରା ଖାଇ ପାରିବ। ଏହି ଠିଆ ଖିଆକୁ ଆମ ସଂସ୍କୃତି ବୋଲି ଭାବିବାକୁ ପଡ଼ିବ।

ଏବେ ପରିବାରରେ ମଧ୍ୟ ଆଉ ବସି ଖାଇବାର ସୁଯୋଗ ନାହିଁ। କାରଣ ସବୁ ପରିବାରରେ ଡାଇନିଂ ଟେବୁଲ ସବୁ ଘରର ଶୋଭା ବଢ଼ାଉଛି। ଆଜିକାଲି ଘରେ ଦାମୀ ଡାଇନିଂ ଟେବୁଲ ରଖି ଘର ସଜାଇବାର ଏକ ଫେଶନରେ ପରିଣତ ହୋଇଗଲାଣି। ପଡ଼ୋଶୀ ଘର ସହ ପ୍ରତିଯୋଗିତାମୂଳକ ଭାବରେ ଡାଇନିଂ ଟେବୁଲ କିଣା ଯାଉଛି। ଏହି ଟେବୁଲରେ ବସି ଖାଇବା ଅଭ୍ୟାସ କରିବା ଫଳରେ ଅନେକ ଲୋକଙ୍କର ଆଣ୍ଠୁ ସମସ୍ୟା ଦେଖାଦେଉଛି। ଆଉ ତଳେ ଚକା ପକାଇ ବସିପାରୁ ନାହାନ୍ତି। ମନ୍ଦିରମାନଙ୍କୁ ପ୍ରସାଦ ସେବନ ପାଇଁ ଗଲେ ଆଉ ତଳେ ବସି ପ୍ରସାଦ ସେବନ କରିପାରୁ ନାହାନ୍ତି। ଏହି ସମସ୍ୟା ପାଇଁ ପୁଣି ଯୋଗର ସାହାରା ନେବାକୁ ପଡୁଛି।

**ରାଧାନଗର, ବୌଦ୍ଧ,**
**ମୋ:୯୯୩୮୭୫୮୩୫୩**

## ଏଇ ଭାରତରେ

ଗ୍ରୀଷ୍ମ ଲହରିରେ ପଶୁପକ୍ଷୀ ପାଣି ବିନା ଡହଳବିକଳ ହେଉଛନ୍ତି ଓ ଖାଦ୍ୟ ପାଇପାରୁନାହାନ୍ତି। ଫଳରେ ସେମାନେ ଅସୁସ୍ଥ ହୋଇପଡୁଛନ୍ତି ଓ ଅନେକ କ୍ଷେତ୍ରରେ ସେମାନଙ୍କର ମୃତ୍ୟୁ ମଧ୍ୟ ଘଟୁଛି। ରାଜସ୍ଥାନରେ ଏଭଳି ଜଳ ଓ ଖାଦ୍ୟ ସଙ୍କଟ ଦୂର କରି ପ୍ରାଣୀଙ୍କ ଜୀବନ ରକ୍ଷା କରିବା ପାଇଁ ‘ଜୀବଜନ୍ତୁ ପ୍ରେମୀ ବନ୍ଧୁ ସଂସ୍ଥା’(ପିଏଫ୍ଏ)ର ସଦସ୍ୟମାନେ ୩୫ଟି ଗାଁରେ ପଶୁପକ୍ଷୀଙ୍କ ପାଇଁ ପିଇବା ପାଣି ଓ ଖାଦ୍ୟ ବ୍ୟବସ୍ଥା କରୁଛନ୍ତି। ପିଏଫ୍ଏରେ ୬୯୦ ସଦସ୍ୟ ଅଛନ୍ତି। ସେମାନେ ଗାଁଗୁଡ଼ିକରେ ପାଣି ଟାଙ୍କି ନିର୍ମାଣ କରିବା ସହ ପୋଖରୀଗୁଡ଼ିକର ପୁନରୁଦ୍ଧାର କରୁଛନ୍ତି। ଯୋଧପୁର ନିକଟସ୍ଥ ବର୍ୱାଲା ଗାଁରେ ପ୍ରଥମେ ୭ଜଣ ସରକାରୀ କର୍ମଚାରୀ ଏକାଠି ହୋଇ ପାତ୍ରରେ ପାଣି ଓ ଖାଦ୍ୟ ରଖିବା ଆରମ୍ଭ କରିଥିଲେ। ପ୍ରଥମେ ସେମାନେ ନିଜେ ଟଙ୍କା ଦେଇ ଏହା କରିଥିଲେ। ପରେ ସେମାନେ ମାର୍ଚ୍ଚ ୨୦୨୧ରେ ‘ଜୀବଜନ୍ତୁ ପ୍ରେମୀ ବନ୍ଧୁ ସଂସ୍ଥା’ ଗଠନ କରି ମାସକୁ ପ୍ରତ୍ୟେକ ସଦସ୍ୟ ୧୦୦୦ ଟଙ୍କା ଦେଇ ପାଣିଟାଙ୍କି ନିର୍ମାଣ ସହ ପୋଖରୀଗୁଡ଼ିକର ପୁନରୁଦ୍ଧାର ଏବଂ ଖାଦ୍ୟ ଯୋଗାଣ କାର୍ଯ୍ୟ ଚଳାଇଛନ୍ତି। ଏ ବାବଦରେ ଏବେ ସୁଦ୍ଧା ସେମାନେ ୨୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିସାରିଲେଣି।

## ୫୦ ବର୍ଷ ତଳର ଧରିତ୍ରୀ

୬ ମେ ୧୯୭୬

- ଜରୁରୀ ପରିସ୍ଥିତି ଜାରି ହେବା ପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ପ୍ରାୟ ୧୦,୦୦୦ କର୍ମଚାରୀଙ୍କୁ ଅପାରଗତା ବା ଦୁର୍ନୀତି କାରଣରୁ ବାଧ୍ୟତାମୂଳକ ଅବସର ଦିଆଯାଇଛି।
- ୨୧ କୋଟି ୫୦ ଲକ୍ଷ ଡଲାର କ୍ଷତିପୂରଣ ଦାବି କରି ଆମେରିକାର ୫ଟି ଶସ୍ୟ କମ୍ପାନୀ ବିରୁଦ୍ଧରେ ଭାରତର ମୋକଦ୍ଦମା।

## ଚିରନ୍ତନୀ

ନିଦାଘ ପଥେ ରଖି ନୟନ
ସ୍ୱପନ କଲି କେତେ ଚୟନ
ଶରତ ଆକାଶର ଇନ୍ଦ୍ରଧନୁ ଟାଣି
କରିଲି କେତେ ଶର ମୋଚନ ।

–(ବ୍ୟାଖ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | | 3 | | | | |
| 2 | 4 | | 1 | | | | 3 | |
| | 7 | | | 5 | | | 6 | |
| 1 | | 2 | | 6 | 7 | | | |
| | | | 3 | | | | | |
| | | | 9 | | | 2 | | |
| 3 | | | | | | | | |
| 5 | | 9 | 8 | | | | | 6 |
| | 1 | | 5 | | | 4 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 7 | 6 | 8 | 3 | 1 | 5 | 4 | 2 |
| 1 | 3 | 5 | 7 | 4 | 2 | 8 | 9 | 6 |
| 4 | 2 | 8 | 5 | 9 | 6 | 7 | 3 | 1 |
| 7 | 4 | 3 | 9 | 6 | 8 | 1 | 2 | 5 |
| 5 | 6 | 2 | 3 | 1 | 4 | 9 | 7 | 8 |
| 8 | 1 | 9 | 2 | 5 | 7 | 4 | 6 | 3 |
| 2 | 9 | 1 | 6 | 7 | 5 | 3 | 8 | 4 |
| 6 | 5 | 7 | 4 | 8 | 3 | 2 | 1 | 9 |
| 3 | 8 | 4 | 1 | 2 | 9 | 6 | 5 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ୱାକ୍‌ଫ ଆଇନର ସଂସ୍କାର ଜରୁରୀ ଥିଲା

ମହାଶୟ,

ବହୁ ବିତର୍କିତ ୱାକ୍‌ଫ ସଂଶୋଧନ ବିଲ୍ ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଆଇନରେ ପରିଣତ ହୋଇଛି । ଦୁର୍ଭାଗ୍ୟ ଯେ, ସଂଶୋଧିତ ୱାକ୍‌ଫ ଆଇନକୁ ନେଇ ବିରୋଧୀମାନଙ୍କ ଦେଶବ୍ୟାପୀ ଅପପ୍ରଚାରର ଉତ୍ତାପ ଦୁର୍ବଳ ହେଉନାହିଁ । ୱାକ୍‌ଫ ବିଧିବ୍ୟବସ୍ଥାରେ ଅଣାଯାଇଥିବା ପରିବର୍ତ୍ତନ ଅନୁକୂଳଧର୍ମୀ । ଏହା କାହାରି ପ୍ରାଧାନ୍ୟକୁ ହ୍ରାସ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ । ରାଜନୈତିକ ପ୍ରଭାବ ହରାଉଥିବା ବିରୋଧୀ ଆଇନର ବାସ୍ତବତା ଉପରେ ଭ୍ରମର ପ୍ରଲେପ ଦେବା ପାଇଁ ବ୍ୟସ୍ତ ହୋଇପଡିଛନ୍ତି । ମୁସଲିମ୍ ଜନମାନସକୁ ଭୁଲ୍ ଦିଗରେ ନେବା ପାଇଁ ଉଦ୍ୟମ କରୁଛନ୍ତି । ୱାକ୍‌ଫର ପରିଚାଳନାରେ ସଂସ୍କାର ଆଣିବା ଜରୁରୀ ଥିଲା । ସ୍ୱଚ୍ଛତା, ଦାୟିତ୍ୱ ଓ ଦକ୍ଷତାର ସହ କୌଣସି ଅନୁଷ୍ଠାନର ସମ୍ପତ୍ତିକୁ ପରିଚାଳନା କରାଯିବା ଭଲ । ଧୈର୍ଯ୍ୟ ଓ ସହିଷ୍ଣୁତା ଗୁଣରେ ଆଇନର ଉପକାରୀ ଦିଗକୁ ସ୍ୱାଗତ କରାଯାଉ । ୱାକ୍‌ଫ ବୋର୍ଡ ଅଧୀନରେ ଥିବା ସମ୍ପତ୍ତି କାହା ସୁବିଧାରେ ବ୍ୟବହୃତ ହେଉଛି ବୋଲି ସେ ବିଷୟରେ ଜ୍ଞାତ ହେବା ଆମର ଅଧିକାର । ଦେଶରେ ବସବାସ କରୁଥିବା ଗରିବ, ବିଧବା, ସ୍ୱାମୀ ପରିତ୍ୟକ୍ତା ମୁସଲିମ ମହିଳାଙ୍କ ଆର୍ଥିକ ଓ ସାମାଜିକ ଅବସ୍ଥାରେ ଉନ୍ନତି ଆଣିବା ପାଇଁ ସଂଶୋଧିତ ଆଇନରେ ପ୍ରାବଧାନ ରହିବା ଉତ୍ଥାନର ଦିଗକୁ ସୂଚାଉଛି, ଦମନର ଦିଗକୁ ନୁହେଁ।

**–ଦୁଃଶାସନ ବିଶ୍ୱାଳ, କାଜିପୁର, ନିମାପଡ଼ା,**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ହତ୍ୟାରେ ସମ୍ପୃକ୍ତ ଫେରାର ମାଓବାଦୀ ଗିରଫ**

ମାଲକାନଗିରି,(ଦୁର୍ଯ୍ୟୋଧନ ପାତ୍ର): ଛତିଶଗଡ଼ ସୁକ୍‌ମା ଜିଲା ଚିନ୍ତାଲନାର ଥାନା ପୋଲିସ ଓ ୭୪ ବାହିନୀ ସିଆରପିଏଫ୍ ମିଳିତ ଭାବେ ଗ୍ରାମାଞ୍ଚଳରେ ଅପରେସନ ଚଳାଇବା ସମୟରେ ହତ୍ୟାରେ ସମ୍ପୃକ୍ତ ଥିବା ଜଣେ ଫେରାର ମାଓବାଦୀଙ୍କୁ ସୋମବାର ଗିରଫ କରିଛନ୍ତି। ସେ ହେଲେ କୁନାମ ସୋମଡୁ ଓରଫ ସୋମାରୁ। ମାଓବାଦୀ ଜଣକ ୨୦୧୫ରେ ନାଗାରାମ ଗ୍ରାମର ଜଣଙ୍କୁ ହତ୍ୟା ଘଟଣାରେ ସାମିଲ ଥିଲେ। ଏହି ମାଓବାଦୀଙ୍କ ନାମରେ ଚିନ୍ତାଲନାର ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ସେ ଫେରାର ହୋଇଯାଇଥିଲେ।

# ୬.୦୪ କୋଟି ଟଙ୍କାର ସାଇବର ଠକେଇ

## ପଶ୍ଚିମବଙ୍ଗରୁ ୨ଜଣଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ



ଗିରଫ ୨ ଅଭିଯୁକ୍ତ।

କଟକ,୫।୫(କାର୍ତ୍ତିକ ସାହୁ)

ଶେୟାର ମାର୍କେଟରେ ଟଙ୍କା ବିନିଯୋଗ କରି ଅଧିକ ଲାଭ ପାଇବା ଆଶାରେ ୬ କୋଟି ୪ ଲକ୍ଷ ୫୩ ହଜାର ଟଙ୍କାର ଠକେଇ ହୋଇଛନ୍ତି। ଏହି ଠକେଇରେ ସାମିଲ ଅଭିଯୋଗରେ ଓଡ଼ିଶା କ୍ରାଇମବ୍ରାଞ୍ଚ ୨ ଅଭିଯୁକ୍ତଙ୍କୁ ପଶ୍ଚିମବଙ୍ଗରୁ ଗିରଫ କରି ଓଡ଼ିଶା ଆଣିଛି। ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ସିଲିଗୁଡ଼ି ପ୍ରଧାନନଗର ଅଞ୍ଚଳର ଅଶୋକ ନନ୍ଦ (୫୩) ଓ ଉତ୍ତର ୨୪ ପ୍ରଗଣାର ଜୟାରାଣୀ ବସାକ (୩୮)। ଏନେଇ କ୍ରାଇମବ୍ରାଞ୍ଚର ସାଇବର ଥାନାରେ ଏକ ମାମଲା (ନଂ. ୨/୨୦୨୫) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଠକେଇର ଶିକାର ହୋଇଥିବା ଅଭିଯୋଗକାରୀ ସାଢ଼େ ୩ ମାସ ମଧ୍ୟରେ ଶେୟାର ମାର୍କେଟରେ ଉପରୋକ୍ତ ପରିମାଣର ଅର୍ଥରାଶି ବିନିଯୋଗ କରିଥିଲେ। ସାଇବର ଅପରାଧୀଙ୍କ ନିର୍ଦ୍ଦେଶ ମୁତାବକ ଏକାଧିକ ଆକାଉଣ୍ଟରେ ଅଭିଯୋଗକାରୀ ଟଙ୍କା ଜମା କରିଥିଲେ। ସାଇବର ଅପରାଧୀମାନେ ତାଙ୍କୁ ଆଇପିଓ ଏବଂ ଓଟିସି ଟ୍ରେଡିଂରେ ଟଙ୍କା ବିନିଯୋଗ କରି ମୋଟା ଅଙ୍କର ଲାଭ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅଭିଯୋଗକାରୀ ନିର୍ଦ୍ଧାରିତ ସମୟ ପରେ ଟଙ୍କା ଉଠାଇ ନ ପାରିବାରୁ ସାଇବର ଠକେଇର ଶିକାର ହୋଇଥିବା ଜାଣିପାରି ଥିଲେ। ଏ ନେଇ ସେ କଟକସ୍ଥିତ ସାଇବର କ୍ରାଇମ୍ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ କରିଥିଲା। ଠକେଇ ଅର୍ଥରାଶିକୁ ଅଭିଯୋଗକାରୀ ୨୨ଟି ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଜମା କରିଥିଲେ। ତନ୍ମଧ୍ୟରୁ ୮ଟି ଆକାଉଣ୍ଟ ନିଜର ହୋଇଥିବା ବେଳେ ଅନ୍ୟ ଆକାଉଣ୍ଟଗୁଡ଼ିକ ସହଯୋଗୀଙ୍କ ଥିଲା। ଟଙ୍କା ଜମା ହେବା ପରେ ଏଟିଏମ୍, ଚେକ୍ ଅଥବା ଆକାଉଣ୍ଟ ଟ୍ରାନ୍ସଫର ଜରିଆରେ ସାଇବର ଅପରାଧୀଙ୍କ ଅନ୍ୟ ଆକାଉଣ୍ଟକୁ ଯାଉଥିଲା। ଏହାପରେ ଏଟିଏମ୍ ବା ଚେକ୍ ଜରିଆରେ ଉଠାଯାଇଥିଲା ବୋଲି କ୍ରାଇମବ୍ରାଞ୍ଚ ତଦନ୍ତ ବେଳେ ଜାଣିବାକୁ ପାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଅପରାଧୀଦ୍ୱୟ ପଶ୍ଚିମବଙ୍ଗର ବୋଲି ଜଣାପଡ଼ିବା ପରେ କ୍ରାଇମବ୍ରାଞ୍ଚ ସେଠାକୁ ଯାଇଥିଲା। ଉଭୟଙ୍କୁ ଗିରଫ କରି ସ୍ଥାନୀୟ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର କରାଯାଇଥିଲା। ପରେ ଦୁହିଁଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇଛି। ସେମାନଙ୍କ ନିକଟରୁ ମୋବାଇଲ ଫୋନ, ସିମ୍ କାର୍ଡ, ଆଧାର କାର୍ଡ ଓ ପାନ୍ କାର୍ଡ ଜବତ କରାଯାଇଛି। ଅଭିଯୁକ୍ତ ଅଶୋକ ସିଲିଗୁଡ଼ିରେ ବାସିନ୍ଦା ହୋଇଥିବା ବେଳେ ସେଠାରେ ସେ ହୋଟେଲ ବ୍ୟବସାୟ କରନ୍ତି। ଠକେଇ ଅର୍ଥରୁ ୧.୧୧ କୋଟି ସିଧା ତାଙ୍କ ଆକାଉଣ୍ଟରେ ଜମା ହୋଇଥିଲା। ସେହିପରି ଅନ୍ୟ ଅଭିଯୁକ୍ତ ଜୟାରାଣୀଙ୍କ ଆକାଉଣ୍ଟକୁ ଅଭିଯୁକ୍ତ ଅଶୋକଙ୍କ ଆକାଉଣ୍ଟରୁ ସିଧା ୬ ଲକ୍ଷ ଟ୍ରାନ୍ସଫର ହୋଇଥିଲା। ଏହି ମାମଲାରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେ ନେଇ ତଦନ୍ତ ଜାରି ରହିଥିବା କ୍ରାଇମବ୍ରାଞ୍ଚ ସୂଚନା ଦେଇଛି।

ଅପରପକ୍ଷରେ ଦିନକୁ ଦିନ ଏଭଳି ସାଇବର ଠକେଇ ଅଧିକ ହେଉଥିବା ବେଳେ କ୍ରାଇମବ୍ରାଞ୍ଚ ଲୋକମାନଙ୍କୁ ଏ ନେଇ ସତର୍କ କରାଉଛି। ସୋସିଆଲ ମିଡିଆ ଅଥବା ମେସେଜିଂ ଆପରେ ଆସୁଥିବା ଇନ୍‌ଭେଷ୍ଟ ଅଫରଗୁଡ଼ିକଠାରୁ ଦୂରେଇ ରହିବା ପାଇଁ ସମ୍ପୃକ୍ତ ସଚେତନ କରାଯାଉଛି। ତେବେ କେହି ସାଇବର ଠକେଇର ଶିକାର ହେଲେ ତୁରନ୍ତ ସାଇବର ହେଲ୍‌ପଲାଇନ ନମ୍ବର ୧୯୩୦ କିମ୍ବା ନିକଟତମ ଥାନାରେ ଜଣାଇବାକୁ କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

# ଗଞ୍ଜାମରେ ବ୍ୟବହାର ହେଉଥିଲା ବୟାଳିଶିମୌଜା ବନ୍ଧୁକ

## ତଦନ୍ତ ଆରମ୍ଭ କଲା ଏସ୍‌ଟିଏଫ୍

- ମାଷ୍ଟରମାଇଣ୍ଡ ଆଲୋକ ପ୍ରଧାନଙ୍କୁ ଖୋଜାଚାଲିଛି
- ଖୁବ୍‌ଶୀଘ୍ର ମୁଙ୍ଗେର ଯିବ ଏସ୍‌ଟିଏଫ୍ ଟିମ୍



ଭୁବନେଶ୍ୱର,୫।୫ (ସଟଫିଚ୍ ବ୍ୟୁରୋ)

କଟକ ଜିଲା ବୟାଳିଶିମୌଜାରେ ତିଆରି ହେଉଥିବା ବନ୍ଧୁକ ଓଡ଼ିଶାର ବିଭିନ୍ନ ଜିଲାରେ ବିକ୍ରି ହୋଇଛି। ବିଶେଷକରି ରବିବାର ଗଞ୍ଜାମ ପୋଲିସ ୧୮ ଜଣ ପେସାଦାର ଅପରାଧୀଙ୍କୁ ଗିରଫ କରି ସେମାନଙ୍କଠାରୁ ଯେଉଁ ୧୭ଟି ବନ୍ଧୁକ ଜବତ କରିଥିଲା ତାହା ବୟାଳିଶିମୌଜାରେ ପ୍ରସ୍ତୁତ ହୋଇଥିବା ବୋଲି କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଜାଣିବାକୁ ପାଇଛି। ବନ୍ଧୁକଗୁଡ଼ିକ ବୟାଳିଶିମୌଜାରୁ ଭାୟା ବିହାର ମୁଙ୍ଗେର ହୋଇ ପୁଣି ଓଡ଼ିଶାକୁ ଚାଲାଣ ହେଉଥିଲା। ଏହି ଚାଲାଣର ମାଷ୍ଟରମାଇଣ୍ଡ ଆଲୋକ ପ୍ରଧାନଙ୍କୁ ଖୋଜାଚାଲିଛି ବୋଲି ସୋମବାର ଏସ୍‌ଟିଏଫ୍ ଏସ୍‌ପି ରବି ଶତପଥୀ କହିଛନ୍ତି।

ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୧୨ ବିଳମ୍ବିତ ରାତିରେ ବୟାଳିଶିମୌଜାର ଧୂଳେଶ୍ୱର ଗାଁରେ ସିଙ୍ଗୁଆ ନଦୀ କୂଳରେ ଏସ୍‌ଟିଏଫ୍ ଟିମ୍ ଏକ ବନ୍ଧୁକ ତିଆରି କାରଖାନା ଠାବ କରିଥିଲା। ସେଠାରୁ ୧୯ ବନ୍ଧୁକ ସମେତ ବନ୍ଧୁକ ପ୍ରସ୍ତୁତ ଉପକରଣ ଜବତ ହୋଇଥିଲା। ଏଥିସହ ୪ଜଣଙ୍କୁ ଗିରଫ କରାଯାଇଥିଲା। ଏମାନଙ୍କ ମଧ୍ୟରେ ଜଣେ ପଶ୍ଚିମବଙ୍ଗ ଏବଂ ଦୁଇଜଣ ବିହାର ମୁଙ୍ଗେରର ଥିଲେ। ଗଞ୍ଜାମରୁ ମିଳିଥିବା ବନ୍ଧୁକ ଗିରଫ ଦୁଇ ଅଭିଯୁକ୍ତଙ୍କ ଦ୍ୱାରା ହିଁ ପ୍ରସ୍ତୁତ ହୋଇଥିବା ଜଣାପଡ଼ିଛି। ବୟାଳିଶିମୌଜାରେ ବନ୍ଧୁକ ତିଆରି ହେବା ପରେ ତାହାକୁ ପୂର୍ଣ୍ଣାଙ୍ଗ ରୂପ ଦେବା ପାଇଁ ପୁଣି ମୁଙ୍ଗେର ନିଆଯାଉଥିଲା। ମାଷ୍ଟରମାଇଣ୍ଡ ଆଲୋକ କିଛିଦିନ ତଳେ ମୁଙ୍ଗେରରୁ ୨୦ଟି ବନ୍ଧୁକ ଆଣି ଗଞ୍ଜାମ ଜିଲାରେ ସହଯୋଗୀମାନଙ୍କୁ ବିକ୍ରି କରିଥିଲେ। ତେବେ ୧୭ଟି ବନ୍ଧୁକ ଜବତ ହୋଇଥିବାବେଳେ ଆଉ ୩ଟି ମଧ୍ୟ ଅନ୍ୟ ଅପରାଧୀଙ୍କ ପାଖରେ ରହିଛି। ପୋଲିସ ଡିଜିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଟିଏଫ୍ ଏସ୍‌ପି ଶତପଥୀ ରବିବାର ଗଞ୍ଜାମ ଯାଇ ଛାନ୍‌ଭିନ୍ କରିଥିବା କହିଛନ୍ତି। ମାଷ୍ଟରମାଇଣ୍ଡ ଆଲୋକଙ୍କ ନାମରେ ଏକାଧିକ ହତ୍ୟା ମାମଲା ଥିବାବେଳେ ସେ ସୁପାରି କିଲର ଭାବେ କାମ କରନ୍ତି। ଆଲୋକ ମୁଙ୍ଗେରରୁ ୬୦ ହଜାର ଟଙ୍କାରେ ବନ୍ଧୁକ ଆଣି ରାଜ୍ୟର ବିଭିନ୍ନ ଜିଲାରେ ୮୦ ହଜାର ଟଙ୍କାରେ ବିକ୍ରି କରୁଥିଲେ। ଖୋର୍ଦ୍ଧା, କଟକ, ବାଲେଶ୍ୱର, ପୁରୀ ଆଦିରେ ଅପରାଧୀମାନଙ୍କୁ ଚାଲାଣ କରିଥିଲେ। ଗଞ୍ଜାମରୁ ମିଳିଥିବା ତଥ୍ୟ ଆଧାରରେ ବନ୍ଧୁକ ଜବତ ଘଟଣାରେ ଅଧିକ ତଦନ୍ତ ପାଇଁ ଖୁବ୍‌ଶୀଘ୍ର ଏସ୍‌ଟିଏଫ୍ ଟିମ୍ ମୁଙ୍ଗେର ଯିବ ବୋଲି ଏସ୍‌ପି ଶତପଥୀ କହିଛନ୍ତି। ତେବେ ଗଞ୍ଜାମରୁ ଗିରଫ ୧୮ଜଣ ଯୁବପିଢ଼ିର ହୋଇଥିବାବେଳେ ଅପରାଧ ଘଟାଇବା ସେମାନଙ୍କ ମୁଖ୍ୟ ଉଦ୍ଦେଶ୍ୟ ଥିଲା। ହେଲେ କୌଣସି ବଡ଼କାଣ୍ଡ ଘଟାଇବା ପୂର୍ବରୁ ପୋଲିସ ହାତରେ ଧରାପଡ଼ିଯାଇଥିଲେ।

# ନାବାଳିକାଙ୍କୁ ବଳାତ୍କାର ପରେ ଛାତରୁ ଡେଇଁ ଅଭିଯୁକ୍ତ ଆହତ

ରାଉରକେଲା,୫।୫ (ସଙ୍ଗୀତା ଜେନା)

ରାଉରକେଲା ପୋଲିସ ଜିଲା ଅନ୍ତର୍ଗତ ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ରବିବାର ସନ୍ଧ୍ୟାରେ ଜଣେ ନାବାଳିକା(୮)ଙ୍କୁ ବଳାତ୍କାର କରି ଖସିଯିବାକୁ ଉଦ୍ୟମ ବେଳେ ଅଭିଯୁକ୍ତ ଛାତରୁ ଡେଇଁ ଆହତ ହୋଇଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ମହତାବ ରୋଡ୍ ପୁରୁଣା ଆର୍‌ଡିଏ ବିଲ୍ଡିଂ ନିବାସୀ ଏମ୍‌ଡି ସଦ୍ଦାମ ହୁସେନ(୨୭)। ତାଙ୍କୁ କାବୁ କରି ରାଉରକେଲା ସରକାରୀ ଡାକ୍ତରଖାନା(ଆରଜିଏଚ୍)ରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଅଭିଯୁକ୍ତ ସୁସ୍ଥ ହେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି। ମିଳିଥିବା ସୂଚନା ଅନୁଯାୟୀ, ପ୍ଲାଣ୍ଟସାଇଟ୍ ଥାନା ମହତାବରୋଡ୍‌ରେ ରହୁଥିବା ଅଭିଯୁକ୍ତ ସଦ୍ଦାମଙ୍କ ଭଉଣୀଙ୍କ ପାଖକୁ ପୀଡ଼ିତା ନାବାଳିକା ଟ୍ୟୁଶନ ହେବାକୁ ଯାଉଥିଲେ। ରବିବାର ସନ୍ଧ୍ୟା ୭ଟାରେ ନାବାଳିକା ଟ୍ୟୁଶନ ଯାଇଥିବା ବେଳେ ଘରେ ସଦ୍ଦାମଙ୍କ ଭଉଣୀ ଅର୍ଥାତ୍ ନାବାଳିକାଙ୍କ ଟ୍ୟୁଶନ ଶିକ୍ଷୟିତ୍ରୀ ନ ଥିଲେ। ସେ କୌଣସି କାମରେ ବଜାରକୁ ଯାଇଥିଲେ। ଅଭିଯୁକ୍ତ ଉକ୍ତ ନାବାଳିକାଙ୍କୁ ଏକୁଟିଆ ପାଇ ବଳାତ୍କାର କରିଥିଲେ। ନାବାଳିକାଙ୍କ ଚିତ୍କାର ଶୁଣି ଉକ୍ତ ବିଲ୍ଡିଂରେ ରହୁଥିବା ପଡ଼ୋଶୀ ସେଠାକୁ ଆସିବା ଦେଖି ସଦ୍ଦାମ ଖସିଯିବାକୁ ଉଦ୍ୟମ କରିଥିଲେ। ସେ ବିଲ୍ଡିଂ ଛାତ ଉପରୁ ଡେଇଁ ଫେରାର ହେବାକୁ ଚେଷ୍ଟା କରିବାବେଳେ ତଳକୁ ଖସି ପଡ଼ିଥିଲେ। ଫଳରେ ତାଙ୍କ ଗୋଡ ଭାଙ୍ଗିଯିବା ସହ ଅଣ୍ଟାରେ ଆଘାତ ଲାଗିଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିଥିଲା। ଏ ନେଇ ପୀଡ଼ିତାଙ୍କ ପରିବାର ଲୋକଙ୍କ ଏତଲା ଆଧାରରେ ପୋଲିସ ସୋମବାର ପୂର୍ବାହ୍ନ ୧୦ଟାରେ ଏକ ମାମଲା (ନଂ.୩୫୯/୨୫) ରୁଜୁ କରି ତଦନ୍ତ କରୁଛି ବୋଲି ଜୋନ୍-୨ ଡିଏସ୍‌ପି ଅମରେନ୍ଦ୍ର ଷଣ୍ଡ ସୂଚନା ଦେଇଛନ୍ତି।

# ୮୩୧ ବୋତଲ କଫ ସିରପ୍ ଜବତ, ୨ ଗିରଫ

ବରଗଡ଼,୫।୫ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଟାଉନ ଥାନା ପୋଲିସ ରବିବାର ତୋରାଛକ ନିକଟରେ କଫ ସିରପ୍ ବୋଝେଇ ଏକ ଟାଟା ଏସିଇ ଗାଡ଼ି(ନଂ-ଓଡି୧୭ଏସି ୫୦୧୬)କୁ ଜବତ କରିଛି। ସେଥିରେ ରହିଥିବା ୮୩୧ ବୋତଲ କଫ୍ ସିରପ୍‌କୁ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ୨ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବରଗଡ଼ ଉପ କାରାଗାର ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ହେଲେ, ତୋରା ଲକ୍ଷ୍ମୀପଡ଼ା ନିବାସୀ ମନୋଜ ସ୍ୱାଇଁ(୨୭) ଏବଂ ଜୀବନ ସ୍ୱାଇଁ(୩୨)।

ଜବତ ଟାଟା ଏସିଇ ଗାଡ଼ିରେ କଫ ସିରପ୍ ଚାଲାଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଏହି ସୂଚନାକୁ ଆଧାର କରି ଟାଉନ ଥାନା ଆଇଆଇସି ସତ୍ୟଜିତ୍ କଣ୍ଡାନକେଲଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି କଫ୍ ସିରପ୍ ବୋଝେଇ ଗାଡ଼ିକୁ ଜବତ କରିଥିଲେ। ୨ଅଭିଯୁକ୍ତଙ୍କ ବିରୋଧରେ ବରଗଡ଼ ଟାଉନ ଥାନା ପୋଲିସ୍ ଏକ ମାମଲା(ନଂ-୨୦୮/୨୫) ରୁଜୁ କରିଛି।

# ଆନ୍ତଃରାଜ୍ୟ ଡକାୟତ ଗ୍ୟାଙ୍ଗର ୩ ଗିରଫ


ଗିରଫ ଅଭିଯୁକ୍ତ।

## ମାଉଜର ସହ ମାରଣାସ୍ତ୍ର ଜବତ

ବାଲିଗୁଡ଼ା/କ.ନୂଆଗାଁ,୫।୫ (ସଞ୍ଜୟ କୁମାର ପାଣିଗ୍ରାହୀ/ କାଳୀ ପ୍ରସାଦ ତ୍ରିପାଠୀ)

କନ୍ଧମାଳ ଜିଲା ଫୁଲବାଣୀ–ବାଲିଗୁଡା ରାସ୍ତାରେ ସାରଙ୍ଗଡ଼ ଥାନା ପୋଲିସ୍ ସୋମବାର ସକାଳେ ଗାଡ଼ି ମୋଟର ଯାଞ୍ଚ କରିବା ବେଳେ ଆନ୍ତଃରାଜ୍ୟ ଡକାୟତ ଗ୍ୟାଙ୍ଗର ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମହାରାଷ୍ଟ୍ରର ମହମ୍ମଦ ଆରିଫ ଅନସାରୀ (୨୩), ଶାହାବନ ଶାହା (୧୮), ଶେଖ୍ ମୁସ୍ତାଫା (୧୮)। ଗ୍ୟାଙ୍ଗର ମାଷ୍ଟରମାଇଣ୍ଡଙ୍କ ସହ ଅନ୍ୟଜଣେ ଫେରାର ହୋଇଯାଇଛନ୍ତି। ଗାଡିରୁ ଗୋଟିଏ ମାଉଜର, ଏୟାର୍ ଗନ୍, ଭୁଜାଲି, ୨ଟି ଛୁରି ଓ କିଛି ଟଙ୍କା ଜବତ ହୋଇଛି।

ସାରଙ୍ଗଡ଼ ପୋଲିସ ଫୁଲବାଣୀ ଠାରୁ ବାଲିଗୁଡ଼ା ରାସ୍ତାରେ ଆସୁଥିବା କାର୍ (ନଂ. ଏମ୍‌ଏଚ୍ ୦୨ ଏ ୱାଇ ୭୧୭୨)କୁ ସନ୍ଦେହରେ ଅଟକାଇଥିଲା। ଗାଡ଼ି ଯାଞ୍ଚ କରିବାରୁ ସେଥିରୁ ବନ୍ଧୁକ ଓ ମାରଣାସ୍ତ୍ର ମିଳିଥିଲା। କାରରେ ବସିଥିବା ୫ ଜଣଙ୍କୁ ପଚରାଉଚରା ବେଳେ ସେମାନେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ଏହି ସମୟରେ କୌଶଳକ୍ରମେ ମାଷ୍ଟର ମାଇଣ୍ଡଙ୍କ ସହ ଅନ୍ୟ ଜଣେ ଚମ୍ପଟ ମାରିଥିବା ବେଳେ ପୋଲିସ୍ ୩ ଜଣଙ୍କୁ କାବୁ କରିଥିଲା। ଏ ନେଇ ସାରଙ୍ଗଡ ଥାନାରେ ନଂ.୬୭/୨୫ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ଜି.ଉଦୟଗିରି ଏସ୍‌ଡିପିଓ ବିଜୟ କୁମାର ବିଶି ସୂଚନା ଦେଇଛନ୍ତି।


### कार्यपालक अभियंता का कार्यालय
पथ निर्माण विभाग,
पथ प्रमण्डल, डालटनगंज
(E-mail: eercdmedini-jhr@nic.in)

**शुद्धि-पत्र**

एतद द्वारा सूचित करना है कि इस कार्यालय द्वारा दिनांक–24.04.2025 को विभिन्न समाचार पत्रों के माध्यम से ई–निविदा पत्रांक सं0–**1/RCD/Daltonganj/2025-26/ 401** आमंत्रित की गई है, जिसका **PR No. 351028 Road ( 25-26)D** है, जिसमें **क्रमांक–4** में अंकित Time of Completion **18 Months के स्थान पर 24 Months पढ़ा / समझा जाय।**
**निविदा की अन्य शर्तें यथावत रहेगी।**

कार्यपालक अभियंता,
पथ निर्माण विभाग,
पथ प्रमंडल, डाल्टेनगंज।

PR.NO.351689 Road(25-26):D

### ଦ.ପୂ. ରେଳପଥ – ଟେଣ୍ଡର

**ଖୋଲା ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଆରଏସ୍-ଟାଟା-୦୨-୨୦୨୫-୨୬, ତାରିଖ: ୦୨।୦୫।୨୦୨୫ ।**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଟିଆର୍‌ଏସ୍)/ଟାଟାନଗର, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଇ–ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଇ–ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ହେବନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ବର୍ଣ୍ଣନା:** ୦୨ ବର୍ଷ ପାଇଁ ଇଲେକ୍ଟ୍ରିକ୍ ଲୋକୋ ଶେଡ୍/ଟାଟାନଗରର ଇଲେକ୍ଟ୍ରିକ୍ ଲୋକୋମୋଟିଭ୍‌ଗୁଡ଼ିକରର ପ୍ରମୁଖ ଉପକରଣ ତଥା ଏମ୍‌ଆଣ୍ଡପି ସାମଗ୍ରୀର ସଫେଇ ଓ ରକ୍ଷଣାବେକ୍ଷଣ । **ଟେଣ୍ଡର ମୂଲ୍ୟ:** ₹୧,୫୧,୩୮,୮୭୬.୪୮ । **ଇ.ଏମ୍.ଡି.:** ₹୨,୨୫,୭୦୦/–। **ଟେଣ୍ଡର ଫର୍ମ ମୂଲ୍ୟ:** ₹୫,୦୦୦/–। **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୬।୦୫।୨୦୨୫ରିଖ ୧୫.୦୦ ଘଟିକା । **ଟେଣ୍ଡର ଖୋଲାଯିବାର ତାରିଖ:** ତା୨୬।୦୫।୨୦୨୫ରିଖ ଟିଆର୍‌ଏସ୍/ଟାଟାନଗରଠାରେ । ଟେଣ୍ଡର ୱେବ୍‌ସାଇଟ୍: **http://www.ireps.gov.in** ରେ ଦେଖାଯାଇପାରିବ । ଇ–ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ । ଯଦି ଟେଣ୍ଡର ଖୋଲାଯିବା ତାରିଖ ବନ୍ଦ କିମ୍ବା ଛୁଟିଦିନ ଘୋଷିତ ହୁଏ, ତେବେ ଟେଣ୍ଡରକୁ ପରବର୍ତ୍ତୀ କାର୍ଯ୍ୟଦିବସରେ ସମାନ ସମୟରେ ଖୋଲାଯିବ । (PR-118)

प्रपत्र सं0–1
### कार्यपालक अभियंता का कार्यालय
राष्ट्रीय उच्च पथ प्रमंडल, देवघर।
ई–प्रोक्योरमेंट सूचना
अल्पकालीन ई–निविदा प्रसंग
सं0– NH/DEOGHAR/SBD/02/2024-25 (4th Call)
दिनांक:– 03.05.2025

| | | |
|---|---|---|
| 1. | कार्य का नाम | Widening & Strengthening Work of Meharma bypass starting from Sidhokanho Chowk to meet at Ch. 11.2 at Meharma from Km 9.300 to Km 11.200 of NH-133 (total Length- 1.710 Km) |
| 2. | प्राक्कलित राशि (रूपये में) | 4,99,72,033=72 |
| 3. | कार्य समाप्ति की अवधि | 05 माह |
| 4. | वेबसाईट पर निविदा प्रकाशित होने की तिथि एवं समय | 09.05.2025 (12:30 PM) |
| 5. | वेबसाईट पर निविदा उपलब्धता की अंतिम तिथि एवं समय | 26.05.2025 (05:00 PM) |
| 6. | निविदा खोलने की तिथि एवं समय | 27.05.2025 (03:00 PM) |
| 7. | निविदा आमंत्रित करने वाले का पदनाम एवं पता | कार्यपालक अभियंता राष्ट्रीय उच्च पथ प्रमंडल, देवघर |
| 8. | प्रोक्युरमेंट अधिकारी का सम्पर्क नम्बर | 8789224908 |
| 9. | ई–प्रोक्युरमेंट सेल का हेल्पलाईन नम्बर | 0651–2401010 |

ऑन लाइन निविदा के लिए वेबसाईट https://jharkhandtenders.gov.in पर देखें। ह0/–
कार्यपालक अभियंता
राष्ट्रीय उच्च पथ प्रमंडल, देवघर।
PR 351696 Deoghar(25-26)D

### Office of the Executive Engineer
### Drinking Water & Sanitation Division, Sahibganj

**Very-Very Short Term Tender e-Procurement Notice, (7th Call)**

e-Tender Reference No. :- **DWSD/SAHIBGANJ- 13/2024-25** **Date- 03.05.2025**

| Sl. No. | Name of work | Group No. | No. of Schemes | Block | Panchayat | Village | Habitations | PVTGs HH in Habitation | Estimated Cost (In Rs.) | Earnest Money (In Rs.) | Cost of BOQ (In Rs.) | Time of Completion |
|---|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 | 13 |
| 1 | Construction of Solar Motor Pump based Mini Water Supply Scheme in PvTG village having no drinking water facilites in Sahibganj District under PM-JANMAN Yojna under D.W&S. Division Sahibganj for the year 2024-25. | PVTG-160 | 1 | Taljhari | Karanpura | Kagbhitha | Kagbhitha | 20 | ₹ 12,40,016.00 | ₹ 24,900.00 | ₹ 2,500.00 | 3 Month |

| | | |
|---|---|---|
| 3 | Date & Time of Publication of Tender on website | 06.05.2025/ 06:00 P.M |
| 4 | Last Date & Time for receipt of Bid | 13.05.2025/ 05:00 P.M |
| 5 | Last date/ time of Online submission of Earnest Money and Cost of BOQ (As per Letter No.-120, dated-03.10.2023 of Secretary to Govt., Information Technology & e-Governance Department, Govt. of Jharkhand) | 13.05.2025/ 05:00 PM |
| 6 | Date & Time of Opening of Tender | 14.05.2025 / 05:00 PM |
| 7 | Name & address of office inviting tender | Executive Engineer, Drinking Water & Sanitation Division,Sahibganj, Jharkhand |
| 8 | Name & address of Opening officer | Executive Engineer, Drinking Water & Sanitation Division, Sahibganj Jharkhand |
| 9 | Contact No. of Procurement Office | 9264195681 |
| 10 | Helpline No. of e-procurement cell | 9264195681 |

Note :-No Claim shall be entertained because of disruption of internet service being used by the bidders. Bidders are advised to upload their bids well in advance to avoid last minute technical snags.
Further details can be seen on website http://jharkhandtenders.gov.in, Estimated cost may be increase or decrease.

Executive Engineer,
D.W.&.S, Division, Sahibganj.
PR 351640 Drinking Water and Sanitation(25-26)#D

### ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କ୍ଷେତ୍ରୀୟ କାର୍ଯ୍ୟାଳୟ: ପ୍ଲଟ୍ ନଂ.: ୧୦୮-ବି, ୧ମ ମହଲା, ୟୁନିଟ୍ - ୭, ସୂର୍ଯ୍ୟ ନଗର, ଗୋପବନ୍ଧୁ ଛକ ନିକଟ, ଭୁବନେଶ୍ୱର-୭୫୧୦୦୩

### ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍‌ପ୍ରାପ୍ତି ତାରିଖ ଠାରୁ **୬୦** ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଋଣଗ୍ରହୀତାମାନେ ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ **ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ନିମନ୍ତେ **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

| ଶାଖା / ଆକାଉଣ୍ଟ/ଋଣଗ୍ରହୀତା/ନିର୍ଦ୍ଦେଶକମାନଙ୍କ ନାମ ଏବଂ ଠିକଣା | ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ସିକ୍ୟୁରିଟାଇଜେସନ୍ ନୋଟିସ୍ ଦ୍ୱାରା ଦାବି କରାଯାଇଥିବା ରାଶି | ସିକ୍ୟୁରିଟାଇଜେସନ୍ ନୋଟିସ୍ ତାରିଖ / ଦଖଲ ତାରିଖ | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|---|
| **ସିଡିଏ ଶାଖା /** **ଋଣଗ୍ରହୀତା: ମେସର୍ସ ଫାଷ୍ଟ ଏମ୍ ଟ୍ରେଡର୍ସ ପ୍ରାଇଭେଟ୍ ଲିମିଟେଡ / ନିର୍ଦ୍ଦେଶକମାନେ: ୧) ଶିବାଜୀ ମିଶ୍ର, ୨) ସୁଷମା ମିଶ୍ର, ୩) ସ୍ୱାତୀ ନାୟକ,** ସମସ୍ତଙ୍କ ଠିକଣା- ପ୍ଲଟ୍ ନଂ.: ୮୧/ଏଲ୍/ଏଫ୍/୯, ସେକ୍ଟର-୮, ସିଡିଏ, କଟକ, ପୋ: ବିଡାନାସୀ, ଥାନା: ମର୍କତ ନଗର, କଟକ-୭୫୩୦୧୪ | **ଗ୍ୟାରେଣ୍ଟିଦାତାମାନେ: ୧) ଲାଲାଜୀ ମିଶ୍ର, ୨) ପାପାଜୀ ମିଶ୍ର / ବନ୍ଧକଦାତା: ଶିବାଜୀ ମିଶ୍ର,** ସମସ୍ତଙ୍କ ଠିକଣା- ପ୍ଲଟ୍ ନଂ.: ୮୧/ଏଲ୍/ଏଫ୍/୯, ସେକ୍ଟର-୮, ସିଡିଏ, କଟକ, ପୋ: ବିଡାନାସୀ, ଥାନା: ମର୍କତ ନଗର, କଟକ-୭୫୩୦୧୪ | **୨୫.୧୨.୨୦୨୪ ସୁଦ୍ଧା ଟ.୫୧,୯୯,୮୨୧/-** + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଇତ୍ୟାଦି | **୨୬.୧୨.୨୦୨୪ / ୩୦.୦୪.୨୦୨୫** | **ଶିବାଜୀ ମିଶ୍ର**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୫୩/୧୧୨୩, ପ୍ଲଟ୍ ନଂ.: ୧୫୧/୪୦୯୬, କ୍ଷେତ୍ର: ଏକର୦.୦୧୫ ଡିସିମିଲି, ପ୍ଲଟ୍ ନଂ.: ୧୪୯/୪୦୯୭, କ୍ଷେତ୍ର: ଏକର୦.୦୬୦ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୦୭୫ ଡିସିମିଲି,** ମୌଜା: ଖମାରଙ୍ଗ, ଥାନା: ବାଙ୍କୀ, |
| ତହସିଲ: ବାଙ୍କୀ, ଜିଲ୍ଲା: କଟକ, **ପ୍ଲଟ୍ ନଂ.: ୧୫୧/୪୦୯୬ର ଚାରିପାର୍ଶ୍ୱରେ** ପୂର୍ବ: ବାବୁଲି ମହାପାତ୍ର, ପଶ୍ଚିମ: ନିଜସ୍ୱ, ଉତ୍ତର: ସରକାରୀ ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୧୫୧, **ପ୍ଲଟ୍ ନଂ.: ୧୪୯/୪୦୯୭ର ଚାରିପାର୍ଶ୍ୱରେ** ପୂର୍ବ: ବାବୁଲି ମହାପାତ୍ର, ପଶ୍ଚିମ: ନିଜସ୍ୱ, ଉତ୍ତର: ନିଜସ୍ୱ, ଦକ୍ଷିଣ: ସୁଷମା ମିଶ୍ର | | | | |
| **ସିଡିଏ ଶାଖା /** **ଋଣଗ୍ରହୀତାମାନେ: ୧) ସୁଷମା ମିଶ୍ର,** ସ୍ୱାମୀ: କେଳୁଚରଣ ମିଶ୍ର, **୨) ମାଷ୍ଟର ଲାଲାଜୀ ମିଶ୍ର,** ପିତା: କେଳୁଚରଣ ମିଶ୍ର, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୮୧/ଏଲ୍/ଏଫ୍/୯, ସେକ୍ଟର-୮, ସିଡିଏ, କଟକ, ପୋ: ବିଡାନାସୀ, ଥାନା: ମର୍କତ ନଗର, କଟକ-୭୫୩୦୧୪ | **ବନ୍ଧକଦାତା: ସୁଷମା ମିଶ୍ର,** ସ୍ୱାମୀ: କେଳୁଚରଣ ମିଶ୍ର, ପ୍ଲଟ୍ ନଂ.: ୮୧/ଏଲ୍/ଏଫ୍/୯, ସେକ୍ଟର-୮, ସିଡିଏ, କଟକ, ପୋ: ବିଡାନାସୀ, ଥାନା: ମର୍କତ ନଗର, କଟକ-୭୫୩୦୧୪ | **୦୨.୦୧.୨୦୨୫ ସୁଦ୍ଧା ଟ.୨୫,୯୪,୫୮୨/-** + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଇତ୍ୟାଦି | **୦୩.୦୧.୨୦୨୫ / ୩୦.୦୪.୨୦୨୫** | **ସୁଷମା ମିଶ୍ର**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବନମାଳିପୁର, ଥାନା: ଚୌଦ୍ୱାର, ତହସିଲ: ଟାଙ୍ଗି-ଚୌଦ୍ୱାର, ଜିଲ୍ଲା: କଟକ, ଖାତା ନଂ.: ୫୮/୨୬୬, ପ୍ଲଟ୍ ନଂ.: ୧୧୩/୫୨୪, କ୍ଷେତ୍ର: ଏକର୦.୨୧୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: |
| ୧୧୩ର ବଳକା ଜମି, ପଶ୍ଚିମ: ପ୍ଲଟ୍ ନଂ.: ୧୧୩ର ବଳକା ଜମି, ଦକ୍ଷିଣ: ପ୍ଲଟ୍ ନଂ.: ୨୩୯, ଉତ୍ତର: ପ୍ଲଟ୍ ନଂ.: ୧୧୩ର ୨୦ଫୁଟିଆ ଚଉଡା ରାସ୍ତା | | | | |
| **କଟକ ପୁରୀ ରୋଡ ଶାଖା /** **ଋଣଗ୍ରହୀତାମାନେ: ୧) ସନ୍ତୋଷ ପରିଡା, ୨) ଲକ୍ଷ୍ମୀଧର ପରିଡା,** ଉଭୟଙ୍କ ଠିକଣା- ସା: ତେରବାଟିଆ, ପୋ: ଲକ୍ଷ୍ମୀନାରାୟଣପୁର, ବାଲିପାଟଣା, ଖୋର୍ଦ୍ଧା, ପିନ୍-୭୫୨୧୦୦ | **ବନ୍ଧକଦାତା: ଲକ୍ଷ୍ମୀଧର ପରିଡା,** ସା: ତେରବାଟିଆ, ପୋ: ଲକ୍ଷ୍ମୀନାରାୟଣପୁର, ବାଲିପାଟଣା, ଖୋର୍ଦ୍ଧା, ପିନ୍-୭୫୨୧୦୦ | **୨୪.୧୨.୨୦୨୪ ସୁଦ୍ଧା ଟ.୧୪,୭୭,୦୨୭/-** + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଇତ୍ୟାଦି | **୨୬.୧୨.୨୦୨୪ / ୦୨.୦୫.୨୦୨୫** | **ଲକ୍ଷ୍ମୀଧର ପରିଡା**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଝିଣ୍ଟି ଶାସନ, ଥାନା: ବାଲିପାଟଣା, ତହସିଲ: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୧୩୬୧, ପ୍ଲଟ୍ ନଂ.: ୧୮୭୦, କ୍ଷେତ୍ର: |
| ଏକର୦.୦୭୦୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାଶି ପରିଡା, ପଶ୍ଚିମ: ଦିନବନ୍ଧୁ ପରିଡା, ଦକ୍ଷିଣ: କାଶିନାଥ ପରିଡା, ଉତ୍ତର: ରାସ୍ତା | | | | |

**ସ୍ଥାନ : ଭୁବନେଶ୍ୱର, ତାରିଖ : ୦୫.୦୫.୨୦୨୫** **କ୍ଷମତାପ୍ରାପ୍ତ ଅଧିକାରୀ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

No. W-3
न्याय सब के लिए / ACCESS TO JUSTICE FOR ALL

### ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୫
**୧୦।୦୫।୨୦୨୫ (ଦ୍ୱିତୀୟ ଶନିବାର)**

**ବିଶେଷ ସୂଚନା**

୧) ଆଜ୍ଞା, କଚେରିରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧୀନ ରହିଛି କି ବା ଆପଣଙ୍କର କାହା ସହିତ କୌଣସି ବିବାଦ ରହିଛି କି ?
୨) ତେବେ ଆପଣ ସେ ମକଦ୍ଦମା/ବିବାଦର ସହଜ ଏବଂ ଆପୋସ ସହମତିରେ ସମାଧାନ ପାଇଁ ଲୋକ ଅଦାଲତର ସହାୟତା ନିଅନ୍ତୁ।
୩) ୧୦।୦୫।୨୦୨୫ (ଦ୍ୱିତୀୟ ଶନିବାର)ରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ତଥା ପ୍ରତ୍ୟେକ ଜିଲ୍ଲାସ୍ତରୀୟ ଏବଂ ତାଲୁକ୍‌ସ୍ତରୀୟ ବିଚାର ବିଭାଗୀୟ ନ୍ୟାୟାଳୟ ପରିସରରେ ଏକ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି।
୪) ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା, ଯଥା ଫୌଜଦାରି (ସାଲିସ୍‌ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ଶ୍ରମ ବିବାଦ ମାମଲା, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲା ଯଥା ବିଦ୍ୟୁତ୍ ଓ ଜଳ ବିଲ୍ ପୈଠ ସମ୍ବନ୍ଧୀୟ ମାମଲା (ସାଲିସ୍‌ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ)/ପାରିବାରିକ ବିବାଦ, ଜମି ଅଧିଗ୍ରହଣ ମାମଲା, ଚାକିରି ସମ୍ବନ୍ଧୀୟ (ପେନ୍‌ସନ ମାମଲା ଅନ୍ତର୍ଭୁକ୍ତ), ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲା (ଉଚ୍ଚତମ ନ୍ୟାୟାଳୟ, ଜିଲ୍ଲା କୋର୍ଟରେ ଓ ରାଜ୍ୟ/ଜିଲ୍ଲା/ତାଲୁକ କର୍ତ୍ତୃପକ୍ଷଙ୍କ ନିକଟରେ ଥିବା ବିଚାରାଧୀନ), ବୌଦ୍ଧିକ ସମ୍ପତ୍ତି ଅଧିକାର ମାମଲା/ଖାଉଟି ବିବାଦ/ଅନ୍ୟାନ୍ୟ ବିବାଦ କୌଣସି ଅର୍ଦ୍ଧ-ନ୍ୟାୟିକ ପ୍ରାଧିକରଣ ନିକଟରେ ବିଚାରାଧୀନ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଆପୋସ ସହମତିରେ ସମାଧାନ କରାଯାଇପାରିବ।
୫) କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମାସ୍ତରୀୟ (ନ୍ୟାୟାଳୟରେ ଦାୟର ହୋଇ ନଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦ ଗୁଡ଼ିକ (ସାଲିସ୍‌ବିହୀନ ବିବାଦକୁ ବାଦ୍ ଦେଇ) ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ)/ପାରିବାରିକ ବିବାଦ ଓ ଅନ୍ୟାନ୍ୟ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ।
୬) ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଲଯୋଗ୍ୟ।
୭) ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ।
୮) ଦୀର୍ଘଦିନ ଧରି ଚାଲୁରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହି ସୁବର୍ଣ୍ଣ ସୁଯୋଗର ସଦୁପଯୋଗ କରନ୍ତୁ।
୯) ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ।

**ସଦସ୍ୟ ସଚିବ**
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ
ଆଇନ ସେବା ଭବନ, ସେକ୍ଟର-୧, ସିଡିଏ, କଟକ
ଯୋଗାଯୋଗ:
ମୋ: ୯୪୩୮୫୭୮୫୮୬/୮୨୪୯୫୪୨୨୫୯
ଇ-ମେଲ୍: oslsa2020@gmail.com
OIPR-18008/11/0016/2526

# ପ୍ରତିଶ୍ରୁତିରେ ଅଟକିଛି ଘୋଷଣା


ବାଲିଆପାଳ ପଞ୍ଚାୟତ ସମିତି କାର୍ଯ୍ୟାଳୟ।

ବାଲିଆପାଳ,୫।୫(ଗୋପାଳ ଚନ୍ଦ୍ର ସାହୁ)

ରାଜ୍ୟରେ ୩୪ଟି ନୂଆ ଏନ୍‌ଏସି ଘୋଷଣା କରାଯାଇଥିବା ବେଳେ ବାଲେଶ୍ୱର ଜିଲା ବାଲିଆପାଳ ପୁଣି ଥରେ ବାଦ୍ ପଡ଼ିଛି। ପ୍ରତିଶ୍ରୁତିରେ ଅଟକି ରହିଥିବା ଏନ୍‌ଏସି ଘୋଷଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବଢ଼ି ଚାଲିଛି। ପ୍ରକାଶିତ ତାଲିକାରୁ ବାଲିଆପାଳ କୁଆଡ଼େ ଗଲା ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି।

୨୦୨୪ ସାଧାରଣ ନିର୍ବାଚନର ଅବ୍ୟବହିତ ପୂର୍ବରୁ ବିଜେଡି ସରକାର

## ବାଲିଆପାଳକୁ ଏନ୍‌ଏସି ମାନ୍ୟତା ଦାବି

ସମଗ୍ର ରାଜ୍ୟରେ ୩୪ଟି ନୂଆ ଏନ୍‌ଏସି ଘୋଷଣା କରିଥିଲେ। ମାତ୍ର ବହୁ ବର୍ଷ ପୂର୍ବରୁ ବାଲିଆପାଳ ସହରାଞ୍ଚଳର ମାନ୍ୟତା ପାଇଥିଲେ ମଧ୍ୟ ଏହା ଏନ୍‌ଏସି ତାଲିକାରୁ ସେତେବେଳେ ବାଦ୍ ପଡ଼ିଥିଲା। ଏନେଇ ଅସନ୍ତୋଷ ବୃଦ୍ଧି ପାଇବା ସହ ସ୍ଥାନୀୟ ଅଞ୍ଚଳର ସାମାଜିକ ସଂଗଠନମାନଙ୍କ ଦ୍ୱାରା ଜନ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ଦୃଢ଼ ପ୍ରତିବାଦ ପରେ ବିଜେଡି ସରକାର ଦ୍ୱିତୀୟ ପର୍ଯ୍ୟାୟରେ ବାଲିଆପାଳକୁ ଏନ୍‌ଏସି ଘୋଷଣା ତାଲିକାରେ ସାମିଲ କରିଥିଲେ। ହେଲେ ସଦ୍ୟ ପ୍ରକାଶିତ ରାଜ୍ୟ ସରକାରଙ୍କ ଏନ୍‌ଏସି ତାଲିକାରେ ବାଲିଆପାଳର ନାମ ନାହିଁ। ଏହା ବାଲିଆପାଳବାସୀଙ୍କ ପାଇଁ ଦୁଃଖ ଏବଂ ପରିତାପର ବିଷୟ ପାଲଟିଛି।

ପ୍ରକାଶ ଥାଉକି, ୧୯୯୫ରୁ ବାଲିଆପାଳ ବ୍ଲକର ବାଲିଆପାଳ ଓ ମଧୁପୁରା ଗ୍ରାମ ପଞ୍ଚାୟତର ୧୫ଟି ଗାଁକୁ ନେଇ ଅର୍ବାନ ଏରିଆ କରାଯିବାର ସରକାରଙ୍କ ପାଖରେ ପ୍ରସ୍ତାବ ରହିଛି। ସେତେବେଳର ବିଧାୟକ ସ୍ୱର୍ଗତ ଜୟ ନାରାୟଣ ମହାନ୍ତି ବାଲିଆପାଳକୁ ଏନ୍‌ଏସି କରାଯିବା ପାଇଁ ଦାବି କରିଥିଲେ। ତଦନୁଯାୟୀ ୧୫ଟି ଗାଁକୁ ନେଇ ସର୍ଭେ କରାଯାଇ ସରକାରୀ ଫାଇଲରେ ବାଲିଆପାଳ ଅର୍ବାନ ଏରିଆ ବୋଲି ଘୋଷଣାରେ ରହିଛି। ଅଦ୍ୟାବଧି ବାଲିଆପାଳ ବ୍ଲକ ଅଧୀନ ଏହି ୧୫ଟି ଗାଁର ଅଧିବାସୀ ଖଜଣା ହେଉ କି ଜମିବାଡ଼ି ବିକ୍ରି ଖରିଦ୍ କିମ୍ବା ଘରବାଡ଼ି ଇତ୍ୟାଦି କରିବା ପାଇଁ ଅର୍ବାନ ଏରିଆ ହିସାବରେ ସରକାରଙ୍କୁ ଟିକସ ଦେଉଛନ୍ତି। ମାତ୍ର ସରକାର ପରେ ସରକାର ବଦଳିବାରେ ଲାଗିଛି ହେଲେ ବାଲିଆପାଳ ପ୍ରତି କାହାର ନଜର ନାହିଁ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ନିବେଦନ କରିଛନ୍ତି।

### ଏମାନେ ଯାହା କୁହନ୍ତି...

“ ବାଲିଆପାଳ ସହରାଞ୍ଚଳ ହେବା ପାଇଁ ବହୁତ କିଛି ଆବଶ୍ୟକତା ରହିଛି, ଯାହାକି ତାହା ବର୍ତ୍ତମାନ ସୁଦ୍ଧା ପୂରଣ ହୋଇ ପାରିନାହିଁ। ତେଣୁ ସହରାଞ୍ଚଳ ହେବାରେ ବାଲିଆପାଳ ବହୁ ପଛରେ ରହିଛି।

**- ଅଞ୍ଜନ କୁମାର ଗିରି, ସରପଞ୍ଚ, ନିଖିରା ଗ୍ରାମ ପଞ୍ଚାୟତ।**

“ ବାଲିଆପାଳ ଅଞ୍ଚଳର ରାଜନେତାଙ୍କ ଇଚ୍ଛା ଶକ୍ତି ଅଭାବ ହିଁ ଏନ୍‌ଏସି ଘୋଷଣାରେ ଅନ୍ତରାୟ ସାଜିଛି। ଭୋଟ୍ ସମୟରେ ଭୋଟରଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଭୋଟ୍ ହାତେଇବା ପାଇଁ ସେତେବେଳର ସରକାର ସୁଚିନ୍ତିତ ଯୋଜନା ମାଧ୍ୟମରେ ବାଲିଆପାଳକୁ ବିଜ୍ଞାପିତ ଅଞ୍ଚଳ ବୋଲି ଘୋଷଣା କରିଥିଲେ। ଯାହାକି କୌଣସି କାଗଜ ପତ୍ରରେ ଉଲ୍ଲେଖ ନ ଥିବା ଜଣାପଡ଼ିଛି।

**- ଅନୋଜ ମହାପାତ୍ର, ସାମାଜିକ କର୍ମୀ।**

“ କିଛି ସ୍ୱାର୍ଥାନ୍ୱେଷୀ ଲୋକଙ୍କ କୁଚକ୍ରାନ୍ତରେ ବାଲିଆପାଳ ଓ ମଧୁପୁରା ପଞ୍ଚାୟତରେ ଅନୁଷ୍ଠିତ ଗ୍ରାମ ସଭାରେ ସ୍ଥାନୀୟ ଜନ ସାଧାରଣ ଏନ୍‌ଏସି ଘୋଷଣାକୁ ବିରୋଧ କରିଥିଲେ। ଏଥିପାଇଁ ବାଲିଆପାଳ ଏନ୍‌ଏସି ଘୋଷଣାରୁ ବାଦ୍ ପଡ଼ିଛି।

**- ଗୋବିନ୍ଦ ପ୍ରସାଦ ଦାସ, ସଭାପତି, ବାଲିଆପାଳ ବ୍ଲକ ବିଜେଡି।**

# ‘ସଙ୍ଗୀତ ଐଶ୍ୱରିକ ଅନୁଭୂତି ପ୍ରଦାନ କରେ’

ବାଲେଶ୍ୱର,୫।୫(ବାଞ୍ଛାନିଧି ଦେ)

## ନିଆରା କଣ୍ଠଶିଳ୍ପୀ ଶ୍ରେୟା ଶର୍ବାଣୀ


ଶ୍ରେୟା ଶର୍ବାଣୀ।

ସଙ୍ଗୀତ ହିଁ ମଣିଷ ଜୀବନରେ ଆନନ୍ଦ ଭରିଥାଏ। ସଙ୍ଗୀତ ଶୁଣିଲେ ମନକୁ ଶାନ୍ତି ମିଳେ। ଏହାକୁ ଭଲଗୀତ ଓ ସୁର ମାଧ୍ୟମରେ ସମ୍ଭବ କରାଇଥାନ୍ତି ସଙ୍ଗୀତର ଯାଦୁକର। ଗୀତ ଅନେକଙ୍କ ପାଇଁ ଜୀବନ ପାଲଟି ଯାଏ। ସଙ୍ଗୀତକୁ ନେଇ ସେମାନେ ଅନେକ ସ୍ୱପ୍ନ ଦେଖିଥାନ୍ତି। ସଙ୍ଗୀତକୁ ନେଇ ପ୍ରଶଂସା ସାଉଁଟିଥିବା ଜଣେ ନିଆରା କଣ୍ଠଶିଳ୍ପୀ ହେଉଛନ୍ତି ଶ୍ରେୟା ଶର୍ବାଣୀ ଦାସ। ବୟସ ୧୮। ଯୁକ୍ତ୨ ପାସ୍ ପରେ ଏବେ ସେ ମେଡିକାଲ କୋଚିଂ ନେଉଛନ୍ତି। ଶାନ୍ତ ସ୍ୱଭାବର। କଥାବାର୍ତ୍ତା କମ୍ କରନ୍ତି। ପ୍ରଗାଢ଼ ଈଶ୍ୱର ବିଶ୍ୱାସୀ। ବାଲେଶ୍ୱର ଭାସ୍କରଗଞ୍ଜ ଅଞ୍ଚଳର ପୁଷ୍ପିତା ଦାସ ଓ ମଦନ ମୋହନ ଦାସଙ୍କ କନ୍ୟା ସେ।

ଜେଜେବାପା ସ୍ୱର୍ଗତ ଭବେନ୍ଦ୍ର କୁମାର ଦାସ ଥିଲେ ବିଶିଷ୍ଟ ମଞ୍ଚ ଅଭିନେତା, ନିର୍ଦ୍ଦେଶକ ତଥା ଆକାଶବାଣୀର ସ୍ୱୀକୃତିପ୍ରାପ୍ତ କଳାକାର। ଜେଜେମା’ ସ୍ନିଗ୍ଧାରାଣୀ ଦାସ ଥିଲେ ଶାସ୍ତ୍ରୀୟ ଭଜନ ଓ ଲଘୁ ସଂଗୀତ କଣ୍ଠଶିଳ୍ପୀ। ପିଲା ଦିନୁ ଜେଜେମା’ ଓ ଜେଜେବାପାଙ୍କ ପ୍ରଭାବ ତାଙ୍କ ଉପରେ ପଡ଼ିଥିଲା। ୩ବର୍ଷ ବୟସରୁ ସେ ଟିଭି, ମୋବାଇଲରେ କୌଣସି ଗୀତ ଶୁଣି ଭଜନ, ସିନେମା ଓ ଆଧୁନିକ ଗୀତକୁ ମନେ ରଖି ଠିକ୍ ସ୍ୱରରେ ଗାଇ ପାରୁଥିଲେ। ମା’ ପୁଷ୍ପିତା ଓ ବାପା ମଦନମୋହନ ଝିଅର ସଙ୍ଗୀତ ପ୍ରତି ଆକର୍ଷଣ ଦେଖି ବାଲେଶ୍ୱର ଦୟାଲ ଏକାଡେମୀରେ ସଙ୍ଗୀତ ଶିକ୍ଷା ପାଇଁ ନାମ ଲେଖାଇଥିଲେ। ସେଠାରେ ସେ ଗୁରୁ ସୁଜିତ ଭୋଇ ଓ ପ୍ରମୋଦ ଦାସଙ୍କ ଠାରୁ ସଙ୍ଗୀତ ଶିକ୍ଷା ଆରମ୍ଭ କରିଥିଲେ। ଏହାପରେ ସଙ୍ଗୀତ ଗୁରୁ ଓଡ଼ିଶୀ ବିଶାରଦ ସତ୍ୟରଞ୍ଜନ ମହାନ୍ତିଙ୍କ ଠାରୁ ଏଯାବତ୍ ସଙ୍ଗୀତ ଶିକ୍ଷା ଜାରି ରଖିଛନ୍ତି। ସେ ଜଣେ କଣ୍ଠଶିଳ୍ପୀ ଭାବେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ସେ ଅନେକ ମ୍ୟୁଜିକ୍ ଆଲବମ୍‌ରେ କଣ୍ଠଦାନ କରିଛନ୍ତି। ଭକ୍ତ ବଳରାମ କ୍ୟାସେଟ୍‌ରେ ଗାଇଥିବା ଗୀତ ସମସ୍ତଙ୍କ ହୃଦୟକୁ ଛୁଇଁଛି। କେବଳ ଜଣେ କଣ୍ଠଶିଳ୍ପୀ ନୁହେଁ ଜଣେ ଅଭିନେତ୍ରୀ ଭାବେ ମଧ୍ୟ ସେ ସବୁଠି ପ୍ରଶଂସିତ ହୋଇଛନ୍ତି। ସେ ଅକ୍ଷୟ ସ୍ମୃତି, କେଏଲ୍‌ଏମ୍, ଭିକାରୀ ବଳ, ଠାକୁର ଅନୁକୂଳ ଚନ୍ଦ୍ର ସତ୍‌ସଙ୍ଗ, ତେନ୍ତୁଳିଆ ମହୋତ୍ସବ, ରେମୁଣା ମହୋତ୍ସବ ଆଦି ମଞ୍ଚ ସମେତ ଜିଲା ତଥା ରାଜ୍ୟସ୍ତରୀୟ ସଙ୍ଗୀତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ସାଉଁଟିବା ସହ ପୁରସ୍କୃତ ହୋଇଛନ୍ତି।

ଶ୍ରେୟା ଶର୍ବାଣୀ କହନ୍ତି, ସଙ୍ଗୀତ ଐଶ୍ୱରିକ ଅନୁଭୂତି ପ୍ରଦାନ କରେ। ସଙ୍ଗୀତ ସାଧନାରେ ସାରା ଜୀବନ ନିମଗ୍ନ ରହିବି। ସଙ୍ଗୀତ ମାଧ୍ୟମରେ ବାଲେଶ୍ୱର ମାଟି ଓ ସଂସ୍କୃତିକୁ ଆନ୍ତର୍ଜାତିକସ୍ତରରେ ପରିଚିତ କରାଇବା ମୋର ଲକ୍ଷ୍ୟ। ସୁର ସମ୍ରାଜ୍ଞୀ ଲତା ମଙ୍ଗେସକର, ଅନୁରାଧା ପୋଡ଼୍‌ୱାଲ, ତୃପ୍ତୀ ଦାସ ଓ ଶୈଳଭାମା ତାଙ୍କର ଆଦର୍ଶ ବୋଲି କହିଛନ୍ତି।

## ସଂକ୍ଷେପରେ

### ୫୨ ଗୋରୁ ଉଦ୍ଧାର

ବାହାନଗା,୫।୫(ଅରୂପ କୁମାର ଦାସ)

ବାହାନଗା ବ୍ଲକ ସାହାସପୁରା ନିକଟରେ ୨ ଦିନରେ ୫୨ଟି ଗୋରୁ ଉଦ୍ଧାର ହୋଇଛି। ୨ଟି ଗୋରୁ ବୋଝେଇ ଗାଡ଼ିକୁ ଗୋପାଳପୁର ଥାନା ପୋଲିସ ଜବଦ କରିବା ସହିତ ୨ଟି ମାମଲା ରୁଜୁ କରିଛି। ଉଦ୍ଧାର ଗୋରୁଗୁଡ଼ିକୁ ରେମୁଣାସ୍ଥିତ ମା’ ଭାରତୀ ଗୋଶାଳାରେ ରଖାଯାଇଛି। ଶୁକ୍ରବାର ରାତିରେ ସାହାସପୁରାରୁ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ ଗୋରୁ ନେଇ ବାଲେଶ୍ୱର ଆଡ଼କୁ ବାହାରୁଥିବା ବେଳେ ଖବରପାଇ ଗୋପାଳପୁର ଥାନା ପୋଲିସ ଚଢ଼ାଉ କରିଥିଲା। ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ପୋଲିସ ୩୪ଟି ଗୋରୁ ଉଦ୍ଧାର କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୯୮/୨୫) ରୁଜୁ ହୋଇଛି। ସେହିପରି ରବିବାର ବିଳମ୍ବିତ ରାତିରେ ସାହାସପୁରା ନିକଟରୁ ଗୋରୁ ବୋଝେଇ ଅନ୍ୟଏକ ପିକ୍‌ଅପ୍ ଭ୍ୟାନ ପୋଲିସ ଜବତ କରିଛି। ସେଥିରେ ଥିବା ୧୮ଟି ଗୋରୁଙ୍କୁ ଉଦ୍ଧାର ପରେ ମା’ ଭାରତୀ ଗୋଶାଳାରେ ରଖାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୧୦୦/୨୫)ରୁଜୁହୋଇଛି।

### ମେଧାବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା


ସୁଶ୍ରୀ ଆଦ୍ୟାଶା ବେହେରା।

ରସାଲପୁର,୫।୫(ଶରତ ସାମଲ)

ବାଲେଶ୍ୱର ଜିଲା ସଦର ବ୍ଲକ୍ ଅନ୍ତର୍ଗତ ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟ ସାଉଁର ଛାତ୍ରୀ ସୁଶ୍ରୀ ଆଦ୍ୟାଶା ବେହେରା ଚଳିତ ମାଟ୍ରିକ୍ ପରୀକ୍ଷାରେ ୫୪୦ ନମ୍ବର ରଖି ଏ-୧ ଗ୍ରେଡ୍‌ରେ କୃତକାର୍ଯ୍ୟ ହୋଇଛନ୍ତି। ସେଥି ପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଏବଂ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟୁଛି। ଏହି ପରିପ୍ରେକ୍ଷୀରେ ସୁବର୍ଣ୍ଣ ଜୟନ୍ତୀ କମିଟି ତରଫରୁ ରବିବାର ତାଙ୍କୁ ପୁଷ୍ପ ଗୁଚ୍ଛ ଏବଂ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ସେ ଡାକ୍ତର ହୋଇ ରୋଗୀ ସେବାରେ ନିୟୋଜିତ ହେବେ ବୋଲି କହିଛନ୍ତି। ଏହି ସଫଳତା ନିମନ୍ତେ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ ଟିଉସନ ସାରଙ୍କ ପ୍ରେରଣାରେ ସେ ୭ରୁ ୮ ଘଣ୍ଟା ପରିଶ୍ରମ କରୁଥିଲେ। ତେବେ ବାପା ଗୋପାଳ କୃଷ୍ଣ ବେହେରା ଓ ମା’ଙ୍କ ଆଶୀର୍ବାଦ ସଫଳତାର ଶୀର୍ଷ ସ୍ଥାନରେ ପହଞ୍ଚାଇ ପାରିଛି ବୋଲି ମତବ୍ୟକ୍ତ କରିଛନ୍ତି।

# ରାସ୍ତା ମରାମତି ନ ହେଲେ ଆନ୍ଦୋଳନ


ମଳିହା ଗାଁ ନିକଟରେ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ରାସ୍ତା।

ଖଇରା,୫।୫(ଉତ୍କଳବନ୍ଧୁ ପଣ୍ଡା)

- ଶୋଚନୀୟ ପଳସା-ଡୁଙ୍ଗୁରା ରାସ୍ତା
- ଯାତ୍ରୀଙ୍କୁ ଅଣନିଃଶ୍ୱାସୀ କଲାଣି ଟେଣ୍ଡର ବିବାଦ

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ୪ ପଞ୍ଚାୟତକୁ ସଂଯୋଗ କରୁଥିବା ପଳସା-ଡୁଙ୍ଗୁରା ରାସ୍ତାର ଶୋଚନୀୟ ଅବସ୍ଥା ଯାତ୍ରୀଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇଛି। ୭ କି.ମି. ରାସ୍ତାରେ ୭୦୦ ଛୋଟ ବଡ଼ ଗାତ ପାଇଁ ସାଇକେଲ, ବାଇକ ଆରୋହୀ ଅଣନିଃଶ୍ୱାସୀ ହୋଇ ପଡ଼ିଲେଣି। ତୁରନ୍ତ ରାସ୍ତାର ପୁନଃନିର୍ମାଣ କରା ନ ଗଲେ ବିକ୍ଷୋଭ କରାଯିବ ବୋଲି ଡୁଙ୍ଗୁରା, ଗୋଳିହା,ପଳସା ଓ ତୋରାଣିପଦା ଗ୍ରାମର ଅଧିବାସୀମାନେ ଚେତାବନୀ ଦେଇଛନ୍ତି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

ଏହି ରାସ୍ତା ନିର୍ମାଣ ପାଇଁ ୨୦୨୨ରେ ଟେଣ୍ଡର ହୋଇଥିବା ବେଳେ ଟେଣ୍ଡର ନେଇଥିବା ଠିକାଦାର ରାସ୍ତା ନିର୍ମାଣର ଅବଧି ସରିବାର ୨ବର୍ଷ ପରେ ଆରମ୍ଭ କରିବାରୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ବିରୋଧ କରାଯାଇଥିଲା। ଏହି ବିରୋଧ ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଠିକାଦାରଙ୍କ କାମ ଅନୁଯାୟୀ ତାଙ୍କ ବିଲ ପ୍ରଦାନ କରିବା ସହ କାର୍ଯ୍ୟାନ୍ତର କରିଥିଲେ। ଏହା ପରେ ନିକଟରେ ପୁନଶ୍ଚ ରାସ୍ତା ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ହେଲେ ବିଡ଼ମ୍ବନା ଏହି କି ଯେ, ପୁରୁଣା ଠିକାଦାର ଜଣକ ଏହି ଟେଣ୍ଡର ବିରୋଧରେ ଅଦାଲତରେ ଆଶ୍ରୟ ନେଇଥିବା କାରଣରୁ ଏବେ ରାସ୍ତା ନିର୍ମାଣ ଆରମ୍ଭ ହୋଇ ପାରୁନି। ଯେଉଁଥିପାଇଁ ଦୈନିକ ଶହ ଶହ ସଂଖ୍ୟାର ଯାତ୍ରୀଙ୍କୁ କଷଣ ସହିବାକୁ ପଡୁଛି। ବିଭାଗ ଓ ଠିକାଦାରଙ୍କ କଳି ଭିତରେ ସାଧାରଣ ଯାତ୍ରୀଙ୍କୁ ଦହଗଞ୍ଜ ହେବାକୁ ପଡୁଛି। ଗୋଟିଏ ପକ୍ଷରେ ଏହି ରାସ୍ତା ଐତିହାସିକ ପତିରାଜପୁର ମେଳା ପଡ଼ିଆକୁ ସଂଯୋଗ କରୁଥିବା ବେଳେ ସେପଟେ ଏହି ରାସ୍ତାରେ ନଛିପୁର, ପଳସା ଗୋବିନ୍ଦ ଚନ୍ଦ୍ର ହାଇସ୍କୁଲ, ଗୋଳିହା ଚଣ୍ଡିମାତା ଉଚ୍ଚ ବିଦ୍ୟାପୀଠ ଓ ଡୁଙ୍ଗୁରା ଦର୍ଶନ ପ୍ରସାଦ ହାଇସ୍କୁଲର ଛାତ୍ରୀଛାତ୍ରମାନେ ଯିବାଆସିବା କରିଥାନ୍ତି। ଏବେ ରାସ୍ତାରେ ବିଛାଡି ହୋଇ ପଡିଥିବା ମେଟାଲ ଚିପ୍ସ ସବୁ ବର୍ଗର ଲୋକଙ୍କୁ ଯନ୍ତ୍ରଣା ଦେଉଛି। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ବୁଦ୍ଧନାଥ ସିଂଙ୍କୁ ଯୋଗାଯୋଗ କରିବାରେ ଅଦାଲତ ମାମଲା ଛିଡ଼ବା ପରେ ରାସ୍ତାକାମ ଆରମ୍ଭ ହେବ ବୋଲି କହିଛନ୍ତି।

## ଦେଶୀ ମଦ, ପୋଚ ଜବତ

ଜଳେଶ୍ୱର,୫।୫(ନବୀନ ସାହୁ)

ପଶ୍ଚିମବଙ୍ଗ-ଓଡ଼ିଶା ସୀମା ଶ୍ୟାମନଗର ପଞ୍ଚାୟତର ଘଷିପଦା ଗାଁରେ ଥିବା ଚୋରା ମଦଭାଟି ଉପରେ ରବିବାର ଜଳେଶ୍ୱର ଅବକାରୀ ବିଭାଗ ଚଢ଼ାଉ କରି ୨୦୨୫ ଲିଟର ପୋଚ ଏବଂ ୬୦ ଲିଟର ଦେଶୀ ମଦ ଜବତ କରିଛି। ଜବତ ପୋଚର ଆନୁମାନିକ ମୂଲ୍ୟ ୧ ଲକ୍ଷ ୨୫ ହଜାର ଏବଂ ଦେଶୀ ମଦର ମୂଲ୍ୟ ୧୨ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ କହିଛି। ଚଢ଼ାଉ ସମୟରେ ଜଳେଶ୍ୱର ଅବକାରୀ ଥାନା ଅଧିକାରୀ ଚନ୍ଦନ ନାୟକ, ଜୟପ୍ରକାଶ ଦେହୁରୀ, ବାସୁଦେବ କାମିଲା ଓ ଅନିଲ ପଣ୍ଡା ଉପସ୍ଥିତ ଥିଲେ। ଏଥିରେ ସମ୍ପୃକ୍ତ ବ୍ୟକ୍ତିମାନେ ଫେରାର ହୋଇଯାଇଛନ୍ତି।

## ପୁରାତନ ଛାତ୍ର ସଂସଦ ନିର୍ବାଚନ

### ସାନପାଟପୁର ନୋଡ଼ାଲ ହାଇସ୍କୁଲ

ନୀଳଗିରି,୫।୫(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ଉପଖଣ୍ଡ ସାନପାଟପୁର ନୋଡ଼ାଲ ହାଇସ୍କୁଲରେ ସୋମବାର ପୂର୍ବତନ ଛାତ୍ର ସଂସଦ ଆଲୁମିନି କମିଟି ଗଠନ କରାଯାଇଛି। ସ୍ଥାନୀୟ ସରପଞ୍ଚ ନିରଞ୍ଜନ ବାରିକ ବୈଠକରେ ସଭାପତିତ୍ୱ କରିଥିଲେ। ସଭାପତି ପାଦ ପାଇଁ ପ୍ରତିଯୋଗିତା ହୋଇଥିଲା। ସଭାପତି ପଦ ପାଇଁ ପୂର୍ବତନ ଛାତ୍ର ଶରତ ଚନ୍ଦ୍ର ମହାପାତ୍ର ୫୭ଟି ଭୋଟ ପାଇଥିବା ବେଳେ ଅନ୍ୟତମ ପ୍ରତିଯୋଗୀ ମନୋରଞ୍ଜନ ମହାନ୍ତି (ମଙ୍ଗ) ମାତ୍ର ୧୧ ଗୋଟି ଭୋଟ ପାଇଥିଲେ। ଉପ-ସଭାପତିଭାବେ ଅନିରୁଦ୍ଧ ବେହେରା, ମହିଳା ପ୍ରତିନିଧି ଭାବେ କବିତା ନାୟକ, କନଭେନର ଭାବେ ଜନ୍ମେଜୟ ପଟ୍ଟନାୟକ ନିର୍ବାଚିତ ହୋଇଥିଲେ। କଣ୍ଠଶିଳ୍ପୀ ଅମୃତାଂଶୁ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ଉପସ୍ୱାସ୍ଥ୍ୟକେନ୍ଦ୍ରର ଶିଳାନ୍ୟାସ


ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପ-ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ସହ ଅନ୍ୟମାନେ।

ବାଲେଶ୍ୱର,୫।୫(ବାଞ୍ଛାନିଧି ଦେ)

ସରକାରୀ ଦଳ ଉପ-ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ସୋମବାର ରେମୁଣା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମହାରାଜପୁର ପଞ୍ଚାୟତରେ ନୂତନ ଉପସ୍ୱାସ୍ଥ୍ୟ କେନ୍ଦ୍ର ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ପ୍ରଦତ୍ତ ୮୮ଲକ୍ଷ ୪୩ହଜାର ୭୭୩ ଟଙ୍କା ବ୍ୟୟ ଅଟକଳରେ ଏହି ପ୍ରକଳ୍ପ ନିର୍ମାଣ ହେବ। ସ୍ଥାନୀୟ ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟ ସେବା ସମସ୍ୟାର ସମାଧାନ ନିମନ୍ତେ ଦୀର୍ଘଦିନ ଧରି ଏଠାରେ ଏକ ଉପ-ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ପାଇଁ ଦାବି ହୋଇଆସୁଥିଲା। ଶିଳାନ୍ୟାସ କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ମଣ୍ଡଳ ସଭାପତି ମାନସ କୁମାର ମହାନ୍ତି, ପୂର୍ବତନ ମଣ୍ଡଳ ସଭାପତି ବିଭୂତି ରଞ୍ଜନ ସେନାପତି, କୃଷ୍ଣ ଚନ୍ଦ୍ର ସାହା, ପୂର୍ବତନ ସରପଞ୍ଚ ଅଞ୍ଜନ କୁମାର ଲେଙ୍କା, କିରଣ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଇଟାଭାଟିରେ ଚଢ଼ାଉ

ସୋର,୫।୫(ଜନ୍ମେଜୟ ମିଶ୍ର)

ସୋର ତହସିଲ ଓ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ ସୋମବାର ବେଆଇନ ଇଟାଭାଟି ଉପରେ ଚଢ଼ାଉ କରାଯାଇଛି। ସୋର ତହସିଲ ଅଧୀନ ସିଙ୍ଗାଖୁଣ୍ଟା, ଗୋପୀନାଥପୁର, ମହୁମୁହାଣ, ମାଣିପୁର ଆଦି ପାହାଡ଼ ପଦଦେଶ ପଞ୍ଚାୟତରେ ଛତୁ ଫୁଟିଲା ପରି ଇଟାଭାଟି ଗଢ଼ି ଉଠିଛି। ଏନେଇ ବାରମ୍ବାର ଅଭିଯୋଗ ହେବା ପରେ ସୋମବାର ଅତିରିକ୍ତ ତହସିଲଦାର ଦୈତାରୀ ମଲିକ ଓ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଏବଂ ଖଣି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୮ଟି ଇଟାଭାଟି ଉପରେ ଜରିମାନା କରାଯାଇଥିବା ସୂଚନା ମିଳିଛି।

## ୧୨୯ ଅଭିଯୋଗର ହେଲା ଶୁଣାଣି

ବାଲେଶ୍ୱର,୫।୫(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ସୋମବାର ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସ୍‌ପି ରାଜ ପ୍ରସାଦଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ନାୟକ, ଉପ-ଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ନିରଞ୍ଜନ ବେହେରା, ଉପ-ଆରକ୍ଷୀ ଅଧୀକ୍ଷକ ନିବେଦିତା ସୋରେନ ପ୍ରମୁଖ ଉପସ୍ଥିତ ରହି ସମସ୍ତ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ।

ଏହି ଶିବିରରେ ମୋଟ ୧୨୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୧୧ଟି ବ୍ୟକ୍ତିଗତ ରହିଥିବା ବେଳେ ୮ଟି ସାମୁହିକ, ୭ଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ଓ ୩ଟି ରେଡକ୍ରସ୍ ସହାୟତା ସମ୍ପର୍କିତ ଅଭିଯୋଗ ଥିଲା। ଶିବିରରେ ୨୩ଟି ଅଭିଯୋଗର ତତକ୍ଷଣାତ୍ ଫଏସଲା କରାଯାଇଥିଲା। ଏହି ଅବସରରେ ବିଭିନ୍ନ ଅଭିଯୋଗଗୁଡ଼ିକର ସମାଧାନ ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଶିବିରରେ ଲାଇନ୍ ଡିପାର୍ଟମେଣ୍ଟ ସମେତ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ରାସ୍ତାରେ କୁଢ଼ କୁଢ଼ ଅଳିଆ

କାଳିପଦା,୫।୫(ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ବ୍ଲକ ଅଧୀନ ବାଲିଆପାଳ ପଞ୍ଚାୟତରେ ପରିବେଶ ପ୍ରଦୂଷଣ ନେଇ ଅସନ୍ତୋଷ ପ୍ରକାଶ ପାଇଛି। କିଛି ଦିନ ପୂର୍ବେ ସରକାର ପ୍ରତି ପଞ୍ଚାୟତରେ ସ୍ୱଚ୍ଛତା ଦିବସ ପାଳନ କରିଥିଲେ ମଧ୍ୟ ଏଠାରେ ତାହାର ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। କେବଳ ଲୋକ ଦେଖାଣିଆ ଭାବେ ସ୍ୱଚ୍ଛତା ଦିବସ ପାଳନ କରାଯାଇଥିବା ବେଳେ ରାସ୍ତାରେ କୁଢ଼ କୁଢ଼ ଅଳିଆ ଆବର୍ଜନା ଜମି ରହିଛି।

ସୂଚନା ଅନୁଯାୟୀ, ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତକୁ ସଂଯୋଗ କରୁଥିବା ତହସିଲ ଅଫିସ ନିକଟରେ ପୂର୍ତ୍ତବିଭାଗ ଡ୍ରେନ୍‌ଟି ପୋତି ହୋଇ ପଡ଼ିଛି। ଶନିବାର ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ବର୍ଷା ହେବା ପରେ ଜଳ ନିଷ୍କାସନ ହୋଇପାରୁନାହିଁ। ଡ୍ରେନ୍‌ର ଆବର୍ଜନା ଓ ନର୍ଦ୍ଦମାର ପାଣି ନିଷ୍କାସନ ନ ହେବାରୁ ରାସ୍ତାରେ ଭାସୁଛି। ଫଳରେ ରାସ୍ତା କଡ଼ ବାସିନ୍ଦା ଓ ଯାତାୟାତ କରୁଥିବା ଲୋକେ ହଇରାଣ ହରକତ ହେଉଛନ୍ତି। ଡ୍ରେନ୍ ପାଣି ରାସ୍ତାରେ ଭାସିବା ଯୋଗୁ ସ୍ଥାନୀୟ


ରାସ୍ତାରେ ଜମି ରହିଥିବା ଆବର୍ଜନା।

ପରିବେଶ ପୁତିଗନ୍ଧମୟ ହୋଇପଡ଼ିଛି। ଏଠାରେ ଡ୍ରେନ୍ ଉପରେ ସିମେଣ୍ଟ ସ୍ଲାବ ପଡ଼ି ନ ଥିବାରୁ କେତେଜଣ ଲୋକ ସେଥିରେ ଆବର୍ଜନା ପକାଉଛନ୍ତି। ଫଳରେ ଡ୍ରେନ୍‌ଟି ଅଳ୍ପ ଦିନରେ ପୂର୍ଣ୍ଣ ହୋଇଯାଉଛି। ଏହା ବ୍ୟତୀତ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ରାସ୍ତାଟି ଖାଲୁଆ ହୋଇଥିବାରୁ ଅଳ୍ପ ବର୍ଷାରେ

- ପ୍ରଦୂଷିତ ହେଉଛି ପରିବେଶ
- ପୋତି ହେଲାଣି ଡ୍ରେନ୍, ନୟାନ୍ତ କରୁଛି ନର୍ଦ୍ଦମା ପାଣି

କୃତ୍ରିମ ବନ୍ୟା ସୃଷ୍ଟି ହେଉଛି। ଡ୍ରେନ୍‌ରେ ଢାଙ୍କୁଣୀ, ଡ୍ରେନ୍ ସଫା ଏବଂ ଉଚ୍ଚା ରାସ୍ତା ପାଇଁ ସ୍ଥାନୀୟ ବାସିନ୍ଦା ଅଜୟ କୁମାର ବାରିକ, ସେକ ସୈଫ ଉଦ୍ଦିନ, ବଂଶୀଧର ସେଠୀ, ସୁଧୀର କୁମାର ସାହୁ, ସେକ ଅନିରୁଦ୍ଦିନ, ସେକ କୁତବୁଦ୍ଦିନ ପ୍ରମୁଖ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ବାରମ୍ବାର ଜଣାଇବା ସତ୍ତ୍ୱେ କୌଣସି ପ୍ରତିକାର ହେଉନାହିଁ। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### 'ବିଦ୍ୟାମନ୍ଦିର ଶିକ୍ଷା, ସଂସ୍କାର ପ୍ରଦାନ କରେ'

ଧାମନଗର,୫।୫(ଦେବେନ୍ଦ୍ର ଆଢ଼ିଆ/ସନ୍ତୋଷ କୁମାର ମହାପାତ୍ର)

ଧାମନଗର ତହସିଲ ନିକଟସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୪ତମ ବାର୍ଷିକୋତ୍ସବ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଶିଶୁମନ୍ଦିରର ପ୍ରତିଷ୍ଠାତା ଶରତ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଥିଲେ, ଶିଶୁ ବିଦ୍ୟାମନ୍ଦିର ଶିକ୍ଷା ଓ ସଂସ୍କାର ପ୍ରଦାନ କରିଥାଏ। ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରିବାରେ ଯେତିକି ଗୁରୁମା' ଗୁରୁଜୀଙ୍କ ଭୂମିକା ରହିଛି, ମା' ବାପାଙ୍କର ମଧ ତାଠାରୁ ଯଥେଷ୍ଟ ଭୂମିକା ରହିଛି। ଅନ୍ୟତମ ଅତିଥି ଭାବେ ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ, ଡା. ଅଜିତ ପ୍ରସାଦ ଜେନା, ଧାମନଗର ହାଇସ୍କୁଲର ଶିକ୍ଷକ ସମୀର ଗୋସ୍ୱାମୀ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟା ସନ୍ଧ୍ୟାରାଣୀ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଶିଶୁମନ୍ଦିରର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଗୁରୁମା' ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ହନୁମାନ ବାଟିକାରେ ପ୍ରତିଷ୍ଠା ଉତ୍ସବ



ଚାନ୍ଦବାଲି,୫।୫(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକର ଘଣ୍ଟେଶ୍ୱର-ତୋଟାପଡ଼ାସ୍ଥିତ ହନୁମାନ ବାଟିକାରେ ୫ମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ରବିବାରଠାରୁ ଆରମ୍ଭ ହୋଇଛି। ୧୦୦୧ ମହିଳାଙ୍କ ଦ୍ୱାରା ନରେନ୍ଦ୍ରପୁରସ୍ଥିତ ପାଟଣ ମଙ୍ଗଳା ପୋଖରୀରୁ ଘଟ ଉତ୍ତୋଳନ କରାଯାଇ ଯଜ୍ଞ କାର୍ଯ୍ୟ ଆରମ୍ଭ କରାଯାଇଛି। ହନୁମାନ ବାଟିକାରେ ପ୍ରଥମଥର ପାଇଁ ପୁରୀ ବଡ଼ଛତା ମଠ ମହାରାଜ ସୂର୍ଯ୍ୟବାବାଙ୍କ ପ୍ରଚେଷ୍ଟାରେ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ନିର୍ମାଣ ସହ ମହାପ୍ରଭୁଙ୍କ ୩୬ ବେଶ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ଶ୍ରୀକ୍ଷେତ୍ର ଧାମର ଚୂନରା ସେବାୟତ ନୃସିଂହ ମହାପାତ୍ର ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ବେଶକୁ ସର୍ବସାଧାରଣ ଦର୍ଶନ ପାଇଁ ଉଦ୍‌ଘାଟନ କରିଥିଲେ। ତିନିଦିନବ୍ୟାପୀ ଏହି ଉତ୍ସବର ପ୍ରଥମ ସନ୍ଧ୍ୟାରେ ଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ସୌମ୍ୟରଞ୍ଜନ ପଣ୍ଡା ପ୍ରବଚନ ଦେଇଥିଲେ। ଓଡ଼ିଶାର ବିଭିନ୍ନ ମଠ, ମନ୍ଦିରରୁ ମହନ୍ତ, ସାଧୁସନ୍ଥ ଏହି ଉତ୍ସବରେ ସାମିଲ ହୋଇଛନ୍ତି।

# ଜିଲାରେ ବୃଦ୍ଧି ପାଇବ ଦୁଗ୍ଧ ଉତ୍ପାଦନ

**୪୫ ଚାଷୀଙ୍କୁ ଦିଆଗଲାଣି ୮୯ ଗାଈ**

ଭଦ୍ରକ,୫।୫(ସନାତନ ରାଉତ)



ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଜଣେ ହିତାଧିକାରୀ ଗାଈ କିଣିଛନ୍ତି।

ଭଦ୍ରକ ଜିଲାରେ ଧୀରେ ଧୀରେ ଚାରଣ ଭୂଇଁର ଅଭାବ ଓ ଗୋସମ୍ପଦ ହ୍ରାସ ପାଉଥିବାରୁ ଦୁଗ୍ଧ ଉତ୍ପାଦନ କମିଯାଇଛି। ଫଳରେ ଲୋକେ ଗାଈ କ୍ଷୀର ପରିବର୍ତ୍ତେ ଅପମିଶ୍ରିତ ପ୍ୟାକେଟ୍ କ୍ଷୀର ଉପରେ ନିର୍ଭର କରୁଛନ୍ତି। ଏଣୁ ଜିଲାରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ଯୋଜନା କରାଯାଇଛି। ଏଥିପାଇଁ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ୪୫ଜଣ ଚାଷୀଙ୍କୁ ୮୯ଟି ଗାଈ କିଣିବାକୁ ସହାୟତା ରାଶି ପ୍ରଦାନ କରାଯାଇଛି।

ଜିଲାରେ ଗତ ମାର୍ଚ୍ଚରୁ ଚାଷୀମାନଙ୍କୁ ଏହି ସହାୟତା ପ୍ରଦାନ କରାଯାଉଛି। ଚାଷୀଙ୍କୁ ୨ଟି ଲେଖାଏ ଗାଈ ପାଇଁ ୧ ଲକ୍ଷ ୮୦ ହଜାର ଟଙ୍କା ସହ ଗାଈ ରଖିବାକୁ ଗୁହାଳ ନିର୍ମାଣ ନିମନ୍ତେ ୫୦ ହଜାର ମୋଟ ୨ ଲକ୍ଷ ୩୦ ହଜାର ପ୍ରଦାନ କରାଯାଉଛି। ଅନୁସୂଚିତ ଜାତି ଓ ଜନଜାତିର ମହିଳା ଚାଷୀମାନଙ୍କୁ ୭୦ ପ୍ରତିଶତ ସବ୍‌ସିଡି ଦିଆଯାଉଥିବା ବେଳେ ସାଧାରଣ ବର୍ଗର ଚାଷୀମାନଙ୍କୁ ୬୦ ପ୍ରତିଶତ ସବ୍‌ସିଡି ପ୍ରଦାନ କରାଯାଉଥିବା ଅତିରିକ୍ତ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଜ୍ୟୋତିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ଜିଲାରେ ମୋଟ ୧୬୯ଟି ଗାଈ ପ୍ରଦାନ କରାଯିବାକୁ ଟାର୍ଗେଟ୍ ରହିଥିବା ସେ କହିଛନ୍ତି। ଆଗ୍ରହୀ ଚାଷୀମାନେ ପ୍ରାଣୀ ସମ୍ପଦ ବିଭାଗ ସହାୟତାରେ ବାହାର ରାଜ୍ୟରୁ ଗାଈ କିଣିଛନ୍ତି। ଏହି ଟଙ୍କାରେ ଚାଷୀମାନେ ବାହାର ରାଜ୍ୟରୁ ଉନ୍ନତ କିସମର ଗାଈ କିଣି ପାଳନ କରିବା ପରେ ଉତ୍ପାଦିତ କ୍ଷୀର ବିକ୍ରି କରି ସ୍ୱାବଲମ୍ବୀ ହେବେ ବୋଲି ଲକ୍ଷ୍ୟ ରଖାଯାଇଛି। ଜିଲାରେ ପ୍ରତ୍ୟେହ ୩ ଲକ୍ଷ ଲିଟର କ୍ଷୀରର ଆବଶ୍ୟକତା ରହିଥିବା ବେଳେ ଏହାର ୩୦ ପ୍ରତିଶତ ଉତ୍ପାଦନ ହୋଇପାରୁନାହିଁ। ଜିଲାରେ ଚାଷୀମାନେ ଆତ୍ମନିର୍ଭରଶୀଳ ହେବା ସହ କ୍ଷୀର ଉତ୍ପାଦନ ବୃଦ୍ଧି କରିବା ପାଇଁ ଏହି ଯୋଜନା କାର୍ଯ୍ୟକାରୀ କରାଯାଇଥିବା ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ହୃଷୀକେଶ ବେହେରା କହିଛନ୍ତି। ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଆଦି ରାଜ୍ୟରୁ ଅଧିକ ପରିମାଣରେ କ୍ଷୀର ଦେଉଥିବା ଏବଂ ଓଡ଼ିଶା ଜଳବାୟୁରେ ଖାପ ଖୁଆଇ ପାରୁଥିବା ଜର୍ସି ଜାତୀୟ ଗାଈ ଚିହ୍ନଟ କରି ଚାଷୀମାନଙ୍କୁ ଯୋଗାଇ ଦିଆଯାଉଛି। ସରକାରଙ୍କ ପକ୍ଷରୁ ଦିଆଯାଉଥିବା ଟଙ୍କାରେ ଚାଷୀମାନେ ନିଜେ ଗାଈଗୁଡ଼ିକୁ କିଣୁଛନ୍ତି ବୋଲି ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ କହିଛନ୍ତି।

## ମାଟ୍ରିକ୍‌ରେ କୃତୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା



ହାଇସ୍କୁଲ ପରିସରରେ କୃତୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଚାନ୍ଦବାଲି,୫।୫(କିଷାନ ପାତ୍ର)

ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ଭଦ୍ରକ ଜିଲାରେ ଟପ୍ପର ହୋଇଥିବା ଓ ରାଜ୍ୟରେ ଦଶମ ସ୍ଥାନରେ ରହିଥିବା ଚାନ୍ଦବାଲି ପାଞ୍ଚପଡ଼ା ଶିବଦୁର୍ଗା ହାଇସ୍କୁଲର ଛାତ୍ରୀ ସ୍ୱୟଂପ୍ରଭା ନାୟକ(୫୭୭)ଙ୍କ ସମେତ ୪ ବିଦ୍ୟାର୍ଥୀଙ୍କୁ ଓଷ୍ଟା ପକ୍ଷରୁ ସୋମବାର ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧିତ ଅନ୍ୟ ୩ କୃତୀ ବିଦ୍ୟାର୍ଥୀ ହେଲେ ଜେ.ଏସ୍. ସାଇଶଙ୍କର(୫୬୧), ତ୍ରିଷ୍ଟା ପ୍ରିୟଦର୍ଶିନୀ(୫୪୩) ଓ ଆୟୁଷା ନାୟକ(୫୪୨)। ଏହି ପରିପ୍ରେକ୍ଷୀରେ ପୂର୍ବାହ୍ନ ୧୧ଟାରେ ଶିବଦୁର୍ଗା ହାଇସ୍କୁଲ ପରିସରରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଓଷ୍ଟାର ଜିଲା ସମ୍ପାଦକ ପ୍ରଭାତ କୁମାର ପାଣିଗ୍ରାହୀ, ଜିଲା କାର୍ଯ୍ୟକାରୀ ସଭାପତି ଅନୀଲ କୁମାର ମିଶ୍ର, ବ୍ଲକ ସମ୍ପାଦକ ପ୍ରଭାକର ପରିଡ଼ା, ପ୍ରଧାନଶିକ୍ଷକ ଅକ୍ଷୟ ସାମଲ, ସ୍କୁଲ ସଭାପତି ନୀଳମଣି ପଣ୍ଡା, ଉପଦେଷ୍ଟା ଦ୍ୱାରିକା ନାଥ ଦାସ, ସୁରେନ୍ଦ୍ର କୁମାର ଘଡ଼ାଇ, ରବିନାରାୟଣ ପଣ୍ଡା, ପ୍ରମିଳା ମଞ୍ଜରୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଚାନ୍ଦବାଲି ଶିକ୍ଷକ ଭବନଠାରେ ଶିକ୍ଷକ ସମନ୍ୱୟ ସମିତି ଓ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସ୍ୱୟଂପ୍ରଭା, ଜେ.ଏସ୍. ସାଇଶଙ୍କର ଓ ଆୟୁଷାଙ୍କୁ ମେଧା ସମ୍ବର୍ଦ୍ଧନା ସହ ପୁରସ୍କାର ରାଶି ପ୍ରଦାନ କରାଯାଇଛି।

## 'ଏକ ଦେଶ ଏକ ନିର୍ବାଚନ ଜରୁରୀ'

ଭଦ୍ରକ,୫।୫(ସନାତନ ରାଉତ)




ଆଲୋଚନାଚକ୍ରରେ ଏମ୍‌ପି ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ଅନ୍ୟମାନେ।

ଦେଶରେ ବିଭିନ୍ନ ସମୟରେ ବିଭିନ୍ନ ଅବ୍ୟବସ୍ଥା ଦେଖାଯାଉଛି। ବାରମ୍ବାର ନିର୍ବାଚନ ହେବା ଦ୍ୱାରା ବହୁ ଅର୍ଥ ଖର୍ଚ୍ଚ ହେବା ସହ ଦେଶ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛି। ଏଥିପାଇଁ ପ୍ରଧାନମନ୍ତ୍ରୀ 'ଏକ ଦେଶ ଏକ ନିର୍ବାଚନ' ପ୍ରକ୍ରିୟା ଜାରି କରିବା ପାଇଁ ସାଧାରଣ ଜନତାଙ୍କ ମତାମତ ଲୋଡ଼ିଛନ୍ତି। ଦେଶର ସମସ୍ତ ଅବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ପାଇଁ 'ଏକ ଦେଶ ଏକ ନିର୍ବାଚନ' ଜରୁରୀ ବୋଲି ସୋମବାର ସନ୍ଧ୍ୟା ୬ଟାରେ ଭଦ୍ରକ ଟାଉନ ହଲ୍‌ରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଏମ୍‌ପି ଅଭିମନ୍ୟୁ ସେଠୀ କହିଛନ୍ତି। ଭାଜପା ଜିଲା ସଭାପତି ଭଗବାନ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଯୋଗଦେଇ କହିଥିଲେ, ଅନେକ ରାଜନୈତିକ ଦଳ ଓ ନେତା ଦେଶରେ ବିଭିନ୍ନ ସମୟରେ ଅସ୍ଥିରତା ସୃଷ୍ଟି କରୁଥିବାରୁ ବିକାଶରେ ବାଧକ ହେଉଛି। ଏଣୁ ଏକ ସମୟରେ ଦେଶରେ ନିର୍ବାଚନ ହେଲେ ସବୁ ସମସ୍ୟାର ସମାଧାନ ହୋଇପାରିବ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଖବରଦାତା ପ୍ରତାପ ମହାନ୍ତି, ରାଜ୍ୟ ବରିଷ୍ଠ ବୁଦ୍ଧିଜୀବୀ ପ୍ରକୋଷ୍ଠ ସଦସ୍ୟା ପ୍ରତିଭାମୟୀ ପାଣି, ଭଣ୍ଡାରିପୋଖରୀ ବିଧାନସଭା କ୍ଷେତ୍ର ନେତା ଡ. ସୁଧାଂଶୁ ଶେଖର ନାୟକ, ବାସୁଦେବପୁରର ବାଣୀକଲ୍ୟାଣ ମହାନ୍ତି, ଏକ ରାଷ୍ଟ୍ର ଏକ ନିର୍ବାଚନ ଅଭିଯାନର ଭଦ୍ରକ ଓ କେନ୍ଦୁଝର ଜିଲା ସଂଯୋଜକ ପତଞ୍ଜଳି କରଶର୍ମା ମତାମତ ରଖିଥିଲେ। ବରିଷ୍ଠ ନେତା ଅଜୟ ନାୟକ, ଭାଜପାର ପୂର୍ବତନ ଜିଲା ସଭାପତି ଅକ୍ଷୟ ସାହୁ, ରଞ୍ଜିତା ସ୍ୱାଇଁଙ୍କ ସମେତ ବିଭିନ୍ନ ମଣ୍ଡଳର ସଭାପତି ଓ କର୍ମୀମାନେ ଯୋଗ ଦେଇଥିଲେ। ପରେ ୱକଫ୍ ବିଲ୍ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା।

## ସଞ୍ଜୀବ ହେଲେ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ

ଭଦ୍ରକ,୫।୫(ସନାତନ ରାଉତ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କୁ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ସୋମବାର ଘୋଷଣା କରାଯାଇଛି। ଜଣେ ଦକ୍ଷ ରାଜନେତା ତଥା ଦୃଢ଼ ସଙ୍ଗଠକ ଭାବେ ସଞ୍ଜୀବଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ ରୂପେ ଦଳ ସୁପ୍ରିମୋ ନବୀନ ପଟ୍ଟନାୟକ ମନୋନୀତ କରିଛନ୍ତି। ତାଙ୍କୁ ଏହି ପଦବୀ ମିଳିଥିବାରୁ ଦଳୀୟ କର୍ମୀ, ବୁଦ୍ଧିଜୀବୀଙ୍କ ସମେତ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିବା ବେଳେ ସେ ବିଜେଡି ସୁପ୍ରିମୋଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ମିଳିତ ଜନଶୁଣାଣିରେ ୧୩୬ ଅଭିଯୋଗ

ଭଦ୍ରକ,୫।୫(ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ସୋମବାର ସକାଳ ୭ଟାରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ୧୩୬ଟି ଅଭିଯୋଗ ଆସିଥିବା ବେଳେ ସେଥିମଧ୍ୟରୁ ୧୧୩ଟି ବ୍ୟକ୍ତିଗତ ଓ ୨୩ଟି ସାମୂହିକ ଥିଲା। ରାଶନ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ, ଜଳ ନିଷ୍କାସନ ବ୍ୟବସ୍ଥା, ଜବରଦଖଲ ଆଦି ସମ୍ପର୍କିତ ଅଭିଯୋଗ ରହିଥିଲା। ୬ଜଣଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ୪୩ ହଜାର ଓ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୨ ଜଣଙ୍କୁ ୩୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ପରେ ଦିବ୍ୟାଙ୍ଗମାନଙ୍କୁ ହୁଇଲ୍ ଚେୟାର ପ୍ରଦାନ କରାଯାଇଥିଲା। ଜିଲାପାଳ ଦିଲୀପ ରାଉତରାଏଙ୍କ ସହ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ସରୋଜ କୁମାର ଦତ୍ତ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଏସ୍‌ପି ସମ୍ପିତ କୁମାର ମାଝୀ ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର ମୋହନ ଦାସ ଶିବିରରେ ଯୋଗଦେଇ ଅଭିଯୋଗ ଶୁଣିଥିଲେ।

## ସରିଲା ବାସୁଦେବପୁର ସୌରଭ ସମ୍ମାନ ମହୋତ୍ସବ



ଉଦ୍‌ଯାପନୀ ଉତ୍ସବରେ ସାମାଜିକ କର୍ମୀ ଖଗେନ୍ଦ୍ର ପ୍ରସାଦ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବାସୁଦେବପୁର,୫।୫(କାଳିପଦ ରାୟ/ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ପୌରାଞ୍ଚଳ ଅଧୀନ ବାଲିନଗରସ୍ଥିତ ଯାଦବ ପଡ଼ିଆରେ ୧୦ଦିନ ଧରି ଚାଲିଥିବା ବାସୁଦେବପୁର ସୌରଭ ସମ୍ମାନ ମହୋତ୍ସବ ରବିବାର ସନ୍ଧ୍ୟାରେ ଶେଷ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ଯୋଗଦେଇ ଆଜିର ଯୁବସମାଜ ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ଭଲ ପାଇଲେ ମହୋତ୍ସବ ଆୟୋଜନର ଲକ୍ଷ୍ୟ ପୂରଣ ହେବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାଜପା ଜିଲା ସଂଯୋଜକ ଡ. ପ୍ରତାପ ନାୟକ, ଅନ୍ୟତମ ଅତିଥି ଭାବେ ଭାଜପା ନେତା ବାଣୀକଲ୍ୟାଣ ମହାନ୍ତି ଓ ଅଶୋକ କୁମାର ସାହୁ ଯୋଗ ଦେଇଥିଲେ। ବାସୁଦେବପୁର ମାଟି ହେଉଛି ସ୍ୱାଧୀନତା ସଂଗ୍ରାମ, ସମ୍ଭାବନା, ଓ ସଂସ୍କୃତିର ମାଟି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଟ୍ରକ୍ ଆସୋସିଏଶନର ସଭାପତି ଚନ୍ଦ୍ରକାନ୍ତ ଦାସ, ନବନିର୍ମାଣ ସେନାର ସଭାପତି ଜୟପ୍ରକାଶ ମଲ୍ଲିକ, ସମ୍ପାଦକ କୃଷ୍ଣଚନ୍ଦ୍ର ମହାକୁଡ଼ ପ୍ରମୁଖ ମଞ୍ଚାସୀନ ଥିଲେ। ରକ୍ତତୀର୍ଥ ଇରମ କମିଟିର ସମ୍ପାଦକ ରଞ୍ଜନ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ସାମାଜିକ କର୍ମୀ ଖଗେନ୍ଦ୍ର ପ୍ରସାଦ ମହାନ୍ତିଙ୍କୁ ବାସୁଦେବପର ସୌରଭ ସମ୍ମାନରେ ସମ୍ମାନିତ କରାଯାଇଥିଲା। କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଇଂ. ସମ୍ପିତ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଭ୍ୟାନ୍ ଓଲଟି ଜଣେ ମୃତ, ୩୦ରୁ ଊର୍ଦ୍ଧ୍ୱ ଆହତ

ମୋରଡ଼ା,୫।୫(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ଶୁଳିଆପଦା ଥାନା ଅଞ୍ଚଳରେ ରବିବାର ରାତି ୯ଟା୧୫ମି. ସମୟରେ ଏକ ପିକ୍‌ଅପ୍ ଭ୍ୟାନ୍ ଓଲଟି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୩୦ରୁ ଅଧିକ ଆହତ ହୋଇଛନ୍ତି। ମୃତକ ହେଲେ ବସ୍ତା ଥାନା ଅଞ୍ଚଳର କବିତା ରାମ। ଶ୍ରମିକମାନେ ଚାଉଳଧୂଣି ଜଙ୍ଗଲରୁ ଶାଳପତ୍ର ତୋଳା କାମ ସାରି ପିକ୍‌ଅପ୍ ଭ୍ୟାନ ଯୋଗେ ଘରକୁ ଫେରୁଥିଲେ। ବାଘଡ଼ା-ମୋରଡ଼ା ରାସ୍ତାର ବାଲିଶୁଳିଆ ନିକଟରେ ଭାରସାମ୍ୟ ହରାଇ ଭ୍ୟାନ୍‌ଟି ଓଲଟି ପଡ଼ିଥିଲା। ଅଗ୍ନିଶମ ବାହିନୀ କର୍ମଚାରୀ ଏବଂ ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ କୋଷ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ୧୫ ଜଣଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲ ଓ ୨ ଜଣଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ବିଳମ୍ବିତ ରାତିରେ ମୋରଡ଼ା ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ବାରିପଦା ବିଧାୟକ ପ୍ରକାଶ ସୋରେନ,ଅତିରିକ୍ତ ଜିଲାପାଳ ଈଶ୍ୱରଚନ୍ଦ୍ର ନାଏକ ଡାକ୍ତରଖାନାରେ ଆହତମାନଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

## ସାରସ୍ୱତ ସମାରୋହ, ଗଳ୍ପ ସଂକଳନ ଉନ୍ମୋଚିତ



ସମାରୋହରେ ଅତିଥିମାନେ ଗଳ୍ପ ସଂକଳନ ଉନ୍ମୋଚନ କରୁଛନ୍ତି।

ଭଦ୍ରକ,୫।୫(ସନାତନ ରାଉତ)

ଭଦ୍ରକର ଉପର ବାଗୁରାଇସ୍ଥିତ ମା' ଦୁର୍ଗା ପ୍ୟାଲେସରେ ରବିବାର କୀର୍ତ୍ତନ ବିହାରୀ ଲକ୍ଷ୍ମୀଦେବୀ ମେମୋରିଆଲ ଟ୍ରଷ୍ଟର ବାର୍ଷିକ ସାରସ୍ୱତ ସମାରୋହ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଫେସର ଡ. ନାରାୟଣ ସେନାପତି ସଭାପତିତ୍ୱ ଓ ସାହିତ୍ୟିକା ଡ. ମମତା ସାହୁ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ବରେଣ୍ୟ କଥାଶିଳ୍ପୀ ରଜନୀକାନ୍ତ ମହାନ୍ତି, ମୁଖ୍ୟବକ୍ତା କଥାକାର ପବିତ୍ର ପାଣିଗ୍ରାହୀ, ବିଶିଷ୍ଟ ଅତିଥି ଗାଳ୍ପିକ ପ୍ରିୟବ୍ରତ ପାତ୍ର, ଅନ୍ୟତମ ଅତିଥି ଭାବେ ଗାଳ୍ପିକା ଲୋପାମୁଦ୍ରା ମିଶ୍ର ଯୋଗ ଦେଇଥିଲେ। ଡ. ସେନାପତିଙ୍କ ସମ୍ପାଦନାରେ ୬୬ଟି ଗଳ୍ପର ଏକ ସଂକଳନ 'ତରୁଣରୁ ପ୍ରବୀଣ ଯାଏ' ଉନ୍ମୋଚନ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଅତିଥି କବି ଚିନ୍ତାମଣି ମହାଳିକ ଓ ମାୟାଧର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଆନନ୍ଦପୁର କଲେଜର ପୂର୍ବତନ ଅଧ୍ୟାପକ ସ୍ୱର୍ଗତ ବିଭୂତି ଭୂଷଣ ମହାନ୍ତିଙ୍କ ଉଦ୍ଦେଶ୍ୟରେ ମରଣୋତ୍ତର ଗୁରୁ ପୂଜନ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରାଧ୍ୟାପକ ଡ. କୁଳମଣୀ ତ୍ରିପାଠୀ, ଡ. ସେନାପତି ଓ ଶିକ୍ଷାବିତ୍ ପ୍ରେମାନନ୍ଦ ନାୟକଙ୍କୁ ସ୍ୱର୍ଗତ ପ୍ରାଧ୍ୟାପକ ଭୀମସେନ ପୃଷ୍ଟି ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ ସାହିତ୍ୟିକ ଗଣେଶ ପ୍ରସାଦ କରଶର୍ମାଙ୍କ କବିତା ସଂକଳନ 'ରାଗ ରାଗେଶ୍ରୀ', 'ଇଂରାଜୀରେ ଭାରତୀୟ ସ୍ଥାପତ୍ୟ ପ୍ରତ୍ୟେୟ' ଉନ୍ମୋଚିତ ହୋଇଛି। ଅଧ୍ୟାପକ ଗଜେନ୍ଦ୍ର ସେନାପତି ପୁସ୍ତକକୁ ସମୀକ୍ଷା କରିଥିଲେ। କବି ଅବନୀ ପ୍ରଧାନ, ଗାଳ୍ପିକ ପୀତାମ୍ବର ବିଶ୍ୱାଳ, ଅଧ୍ୟାପିକା ଭାନୁମତୀ ମାଟିଆ, ଉଷାରାଣୀ ଜେନା, ଅଧ୍ୟକ୍ଷ ରବୀନ୍ଦ୍ର କୁମାର ଜେନା, ଶିକ୍ଷୟିତ୍ରୀ ତପସ୍ୱିନୀ ପହି ପ୍ରମୁଖ ସହଯୋଗ କରିଥିଲେ।

## ନୂତନ ଶ୍ରେଣୀଗୃହର ଶିଳାନ୍ୟାସ କଲେ ମନ୍ତ୍ରୀ

ଭଦ୍ରକ,୫।୫(ସନାତନ ରାଉତ/ରବିନାରାୟଣ ଖିଲାର)



ଶିଳାନ୍ୟାସ ଅବସରରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।

ରାଜ୍ୟରେ ସରକାର ପରିବର୍ତ୍ତନ ପରେ ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ଗ୍ରାମାଞ୍ଚଳରେ ଗୁଣାତ୍ମକ ଶିକ୍ଷା ମିଳିପାରିବା ନେଇ ଉଦ୍ୟମ କରାଯାଇଛି। ପ୍ରତି ପଞ୍ଚାୟତରେ ଏକ ପ୍ରାଥମିକ ବିଦ୍ୟାଳୟକୁ ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଚୟନ କରାଯାଉଛି। ରବିବାର ସନ୍ଧ୍ୟାରେ ଭଦ୍ରକ ପୌରାଞ୍ଚଳ ଅଧୀନ ୬ନଂ. ୱାର୍ଡ ମଠସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନୂତନ ଶ୍ରେଣୀଗୃହ ଶିଳାନ୍ୟାସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହା କହିଛନ୍ତି। ଏମ୍‌ସିଏଲ୍ ପକ୍ଷରୁ ୧ କୋଟି ଟଙ୍କା ଅନୁଦାନରେ ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୬୦ଲକ୍ଷ ଟଙ୍କା ଅନୁମୋଦନ ହୋଇସାରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୪୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଉର୍ମିଳା ପାଣିଗ୍ରାହୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲାପାଳ ଦିଲୀପ ରାଉତରାଏ, ଜିଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ଭଦ୍ରକ ବିଡିଓ ରଶ୍ମିରଞ୍ଜନ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

## ଭଡ଼ାରେ ଲାଗିଥିଲା ସରକାରୀ ଗୋଦାମ

**ସିଲ୍ କଲା ଯୋଗାଣ ବିଭାଗ**

ତିହିଡ଼ି,୫।୫(ସଞ୍ଜିତ ବଳ)




ସିଲ୍ ହୋଇଥିବା ଗୋଦାମ।

ବ୍ୟକ୍ତିଗତ ଭାବେ ଭଡ଼ା ସୂତ୍ରରେ ଲାଗିଥିଲା ସରକାରୀ ଗୋଦାମ। ଜଣେ ନେତା ଏହାକୁ ଦଖଲ କରି ଅର୍ଥ ଉପାର୍ଜନ କରି ଚାଲିଥିଲେ। ଏନେଇ ଜିଲା ଯୋଗାଣ ବିଭାଗ ଅଧିକାରୀଙ୍କ ନିକଟରେ ଅଭିଯୋଗ ହେବା ପରେ ଯୋଗାଣ ବିଭାଗ ଉକ୍ତ ଗୋଦାମକୁ ନିଜ ଅଧୀନକୁ ନେଇଛି। ତିହିଡ଼ି ବ୍ଲକର ଅଚକ ପଞ୍ଚାୟତ ଅଧୀନ ନନ୍ଦପୁର ବଜାରରେ ଥିବା ଏହି ଗୋଦାମରେ ରବିବାର ପୂର୍ବାହ୍ନରେ ଯୋଗାଣ ବିଭାଗ ପକ୍ଷରୁ ତାଲା ପକାଯାଇ ସିଲ୍ କରାଯାଇଛି।

ବହୁ ବର୍ଷ ପୂର୍ବେ ନନ୍ଦପୁର ବଜାରରେ ଯୋଗାଣ ବିଭାଗର ଏକ ଗୋଦାମ ନିର୍ମିତ ହୋଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଚାଉଳ ସମେତ ବିଭିନ୍ନ ଖାଦ୍ୟ ସାମଗ୍ରୀ ମହଜୁଦ ରଖିବା ଲକ୍ଷ୍ୟରେ ଏଠାରେ ଗୋଦାମଟି ନିର୍ମାଣ କରାଯାଇଥିଲା। ଏହାବ୍ୟତୀତ ରାଶନ ହିତାଧିକାରୀଙ୍କ ପାଇଁ ପ୍ରତି ମାସ ଆସୁଥିବା ଚାଉଳ ମଧ ଗୋଦାମରେ ମହଜୁଦ ରଖାଯାଉଥିଲା। ତେବେ ଏହି ଗୋଦାମ କିଛିବର୍ଷ ଧରି ବ୍ୟବହାରରେ ନ ଲାଗିବାରୁ ଏହା ଯୋଗାଣ ବିଭାଗର ଦୃଷ୍ଟି ଆଢୁଆଳରେ ରହିଯାଇଥିଲା। ଯୋଗାଣ ସାମଗ୍ରୀ ଭାବେ ଚାଉଳକୁ ବାସୁଦେବପୁର ବ୍ଲକର ବ୍ରାହ୍ମଣୀଗାଁସ୍ଥିତ ଗୋଦାମରେ ରଖାଯାଉଥିଲା। ସେଠାରୁ ଚାଉଳ ଆଣି ତିହିଡ଼ି ବ୍ଲକର ବିଭିନ୍ନ ଅଞ୍ଚଳରେ ଥିବା ରିଟେଲରଙ୍କୁ ବଣ୍ଟନ କରାଯାଉଥିଲା। ଏଥିପାଇଁ ଅଧିକ ପରିବହନ ଖର୍ଚ୍ଚ ମଧ ହେଉଥିଲା। ଅପରପକ୍ଷେ ପଞ୍ଚାୟତର ଜଣେ ରାଜନେତା ଗୋଦାମକୁ ବ୍ୟକ୍ତିଗତ ଭାବେ ବ୍ୟବହାର କରୁଥିଲେ। ତାଳପଦା ପଞ୍ଚାୟତର ଏକ ମହିଳା ଗୋଷ୍ଠୀ ଏହାକୁ ଭଡ଼ା ସୂତ୍ରରେ ନେଇଥିଲେ। ପରେ ଏହା ସିମେଣ୍ଟ ଓ ଲୁହାରଡ଼ ଗୋଦାମରେ ପରିଣତ ହୋଇଥିଲା। ଗୋଦାମ ସାମ୍ନାରେ ବାଲି ରଖାଯାଇ ବେପାର କରାଯାଉଥିବା ମଧ ଅଭିଯୋଗ ହୋଇଥିଲା। ଏନେଇ ଜିଲା ଯୋଗାଣ ବିଭାଗ ଅଧିକାରୀ ଲିଙ୍ଗରାଜ ବେହେରାଙ୍କ ନିକଟରେ ଅଭିଯୋଗ ହେବା ପରେ ସେ ପଦକ୍ଷେପ ସ୍ୱରୂପ ଗୋଦାମକୁ ସିଲ୍ କରିଛନ୍ତି। ସିଲ୍ ସମୟରେ ବ୍ଲକ ଯୋଗାଣ ନିରୀକ୍ଷକ ପ୍ରୀତିଶ ସାମଲ ଉପସ୍ଥିତ ଥିଲେ। ତେବେ ଗୋଦାମ କେତେଦିନ ଭଡ଼ାରେ ଲାଗି କେତେ ପରିମାଣରେ ଅର୍ଥ ଆଦାୟ ହୋଇଛି, ଏହାର ତଦନ୍ତ କରାଯାଇ ସେହି ଅର୍ଥକୁ ସରକାରୀ ଖାତାକୁ ଆଣିବା ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି।

## ସଂକ୍ଷେପରେ

### ଗୋଟିଏ ଦିନରେ ୨ ଅପମୃତ୍ୟୁ

ରାଇରଙ୍ଗପୁର, ୫।୫ (ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ପୋଲିସ ସର୍କଲ ଅଧୀନ ରାଇରଙ୍ଗପୁର ଗ୍ରାମାଞ୍ଚଳ ଏବଂ ବିଶୋଇ ଥାନା ଅଞ୍ଚଳରେ ରବିବାର ୨ଟି ଅପମୃତ୍ୟୁ ନେଇ ସୋମବାର ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ, ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ଟାଙ୍ଗର ଗ୍ରାମର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ରବିବାର ଅପରାହ୍ନରେ ଗାଁ ନିକଟସ୍ଥ ଏକ ଗଛରୁ ଜବତ କରାଯାଇଥିଲା। ସେ ନିଜ ଶାଢ଼ୀରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ମୃତା ମହିଳା ହେଲେ ସଲମା ମାଝୀ(୩୦)। ଏନେଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୮/୨୫) ରୁଜୁ ହୋଇଛି। ସେହିପରି ବିଶୋଇ ଥାନା ଅଧୀନ ମଣଦା ନିକଟସ୍ଥ ଡାମରା ଗ୍ରାମାଞ୍ଚଳକୁ ସମ୍ପର୍କୀୟ ଘରକୁ ଆସିଥିବା ଜଣେ ବ୍ୟକ୍ତିଙ୍କୁ ଗୁରୁତର ଅବସ୍ଥାରେ ରାତିରେ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ହେଲେ ଝାଡ଼ଖଣ୍ଡର ବିର୍ସା ଜାମୁଦା(୪୫)। ଏନେଇ ବିଶୋଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୬/୨୫) ରୁଜୁ ହୋଇଛି।

### ଦେବାଶିଷ ମୟୂରଭଞ୍ଜ-୨ର ବିଜେଡି ସଭାପତି

ବାରିପଦା,୫।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାର ପୂର୍ବତନ ଆଦିବାସୀ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡା. ଦେବାଶିଷ ମାରାଣ୍ଡିଙ୍କୁ ବିଜୁ ଜନତା ଦଳ ପକ୍ଷରୁ ମୟୂରଭଞ୍ଜ ଜିଲା-୨ ସାଙ୍ଗଠନିକ ସଭାପତି ଭାବେ ନିଯୁକ୍ତ କରାଯାଇଛି। ଏ ନେଇ ବିଜୁ ଜନତା ଦଳ ନିର୍ବାଚନ କାର୍ଯ୍ୟାଳୟ ଭୁବନେଶ୍ୱର ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରୁ ଜଣାପଡ଼ିଛି। ଜିଲା-୧ ସାଂଗଠନିକ ସଭାପତି ଭାବେ ସୁଦାମ ମାରାଣ୍ଡି ରହିଥିବା ବେଳେ ଦଳକୁ ଆହୁରି ମଜବୁତ କରିବା ପାଇଁ ଦଳ ପକ୍ଷରୁ ୨ ମାରାଣ୍ଡିଙ୍କୁ ଗୁରୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସାଧାରଣ ନିର୍ବାଚନରେ ବିଜେଡିର ଶୋଚନୀୟ ପରାଜୟ ପରେ ଜିଲାରେ ଦଳୀୟ କର୍ମୀ ଓ କର୍ମକର୍ତ୍ତା ଦଳ ପରିବର୍ତ୍ତନ କରିବାକୁ ଲାଗିଛନ୍ତି। ଏଭଳି ସ୍ଥିତିକୁ ଏଡ଼ାଇବା ସହିତ ସଂଗଠନକୁ ପୂର୍ବସ୍ଥିତିକୁ ଫେରାଇବା ପାଇଁ ଦଳ ପକ୍ଷରୁ ୨ ଟାଣୁଆ ନେତାକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏ ନେଇ ଡା. ମାରାଣ୍ଡି କହିଛନ୍ତି, ଦଳ ତାଙ୍କୁ ଭରସା କରିଥିବାରୁ ଦଳର ବରିଷ୍ଠ, କନିଷ୍ଠ ଓ ତୃଣମୂଳ ସ୍ତରର କର୍ମୀମାନଙ୍କୁ ନେଇ ସଂଗଠନକୁ ଆହୁରି ମଜଭୁତ କରିବାରେ ପ୍ରୟାସ କରିବେ। ଅଞ୍ଚଳବାସୀଙ୍କ ଦୁଃଖସୁଖରେ ଛିଡ଼ା ହେବା ସହ ସରକାରଙ୍କ ପ୍ରଣୀତ ଯୋଜନାଗୁଡ଼ିକରୁ ଯେପରି କେହି ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଧ୍ୟାନ ଦେବି। ଲୋକଙ୍କ ପାଖକୁ ପହଞ୍ଚାଇବାକୁ ମୋର ଦାୟିତ୍ୱକୁ ସୂଚାରୁ ରୂପେ ସମ୍ପାଦନ କରିବେ।

# ସର୍ବନିମ୍ନ ମଜୁରି ଆଇନ କାର୍ଯ୍ୟକାରୀ ଦାବି



ଘେରାଉ କାର୍ଯ୍ୟକ୍ରମରେ ସାମିଲ ଏଆଇଟିୟୁସି ମୟୂରଭଞ୍ଜ ଜିଲା କମିଟିର ସଦସ୍ୟମାନେ।

## ଏଆଇଟିୟୁସି ପକ୍ଷରୁ ଶ୍ରମ କାର୍ଯ୍ୟାଳୟ ଘେରାଉ

ବାରିପଦା,୫।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ): ଶ୍ରମିକ ଶ୍ରେଣୀ ଓ ସାମ୍ୟବାଦର ମହାନାୟକ କାର୍ଲ ମାର୍କସଙ୍କ ୨୦୮ତମ ଜୟନ୍ତୀ ଅସରରେ ସୋମବାର ଏଆଇଟିୟୁସି ପକ୍ଷରୁ ଦେଶବ୍ୟାପୀ ସର୍ବନିମ୍ନ ମଜୁରୀ ଆଇନ କଡ଼ାକଡି ଭାବେ କାର୍ଯ୍ୟକାରୀ କରିବାକୁ ଦାବି ହୋଇଛି। ଏହି ଅବସରରେ ଏଆଇଟିୟୁସି ମୟୂରଭଞ୍ଜ ଜିଲା କମିଟି ପକ୍ଷରୁ ବାରିପଦାସ୍ଥିତ ଉପ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟକୁ ଘେରାଉ କରାଯାଇଛି।

ରେଳ ଷ୍ଟେଶନରୁ ଶୋଭାଯାତ୍ରାରେ ଆସି ବିକ୍ଷୋଭ ପ୍ରଦର୍ଶନ କରି ଶ୍ରମ କାର୍ଯ୍ୟାଳୟ ଘେରାଉ କରିଥିଲେ। ଭାରତୀୟ ଶ୍ରମ ସମ୍ମିଳନୀର ୧୫ତମ ସୁପାରିଶ ଭିତ୍ତିରେ ସର୍ବନିମ୍ନ ମଜୁରୀ ନିର୍ଦ୍ଧାରଣ ବେଳେ ପ୍ରତ୍ୟେକ ଶ୍ରମିକର ଖାଦ୍ୟ, ବସ୍ତ୍ର, ବାସଗୃହ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପରିବହନ, ବିଦ୍ୟୁତ୍, ମୋବାଇଲ ଓ ଏହାର ରିଚାର୍ଜ, ବୃଦ୍ଧ ପିତାମାତା, ଭାରତୀୟ ଶ୍ରମ ସମ୍ମିଳନୀର ୪୫ ଓ ୪୬ ତମ ସୁପାରିଶ ମତେ ସମସ୍ତ ସ୍କିମ୍ ଶ୍ରମିକ ଯଥା ଆଇସିଡିଏସର ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା, ଜାତୀୟ ସ୍ୱାସ୍ଥ୍ୟ ମିଶନର ଆଶା, ମଧ୍ୟାହ୍ନ ଭୋଜନର ପାଚିକା, ସହାୟିକା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଜାତୀୟ ଜୀବିକା ମିଶନର ଇସି ସଦସ୍ୟ ଓ ଅନ୍ୟାନ୍ୟ ସ୍କିମ ଶ୍ରମିକଙ୍କୁ ଶ୍ରମିକ ମାନ୍ୟତା ସହ ଏମାନଙ୍କ ଶ୍ରମକୁ ଓ ଗ୍ରାମ ପଞ୍ଚାୟତ ରାତ୍ର ଜଗୁଆଳୀ, ପିଅନ ଓ ସଫେଇ ଶ୍ରମିକଙ୍କ ଶ୍ରମକୁ ଅନୁସୂଚିତ ଶ୍ରମ ତାଲିକାରେ ବିଜ୍ଞାପିତ କରିବା ସହ ସର୍ବନିମ୍ନ ମଜୁରୀ ପ୍ରଦାନ କରିବା ବ୍ୟବସ୍ଥା ପାଇଁ ଦାବି କରାଯାଇଛି। ଏଆଇଟିୟୁସିର ବରିଷ୍ଠ ନେତା କାହ୍ନୁ ଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ଏଆଇଟିୟୁସି ରାଜ୍ୟ ସମ୍ପାଦକ ଜୟନ୍ତ ଦାସ, ଜିଲା ସମ୍ପାଦକ ଜଗବନ୍ଧୁ ମିଶ୍ର, ପରମେଶ୍ୱର ମହାନ୍ତ, ଶ୍ରୀକାନ୍ତ ନାଏକ ପ୍ରମୁଖ ଉଦ୍‌ବୋଧନ ଦେଇ ତୁରନ୍ତ ଭାରତୀୟ ଶ୍ରମ ସମ୍ମିଳନୀର ଅଧିବେଶନ ଡକାଇ ଶ୍ରମିକ ଶ୍ରେଣୀର ହକ ଏବଂ ଅଧିକାରର ଆବଶ୍ୟକୀୟ ସୁପାରିଶ ଭିତ୍ତିରେ ଶ୍ରମିକ ଶ୍ରେଣୀର ସ୍ୱାର୍ଥ ରକ୍ଷା କରିବା, ସର୍ବନିମ୍ନ ମଜୁରୀ ବୋର୍ଡ ବୈଠକ ଡକାଇ ସର୍ବନିମ୍ନ ମଜୁରୀ ନିର୍ଦ୍ଧାରଣ କରିବା, ଶ୍ରମିକ ବିରୋଧୀ ଶ୍ରମ କୋଡ ବାତିଲ ଓ ଦରଦାମ ବୃଦ୍ଧି ନିୟନ୍ତ୍ରଣ ପାଇଁ ଦାବି କରିଥିଲେ। ଆନ୍ଦୋଳନରେ ମହେଶର ବେହେରା, ଚମ୍ପା ସୋରେନ, ସସ୍ମିତା ରାମ, ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘର ପୂର୍ଣ୍ଣିମା ପଣ୍ଡା, ମଧୁସ୍ମିତା ମହାନ୍ତ, ନନ୍ଦିନୀ ମହାରଣା, ସୁଲୋଚନା ଗିରି, ରୀନା ନାଏକ, ସଞ୍ଚିତା ଦାସ, ବାଲେଶ୍ୱରୀ ନାଏକ ପ୍ରମୁଖ ପରିଚାଳନା କରିଥିଲେ।

# ଜଣେ ମୃତ, ୩୦ରୁ ଊର୍ଦ୍ଧ୍ୱ ଆହତ

## ଓଲଟିଲା ଶ୍ରମିକ ବୋଝେଇ ପିକ୍‌ଅପ୍ ଭ୍ୟାନ୍


ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଭ୍ୟାନ୍।

ମୋରଡ଼ା,୫।୫(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ଶୁଳିଆପଦା ଥାନା ଅଞ୍ଚଳରେ ରବିବାର ରାତି ୯ଟା୧୫ମି. ସମୟରେ ଏକ ପିକ୍‌ଅପ୍ ଭ୍ୟାନ୍ ଓଲଟି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୩୦ରୁ ଅଧିକ ଆହତ ହୋଇଛନ୍ତି। ମୃତକ ହେଲେ ବସ୍ତା ଥାନା ଅଞ୍ଚଳର କବିତା ରାମ। ଶ୍ରମିକମାନେ ଚାଉଳଧୁଣି ଜଙ୍ଗଲରୁ ଶାଳପତ୍ର ତୋଳା କାମ ସାରି ପିକ୍‌ଅପ୍ ଭ୍ୟାନ ଯୋଗେ ଘରକୁ ଫେରୁଥିଲେ। ବାଘଡ଼ା-ମୋରଡ଼ା ରାସ୍ତାର ବାଲିଶୁଳିଆ ନିକଟରେ ଭାରସାମ୍ୟ ହରାଇ ଭ୍ୟାନ୍‌ଟି ଓଲଟି ପଡ଼ିଥିଲା। ଅଗ୍ନିଶମ ବାହିନୀ କର୍ମଚାରୀ ଏବଂ ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ କୋଷ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ୧୫ ଜଣଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲ ଓ ୨ ଜଣଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ବିଳମ୍ବିତ ରାତିରେ ମୋରଡ଼ା ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ବାରିପଦା ବିଧାୟକ ପ୍ରକାଶ ସୋରେନ,ଅତିରିକ୍ତ ଜିଲାପାଳ ଈଶ୍ୱରଚନ୍ଦ୍ର ନାଏକ ଡାକ୍ତରଖାନାରେ ଆହତମାନଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

# ୧୬୯ ଅଭିଯୋଗର ହେଲା ଶୁଣାଣି


ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ବାରିପଦା,୫।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ସଦରମହକୁମା ବାରିପଦାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର ସକାଳ ୭ଟାରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପଲ୍ଲୀ, ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଭାତ କୁମାର ବେହେରା ଓ ବାରିପଦା ଉପଜିଲାପାଳ ଡ. ଦୟାସିନ୍ଧୁ ପରିଡା ପ୍ରମୁଖ ଉପସ୍ଥିତ ରହି ୧୬୯ଟି ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

ଉକ୍ତ ଅଭିଯୋଗ ମଧ୍ୟରୁ ୧୫୮ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧିତ ଥିବାବେଳେ ୧୧ଟି ସାମୁହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା। ୫ଟି ଆପତ୍ତି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଅଭିଯୋଗର ଗୁରୁତ୍ୱକୁ ବିଚାର କରି ଜିଲାପାଳ ୫ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୫ ହଜାର ଟଙ୍କା ଆର୍ଥିକ ସହାୟତା ମଞ୍ଜୁର କରିଛନ୍ତି। ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗଗୁଡ଼କ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡ଼ିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡ ଓ ବ୍ଲକସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଶିବିରକୁ ଆସିଥିବା ଆବେଦନକାରୀମାନଙ୍କ ପାଇଁ ଶେଡ୍ ବ୍ୟବସ୍ଥା କରାଯିବା ସହ ଲୋକମାନଙ୍କୁ ପିଇବା ପାଇଁ ଥଣ୍ଡା ପାନୀୟ ଜଳ ଓ ଘୋଳ ଦହି ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ।

### ଭୂଷଣ୍ଡେଶ୍ୱର ପୀଠ ଉନ୍ନତିରେ ଖର୍ଚ୍ଚ ହେବ ୧୦ କୋଟି

## ସ୍ୱାଗତ କଲା ଭାଜପା

ଭୋଗରାଇ,୫।୫(ପ୍ରଦୀପ ଦାସ)

ରାଜ୍ୟ ସରକାର ପର୍ଯ୍ୟଟନ ଶିଳ୍ପର ବିକାଶ ଲାଗି ବିଭିନ୍ନ କାର୍ଯ୍ୟ ହାତକୁ ନେଇଛନ୍ତି। ବାଲେଶ୍ୱର ଜିଲା ସୀମାନ୍ତ ଭୋଗରାଇ ବ୍ଲକର ଉଦୟପୁର-ତାଳସାରୀ, ବିଚିତ୍ରପୁର, ଚନ୍ଦନେଶ୍ୱର, ଭୂଷଣ୍ଡେଶ୍ୱର ଓ ମା’ ବାସୁଳୀଙ୍କ ପୀଠର ଉନ୍ନତି ନିମନ୍ତେ ୨୨ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟ କରିବା ନିମନ୍ତେ ମାଷ୍ଟରପ୍ଲାନ ପ୍ରସ୍ତୁତ କରି ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରିବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଭୋଗରାଇ ତାଳସାରୀ ଗସ୍ତରେ ଆସି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶ୍ୱପ୍ରସିଦ୍ଧ ଭୂଷଣ୍ଡେଶ୍ୱର ମହାଦେବ ମନ୍ଦିର ନିର୍ମାଣ ନିମନ୍ତେ ରାଜ୍ୟ ସରକାର ୧୦କୋଟି ଟଙ୍କାର ଅନ୍ୟ ଏକ ଅନୁଦାନ ପ୍ରକଳ୍ପ କାର୍ଯ୍ୟ ଖୁବଶୀଘ୍ର ଡିପିଆର ପ୍ରସ୍ତୁତ କରିବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଥିବାରୁ ଭୋଗରାଇବାସୀ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଓ ଏମ୍‌ପି ପ୍ରତାପ ଷଡ଼ଙ୍ଗୀଙ୍କୁ ସାଧୁବାଦ ଜଣାଇଛନ୍ତି।ଏନେଇ ଭୋଗରାଇ ଭାଜପା ପକ୍ଷରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଯାଇଛି। ଭୋଗରାଇ ନିର୍ବାଚନମଣ୍ଡଳୀ ଭାଜପା ଶାଖା ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ଥାନାଛକସ୍ଥିତ ଭାଜପା କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରାଯାଇ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ କରାଯିବା ସହିତ ଭୋଗରାଇର ପର୍ଯ୍ୟଟନ ଶିଳ୍ପ ବିକାଶର ନୂତନ ଏକ ମାଇଲଖୁଣ୍ଟ ବୋଲି କୁହାଯାଇଛି। ଏପରିକି ତାଳସାରୀ-ଉଦୟପୁର ବେଳାଭୂମି ପର୍ଯ୍ୟଟନ ଶିଳ୍ପ ବିକାଶର ବାଧକ ହୋଇଥିବା ବେଳେ ଜଙ୍ଗଲ ବିଭାଗର ୫୦ ଏକର ଜାଗା ପର୍ଯ୍ୟଟନ ବିଭାଗକୁ ହସ୍ତାନ୍ତର ଲାଗି ସମସ୍ତ ପ୍ରକ୍ରିୟା କାର୍ଯ୍ୟ କରିବାକୁ ଜଙ୍ଗଲ ବିଭାଗ ଓ ରାଜସ୍ୱ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଭାଜପା ନେତାମାନେ ପ୍ରକାଶ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଭାଜପା ନେତା ଆଶିଷ କୁମାର ପାତ୍ର, ରାଧାକାନ୍ତ ପ୍ରଧାନ, ସତ୍ୟବ୍ରତ ଜେନା, ସୁବାସ ଚାନ୍ଦ, ନୀଳକଣ୍ଠ ଘୋଷ, ନିର୍ମଳ ପାତ୍ର ଓ କ୍ଷିତୀଶ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

ବାଙ୍ଗିରିପୋଷି,୫।୫(ସଞ୍ଜୟ କୁମାର ଅଗ୍ରୱାଲା)

ବାଙ୍ଗିରିପୋଷି ବ୍ଲକର ଧୋବଣୀଶୋଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୭ମ ବାର୍ଷିକୋତ୍ସବ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟା ସୁନୀତା ପାତ୍ରଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ସଭାପତି ଜନାର୍ଦ୍ଦନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ ଯୋଗ ଦେଇଥିଲେ। ଶିଶୁମନ୍ଦିରରେ ଶିକ୍ଷା ସହ ଦିଆଯାଉଥିବା ସଂସ୍କାର ପ୍ରତ୍ୟେକ ଶିଶୁର ଭବିଷ୍ୟତ ନିଶ୍ଚିତ ଭାବେ ଉଜ୍ଜ୍ୱଳ କରିବ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ପ୍ରାଧ୍ୟାପକ ସତ୍ୟନାରାୟଣ ସାମଲ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ରେଣୁକା ହାଁସଦା, ବାଙ୍ଗିରିପୋଷି ସଙ୍କୁଳ ପ୍ରମୁଖ ବଙ୍କିମ ମହାପାତ୍ର, ଧୋବଣୀଶୋଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସୁଶାନ୍ତ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଭାଜପା ରାଷ୍ଟ୍ରୀୟ ପରିଷଦ ସଦସ୍ୟ ସୁଗଦା ମୁର୍ମୁ ଯୋଗଦେଇ ଏହା ତାଙ୍କ ଜନ୍ମମାଟିର ବିଦ୍ୟାଳୟ ବୋଲି କହିବା ସହ ଆଗକୁ ନିଶ୍ଚିତ ଭାବେ ଏହି ଶିଶୁମନ୍ଦିରର ବିକାଶ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ। ପ୍ରଧାନଆଚାର୍ଯ୍ୟା ପାତ୍ର ବାର୍ଷିକ ବିବରଣୀ ପ୍ରଦାନ କରିଥିବା ବେଳେ ଆଚାର୍ଯ୍ୟ ବାସୁଦେବ ମହାରଣା ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାମନ୍ଦିରର ଗୁରୁମା’ ଗୁରୁଜୀ ଓ ସେବିକାମାନେ ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଜେଏମ୍‌ଏମ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର


ଜେଏମ୍‌ଏମ୍ କର୍ମକର୍ତ୍ତା ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ମୋରଡ଼ା,୫।୫(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ଅଧୀନ ଚିତ୍ର ବ୍ଲକ୍ କାର୍ଯ୍ୟାଳୟରେ ସୋମବାର ପୂର୍ବାହ୍ନ ୧୦ଟାରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମଏମ) ତରଫରୁ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୫ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ହିତାଧିକାରୀଙ୍କୁ ସୁଲଭ ମୂଲ୍ୟରେ ବାଲି ଯୋଗାଇବା, ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଅଞ୍ଚଳବାସୀଙ୍କୁ ପର୍ଯ୍ୟାପ୍ତ ପରିମାଣର ଜଳ ଯୋଗାଣ, ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ବିଲ୍ ଛାଡ଼, ମୋରଡ଼ା ବ୍ଲକ୍‌ରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀଗୁଡ଼ିକ ତୁରନ୍ତ ପୂରଣ, ବ୍ଲକ୍‌ର ଶିକ୍ଷିତ ବେକାର ଯୁବତୀ, ଯୁବକଙ୍କୁ ସରକାରୀସ୍ତରରେ ନିଯୁକ୍ତି ଇତ୍ୟାଦି ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ବିଡିଓ ଅଣାକର ନାଏକ କାର୍ଯ୍ୟାଳୟରେ ନ ଥିବାରୁ ବ୍ଲକ୍ ମୁଖ୍ୟ କିରାଣୀଙ୍କୁ ଉକ୍ତ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜେଏମ୍‌ଏମ୍ ସଦସ୍ୟ ସନାତନ ମୁର୍ମୁ, ଦିବାକର ସୋରେନ, ଅମୀର ଖାନଙ୍କ ସହିତ ଅନ୍ୟମାନେ ଉପସ୍ଥିତ ଥିଲେ।

# ୫ ହଜାର ଡାକ୍ତର ପଦବୀ ପୂରଣ ହେବ: ମୁଖ୍ୟମନ୍ତ୍ରୀ

## କେନ୍ଦୁଝର ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲରେ ଟ୍ରମା କେୟାର ଆରମ୍ଭ

କେନ୍ଦୁଝର,୫।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରସ୍ଥିତ ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲରେ ଅନ୍ତଃ ଚିକିତ୍ସା ସେବା ଓ ଟ୍ରମା କେୟାର ବ୍ୟବସ୍ଥାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭାରମ୍ଭ କରିଛନ୍ତି। ଏହାଦ୍ୱାରା ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି ମାନଙ୍କର ଉତ୍ତମ ଚିକିତ୍ସା ହୋଇ ପାରିବ। ଜିଲାରେ ଖଣି କାରବାର ଯୋଗୁ ଅଧିକ ଯାନବାହନ ଚଳାଚଳ ହେଉଛି। ଏହା ସହିତ ଆଗାମୀ ଦିନରେ ଅଧିକ ଶିଳ୍ପ ପ୍ରତିଷ୍ଠା ଓ ଭିତ୍ତିଭୂମିର ବିକାଶ ମଧ୍ୟ କରାଯିବ। ତେଣୁ, ଯାନବାହନ ଚଳାଚଳ ଆହୁରି ବୃଦ୍ଧି ପାଇବ। ଏ କ୍ଷେତ୍ରରେ ଉତ୍ତମ ଟ୍ରମା କେୟାର ବ୍ୟବସ୍ଥା ଲୋକଙ୍କୁ ଆଶୁ ମୃତ୍ୟୁମୁଖରୁ ବଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେ ଆହୁରି କହିଥିଲେ, ରାଜ୍ୟର ସ୍ୱାସ୍ଥ୍ୟକ୍ଷେତ୍ରରେ ଉନ୍ନତି ପାଇଁ ଅନେକ ପଦକ୍ଷେପ ନିଆଯାଉଛି। ହସ୍ପିଟାଲଗୁଡିକର ଭିତ୍ତିଭୂମି ସୁଦୃଢ କରାଯାଉଛି। ନୂଆ ସରକାର ଆସିବା ପରେ ୪ ହଜାର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମଚାରୀ ପଦବୀ ପୂରଣ କରାଯାଇଛି। ଆଗାମୀ ଦିନରେ ୫ ହଜାର ଡାକ୍ତର ପଦବୀ ପୂରଣ କରାଯିବ। ରାଜ୍ୟରେ ଖୁବଶୀଘ୍ର ଆଉ ୪ଟି ନୂଆ ମେଡିକାଲ କଲେଜ ଭଦ୍ରକ, ଜଗତସିଂହପୁର, ଢେଙ୍କାନାଳ ଓ ନବରଙ୍ଗପୁରରେ ଖୋଲାଯିବ। କେନ୍ଦ୍ର ସରକାର ଏଥିପାଇଁ ୬୦ ପ୍ରତିଶତ ଅର୍ଥ ଦେଉଥିବା ବେଳେ ରାଜ୍ୟ ସରକାର ୪୦ ପ୍ରତିଶତ ଅର୍ଥଦେବେ। ୭୦ ବର୍ଷରୁ ଅଧିକ ସମସ୍ତ ବୟୋଜ୍ୟେଷ୍ଠଙ୍କୁ ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଶେଷରେ ଡାକ୍ତରମାନଙ୍କୁ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ଆପଣମାନେ ସ୍ୱାସ୍ଥ୍ୟସେବାକୁ ଜୀବନର ଏକ ମିଶନ ଭାବେ ଗ୍ରହଣ କରନ୍ତୁ। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ତେଲକୋଇ ବିଧାୟକ ଡଃ ଫକୀର ମୋହନ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ ପ୍ରମୁଖ ଉପସ୍ଥିତଥିଲେ। ମେଡିକାଲ କଲେଜର ଅଧ୍ୟକ୍ଷା ଡଃ ଚିନ୍ମୟୀ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ମେଡିକାଲ ସୁପରିଟେଣ୍ଡେଣ୍ଟ ମହେନ୍ଦ୍ର କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ

ବାଲେଶ୍ୱର,୫।୫(ବାଞ୍ଛାନିଧି ଦେ)


ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଧାୟକ ମାନସ କୁମାର ଦତ୍ତଙ୍କ ସହ ଅନ୍ୟମାନେ।

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଦୁବଲାଗଡ଼ି ପଞ୍ଚାୟତରେ ରବିବାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ବିଧାୟକ ମାନସ କୁମାର ଦତ୍ତ। ଦାନା ଯୋଜନାରେ ଦୁବଲାଗଡ଼ି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କଠାରୁ ସୁଦର୍ଶନ ମାଇତିଙ୍କ ଘର ପର୍ଯ୍ୟନ୍ତ ରାସ୍ତା, ଦାମୋଦର ଦାସଙ୍କ ଘରଠାରୁ ସୁପ୍ରଭାତ ଜେନାଙ୍କ ଘର ପର୍ଯ୍ୟନ୍ତ ପକ୍କା ରାସ୍ତା, ବଗଦା ଗ୍ରାମର ଜାକିର ଦୋକାନଠାରୁ ବାସୁ ସିଂଙ୍କ ଘର ପର୍ଯ୍ୟନ୍ତ ପକ୍କା ରାସ୍ତା, ମଧୁ ମଣ୍ଡଳଙ୍କ ଘରଠାରୁ ଶୁକ ହାତୀଙ୍କ ଘର ପର୍ଯ୍ୟନ୍ତ ପକ୍କା ରାସ୍ତା, ବଗଦା ଗ୍ରାମର ରାମକୃଷ୍ଣ ପରିଡ଼ାଙ୍କ ଘରଠାରୁ ଆଶିଷ ପରିଡ଼ାଙ୍କ ଘର ପର୍ଯ୍ୟନ୍ତ ପକ୍କା ରାସ୍ତା ଆଦି ପ୍ରତ୍ୟେକ ପ୍ରକଳ୍ପ ପାଇଁ ୧ ଲକ୍ଷ ୨୬ ହଜାର ଟଙ୍କା ଲେଖାଏ ବ୍ୟୟ ଅଟକଳ, ବିଧାୟକ ପାଣ୍ଠିରୁ ରାମ ମଣ୍ଡଳଙ୍କ ଘରଠାରୁ କାହ୍ନୁ ଦାସଙ୍କ ଦୋକାନ ପର୍ଯ୍ୟନ୍ତ ପକ୍କା ରାସ୍ତା, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଶୀତଳା ଶକ୍ତି କମ୍ୟୁନିଟି ସେଣ୍ଟରର ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି।

ଠିକ୍ ମାନଦଣ୍ଡରେ ସମସ୍ତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ କରିବାକୁ ବିଧାୟକ ଦତ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ସମିତି ସଭ୍ୟ ରବୀନ୍ଦ୍ର ଜେନା, ବରିଷ୍ଠ ଭାଜପା ନେତା ଲୋକନାଥ ଭୂୟାଁ, ରାଜେନ୍ଦ୍ର ଚାଟାର୍ଜୀ, ମହେଶ୍ୱର ମାନ୍ନା, ଅଲେଖ ସାହୁ, ରାଜୁ ପରିଡ଼ା, ଜଗନ୍ନାଥ ଜେନା, ରବୀନ୍ଦ୍ର ଦୁଆରୀ, ବିକାଶ ଷଡଙ୍ଗୀ, ପାଚୁ ହାତୀ, ବଂଶୀଧର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଜନତାଙ୍କୁ ଉତ୍ସର୍ଗୀକୃତ ସେବା ଯୋଗାଇବାକୁ ପରାମର୍ଶ

## କେନ୍ଦୁଝର ଟାଉନ ଥାନା ଗୃହ, ରିଜର୍ଭ ପୋଲିସ ଅଫିସ ଉଦ୍‌ଘାଟିତ

କେନ୍ଦୁଝର,୫।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଟାଉନ୍‌ରେ ନବ ନିର୍ମିତ ଥାନାଗୃହ ଏବଂ ରିଜର୍ଭ ପୋଲିସ ଅଫିସ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଛନ୍ତି। ରିଜର୍ଭ ପୋଲିସ ଅଫିସର ଅଧିକାରୀ ଓ କର୍ମଚାରୀମାନେ ସାଧାରଣ ଜନତାଙ୍କୁ ଉତ୍ସର୍ଗୀକୃତ ସେବା ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ଥାନାଗୁଡ଼ିକ ଦ୍ୱାରା ଲୋକମାନେ ଉନ୍ନତମାନର ସେବା ପାଇବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ।

ଏହି ଅବସରରେ ନବନିର୍ମିତ ଟାଉନ ଥାନାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ସମୁଦାୟ ୩ କୋଟି ୩୪ ଲକ୍ଷ ୧୪ ହଜାର ଟଙ୍କା ବ୍ୟୟରେ ଥାନା ଓ ୨ କୋଟି ୭୬ ଲକ୍ଷ ୬୮ ହଜାର ଟଙ୍କା ବ୍ୟୟରେ ନିର୍ମିତ ରିଜର୍ଭ ପୋଲିସ ଅଫିସ ନିର୍ମିତ ହୋଇଛି। ଆଇନ ଶୃଙ୍ଖଳା ରକ୍ଷା ଦିଗରେ ଥାନାର ପ୍ରମୁଖ ଭୂମିକା ରହିଛି। ସେଥିପାଇଁ ଆମ ସରକାର ଆସିବା ପରେ ଥାନାଗୁଡ଼ିକୁ ଆଧୁନିକୀକରଣ ଓ ସୁବ୍ୟବସ୍ଥିତ କରିବା ପାଇଁ ସମସ୍ତ ପଦକ୍ଷେପ ନେଉଛନ୍ତି। ଥାନାରେ କର୍ତ୍ତବ୍ୟରତ ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ମୋର ପରାମର୍ଶ, ଥାନାକୁ ବିଭିନ୍ନ ସମସ୍ୟା ନେଇ ଆସୁଥିବା ଜନସାଧାରଣମାନଙ୍କୁ ଉତ୍ତମ ବ୍ୟବହାର କରନ୍ତୁ। ତୁରନ୍ତ ଏଫ୍‌ଆଇଆର ଗ୍ରହଣ ନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଅପରାଧୀଙ୍କୁ ମିଳୁଥିବା ରାଜନୈତିକ ସୁରକ୍ଷାର ଅବଧି ୧୨ ଜୁନ ୨୦୨୪ରୁ ସରିଯାଇଛି। ପୁନଃନବିକରଣ ହେବାର କୌଣସି ସୁଯୋଗ ବି ନାହିଁ। ଏହାର ଫଳାଫଳ ଆପଣ କେନ୍ଦୁଝର ଜିଲ୍ଲାରେ ଦେଖିପାରୁଥିବେ। ଆଇନ ଆଗରେ ରାଜା-ପ୍ରଜା ସମସ୍ତେ ସମାନ। ଅପରାଧୀ ଯେତେବଡ଼ ହୋଇଥାଉ ନା କାହିଁକି, ଯେତେ ବିତ୍ତଶାଳୀ ହୋଇଥାଉନା କାହିଁକି, ଆଇନ ଆଗରେ ନତମସ୍ତକ ହେବାକୁ ପଡ଼ିବ ବୋଲି କହିଥିଲେ। ରାଜ୍ୟରେ ସମୁଦାୟ ୩୨ ହଜାର ନୂଆ ପଦବୀ ସୃଷ୍ଟି କରାଯାଇଥିବା ବେଳେ ୧୬ ହଜାର ଖାଲି ପଦବୀ, ନୂତନଭାବେ ସୃଷ୍ଟି ହୋଇଥିବା ୧୬ ହଜାର ପଦବୀ ପୂରଣ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି।

ପୋଲିସ କର୍ମଚାରୀଙ୍କ ପାଇଁ ୧୭ଟି ଏସ୍‌ୟୁଭି ଗାଡ଼ି ଏବଂ ୮୦ଟି ମୋଟର ସାଇକେଲକୁ ସବୁଜ ପତାକା ଦେଖାଇ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଥିଲେ। ଥାନାରେ ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାୟକ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାୟକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ, ଡିଜିପି ଯୋଗେଶ ବାହାଦୁର ଖୁରାନିଆ, ଆଇଜି ହିମାଂଶୁ ଲାଲ, ଜିଲାପାଳ ବିଶାଲ ସିଂହ, ଏସ୍‌ପି ନୀତିନ କୁଶଲକର ପ୍ରମୁଖ ଉପସ୍ଥିତ ଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏନ୍‌ଭିସିଏଲ୍‌ର ୪ର୍ଥ ତ୍ରୈମାସିକ ଫଳାଫଳ

**ଭୁବନେଶ୍ୱର,୫।୫**

ନୁଭୋକୋ ଭିସ୍ତାସ କର୍ପୋରେଶନ ଲିମିଟେଡ (ଏନ୍‌ଭିସିଏଲ)ର ନିର୍ଦ୍ଦେଶକମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟକଳାପ ଆଦି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ସେହିଭଳି ୨୦୨୫ ମାର୍ଚ୍ଚ ୩୧ରେ ଶେଷ ହୋଇଥିବା ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ ପାଇଁ କମ୍ପାନୀର ଅଡିଟ ହୋଇ ନ ଥିବା ଆର୍ଥିକ ଫଳାଫଳ ଘୋଷଣା ହୋଇଛି। କମ୍ପାନୀ ୨୦୨୪-୨୫ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକରେ ୫.୭ ଏମ୍‌ଏମ୍‌ଟିର ମୋଟ ସିମେଣ୍ଟ ବିକ୍ରି ରେକର୍ଡ ହାସଲ କରିଥିବାବେଳେ ଆର୍ଥିକ ବର୍ଷରେ ମୋଟ ୧୯.୪ ଏମ୍‌ଏମ୍‌ଟି ସିମେଣ୍ଟ ବିକ୍ରି କରିଛି। ୪ର୍ଥ ତ୍ରୈମାସିକରେ ପରିଚାଳନାରୁ ମୋଟ ରାଜସ୍ୱ ବାର୍ଷିକ ଆଧାରରେ ୪% ବୃଦ୍ଧି ପାଇ ୩୦୪୨ କୋଟି ଟଙ୍କା ରହିଛି, ଯାହା ୨୦୨୪-୨୫ ଆର୍ଥିକ ବର୍ଷର ମୋଟ ରାଜସ୍ୱ ୧୦,୩୫୭ କୋଟି ଟଙ୍କାରେ ପହଞ୍ଚିଛି। ଏ ସମ୍ପର୍କରେ ଏନଭିସିଏଲର ଏମଡି ଜୟକୁମାର କ୍ରିଷ୍ଣାସ୍ୱାମୀ କହିଛନ୍ତି, ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ଅର୍ଦ୍ଧଭାଗରେ କମ୍ ଚାହିଦା ଥିବା ସତ୍ତ୍ୱେ କମ୍ପାନୀ ଦ୍ୱିତୀୟାର୍ଦ୍ଧରେ ଦୃଢ ପ୍ରତ୍ୟାବର୍ତ୍ତନ କରିଥିଲା। କମ୍ପାନୀ ଏହାର ବଜାର ଉପସ୍ଥିତିକୁ ମଜଭୁତ କରିବା ପାଇଁ ନୂଆ ସୁଯୋଗଗୁଡିକ ଉପରେ ପୁଞ୍ଜି ହାସଲ କରି ସୁଗମତାର ସହ ପ୍ରତିକ୍ରିୟା ଦେଇଥିଲା। କ୍ରମାଗତ ଭାବେ ତ୍ରୈମାସିକଗୁଡିକରେ ଉନ୍ନତ ଚାହିଦା ପ୍ରିମିୟମାଇଜେଶନ ଉପରେ ଆମର ମହତ୍ତ୍ୱ ସହ ଜଡିତ ଥିଲା।

# ଅଭିବୃଦ୍ଧିଶୀଳ ଆଞ୍ଚଳିକ ଅର୍ଥନୀତି ମଧ୍ୟରୁ ଓଡ଼ିଶା ଅନ୍ୟତମ

**ଭୁବନେଶ୍ୱର,୫।୫**

ଦେଶର ପ୍ରମୁଖ ଭାଗ ଖଣିଜ ସମ୍ପଦ ଓଡ଼ିଶା ରାଜ୍ୟରେ ଥିଲାବେଳେ ଓଡିଶାର ଅଭିବୃଦ୍ଧି ବର୍ତ୍ତମାନ ସମୟରେ ଅନ୍ୟ ରାଜ୍ୟଗୁଡିକ ତୁଳନାରେ ବହୁ ପଛରେ ରହିଛି। ଏପରିକି ଓଡିଶାରେ ଭାରତର ୩୫% ଲୁହା ଖଣିଜ, ୫୯% ବକ୍ସାଇଟ୍ ଏବଂ କୋଇଲା, କ୍ରୋମାଇଟ୍ ଏବଂ ମାଙ୍ଗାନିଜ୍‌ର ଗୁରୁତ୍ୱପୂର୍ଣ୍ଣ ସଂରକ୍ଷଣ ରହିଛି। ଏହାକୁ ଭାରତର ଖଣିଜ ସୁରକ୍ଷାର ମେରୁଦଣ୍ଡ ଭାବେ ନାମିତ କରିଛି, ଯାହାକି ଭିତ୍ତିଭୂମି, ଶକ୍ତି, ପରିବହନ, ନବୀକରଣୀୟ ଶକ୍ତି ଏବଂ ପ୍ରତିରକ୍ଷା ପାଇଁ ନିତାନ୍ତ ଅତ୍ୟାବଶ୍ୟକ ବୋଲି କୁହାଯାଉଛି। ବିଶେଷ କରି ଓଡିଶାରେ ବକ୍ସାଇଟ୍, ଲୁହାପଥର ଏବଂ କୋଇଲାର ସର୍ବଶ୍ରେଷ୍ଠ ରଣନୈତିକ କ୍ଷେତ୍ରକୁ ପ୍ରତିନିଧିତ୍ୱ କରିଥାଏ। ନିବେଶ, ନିଯୁକ୍ତି, ଭିତ୍ତିଭୂମି ଏବଂ ବିଶ୍ୱ ପ୍ରତିଯୋଗିତାକୁ ଆଗେଇ ନେବାରେ ଏହାର ଭୂମିକା ଯଥେଷ୍ଟ ରହିଛି, ତଥାପି, ବକ୍ସାଇଟ୍ ଭଳି ଖଣିଜ ପଦାର୍ଥର କମ ବ୍ୟବହାର, ପ୍ରକ୍ରିୟାଗତ ବାଧା, ଆନ୍ତଃରାଜ୍ୟ ସମ୍ପତ୍ତି ନିଷ୍କାସନ ଏବଂ ସାହସିକ ତଥା ଜରୁରୀ ସଂସ୍କାରର ଆବଶ୍ୟକତାକୁ ଇଙ୍ଗିତ କରି ଅତୀତରେ ହାତଛଡ଼ା ହୋଇଥିବା ସୁଯୋଗ ଯୋଗୁଁ ଓଡ଼ିଶା କେବଳ ଏହାର ଖଣିଜ ସମ୍ଭାବ୍ୟତାର ପୃଷ୍ଠକୁ କ୍ଷୁଣ୍ଣ କରିଛି। ଓଡିଶାର ସମ୍ଭାବନା ଖଣି: ଆତ୍ମନିର୍ଭରତା ଏବଂ ସମୃଦ୍ଧିକୁ ଭାରତର ଯାତ୍ରାକୁ ଶକ୍ତି ପ୍ରଦାନ କରୁଛି' ଏକ ଶ୍ୱେତପତ୍ର ଉନ୍ମୋଚନ ଅବସରରେ ବିଶେଷଜ୍ଞମାନେ ଏଭଳି କିଛି କହିଛନ୍ତି। ଓଡ଼ିଶା ଏବେ ନୁହେଁ ତ କେବେ ନୁହେଁ ଏକ ମୁହୂର୍ତ୍ତରେ ଅଛି। ଏହା ଈଶ୍ୱର-ପ୍ରଦତ୍ତ ସମ୍ପଦକୁ ଲୋକ-କୈନ୍ଦ୍ରିକ ଅଭିବୃଦ୍ଧିରେ ପରିବର୍ତ୍ତନ ବିଷୟରେ ଆମକୁ ନିଶ୍ଚିତ କରିବା ଉଚିତ। ଆଗାମୀ ପିଢ଼ିର ଓଡ଼ିଆମାନେ କେବଳ ସମୃଦ୍ଧ ମାଟିର ଐତିହ୍ୟ ନୁହେଁ, ବରଂ ଅନ୍ତର୍ଭୁକ୍ତିମୂଳକ ପ୍ରଗତି, ବିଶ୍ୱସ୍ତରୀୟ ପ୍ରତିଷ୍ଠାନ ଏବଂ ସ୍ଥାୟୀ ସମୃଦ୍ଧିର ଐତିହ୍ୟ ପାଇବେ। ଏହି ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱ ଓଡ଼ିଶାର ଖଣିଜ ଶକ୍ତିକୁ ଅନ୍ତର୍ଭୁକ୍ତିମୂଳକ ଶିଳ୍ପାୟନ ଏବଂ ଆଞ୍ଚଳିକ ଉନ୍ନତିରେ ପରିଣତ କରିବା ପାଇଁ ଏକ ଦୃଢ଼ ଭିତ୍ତିଭୂମି ପ୍ରଦାନ କରିଛି ବୋଲି ବରିଷ୍ଠ ପ୍ରଶାସକ ଡ. ଜୟଦେବ ଷଡଙ୍ଗୀ ଏଆଇଡିଇଏନଟି, ଆନ୍ ଇନିସିଏଟିଭ୍ ଫର୍ ଡେଭଲପମେଣ୍ଟ ଆଣ୍ଡ୍ ଏମ୍ପାୱାରମେଣ୍ଟ ଦ୍ୱାରା ପ୍ରସ୍ତୁତ ଶ୍ୱେତପତ୍ର ଉନ୍ମୋଚନ ପରିପ୍ରେକ୍ଷୀରେ କହିଛନ୍ତି।

ଏହି ଶ୍ୱେତପତ୍ରରେ ଖଣି ଏବଂ ଉତ୍ପାଦନ ପ୍ରତି ଏକ ଦୃଢ଼ ପୃଷ୍ଠଭୂମି ଦ୍ୱାରା ଚାଳିତ ଭାରତର ଦ୍ରୁତତମ ଅଭିବୃଦ୍ଧିଶୀଳ ଆଞ୍ଚଳିକ ଅର୍ଥନୀତି ମଧ୍ୟରୁ ଗୋଟିଏ ଭାବେ ଓଡ଼ିଶାର ଉଦୟକୁ ଉଜ୍ଜ୍ୱଳ କରିଛି। ଏହି ପରିପ୍ରେକ୍ଷୀରେ ଡ. ଜୟଦେବ ଷଡଙ୍ଗୀ, ସଞ୍ଜୀବ କେ ସିଂହ, ଡ. ପ୍ରବାସ ରଞ୍ଜନ ମିଶ୍ର, ଡ. ଦୁଃଖବନ୍ଧୁ ସାହୁ ଏବଂ ଡ. ସିପ୍ରା ସାଗରିକା ପ୍ରମୁଖ ଉପସ୍ଥିତ ରହି ଖଣି-ନେତୃତ୍ୱାଧୀନ ବିକାଶକୁ ଶିଳ୍ପ ଏବଂ ସାମାଜିକ ସମୃଦ୍ଧି ପାଇଁ ଏକ ସ୍ଥାୟୀ ମଡେଲରେ ପରିଣତ କରିବା ପାଇଁ ଓଡ଼ିଶା କିପରି 'ଏବେ-ନ ହେଲେ-କେବେ ନୁହେଁ' ପରିବର୍ତ୍ତନ ବିନ୍ଦୁରେ ଅଛି ସେ ବିଷୟରେ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲେ।




ଶ୍ୱେତପତ୍ର ଉନ୍ମୋଚନ ଅବସରରେ ଅତିଥିମାନେ ଉପସ୍ଥିତ ଅଛନ୍ତି।

# ଶେୟାର ବଜାର କାରବାରରେ ଉତ୍ସାହ

**ମୁମ୍ବାଇ,୫।୫**

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇପାରିଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନସେକ୍ସ ୨୯୫ (୨୯୪.୮୫) ପଏଣ୍ଟ ବୃଦ୍ଧି ଘଟି ୮୦,୭୯୭ (୮୦,୭୯୬.୮୪) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୧୪ (୧୧୪.୪୫) ପଏଣ୍ଟ ବଢି ୨୪,୪୬୧ (୨୪,୪୬୧.୧୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।


# Classified Everyday
0674-2580101, 9692975378





**REAL ESTATE**
**SALE**

House for sale 10x70 plot 700sqft. old construction, Puri 5 mins walk from Shree Jagannath Temple 10 mins from Sea Beach. Peaceful Locality. Direct owner, no brokers. Call : 7992594010. D-412

**ଭୁବନେଶ୍ୱର- ପିପିଲି Toll Gate Puri road ନିକଟରେ Gharabari Plot ଏବଂ ନଖରାରେ 3/4 BHK Duplex ବିକ୍ରିହେବ। 8327785834.** D-76261

CV Raman କଲେଜ ପାଖରେ 3132sqft. Gharabari plot sale ହେବ। Phone No.- 9778928492 and 9937910363. D-74728

**2BHK flat for sale at Naharakanta Chhaka, NH Facing. Contact- 7978209277, 7008789347.** D-260




5000 sqft. Godown with Office available for rent at Palasuni, Prime location. 1BHK and 2BHK for rent near Machesear, behind Bhubaneswar Water Works. Open space and Godown around 50,000sqft. at Meherpally, Keshura, Puri Bypass Road. Contact- 7205010464, 9437468247, 9437035347. D-410

**Email** ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**2 Office space - 1000sqft. in 3rd floor & 750sqft. in 2nd floor fully furnished office at 5-Janpath, Unit-3, Kharvelnagar behind Kalsi Petrol Pump, Bhubaneswar, Odisha-751001.Readily available to operate. Contact: 9437001845, 7504050186.** D-76819

For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377




Full body massage by experience therapist with homely atmosphere. 9114559860. D-402

**Relax, Refresh your body, mind at Saikrupa SPA with best therapies. 7848011468.** D-363

**AFFIDAVIT**

By virtue of an affidavit No.- 1734 dated 29.04.2025, sworn before the Executive Magistrate, Dharmasala, I, Narayan Malik, At- Choramuhan, P.O.- Dharmasala, Dist.- Jajpur, declare that my minor son old name Rabi Malik changed to new name Rabindra Malik. Henceforth, he shall be known as Rabindra Malik for all purpose. D-413

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମୁଁ, ତ୍ରିଲୋଚନ ସାମଲ, ପି- ୰ଦିବାକର ସାମଲ, ସା- ଜୁଆଣିଆ, ପୋ- ଗୋବିନ୍ଦପୁର କଚେରି, ଥା- ଆଳି, ଜିଲ୍ଲା- କେନ୍ଦ୍ରାପଡ଼ା, ଏହି ଶପଥପତ୍ର ଦ୍ୱାରା ତା ୨୪।୦୪।୨୦୨୫ରେ ନୋଟାରି ପବ୍ଲିକ୍, କେନ୍ଦ୍ରାପଡ଼ା ସମ୍ମୁଖରେ ଘୋଷଣା କରୁଛି ଯେ, ଆଧାର- XXXX XXXX ୨୩୨୭ ଏବଂ ମାଟ୍ରିକ୍ ସାର୍ଟିଫିକେଟ୍ ଅନୁଯାୟୀ ମୋର ନାମ ତ୍ରିଲୋଚନ ସାମଲ, କିନ୍ତୁ ଖାତା ନଂ.- ୯୪୮/୪୭୧ ଥିବା R.O.R. ରେ ମୋର ନାମ ପ୍ରଦୀପ କୁମାର ସାମଲ ଭାବରେ ଉଲ୍ଲେଖ ଅଛି। ତ୍ରିଲୋଚନ ସାମଲ ଏବଂ ପ୍ରଦୀପ କୁମାର ସାମଲ ଉଭୟ ଜଣେ ବ୍ୟକ୍ତି। ଧ-୪୧୭

By virtue of an affidavit sworn before the Notary Public, Bhubaneswar, dated- 10.02.2025, I, Sakhi Nayak, Address: resident of Vill.- Jamapada, P.O.- Jamapada, P.S.- Bari Ramachandrapur, Dist.- Jajpur, Odisha, PIN- 755005, declare that I have changed my name from Sambit Kumar Nayak to Sakhi Nayak. Henceforth I shall be known as Sakhi Nayak for all purposes.
Sakhi Nayak
D-407

By virtue of affidavit before the Notary Public, Bhubaneswar, dated- 02.11.2024, I, Rajashree Guni, Address: resident of Saheed Nagar, P.O./P.S.- Saheed Nagar, Bhubaneswar, Dist.- Khordha, Odisha, PIN- 751007, declare that I have changed my name from Pintu Guni to Rajashree Guni. Henceforth I shall be known as Rajashree Guni for all purposes.
Rajashree Guni
D-406

ଆମ୍ଭେ ବେଣୁଧର ମଣ୍ଡଳ, ପି- ସହଦେବ ମଣ୍ଡଳ, ଗ୍ରା/ପୋ- ଗାରେଡ଼ିପାଞ୍ଚଣ ପ୍ରକାଶ କରୁଅଛୁ କି ଆମ୍ଭର ନାମ ତ୍ରୁଟିପୂର୍ଣ୍ଣ ଭାବରେ ଡ୍ରାଇଭିଂ ଲାଇସେନ୍ସରେ ବେଣୁଧର ପ୍ରଧାନ ହୋଇଅଛି। ଆମ୍ଭର ପ୍ରକୃତ ନାମ ବେଣୁଧର ମଣ୍ଡଳ ଅଟେ।
ସ୍ୱା./- ବେଣୁଧର ମଣ୍ଡଳ
ଧ-୭୪୬୫୦

By virtue of an affidavit sworn before Executive Magistrate, Bhubaneswar, dated- 05.05.2025, I, Purna Chandra Mallick, Address: At- Samantarapurpatna, P.O.- Gopinathpur, P.S.- Dhauli, Dist.- Khordha, Odisha, PIN- 751002, declare that I have changed my daughter's name from Ankita Mallick to Laxmipriya Mallick. Henceforth, she shall be known as Laxmipriya Mallick for all purposes.
Purna Chandra Mallick
D-405

By virtue of an affidavit sworn before the Executive Magistrate, Narasinghpur, on dated 28th April 2025, I, Jajneswara Sahoo, Address: Village- Kanjiapada, P.O./P.S.- Kanpur, Dist.- Cuttack, 754037, Odisha declare that I have changed my name from Jangyeswar Sahoo to Jajneswara Sahoo. Henceforth, I shall be known as Jajneswara Sahoo for all purposes.
Jajneswara Sahoo
D-404

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।


**LEGAL NOTICE**

ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ
ନୋଟିସ
ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟ ବିଧି ସଂହିତା, ୧୯୦୮ ଅନୁଯାୟୀ ଏଲ୍.ଏ.ରେଫରେନ୍ସ କେସ୍ ନଂ.- ୨୮୭/୨୦୨୨
(ଆରାଇଜିଙ୍ଗ ଆଉଟ ଅଫ୍ ଏଲ୍.ଏ.କେସ୍ ନଂ.-୦୨/୨୦୧୯)
ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର, ଖୋର୍ଦ୍ଧା
....ଆବେଦନକାରୀ
ବନାମ
୧. ଭ୍ରମର ମହାପାତ୍ର, ପି: କୃଷ୍ଣ ମହାପାତ୍ର, ୨. ଉଜ୍ଜଳା ବେହେରା, ସ୍ୱା- ଦୀନବନ୍ଧୁ ବେହେରା, ୩. ଭୋବନି ବେହେରା, ପି: ଭଗିଆ ବେହେରା, ଏ ସମସ୍ତଙ୍କର ଠିକଣା ସା: ପଥରଗାଡ଼ିଆ, ଥା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା
.....ବିରୋଧୀପକ୍ଷମାନେ

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ଭୂମି ଅଧିଗ୍ରହଣର ସ୍ଥିରୀକୃତ କ୍ଷତି ପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ ସି.ବି.-୧ (ଏ) କ୍ୟାଣ୍ଟନମେଣ୍ଟ ରୋଡ୍, କଟକଙ୍କ ଇଜିଲାସ/ଅଦାଲତରେ ଏଲ୍.ଏ. ରେଫରେନ୍ସ କେସ୍ ନଂ.- ୨୮୭/୨୦୨୨ଆରାଇଜିଙ୍ଗ ଆଉଟ ଅଫ୍ ଏଲ୍.ଏ.କେସ୍ ନଂ.-୦୨।୨୦୧୯ ମକଦ୍ଦମା ରୁଜୁ କରିଅଛନ୍ତି। ଅଧିଗ୍ରହୀତ ଭୂମିର ବିସ୍ତୃତ ବିବରଣୀ ଯଥା ମୌଜା- ପଥରଗାଡ଼ିଆ, ଖାତା ନଂ.-୧୩୪୨, ପ୍ଲଟ୍ ନଂ.-୬୦୨୩, ରକବା ଏ୦.୦୧୬୦ଡି. ଅଟେ। **ଉକ୍ତ ବିରୋଧୀପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜସ୍ୱ ବିଷୟରେ ସଫେଇ/ତଦ୍‌ବିର କରିପାରିବେ।** ତେଣୁ ଉପରଲିଖିତ ବିରୋଧୀପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା୩୦।୦୬।୨୦୨୫ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ/ଅଦାଲତରେ ବ୍ୟକ୍ତିଗତଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରୀକୃତ ଆର୍ଥିକ ରାଶି ଦେଣ କାହିଁକି ମଞ୍ଜୁର କରା ନ ଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ। ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ।

ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହି ମୋହର ସହ ଦିନାଙ୍କ ତା ୨୫।୦୪।୨୦୨୫ରିଖ।
ସ୍ୱାକ୍ଷର/ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକ
ଧ-୩୭୦

# ଏପ୍ରିଲରେ ୧୧,୯୬୨ ୟୁନିଟ ଟ୍ରାକ୍ଟର ବିକ୍ରି


**ଭୁବନେଶ୍ୱର,୫।୫ (ଅଭୟ ଦାଶ)**

ସୋନାଲିକା ଟ୍ରାକ୍ଟର୍ସର ମାସିକ (ଏପ୍ରିଲ ମାସ) ଗାଡି ବିକ୍ରି ଫଳାଫଳ ନିକଟରେ ପ୍ରକାଶ ପାଇଛି। ଏପରିକି ୨୦୨୫ ଏପ୍ରିଲରେ କମ୍ପାନୀ ମୋଟ ୧୧,୯୬୨ ୟୁନିଟ ଟ୍ରାକ୍ଟର ବିକ୍ରି କରିଛି। ଏ ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତଲ କହିଛନ୍ତି, ୨୦୨୫ ଏପ୍ରିଲରେ ଆମେ ୧୧,୯୬୨ ୟୁନିଟ ଟ୍ରାକ୍ଟର ବିକ୍ରିର ଏକ ସକାରାତ୍ମକ ଆରମ୍ଭ ସହିତ ଚଳିତ ଆର୍ଥିକ ବର୍ଷର ଯାତ୍ରା ଆରମ୍ଭ କରିଛୁ। ଅପରପକ୍ଷରେ କୃଷକଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ପାଇଁ ଆମର ହେଭି-ଡ୍ୟୁଟି ଟ୍ରାକ୍ଟରଗୁଡିକୁ ଉନ୍ନତ ମୂଲ୍ୟ ରଣନୈତିକ ଭାବେ ବିକଶିତ ଓ ଅବସ୍ଥାପିତ କରାଯାଉଛି। ଏପରିକି ପ୍ରତ୍ୟେକ କୃଷି କ୍ଷେତ୍ରରେ ସମୃଦ୍ଧି ଆଣିବା ପାଇଁ ଆମର କୃଷକ-ପ୍ରଥମ ଆଦର୍ଶ ଦ୍ୱାରା ଏହା ପରିଚାଳିତ ହେଉଛି। ସୋନାଲିକା ଟ୍ରାକ୍ଟର୍ସ ସର୍ବୋତ୍ତମ ଶ୍ରେଣୀର ଟ୍ରାକ୍ଟର ପ୍ରଦାନ କରିବା କ୍ଷେତ୍ରରେ ଏହାର 'ନୋ କମ୍ପ୍ରମାଇଜ୍' ନୀତି ଅନୁସରଣ କରୁଛି, ଯାହା ହିତାଧିକାରୀଙ୍କ ସ୍ୱାର୍ଥକୁ ସର୍ବାଧିକ କରିଥାଏ। ଏହା ଆଗକୁ ବର୍ଷ ସାରା ଯୋଜନା କରାଯାଇଥିବା ନୂତନ ପଦକ୍ଷେପଗୁଡିକ ସହିତ ଆମର ଗ୍ରାହକଙ୍କୁ ଚିରସ୍ଥାୟୀ ଖୁସି ପ୍ରଦାନ କରିବା ନିଶ୍ଚିତ କରିବ। ସେହିଭଳି କୃଷକମାନଙ୍କ ଅଞ୍ଚଳ-କେନ୍ଦ୍ରିତ ଆବଶ୍ୟକତା ଅନୁଯାୟୀ ଏହାର ଷ୍ଟେଟ-ଅଫ-ଦ-ଆର୍ଟ ଟ୍ରାକ୍ଟରଗୁଡିକୁ କଷ୍ଟମାଇଜ କରି ସୋନାଲିକା ନିରନ୍ତର ଭାବେ ମୂଲ୍ୟ-ଚାଳିତ ସମାଧାନଗୁଡିକୁ ଆଣିବା କ୍ଷେତ୍ରରେ ଆଗରେ ରହୁଛି। ଯାହା ଭାରତବ୍ୟାପୀ କୃଷକଙ୍କ ପାଇଁ ସ୍ଥାୟୀ ଓ ଲାଭଦାୟକ ଅଭିବୃଦ୍ଧିକୁ ସଶକ୍ତ କରୁଛି। ସୋନାଲିକା ଟ୍ରାକ୍ଟର୍ସ ପକ୍ଷରୁ ଏହାର ବହୁପ୍ରତୀକ୍ଷିତ 'ସୋନାଲିକା ତୁଫାନି ଧମାକା' ଅଫର୍‌ର ମଧ୍ୟ ଶୁଭାରମ୍ଭ କରାଯାଇଛି।


ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


**ମନେ ପଡ଼ନ୍ତି**

**୨୭ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ସୁରେନ୍ଦ୍ର ନାଥ ମହାପାତ୍ର
(ଖରିଗର, ନିଆଳି, କଟକ)
ଆବିର୍ଭାବ: ୦୬।୧୧।୧୯୫୩
ତିରୋଧାନ: ୨୨।୦୪।୧୯୯୮
(ବୈଶାଖ ଶୁକ୍ଳ ଦଶମୀ)

ତୁମେ ଯିବାର ଚାହୁଁ ଚାହୁଁ ୨୭ ବର୍ଷ ବିତିଗଲେ ମଧ୍ୟ ତୁମେ ମୋ ହୃଦୟରେ ଅଲିଭା ସ୍ମୃତି ହୋଇ ରହିଛ ଆଉ ରହିଥିବ ମଧ୍ୟ। ସବୁ ସମୟରେ ତୁମର ଅନୁପସ୍ଥିତି ମୁଁ ଅନୁଭବ କରୁଅଛି। ତୁମର ସ୍ନେହ, ଶ୍ରଦ୍ଧା, ଆନ୍ତରିକତା ଓ ଆଶୀର୍ବାଦ ମୋର କାମନା।

ଶୋକସନ୍ତପ୍ତ:- ହତଭାଗିନୀ ସ୍ତ୍ରୀ ଲକ୍ଷ୍ମୀ, ଝିଅ- ଲୀନା, ଲିଜା, ଜ୍ୱାଇଁ- ଭବାନୀ, ପ୍ରଦୀପ୍ତ, ନାତି- ଅରଜିତ୍, ଅଭିଜ୍ଞାନ, ଏବଂ ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୪୧୧

# ଘରୋଇ ଜୀବନ ବୀମା କ୍ଷେତ୍ରରେ ଆଭିଭା ପ୍ରଥମ

**ଭୁବନେଶ୍ୱର,୫।୫**

କ୍ରମାଗତ ୭ ବର୍ଷ ପାଇଁ ଅଭିଭା ଲାଇଫ ଇନସ୍ୟୁରାନ୍ସ ଇଣ୍ଡିଆଜ ମୋଷ୍ଟ ଟ୍ରଷ୍ଟେଡ ପ୍ରାଇଭେଟ ଲାଇଫ ଇାନ୍ସୋରାନ୍ସ ବ୍ରାଣ୍ଡ ଭାବେ ସ୍ୱୀକୃତି ହାସଲ କରିଛି ବୋଲି ଟିଆର୍‌ଏର ବ୍ରାଣ୍ଡ ଟ୍ରଷ୍ଟ ରିପୋର୍ଟ ୨୦୨୫ରେ ଉଲ୍ଲେଖ କରଯାଇଛି। ଏପରିକି ଘରୋଇ ଜୀବନ ବୀମା କ୍ଷେତ୍ରରେ ନିଜର ନେତୃତ୍ୱ ଆହୁରି ସୁଦୃଢ କରି ଅଭିଭା ଇଣ୍ଡିଆ ୨୦୨୩-୨୪ ଆର୍ଥିକ ବର୍ଷରେ ୩୦ ଦିନ ମଧ୍ୟରେ ୧୦୦% ଦାବି ସମାଧାନ ସହିତ ସର୍ବୋତମ ଦାବି ସମାଧାନ ସମୟ ମାନ୍ୟତା ହାସଲ କରିଛି। ଅଭିଭା ଲାଇଫ ଇନ୍ସୁରାନ୍ସର ମୁଖ୍ୟ ମାର୍କେଟିଂ ଅଧିକାରୀ ବିନିତ କପାଥି କହିଛନ୍ତି, ଆମର ପ୍ରତିଶ୍ରୁତିବଦ୍ଧତା ପାରମ୍ପରିକ ସୁରକ୍ଷାଠାରୁ ଆଗକୁ ବିସ୍ତାର ହୋଇଛି, କାରଣ ଆମେ ପ୍ରତିରୋଧ, ସ୍ୱାସ୍ଥ୍ୟ ଓ ସାମଗ୍ରିକ ସୁସ୍ଥତା ଦିଗରେ ଧ୍ୟାନ ଆକର୍ଷିତ କରି ଜୀବନ ବୀମାକୁ ନୂଆ ରୂପ ଦେବା ପାଇଁ ଲକ୍ଷ୍ୟ ରଖିଛୁ।

# ବିଏନଡିର ଶୁଭାରମ୍ଭ

**ଭୁବନେଶ୍ୱର,୫।୫**

ଏୟାରଟେଲ ବିଜନେସ୍ ପକ୍ଷରୁ ବିଜନେସ୍ ନେମ୍ ଡିସପ୍ଲେ (ବିଏନଡି) ନାମକ ଏକ ନୂତନ ସେବାର ଶୁଭାରମ୍ଭ କରାଯାଇଛି। ଯାହା ଏଣ୍ଟରପ୍ରାଇଜ (ବ୍ୟବସାୟିକ ସଂସ୍ଥା)ଗୁଡ଼ିକର ଗ୍ରାହକ ଯୋଗାଯୋଗକୁ ବୃଦ୍ଧି କରିବାରେ ସାହାଯ୍ୟ କରିବ। ଏହା ମାଧ୍ୟମରେ କମ୍ପାନିଗୁଡ଼ିକ ନିଜ ବ୍ରାଣ୍ଡ ନାମ ଗ୍ରାହକଙ୍କ ମୋବାଇଲ୍ ସ୍କ୍ରିନ୍ ଉପରେ ଦେଖାଇପାରିବେ, ଯାହାଦ୍ୱାରା ଗ୍ରାହକଙ୍କ ମଧ୍ୟରେ ବିଶ୍ୱାସ ବୃଦ୍ଧି ପାଇବ ଏବଂ ସ୍ପାମ କଲ୍ ଓ ବିଜନେସ୍ କଲ୍ ମଧ୍ୟରେ ପାର୍ଥକ୍ୟ ଜାଣିବାରେ ତାହା ସାହାଯ୍ୟ କରିବ। ଏୟାରଟେଲ ଭାରତର ପ୍ରଥମ ସ୍ପାମ୍-ବିରୋଧୀ ନେଟୱାର୍କ ଆରମ୍ଭ ସହ ଜାତୀୟସ୍ତରରେ ସଚେତନତା ଅଭିଯାନ ଚଳାଇ ଗ୍ରାହକଙ୍କୁ ସ୍ପାମରୁ ରକ୍ଷା କରିଛି। ଏହି ପଦକ୍ଷେପଗୁଡ଼ିକ ଗ୍ରାହକଙ୍କୁ ସ୍ପାମ୍ କଲ୍ ଏବଂ ଅଜଣା ନମ୍ବରରୁ ଆସୁଥିବା କଲକୁ ଅଗ୍ରାହ୍ୟ କରିବାକୁ ଉତ୍ସାହିତ କରୁଛି। ଏୟାରଟେଲ ବିଜନେସର ନିର୍ଦ୍ଦେଶକ ଏବଂ ସିଇଓ ଶରତ୍ ସିଂହ କହିଛନ୍ତି, ଆମେ ସବୁବେଳେ ଏକ ସୁରକ୍ଷିତ, ସ୍ୱଚ୍ଛ ଏବଂ ଅଧିକ ବିଶ୍ୱସନୀୟ ଯୋଗାଯୋଗ ଅନୁଭୂତି ପ୍ରଦାନ କରିବାକୁ ନିରନ୍ତର ଉଦ୍ୟମ କରୁଛୁ।

# କିଚେନ୍‌କୁ ଥଣ୍ଡା ରଖିବାକୁ ହେଲେ...

ଖରାଦିନେ କିଚେନ୍‌ରେ ରୋଷେଇ କରିବା ବହୁ କଷ୍ଟକର ହୋଇଥାଏ। କେତେକଙ୍କ କିଚେନ୍ ଯେମିତି ନିଆଁଘର ପରି ମନେହୁଏ। ଗରମ ଏତେ ହେଉଛି ଯେ କୁଲର, ଏସି ଏବଂ ଫ୍ୟାନ୍ ବିନା ରହି ହେଉନାହିଁ। ଖାସ୍‌କରି ମହିଳାଙ୍କ ଲାଗି ଏହିଦିନ ବହୁ କଷ୍ଟଦାୟକ ହୋଇଥାଏ। କାହିଁକି ନା ସେମାନଙ୍କୁ ଦିନରାତି କିଚେନ୍‌ରେ ହିଁ ରୋଷେଇ କରିବାକୁ ପଡ଼ିଥାଏ। ଏମିତିରେ ଏହିଦିନରେ କିଚେନ୍‌କୁ କିପରି ଥଣ୍ଡା ରଖିବେ ଜାଣନ୍ତୁ କେତୋଟି ଟିପ୍ସ...

⏭ସକାଳୁ ଜଲ୍‌ଦି ରୋଷେଇ ସାରି ଦିଅନ୍ତୁ। କେତେଜଣ ମହିଳା ତାଙ୍କ ରୋଷେଇ ସକାଳ ୧୧ରୁ ଆରମ୍ଭକରି ଦିନ ୧ଟା ପର୍ଯ୍ୟନ୍ତ କରିଥାନ୍ତି। ସକାଳ ୧୦ଟା ପରେ ପ୍ରଚଣ୍ଡ ଖରା ହୋଇଥାଏ। ଆପଣ ଖରାବେଳେ ରୋଷେଇ କରିବା ଦ୍ୱାରା ଅଧିକ ଗରମ ଅନୁଭୂତ ହେବ। ସକାଳ ଜଳଖିଆ କରିବା ପରେ ମଧ୍ୟାହ୍ନଭୋଜନ ଖାଦ୍ୟ ବି ଜଲ୍‌ଦି ରାନ୍ଧି ଦେଲେ ଅସୁବିଧା ନାହିଁ; ଯେଉଁଥିରେ ଖାସ୍‌କରି ବେଶି ସମୟ ଲାଗୁଛି।

⏭ମଧ୍ୟାହ୍ନ ଗରମରୁ ଦୂରେଇ ରୁହନ୍ତୁ। କମ୍ ସମୟରେ ଯେଉଁ ରୋଷେଇ ସରିବ ତାକୁ ସାରନ୍ତୁ। ଏହାଦ୍ୱାରା ଗ୍ୟାସ୍ ପାଖରେ ଯେପରି କମ୍ ସମୟ ଛିଡ଼ାହେବାକୁ ପଡ଼ିବ ସେଇଟା ଦେଖନ୍ତୁ। କିଚେନ୍‌ରେ ଚିମିନି ଏବଂ ଏଗ୍‌ଜଷ୍ଟ ଫ୍ୟାନ୍‌ର ଉପଯୋଗ କରନ୍ତୁ। ରାନ୍ଧନ୍ତୁ। ଏମିତିରେ ବି ଆପଣଙ୍କୁ ଭେରାଇଟି ଖାଦ୍ୟ ଖାଇବାକୁ ମଧ୍ୟ ମିଳିଯିବ।

⏭ଖରାଦିନରେ ଥଣ୍ଡା ଜିନିଷ ଖାଆନ୍ତୁ। ଫଳରେ ଶରୀରକୁ ଥଣ୍ଡା ଲାଗିବା ସହ ଝାଳ ମଧ୍ୟ ଏତେଟା ବାହାରିବ ନାହିଁ।

⏭ଆପଣ ଚାହିଁଲେ ରାତିରେ ବି କିଛି ଜିନିଷ କରି ରଖି ଦିଅନ୍ତୁ। ଯେମିତିକି ଅଟା ଚକଟି ଦିଅନ୍ତୁ, ପରିବା କାଟି ରଖିଦିଅନ୍ତୁ ଏବଂ ମସଲା ବାଟି ମଧ୍ୟ ରଖି ଦିଅନ୍ତୁ। ଆପଣଙ୍କୁ ଅଳ୍ପ ଟାଇମ୍ ମ୍ୟାନେଜମେଣ୍ଟ କରିବାକୁ ପଡ଼ିବ। ଏମିତିରେ ଯଦି ଦିନରେ ରୋଷେଇ କରିବେ ବୋଲି ଭାବିବେ ବେଶି ସମୟ ଲାଗିବ ନାହିଁ।

⏭ଯଦି କିଚେନ୍‌ରେ ବଡ଼ ଝରକା ଅଛି ତେବେ ତାକୁ ଦିନ ସମୟରେ ବନ୍ଦ କରିରଖନ୍ତୁ। କିଚେନ୍‌ରେ ଯଦି



ସ୍ପେସ୍ ଅଛି ତେବେ କୁଲିଂ ପ୍ଲାଣ୍ଟ ଲଗାନ୍ତୁ। ରାତିରେ ଝରକା ଖୋଲିବା ଦ୍ୱାରା ଘର ଭେଣ୍ଟିଲେଟ୍ ହେବ।

⏭କେତେଜଣ ଲୋକଙ୍କ ଘରେ ଏଗ୍‌ଜଷ୍ଟ ଫ୍ୟାନ୍ ଏବଂ ଚିମିନି ଲାଗିଛି ହେଲେ ତାକୁ ବ୍ୟବହାର ସେମାନେ କରନ୍ତି ନାହିଁ। ଯଦି ଏ ସବୁର ସୁବିଧା ଅଛି ତେବେ ଏହାକୁ ଲଗାଇ ଉପଯୋଗ କରନ୍ତୁ।

⏭ଚେଷ୍ଟା କରନ୍ତୁ ଯେଉଁ ରୋଷେଇ ବେଶି ସମୟ ଲାଗୁନାହିଁ ତାକୁ ରାନ୍ଧିବାକୁ। ଖରାଦିନେ ବେଶି ତେଲ ମସଲା ଖାଇବା ଆବଶ୍ୟକ ନୁହେଁ। ଯାହାକୁ ପ୍ରସ୍ତୁତ କରିବାକୁ ଆପଣଙ୍କୁ ଘଣ୍ଟା ଘଣ୍ଟା କିଚେନ୍‌ରେ ଯେପରି ଛିଡ଼ା ହେବାକୁ ନ ପଡ଼ିପାରେ।

⏭ଏପରି ରେସିପି ଚୟନ କରନ୍ତୁ, ଯେଉଁଠି କମ୍ ସମୟ ଲାଗୁଥିବ, ତାକୁ

# ପର୍ସ ବ୍ୟବହାର କରୁଥିଲେ...



⏭ପର୍ସକୁ ସବୁବେଳେ ସଫା ରଖନ୍ତୁ। ଏହାଦ୍ୱାରା ଧନ ଏବଂ ସକାରାତ୍ମକ ଭାବନା ଯୋଡ଼ି ହୋଇ ରହିବ। ଏହାଦ୍ୱାରା ଟଙ୍କାର ଅଭାବ ରହିବ ନାହିଁ।

⏭କଳା ପର୍ସ ରଖନ୍ତୁ ନାହିଁ। କାହିଁକି ନା ଏହା ନକାରାତ୍ମକ ଉର୍ଜାକୁ ଆକର୍ଷିତ କରିଥାଏ। ଏହା ବଦଳରେ ଆପଣ ଲାଲ, ନାରଙ୍ଗୀ, ସବୁଜ ରଙ୍ଗର ପର୍ସ ଚୟନ କରିପାରିବେ।

⏭ପର୍ସକୁ କେବେ ବି ଖାଲି ରଖନ୍ତୁ ନାହିଁ। କାହିଁକି ନା ଏହାଦ୍ୱାରା ଧନର କମ୍ ହୋଇପାରେ। ପର୍ସରେ କିଛି ନା କିଛି ଟଙ୍କା ରଖନ୍ତୁ। ପର୍ସକୁ ସବୁବେଳେ ସଫା ପାଣିରେ ଧୁଅନ୍ତୁ ଏବଂ ଶୁଖିଲା କପଡ଼ା ସାହାଯ୍ୟରେ ସଫା କରନ୍ତୁ।

⏭କେବେ ବି ଲୋକଙ୍କ ସାମ୍ନାରେ ପର୍ସ ଖୋଲନ୍ତୁ ନାହିଁ। କାରଣ ଏହାଦ୍ୱାରା ନକାରାତ୍ମକ ଭାବନା ରହିପାରେ। ପର୍ସକୁ ସବୁବେଳେ ବନ୍ଦ ରଖନ୍ତୁ। ଏହାଦ୍ୱାରା ଧନ ସୁରକ୍ଷିତ ରହିପାରିବ ଏବଂ ଧନର କେବେ ବି ଅଭାବ ଦେଖାଯିବନି।



# କର୍ମଜୀବୀ ଓ ପରିବାର

ଆଜିକାଲି ମହିଳାମାନେ କର୍ମଜୀବୀ ହେବା କିଛି ନୂଆ କଥା ନୁହେଁ। ବିଭିନ୍ନ କ୍ଷେତ୍ରରେ ସେମାନେ ନିଜର ପାରଦର୍ଶିତା ଦେଖାଇବାରେ ସକ୍ଷମ ହେଲେଣି। ତେବେ ଜଣେ ଯଦି ଜର୍ମଜୀବୀ ହୋଇଥାନ୍ତି ତାଙ୍କୁ ଗୋଟିଏ ପଟେ କର୍ମସଂସ୍ଥାନ ଏବଂ ଅନ୍ୟପଟେ ପରିବାର-ଏ ଦୁଇଟି ଜିନିଷକୁ ବେଶ୍ ସମାନ୍ତରାଳ ଭାବରେ ଆଗକୁ ଆଗେଇ ନେବାକୁ ପଡ଼ିଥାଏ। ତେବେ ଏହି ସମୟରେ କେଉଁ ଦିଗ ପ୍ରତି ଅଧିକ ଦୃଷ୍ଟିଦେବା ଆବଶ୍ୟକ ସେ ସମ୍ପର୍କରେ ସୂଚନା...

"ଜଣେ କର୍ମଜୀବୀ ବିଭିନ୍ନ କାରଣରୁ ଚିନ୍ତାଗ୍ରସ୍ତ ହେବା ସ୍ୱାଭାବିକ। ହେଲେ ଏହାର ପ୍ରଭାବ ସେମାନଙ୍କର ଦୈନନ୍ଦିନ ଜୀବନ ଉପରେ ପଡ଼ିଥାଏ। ଏହାଦ୍ୱାରା ସେମାନେ ନିଜ କାମକୁ ସୁଚାରୁ ରୂପେ ତୁଲାଇପାରନ୍ତି ନାହିଁ। ତେଣୁ ନିଜ ଜୀବନକୁ ସରସ ସୁନ୍ଦର କରିବା ପାଇଁ ତଥା ନିଜ କର୍ମକ୍ଷେତ୍ରରେ ଦାୟିତ୍ୱକୁ ଠିକ୍ ଭାବରେ ତୁଲାଇବା ପାଇଁ ପ୍ରଥମେ ନିଜକୁ ଚିନ୍ତାମୁକ୍ତ ରଖନ୍ତୁ। ଯଦି କୌଣସି କଥାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ତେବେ ତାହାର କାରଣ ଖୋଜି ତୁରନ୍ତ ସମାଧାନ କରନ୍ତୁ।"

**ସମୟର ଠିକ୍ ଉପଯୋଗ:** ଜଣେ କର୍ମଜୀବୀ ପାଇଁ ସବୁଠାରୁ ଜରୁରୀ ହେଉଛି ନିଜ ସମୟର ଠିକ୍ ଉପଯୋଗ କରିବା। ଯେହେତୁ ଆପଣ ଚାକିରି କରିଛନ୍ତି ତେଣୁ ସେଠାରେ ନିର୍ଦ୍ଦିଷ୍ଟ ସମୟରେ ପହଞ୍ଚିବାକୁ ପଡ଼ିବ। ତା'ସହ ଏପଟେ ପରିବାର କଥା ମଧ୍ୟ ବୁଝିବାକୁ ହେବ। ପିଲାମାନଙ୍କର ଯତ୍ନ, ସେମାନେ ସ୍କୁଲ ଯାଉଥିଲେ ସେ ବିଷୟରେ ଧ୍ୟାନଦେବାକୁ ମଧ୍ୟ ପଡ଼ିଥାଏ। ତେଣୁ ଏନେଇ ଯଦି ସମୟକୁ ଠିକ୍ ଭାବରେ ଉପଯୋଗ ନ କଲେ ତେବେ ସମସ୍ୟାର ସମ୍ମୁଖୀନ ହେବା ଯଥେଷ୍ଟ ଆଶଙ୍କା ରହିଛି। କାରଣ ସବୁ କ୍ଷେତ୍ରରେ ସମୟର ମୂଲ୍ୟ ଗୁରୁତ୍ୱପୂର୍ଣ୍ଣ। ତେଣୁ ଜଣେ କର୍ମଜୀବୀ ନିଜର ପ୍ରତିଟି କାମକୁ ଠିକ୍ ଭାବରେ ପରିଚାଳନା କରିବା ପାଇଁ ଏକ ରୁଟିନ୍ ଲାଇଫ୍ ଅନୁସରଣ କରିବା ଦରକାର।

**ଚିନ୍ତାମୁକ୍ତ ରୁହନ୍ତୁ:** ଜଣେ କର୍ମଜୀବୀ ବିଭିନ୍ନ କାରଣରୁ ଚିନ୍ତାଗ୍ରସ୍ତ ହେବା ସ୍ୱାଭାବିକ। ହେଲେ ଏହାର ପ୍ରଭାବ ସେମାନଙ୍କର ଦୈନନ୍ଦିନ ଜୀବନ ଉପରେ ପଡ଼ିଥାଏ। ଏହାଦ୍ୱାରା ସେମାନେ ନିଜ କାମକୁ ସୁଚାରୁ ରୂପେ ତୁଲାଇପାରନ୍ତି ନାହିଁ। ତେଣୁ ନିଜ ଜୀବନକୁ ସରସ ସୁନ୍ଦର କରିବା ପାଇଁ ତଥା ନିଜ କର୍ମକ୍ଷେତ୍ରରେ ଦାୟିତ୍ୱକୁ ଠିକ୍ ଭାବରେ ତୁଲାଇବା ପାଇଁ ପ୍ରଥମେ ନିଜକୁ ଚିନ୍ତାମୁକ୍ତ ରଖନ୍ତୁ। ଯଦି କୌଣସି କଥାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ତେବେ ତାହାର କାରଣ ଖୋଜି ତୁରନ୍ତ ସମାଧାନ କରନ୍ତୁ।

**ବିଚଳିତ ହୁଅନ୍ତୁ ନାହିଁ:** କର୍ମଜୀବୀ ନିଜ କାମ ତୁଲାଇବାକୁ ନିଜକୁ ଯେତେ ପ୍ରସ୍ତୁତ କରିଥିଲେ ମଧ୍ୟ ବେଳେବେଳେ କେତେକ କାରଣରୁ ବିଚଳିତ ହୋଇପଡ଼ନ୍ତି। ଏହା ଯଦି ଦୀର୍ଘ ସମୟ ଧରି ଲାଗି ରୁହେ, ତେବେ ଏହାଦ୍ୱାରା କାମ ପ୍ରଭାବିତ ହୋଇଥାଏ। ତେଣୁ କାମ, ପରିବାରକୁ ନେଇ ବିଚଳିତ ହେବା ପରିବର୍ତ୍ତେ ନିଜ ଦାୟିତ୍ୱ କିପରି ଠିକ୍ ଭାବରେ ତୁଲାଇପାରିବେ ସେ ନେଇ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରନ୍ତୁ। ନିଜର ମନୋଭାବକୁ ଯଥାସମ୍ଭବ ସକାରାତ୍ମକ ରଖିବାକୁ ଚେଷ୍ଟାକରନ୍ତୁ। ଘର ସଂସାର ଏବଂ ଚାକିରି କରିଥିଲେ ସମସ୍ୟା ତ ଆସିବ। ହେଲେ ସେଥିରେ ବିଚଳିତ ହୋଇପଡ଼ିଲେ କିଛି ଲାଭ ନାହିଁ। ନିଜକୁ ଦୃଢ଼ ମାନସିକତା ସହ ଆଗକୁ ଆଗେଇବାକୁ ପଡ଼ିବ। ତେଣୁ ନିଜ କାମକୁ ଠିକ୍ ଭାବରେ ତୁଲାଇବା ପାଇଁ ରୁଟିନ୍ ପ୍ରସ୍ତୁତ କରନ୍ତୁ ଏବଂ ତାହାକୁ ଠିକ୍ ଭାବରେ ଅନୁସରଣ ମଧ୍ୟ କରନ୍ତୁ।

**ପିଲାମାନଙ୍କ ଯତ୍ନ:** ଘରକାମ କରିବା ଅଲଗା କଥା, ହେଲେ ପିଲାମାନଙ୍କର ଯତ୍ନନେବାକୁ ସବୁଠାରୁ ବଡ଼ କଥା। କାରଣ ଆମେ ସେମାନଙ୍କୁ ଯେମିତି ଗଢ଼ିବା ସେମାନଙ୍କ ଭବିଷ୍ୟତ ସେପରି ହେବ। ଯେହେତୁ ଆପଣ କର୍ମଜୀବୀ ତେଣୁ ପିଲାକୁ ନିଶ୍ଚୟ ଅଧିକ ସମୟ ଦେଇପାରୁ ନ ଥିବେ। ତେଣୁ ଏହି ଶୂନ୍ୟତାକୁ ସେ ଯେପରି ଅନୁଭବ ନ କରେ ସେ ନେଇ ପ୍ରସ୍ତୁତ ହେବା ଦରକାର। ଘରେ ଯେତିକି ସମୟ ରହୁଛନ୍ତି ସେହି ସମୟ ଭିତରେ ପିଲାମାନଙ୍କର ପ୍ରତିଟି କଥାକୁ ଗୁରୁତ୍ୱର ସହ ନିଅନ୍ତୁ। ସେମାନଙ୍କ ଭଲମନ୍ଦ, ପାଠପଢ଼ା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ। ତା'ସହ ସେମାନଙ୍କର ସ୍ୱାସ୍ଥ୍ୟ ପ୍ରତି ଅବଗତ ରୁହନ୍ତୁ। ସେମାନଙ୍କ କୌଣସି କାମକୁ ହାଲୁକା ଭାବରେ ନିଅନ୍ତୁ ନାହିଁ। ପିଲାମାନଙ୍କର ଯଦି କୌଣସି ଦୋଷତ୍ରୁଟି ରହୁଛି ତେବେ ତାହାକୁ ସୁଧାରି ନିଅନ୍ତୁ। ବେଳେବେଳେ ପିଲାମାନେ ସେମାନଙ୍କର ସମସ୍ୟା କହିବାକୁ କୁଣ୍ଠାବୋଧ କରିଥାଆନ୍ତି। ସେମାନଙ୍କର ଚାଲିଚଳଣିକୁ ଲକ୍ଷ୍ୟକରନ୍ତୁ। କୌଣସି ସମସ୍ୟା ବିଷୟରେ ସୂଚନା ପାଇଲେ ତାହାକୁ ସମାଧାନ କରନ୍ତୁ।

**ମନକୁ ଶାନ୍ତ ରଖନ୍ତୁ:** ଅଫିସରେ କାମ କରିବା ସମୟରେ ମନକୁ ଶାନ୍ତ ରଖନ୍ତୁ। କାରଣ ଅଫିସରୁ ଘରକୁ ଯିବା ପରେ ସେଠାରେ ପୁଣି ଆପଣଙ୍କର ଦାୟିତ୍ୱ ରହିଛି। ତେଣୁ ପ୍ରତିଟି କଥା କିପରି ସୁଚାରୁ ରୂପେ ସମ୍ପାଦନ କରିହେବ ସେ ନେଇ ଥଣ୍ଡା ମନରେ ଚିନ୍ତାକରନ୍ତୁ। ମନ ଯଦି ଶାନ୍ତ ରହିଲା, ତେବେ ଆପଣ କାମଟିକୁ ଠିକ୍ ଭାବରେ ତୁଲାଇପାରିବେ।

**ବ୍ୟବହାର:** ଜଣେ କର୍ମଜୀବୀଙ୍କ ବ୍ୟବହାର ବେଶ୍ ଗୁରୁତ୍ୱପୂର୍ଣ୍ଣ। ଅଫିସରେ ହେଉ ଅବା ଘରେ- ନିଜ ବ୍ୟବହାର ପ୍ରତି ସତର୍କ ରୁହନ୍ତୁ। ବେଳେବେଳେ କର୍ମ ଚାପରେ ଅନେକେ ଚିଡ଼ିଚିଡ଼ା ହୋଇଯାଆନ୍ତି। ସେହି ସମୟରେ କାହାକୁ କ'ଣ କହି ଦିଅନ୍ତି ଜାଣିପାରନ୍ତି ନାହିଁ। ତେଣୁ ଏହି ସମୟରେ ବେଶ୍ ସତର୍କତା ଅବଲମ୍ବନ କରନ୍ତୁ। ଯେହେତୁ ଜଣେ କର୍ମଜୀବୀ ତେଣୁ ଏପଟେ ଅଫିସ ସେପଟେ ଘର-ଏହି ଦୁଇଟିକୁ ଆପଣଙ୍କୁ ସମାନ୍ତରାଳ ଭାବରେ ଆଗେଇନେବାକୁ ପଡ଼ିବ। ନିଜର ବ୍ୟବହାର ଏପରି ରଖନ୍ତୁ ଯେପରି ଆପଣ ଅନ୍ୟମାନଙ୍କର ପ୍ରଶଂସାର ପାତ୍ର ହେବେ।

**ସାମାଜିକ ସମ୍ପର୍କ:** କେତେଜଣ କର୍ମଜୀବୀ ନିଜ ଚାକିରି ଏବଂ ଘରକାମ ଭିତରେ ସାମାଜିକ ସମ୍ପର୍କକୁ ସେତେଟା ଗୁରୁତ୍ୱ ଦେଇ ନ ଥାନ୍ତି। ସବୁବେଳେ ପଡ଼ୋଶୀଙ୍କ ସହ ସୁସମ୍ପର୍କ ରଖନ୍ତୁ। କାରଣ ଆବଶ୍ୟକ ପଡ଼ିଲେ ସେ କୌଣସି କାମରେ ଆପଣଙ୍କୁ ସାହାଯ୍ୟର ହାତ ବଢ଼ାଇପାରିବେ। ଆପଣ ଯେଉଁଠି ରହୁଛନ୍ତି ସେଠାରେ ଏକ ବନ୍ଧୁତାର ବଳୟ ସୃଷ୍ଟିକରନ୍ତୁ। ଏହାଦ୍ୱାରା ଆପଣଙ୍କୁ କେତେକାଂଶରେ ଖୁସି ଲାଗିବ। ଅନ୍ୟ ସାଙ୍ଗସାଥୀଙ୍କ ସହ ସମୟ କଟାଇଲେ କର୍ମ ବୋଝ ହାଲୁକା ଲାଗିବ। ତା'ସହ କଥାବର୍ତ୍ତା ମଧ୍ୟରେ ଆପଣ ଅନେକ କିଛି ନୂଆ କଥା ଜାଣିପାରିବେ।

## ଏମାନେ କ'ଣ କରନ୍ତି

### ସମାନ୍ତରାଳ ଭାବରେ ଚାଲିଥାଏ



ଯେହେତୁ ମୁଁ କର୍ମଜୀବୀ ତେଣୁ ମୋତେ ଅଫିସ ବ୍ୟତୀତ ଆହୁରି ଅନେକ କଥା ବୁଝିବାକୁ ପଡ଼େ। ବିଶେଷଭାବରେ ଘରକଥା ପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦିଏ। ଯେହେତୁ ଦିନତମାମ ମୋତେ ବାହାରେ ରହିବାକୁ ପଡ଼େ, ତେଣୁ ଘରେ କ'ଣ ହେଉଛି ତାହାର ଖବର ମଧ୍ୟ ନେଇଥାଏ। ଅନ୍ୟପକ୍ଷରେ ଅଫିସର କାମ କିପରି ସୁରୁଖୁରୁରେ କରିପାରିବି ସେ ନେଇ ନିଜକୁ ସବୁବେଳେ ଆଲର୍ଟ ରଖେ। ଘର କଥା ଏବଂ ଅଫିସ କାମକୁ ମୋତେ ସମାନ୍ତରାଳ ଭାବରେ ଆଗେଇ ନେବାକୁ ପଡ଼ିଥାଏ। ତେଣୁ ଏହି ସମୟରେ ମୁଁ ଆଦୌ ବିଚଳିତ ହୁଏନାହିଁ। ସବୁବେଳେ ମନକୁ ଦୃଢ଼ ରଖି ଆଗେଇଥାଏ। ତା'ସହ ପରିବାର ସଦସ୍ୟଙ୍କ ସହଯୋଗ ଯୋଗୁ ମୋ କର୍ମଜୀବୀ ଜୀବନ ସୁରୁଖୁରୁରେ ଅତିବାହିତ ହେଉଛି। *-ସ୍ମିତା କାନୁନ୍‌ଗୋ* (ଅଧ୍ୟାପିକା, ଜଗତ୍‌ସିଂହପୁର)

### ଚାପମୁକ୍ତ ରହିବାକୁ ଚେଷ୍ଟାକରେ



ମୁଁ ଜଣେ କର୍ମଜୀବୀ ହୋଇଥିବାରୁ ମୋତେ ଉଭୟ ଘର ଏବଂ କର୍ମକ୍ଷେତ୍ର ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡ଼ିଥାଏ। ଏହି ସମୟରେ ମୁଁ ନିଜକୁ ଯେତେ ସମ୍ଭବ ଚାପମୁକ୍ତ ରଖିବାକୁ ଚେଷ୍ଟା କରେ। କାରଣ ଜଣେ କର୍ମଜୀବୀଙ୍କ ଜୀବନ କେତେ ଟେନ୍‌ସନପୂର୍ଣ୍ଣ ତାହା ମୁଁ ଜାଣିଛି। ତେଣୁ ନିଜକୁ ଏହି ଟେନ୍‌ସନଠାରୁ ଯେତେ ସମ୍ଭବ ଦୂରେଇରଖିବାକୁ ଚେଷ୍ଟାକରେ। ଅଫିସରେ ଯଦି କାମ ଅଧିକ ରହିଲା କିମ୍ବା ସେ ନେଇ ବ୍ୟସ୍ତ ରହିଲି ସେହି ଟେନ୍‌ସନକୁ ମୁଁ ହାଲୁକା ଭାବରେ ନିଏ। କାରଣ ସବୁବେଳେ ମୁଁ ରୁଟିନ୍ ଲାଇଫ୍ ଅନୁସରଣ କରେ। ପ୍ରତିଟି କାମ ପୂର୍ବରୁ ମୁଁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନିଏ। କାମଗୁଡ଼ିକୁ କିପରି ଭଲ ଭାବରେ ତୁଲାଇପାରିବି ସେ ନେଇ ଥଣ୍ଡା ମନରେ ଚିନ୍ତାକରି ଆଗେଇଥାଏ।

*-ବି.କେ. ଭୂମିକା* (କର୍ମଜୀବୀ, ଜୟଦେବ ବିହାର, ଭୁବନେଶ୍ୱର)








## ସୌନ୍ଦର୍ଯ୍ୟ

# ସ୍କିନ୍ ଟ୍ୟାନ୍‌ର ଯତ୍ନ



ଖରାଦିନରେ ସ୍କିନ୍‌ଟ୍ୟାନ୍‌ରୁ ରକ୍ଷାପାଇବାକୁ ହେଲେ ସନ୍‌ସ୍କ୍ରିନ୍ ଲୋଶନ ଲଗାନ୍ତୁ, ଢିଲା ପୋଷାକ ପିନ୍ଧନ୍ତୁ। ଅଧିକ ପରିମାଣରେ ପାଣି ପିଅନ୍ତୁ। କିଛି ଘରୋଇ ଉପାୟ ଆପଣାନ୍ତୁ। ଟମାଟୋ ଜୁସ୍, ବେସନ, ଦହି, କାକୁଡ଼ି ନଡ଼ିଆ ପାଣି ଆଦିକୁ ବ୍ୟବହାର କରିପାରିବେ। ଜାଣନ୍ତୁ ଏ ସମ୍ପର୍କରେ...

⏭ଖରାଦିନରେ ସନ୍ ଟ୍ୟାନ୍, ସନ୍‌ବର୍ଣ୍ଣ ଆଦି ସମସ୍ୟା ଦେଖାଯାଇଥାଏ। ଏମିତିରେ ଘରୁ ବାହାରିବା ପୂର୍ବରୁ ଭଲ କ୍ୱାଲିଟିର ସନ୍‌ସ୍କ୍ରିନ୍ ଆପ୍ଲାଏ କରନ୍ତୁ। ସନ୍‌ସ୍କ୍ରିନ୍ ୩୦ପ୍ରତିଶତ ଏସିପିଏଫ୍ ଯୁକ୍ତ ନିଅନ୍ତୁ କିମ୍ବା ତା 'ଠାରୁ ଅଧିକ। ଦିନ ମଧ୍ୟରେ ଦୁଇଥର ସକାଳ ଏବଂ ସନ୍ଧ୍ୟାରେ ସନ୍‌ସ୍କ୍ରିନ୍ ଲଗାନ୍ତୁ।

⏭ଖରାରେ ବାହାରକୁ ଯିବା ପୂର୍ବରୁ ଶରୀରକୁ ସମ୍ପୂର୍ଣ୍ଣ ଢାଙ୍କି ରଖନ୍ତୁ। ଭୀଷଣ ଖରାରେ ସ୍କିନ୍ ଡଲ୍ ହୋଇଯାଏ। ବେକ, ହାତ,ପାଦରେ ସନ୍ ଟ୍ୟାନ୍ ଆଦି ହେବାର ଦେଖାଯାଏ। ଏମିତିରେ କଟନ୍‌ର ଢିଲା କପଡ଼ା ପିନ୍ଧନ୍ତୁ,ହାଲ୍‌କା ରଙ୍ଗ କପଡ଼ା ପିନ୍ଧନ୍ତୁ ଫଳରେ ଖରା ଅଧିକ ଆପଣଙ୍କୁ କାଟିବ ନାହିଁ।

⏭ସ୍କିନ୍ ଟ୍ୟାନ୍‌ରୁ ରକ୍ଷା ପାଇବାକୁ ହେଲେ ପାଣି ଏବଂ ତରଳ ପଦାର୍ଥ ପିଅନ୍ତୁ। ଟ୍ୟାନିଂ ଦୂର କରିବାକୁ ହେଲେ ଥଣ୍ଡାପାଣିରେ ହିଁ ଗାଧାନ୍ତୁ।

⏭ଶରୀରର ଯେଉଁ ଭାଗ ଖରା ସଂସ୍ପର୍ଶରେ ଆସୁଛି ସେ ସ୍ଥାନରେ ଆଲୋଭେରା ଜେଲ ଲଗାନ୍ତୁ। ଏହା ଲଗାଇବା ଦ୍ୱାରା ସନ୍ ଟ୍ୟାନ୍ ସମସ୍ୟା କମ୍ ହେବ।

⏭ଆପଣ ଚାହିଁଲେ ନିଜ ସାଙ୍ଗରେ ସନ୍ ଟ୍ୟାନ୍ ରିମୁଭାଲ କ୍ରିମ୍ ରଖନ୍ତୁ। ଯଦି ନାହିଁ ତେବେ କିଣିନିଅନ୍ତୁ। ଏହା ସହ ଘରୋଇ ଉପଚାର ଆପଣାଇପାରିବେ। ଆପଣ ପ୍ରଭାବିତ ଭାଗରେ ଲାଇକୋପୀନ୍‌ରେ ଭରପୂର ଟମାଟୋ ଜୁସ୍ ଲଗାନ୍ତୁ। ଏହାକୁ ଲଗାଇବା ଦ୍ୱାରା ଅଲ୍‌ଟ୍ରାଭାଓଲେଟ୍ କିରଣ ଯୋଗୁ ପ୍ରଭାବିତ ହେଉଥିବା କ୍ଷତିରୁ ରକ୍ଷା ପାଇପାରିବେ। ବେସନ ଦହି, କାକଡ଼ି ରସ,ନଡ଼ିଆପାଣି ଟ୍ୟାନିଂ ସମସ୍ୟାକୁ ଦୂର କରିଥାଏ।



## ଖାଦ୍ୟରୁଚି // ମସାଲା ଚାର୍ଟ




**ଆବଶ୍ୟକ ସାମଗ୍ରୀ:** ସିଝା ଆଳୁ ୨-୩ଟା, ସିଝା ମଟର ୧ କପ, କଟାହୋଇଥିବା ଟମାଟୋ ଓ ପିଆଜ ,କଞ୍ଚାଲଙ୍କା ୨-୩ଟି, ଧନିଆଁପତ୍ର ଏକଚତୁର୍ଥାଂଶ, ଜିରା ପାଉଡର ୧ ଚାମଚ, ଗରମ ମସଲା ପାଉଡର ଅଧା ଚାମଚ, ଆମଚୁର ପାଉଡର , କଳାଲୁଣ ଏକ ଚତୁର୍ଥାଂଶ ,ଲୁଣ ସ୍ୱାଦ ଅନୁସାରେ, ଲେମ୍ବୁରସ ୧ ବଡ଼ ଚାମଚ , ପ୍ରସ୍ତୁତି ପାଇଁ ଆବଶ୍ୟକ ତେଲ।

**ପ୍ରସ୍ତୁତି ପ୍ରଣାଳୀ:** ମସଲା ଚାର୍ଟ ପ୍ରସ୍ତୁତ କରିବାକୁ ହେଲେ ପ୍ରଥମେ ପ୍ୟାନ୍‌ରେ ତେଲ ଗରମ କରନ୍ତୁ। ଏଥିରେ ଜିରା ପକାଇ ଭାଜନ୍ତୁ। ଜିରା ପକାଇବା ଦ୍ୱାରା ମସଲା ଚାର୍ଟରେ ଏକ ଭଲ ଫ୍ଲେଭର ଆସିଥାଏ। ଏହା ପରେ ସେଥିରେ ପିଆଜ,ଟମାଟୋ, କଞ୍ଚାଲଙ୍କା ପକାଇ ଗୋଳାନ୍ତୁ। ପିଆଜ,ଟମାଟୋ ଓ କଞ୍ଚାଲଙ୍କା ଭାଜିବା ଦ୍ୱାରା ଏକ ଭଲ ବାସ୍ନା ଆସିଥାଏ। ବର୍ତ୍ତମାନ ସିଝିଥିବା ଆଳୁ,ମଟର ଏବଂ ଚଣା ସେଥିରେ ପକାଇ ମିଶାନ୍ତୁ। ଆଳୁ,ମଟର ଏବଂ ଚଣା ମିଶାଇବା ଦ୍ୱାରା ମସଲା ଚାର୍ଟରେ ଏକ ଭଲ ସ୍ୱାଦ ଆସିଥାଏ। ଏବେ ଏଥିରେ ଜିରା ପାଉଡର, ଗରମ ମସଲା ପାଉଡର,ଆମଚୁର ପାଉଡର, ବିଟଲୁଣ, ଲୁଣ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ଏହାପରେ ଏଥିରେ ଲେମ୍ବୁରସ ପକାନ୍ତୁ। ଏହାର ଭଲ ବାସ୍ନା ଆସିଥାଏ। ଶେଷରେ ଏଥିରେ ଧନିଆଁପତ୍ର ପକାଇ ଗାର୍ଣ୍ଣିସିଙ୍ଗ କରନ୍ତୁ।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ମେ ୬/୨୦୨୫ Bhubaneswar, Tuesday, May 6/ 2025

# ଦିଲ୍ଲୀର ବ୍ୟାଟିଂ ବିପର୍ଯ୍ୟୟ


ଉଇକେଟ ନେବା ପରେ ଉଲ୍ଲସିତ ପ୍ୟାଟ୍ କୁମିନ୍ସ।

**ହାଇଦ୍ରାବାଦ,୫ା୫**

ଚଳିତ ଆଇପିଏଲ୍‌ରେ ସୋମବାର ଖେଳାଯାଇଥିବା ମ୍ୟାଚରେ ସନରାଇଜର୍ସ ହାଇଦ୍ରାବାଦ (ଏସ୍ଆର୍ଏଚ୍) ଓ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ପରସ୍ପରକୁ ଭେଟିଛନ୍ତି। ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଦିଲ୍ଲୀ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପ୍ରତିପକ୍ଷ ହାଇଦ୍ରାବାଦ ଆଗରେ ୧୩୪ ରନର ଟାର୍ଗେଟ ଧାର୍ଯ୍ୟ କରିଛି।

ହାଇଦ୍ରାବାଦ ଅଧିନାୟକ ପ୍ୟାଟ କୁମିନ୍ସ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଦିଲ୍ଲୀ ବ୍ୟାଟିଂ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ମାତ୍ର ୨୯ ରନ ମଧ୍ୟରେ ପ୍ରମୁଖ ୫ ଉଇକେଟ ହରାଇଥିଲା। କରୁଣ ନାୟର (୦), ଫାଫ ଡୁ' ପ୍ଲେସି (୩), ଅଭିଷେକ ପୋରେଲ (୮), ଲୋକେଶ ରାହୁଲ (୧୦) ଓ ଅଧିନାୟକ ଅକ୍ଷର ପଟେଲ (୬) କ୍ରମାଗତ ବ୍ୟବଧାନରେ ଆଉଟ୍ ହୋଇଥିଲେ। ଏଭଳି ପରିସ୍ଥିତିରେ ଟ୍ରିଷ୍ଟାନ ଷ୍ଟବ୍ସ ଓ ବିପ୍ରଜ ନିଗମ ଷଷ୍ଠ ଉଇକେଟରେ ୩୩ ରନ ଯୋଡ଼ିଥିଲେ। ୧୭ ବଲରେ ୧ ଲେଖାଏ ଚୌକା ଓ ଛକା ସହିତ ବିପ୍ରଜ ୧୮ ରନ କରି ରନଆଉଟ୍ ହୋଇଥିଲେ। ଏହାପରେ ଷ୍ଟବ୍ସ ଓ ଆଶୁତୋଷ ଶର୍ମା ସପ୍ତମ ଉଇକେଟରେ ୪୫ ବଲରେ ୬୬ ରନ ଯୋଡ଼ି ଦଳକୁ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ଆଶୁତୋଷ ଶର୍ମା ୪୧ ରନ କରି ଆଉଟ୍ ହୋଇଥିବା ବେଳେ ଷ୍ଟବ୍ସ ୪୧ ରନ କରି ଅପରାଜିତ ରହିଥିଲେ। ଦିଲ୍ଲୀ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୩୩ ରନ କରିବାକୁ ସକ୍ଷମ ହୋଇଥିଲା। ସନରାଇଜର୍ସ ପକ୍ଷରୁ ଅଧିନାୟକ ପ୍ୟାଟ କୁମିନ୍ସ ୩ ଉଇକେଟ ନେଇଥିବା ବେଳେ ଜୟଦେବ ଉନାଡକଟ ଓ ହର୍ଷଲ ପଟେଲ ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ: ୨୦ ଓଭରରେ ୧୩୩/୭(ଟ୍ରିଷ୍ଟାନ ଷ୍ଟବ୍ସ-୪୧*, ଆଶୁତୋଷ ଶର୍ମା-୪୧, ବିପ୍ରଜ ନିଗମ-୧୮, ପ୍ୟାଟ କୁମିନ୍ସ-୩/୧୯, ଜୟଦେବ ଉନାଡକଟ-୧/୧୩)।

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ)
**ମୁମ୍ବାଇ ବନାମ ଗୁଜରାଟ**
ସ୍ଥାନ: ମୁମ୍ବାଇ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୧ | ୮ | ୩ | ୦ | ୧୬ | +୦.୪୮୨ |
| ପଞ୍ଜାବ କିଙ୍ଗ୍ସ | ୧୧ | ୭ | ୩ | ୧ | ୧୫ | +୦.୩୭୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୧ | ୭ | ୪ | ୦ | ୧୪ | +୧.୨୭୪ |
| ଗୁଜରାଟ ଟାଇଟନ୍ସ | ୧୦ | ୭ | ୩ | ୦ | ୧୪ | +୦.୮୬୭ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୦ | ୬ | ୪ | ୦ | ୧୨ | +୦.୩୬୨ |
| କୋଲକାତା ନାଇଟ ରାଇଡର୍ସ | ୧୧ | ୫ | ୫ | ୧ | ୧୧ | +୦.୨୪୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୧ | ୫ | ୬ | ୦ | ୧୦ | -୦.୪୬୯ |
| ରାଜସ୍ଥାନ ରୟାଲ୍ସ | ୧୨ | ୩ | ୯ | ୦ | ୬ | -୦.୭୧୮ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୦ | ୩ | ୭ | ୦ | ୬ | -୧.୧୯୨ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୧ | ୨ | ୯ | ୦ | ୪ | -୧.୧୧୭ |

# ରାବାଡା ଆଇପିଏଲ୍ ଲାଗି ଉପଲବ୍ଧ

**ନୂଆଦିଲ୍ଲୀ,୫ା୫:** କାଗିସୋ ରାବାଡା ଚଳିତବର୍ଷ ଜାନୁଆରୀରେ ଅନୁଷ୍ଠିତ ସା୨୦ ପ୍ରତିଯୋଗିତା ବେଳେ ରିକ୍ରିଶନାଲ ଡ୍ରଗ ସେବନ କରିଥିଲେ। ଡ୍ରଗ୍ ଟେଷ୍ଟରେ ତାଙ୍କ ରିପୋର୍ଟ ପଜିଟିଭ ଆସିଥିବା ନେଇ ତାଙ୍କୁ ଏପ୍ରିଲରେ ଅବଗତ କରାଯାଇଥିଲା। ସେତେବେଳେ ସେ ଗୁଜରାଟ ଟାଇଟନ୍ସ ଲାଗି ଆଇପିଏଲ୍‌ରେ ଖେଳୁଥିଲେ। ସେ ତୁରନ୍ତ ଦକ୍ଷିଣ ଆଫ୍ରିକାକୁ ଫେରି ଏକ ଚିକିତ୍ସା କାର୍ଯ୍ୟକ୍ରମର ସମ୍ମୁଖୀନ ହୋଇଥିଲେ, ଯାହାକୁ ସେ ସଫଳତାର ସହ ଶେଷ କରିଛନ୍ତି। ଏଥିଯୋଗୁ ସେ କ୍ରିକେଟ ଖେଳିବା ପାଇଁ ଯୋଗ୍ୟ ହୋଇଛନ୍ତି। ଦକ୍ଷିଣ ଆଫ୍ରିକା ଇନ୍‌ଷ୍ଟିଚ୍ୟୁଟ୍ ଫର ଡ୍ରଗ-ଫ୍ରୀ ସ୍ପୋର୍ଟ (ଏସ୍ଏଆଇଡିଏସ୍) ପକ୍ଷରୁ ଜାରି କରାଯାଇଥିବା ବିବୃତି ଅନୁଯାୟୀ, 'ସବଷ୍ଟାନ୍ସ ଅଫ ଆବ୍ୟୁଜ'ରେ ପଜିଟିଭ ଚିହ୍ନଟ ହୋଇଥିବା ନେଇ ଏପ୍ରିଲ ୧ ତାରିଖରେ ରାବାଡାଙ୍କୁ ଜଣାଇ ଦିଆଯାଇଥିଲା। ଯାହା ପରେ ତାଙ୍କୁ ସାମୟିକ ବାସନ୍ଦ କରାଯାଇଥିଲା। ଏଥିଯୋଗୁ ସେ ତୁରନ୍ତ ଭାରତରୁ ଦକ୍ଷିଣ ଆଫ୍ରିକା ଫେରିଥିଲେ। ଏହି ବିବୃତିରେ ରାବାଡା ନିର୍ଦ୍ଦିଷ୍ଟ ଭାବେ କେଉଁ ଡ୍ରଗ ବ୍ୟବହାର କରିଥିଲେ, ତାହା ଉଲ୍ଲେଖ କରାଯାଇ ନାହିଁ। ହେଲେ ଏସ୍ଏଆଇଡିଏସ୍ କୋଡ୍‌ର 'ସବଷ୍ଟାନ୍ସ ଅଫ ଆବ୍ୟୁଜ' ତାଲିକାରେ କୋକେନ, ହିରୋଇନ, ଏମ୍‌ଡିଏମ୍ଏ ଓ ଟିଏଚ୍‌ସି ସାମିଲ ରହିଛି। ଏସ୍ଏଆଇଡିଏସ୍‌ର ୧୦.୨.୪.୧ ଧାରା ଅନୁଯାୟୀ, ଯଦି ଆଥ୍‌ଲେଟ୍ ପ୍ରତିଯୋଗିତା ନ ଥିବା ବେଳେ କିମ୍ବା ବ୍ୟବହାର କରିଥିବା ଡ୍ରଗ ପ୍ରଦର୍ଶନ ବୃଦ୍ଧିକାରୀ ନୁହେଁ ବୋଲି ପ୍ରମାଣ କରିପାରନ୍ତି, ତେବେ ତାଙ୍କୁ ଅତିକମ୍‌ରେ ୩ ମାସ ଲାଗି ବାସନ୍ଦ କରାଯାଇପାରେ। ବାସନ୍ଦାଦେଶକୁ ଆହୁରି ୧ ମାସ କମାଇ ଦିଆଯାଇପାରିବ। କିନ୍ତୁ ଏଥିଲାଗି ଆଥଲେଟ୍‌ଙ୍କୁ ସବଷ୍ଟାନ୍ସ ଆବ୍ୟୁଜ ଟ୍ରିଟ୍‌ମେଣ୍ଟ ପ୍ରୋଗ୍ରାମକୁ ସଫଳତାର ସହ ଶେଷ କରିବାକୁ ପଡ଼ିବ।

# ପିଆଷ୍ଟ୍ରି ଜିତିଲେ ମାୟାମି ଗ୍ରାଁ ପ୍ରି



**ମାୟାମି ଗାର୍ଡେନ୍ସ, ୫ା୫ (ଏପି)**

ମ୍ୟାକଲରେନର ଓସ୍କାର ପିଆଷ୍ଟ୍ରି ତାଙ୍କ ଟିମ୍‌ମେଟ୍ ଲାଣ୍ଡୋ ନୋରିସଙ୍କୁ ପଛରେ ପକାଇ ମାୟାମିଠାରେ ତାଙ୍କର କ୍ରମାଗତ ୩ୟ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ଚଳିତ ସିଜନରେ ଏପର୍ଯ୍ୟନ୍ତ ଅନୁଷ୍ଠିତ ୬ଟି ରେସ୍ ମଧ୍ୟରୁ ଏହା ହେଉଛି ତାଙ୍କର ଚତୁର୍ଥ ବିଜୟ। ପିଆଷ୍ଟ୍ରି ଚତୁର୍ଥ ସ୍ଥାନରୁ ରେସ୍ ଆରମ୍ଭ କରି ମର୍ସିଡିଜ୍‌ର କିମି ଆଣ୍ଟୋନେଲି ଓ ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍‌ଙ୍କୁ ଅତିକ୍ରମ କରି ଶେଷ ପର୍ଯ୍ୟନ୍ତ ତାଙ୍କ ଅଗ୍ରଣୀ ବ୍ୟବଧାନ ବଜାୟ ରଖିବାରେ ସମର୍ଥ ହୋଇଥିଲେ। ରେସ୍‌ରେ ମର୍ସିଡିଜର ଜର୍ଜ ରସେଲ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଭର୍ଷ୍ଟାପେନ ୪ର୍ଥ ଓ ୱିଲିୟମ୍ସର ଆଲେଜାଣ୍ଡର ଆଲବନ ୫ମ ହୋଇଥିଲେ। ସୂଚନାଯୋଗ୍ୟ, ମ୍ୟାକ୍‌ଲରେନ ଗତ ଦୁଇ ସିଜନ ନୋରିସଙ୍କ ଜରିଆରେ ମାୟାମିରେ ବିଜୟ ହାସଲ କରିଥିଲା। ନୋରିସ ଗତ ସିଜନରେ ଆହୁରି ମଧ୍ୟ ତାଙ୍କ କ୍ୟାରିୟର ପ୍ରଥମ ଫର୍ମୁଲା-୧ ବିଜୟୀ ହୋଇଥିଲେ। ୨୮ବର୍ଷରେ କ୍ରମାଗତ ତିନୋଟି ଫର୍ମୁଲା ୱାନ ରେସ୍ ଜିତିବାରେ ପିଆଷ୍ଟ୍ରି ହେଉଛନ୍ତି ମ୍ୟାକ୍‌ଲରେନର ପ୍ରଥମ ଡ୍ରାଇଭର। ପୂର୍ବରୁ ମିକା ହାକିନେନ୍ ୧୯୯୭ ସିଜନର ଫାଇନାଲ ରେସ୍ ଏବଂ ୧୯୯୮ର ପ୍ରଥମ ଦୁଇ ରେସ୍ ଜିତିଥିଲେ। ମାୟାମିରେ ବିଜୟ ଦ୍ୱାରା ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ନୋରିସଙ୍କଠାରୁ ପ୍ରଥମ ସ୍ଥାନରେ ରହିଥିବା ପିଆଷ୍ଟ୍ରିଙ୍କ ପଏଣ୍ଟ ବ୍ୟବଧାନ ୧୬କୁ ବୃଦ୍ଧି ପାଇଛି। ପିଆଷ୍ଟ୍ରିଙ୍କଠାରୁ ୩୨ ପଏଣ୍ଟ ବ୍ୟବଧାନରେ ଭର୍ଷ୍ଟାପେନ୍ ତୃତୀୟ ସ୍ଥାନରେ ଅଛନ୍ତି। ରବିବାର ରେସ୍‌ରେ ଯଥାକ୍ରମେ ୬ଷ୍ଠରୁ ୧୦ମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ହେଲେ କିମି ଆଣ୍ଟୋନେଲି (ମର୍ସିଡିଜ), ଚାର୍ଲ୍ସ ଲେକ୍‌ରେକ୍ ଫେରାରି), ଲିଓ୍ୱସ ହାମିଲଟନ (ଫେରାରି), କାର୍ଲୋସ ସେଞ୍ଜ ଜୁନିୟର (ୱିଲିୟମ୍ସ), ୟୁକି ଟିସୁନୋଡା (ରେଡ୍‌ବୁଲ୍)।

# ଗ୍ରୀଷ୍ମକାଳୀନ ଆଥଲେଟିକ କୋଚିଂ ଶିବିର ଆରମ୍ଭ


**ଭୁବନେଶ୍ୱର,୫ା୫ (ଅନାଦି କର)**

ଓଡ଼ିଶା ଆଥଲେଟିକ୍ସ ଆସୋସିଏଶନ (ଓଏଏ) ପକ୍ଷରୁ କଟକସ୍ଥିତ ଐତିହାସିକ ବାରବାଟୀ ଷ୍ଟାଡିୟମରେ ସୋମବାରଠାରୁ ଗ୍ରୀଷ୍ମକାଳୀନ କୋଚିଂ ଶିବିର ଆରମ୍ଭ ହୋଇଯାଇଛି। ୩ ସପ୍ତାହ ଧରି ଚାଲିବାକୁ ଥିବା ଏହି ଶିବିରରେ ଓଡ଼ିଶାର ବିଭିନ୍ନ ଜିଲାର ଯୁବ ଆଥଲେଟ୍‌ମାନେ ଭାଗ ନେଇଛନ୍ତି।

ଏହି ତୃଣମୂଳ ସ୍ତରୀୟ କୋଚିଂ ପ୍ରୋଗ୍ରାମକୁ ଟ୍ରେନିଂ, ସ୍କିଲ ଡେଭଲପମେଣ୍ଟ ଓ ମୋଟିଭେଶନକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଛି। ୩ ସପ୍ତାହ ଧରି ଅଭିଜ୍ଞ ଓ ଭେଟେରାନ କୋଚ୍‌ମାନେ ଯୁବ ଆଥଲେଟ୍‌ଙ୍କୁ ପେଶାଦାର ଟ୍ରେନିଂ ଦେବା ସହ ସେମାନଙ୍କର ସଂଘର୍ଷ, ନିଷ୍ଠା ଓ ସଫଳତାରେ ପହଞ୍ଚିବାର ଯାତ୍ରା ସମ୍ପର୍କରେ ପ୍ରକାଶ କରିବେ। ଏହି ଶିବିରକୁ ଅନ୍ତର୍ଜାତୀୟ ମାରାଥନର ଡ. ବିବେକାନନ୍ଦ ତ୍ରିପାଠୀ ଓ ଡ. ଆଶୀର୍ବାଦ ବେହେରା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅଲିମ୍ପିଆନ ଅରୁନ୍ଧତୀ ବିଶ୍ୱାଳ, ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା (ଫାଓ)ର କୋଷାଧ୍ୟକ୍ଷ ଭକ୍ତ ବଳଭ ଦାସ, ଓଏଏର ଟେକନିକାଲ କମିଟି ଚେୟାରମ୍ୟାନ ଅଭୟ ମହାପାତ୍ର, ଅରୁଣ କୁମାର ଦାଶ, ନିଳମାଧବ ଦେଓ, ଟେକନିକାଲ କମିଟି ସଦସ୍ୟ ଚିତ ରଞ୍ଜନ ମହାପାତ୍ର, ଓଏଏ ସମ୍ପାଦକ ଅଭିଜିତ ପାଲ ପ୍ରମୁଖ ଯୋଗ ଦେଇଥିଲେ।


ତାଲିମ ଶିବିରରେ ଭାଗ ନେଇଥିବା ଖେଳାଳି ଓ କର୍ମକର୍ତ୍ତା।

# ରୁଡ୍‌ଙ୍କୁ ପ୍ରଥମ ମାଷ୍ଟର୍ସ ଟାଇଟଲ


ଟ୍ରଫି ସହ କାସ୍ପର ରୁଡ୍।

**ମାଡ୍ରିଡ୍, ୫ା୫ (ଏପି):** କାସ୍ପର ରୁଡ୍ ମାଡ୍ରିଡ୍ ଓପନ ଫାଇନାଲ ଜିତିଛନ୍ତି। ସେ ଜ୍ୟାକ୍ ଡ୍ରାପରଙ୍କୁ ୭-୫, ୩-୬, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ଏଥିସହିତ ସେ ନରଓ୍ୱେର ପ୍ରଥମ ଖେଳାଳି ହିସାବରେ ମାଷ୍ଟର୍ସ ୧,୦୦୦ ଟାଇଟଲ ହାସଲ କରିଛନ୍ତି। ୧୫ତମ ର୍ୟାଙ୍କିଙ୍ଗପ୍ରାପ୍ତ ୨୬ ବର୍ଷୀୟ ରୁଡ୍ ସୋମବାର ପ୍ରକାଶିତ ସଦ୍ୟତମ ର୍ୟାଙ୍କିଙ୍ଗ ତାଲିକାରେ ଟପ୍ ୧୦ରେ ପ୍ରବେଶ କରିବା ସହ ୭ମ ସ୍ଥାନ ଅଧିକାର କରି ନେଇଛନ୍ତି। ୧୯୯୦ରେ ମାଷ୍ଟର୍ସ ସିରିଜର ପ୍ରଚଳନ ହେବାପରଠାରୁ ୧୩ ଥର ଟୁର୍ ଚାମ୍ପିୟନ ନରଓ୍ୱେର ପ୍ରଥମ ଖେଳାଳି ଭାବେ ଏକ ମାଷ୍ଟର୍ସ ୧୦୦୦ ଟ୍ରଫି ହାସଲ କରିଥିବା ଏଟିପି କହିଛି। ଗତବର୍ଷ ମଣ୍ଟେ କାର୍ଲୋଠାରେ ଷ୍ଟିଫାନସ ସିଟ୍‌ସିପାସ ଏବଂ ୨୦୨୨ରେ ମାୟାମିରେ କାର୍ଲୋସ ଅଲ୍‌କରାଜଙ୍କ ପରେ ରୁଡ୍‌ଙ୍କର ଏହାଥିଲା ତୃତୀୟ ଫାଇନାଲ। ଆହୁରି ମଧ୍ୟ ୨୦୨୦ ଆରମ୍ଭରୁ ଅନ୍ୟ ଯେକୌଣସି ଖେଳାଳିଙ୍କ ତୁଳନାରେ ରୁଡ୍ ସବୁଠାରୁ ଅଧିକ ୧୨ଟି କ୍ଲେ ଟାଇଟଲ ହାସଲ କରିଛନ୍ତି। ଡ୍ରାପର ମାର୍ଚ୍ଚରେ ଇଣ୍ଡିଆନ ୱେଲ୍ସ ଚାମ୍ପିୟନ ହୋଇଥିଲେ। ମାଡ୍ରିଡ୍‌ରେ କ୍ୱାର୍ଟରଫାଇନାଲ ଜିତିବା ପରେ ର୍ୟାଙ୍କିଙ୍ଗ ତାଲିକାର ୫ମ ସ୍ଥାନ ଅଧିକାର କରିନେଇଛନ୍ତି।

# ଶାମିଙ୍କୁ ହତ୍ୟା ଧମକ

**ନୂଆଦିଲ୍ଲୀ,୫ା୫:** ଭାରତୀୟ ପେସର ମହମ୍ମଦ ଶାମିଙ୍କୁ ରବିବାର ଇ-ମେଲ ଜରିଆରେ ହତ୍ୟା ଧମକ ମିଳିଛି। ଏ ନେଇ ଉତ୍ତର ପ୍ରଦେଶର ଆମରୋହା ଜିଲାର ସାଇବର କ୍ରାଇମ ଥାନାରେ ଏଫ୍ଆଇଆର୍ ରୁଜୁ ହୋଇଛି। ଶାମିଙ୍କ ଭାଇ ହସିବ ଅଭିଯୋଗ ଦାଖଲ କରିଛନ୍ତି। ରାଜପୁତ ସିନ୍ଦର ନାମକ ଆଇଡିରୁ ହତ୍ୟା ଲାଗି ଧମକ ଦିଆଯିବା ସହିତ ଏକ କୋଟି ଟଙ୍କା ଦାବି କରାଯାଇଛି। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ଭାରତୀୟ ପେନାଲ କୋଡର ଧାରା ୩୦୮(୪) ଓ ସୂଚନା ପ୍ରଯୁକ୍ତିବିଦ୍ୟା ଆଇନର ୬୬ ଡି ଓ ୬୬ ଇ ଅଧିନିୟମରେ ମାମଲା ରୁଜୁ କରାଯାଇଛି।

# ଜୁନିୟର ଆଥଲେଟିକ୍ସରେ ଡୋପିଙ୍ଗ ସ୍କାଣ୍ଡାଲ

**ନୂଆଦିଲ୍ଲୀ, ୫ା୫**

ଦେଶର ଏକ ପ୍ରମୁଖ ଜୁନିୟର ଆଥଲେଟିକ୍ସ ଏକାଡେମୀରେ ଏକ ଡୋପିଙ୍ଗ ସ୍କାଣ୍ଡଲ ଲୋକଲୋଚନକୁ ଆସିବା ପରେ ବିଶିଷ୍ଟ କୋଚ୍ ରମେଶ ନାଗପୁରୀଙ୍କ କାର୍ଯ୍ୟଶୈଳୀ ଓ ଦକ୍ଷତାକୁ ନେଇ ସନ୍ଦେହ ଦେଖା ଦେଇଛି। କେବଳ ସେତିକି ନୁହେଁ ଭାରତର ଜୁନିୟର ଆଥଲେଟିକ୍ସ ପ୍ରୋଗ୍ରାମର ଭବିଷ୍ୟତକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନାଗପୁରୀଙ୍କଠାରୁ କୋଚିଂ ନେଇ ଯେଉଁମାନେ ସଫଳତା ଅର୍ଜନ କରିଛନ୍ତ ସେମାନଙ୍କ ଭାବମୂର୍ତ୍ତି ଉପରେ ହୁଏତ ଆଞ୍ଚ ଆସିପାରେ। ଶୀଘ୍ର ନାମ କମାଇବା ପାଇଁ ନାଗପୁରୀ ଡୋପିଙ୍ଗକୁ ଏକ ଶର୍ଟକଟ୍ ମାଧ୍ୟମ ଭାବେ ଗ୍ରହଣ କରି ନାହାନ୍ତି ତ ବୋଲି ଅନେକଙ୍କ ମନରେ ଧାରଣା ସୃଷ୍ଟି ହୋଇଛି। ଡୋପିଙ୍ଗରେ ସହଯୋଗିତା ପାଇଁ ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା) ଦ୍ୱାରା ଜାତୀୟ ଜୁନିୟର ଦଳର ମୁଖ୍ୟ କୋଚ୍ ନାଗ୍‌ପୁରୀ ସସ୍‌ପେଣ୍ଡ ଇତିମଧ୍ୟରେ ହୋଇ ସାରିଛନ୍ତି। ୭ଜଣ ଆଥଲେଟଙ୍କୁ ଡୋପ୍ ଟେଷ୍ଟରୁ ଏଡାଇବାରେ ସେ ସହଯୋଗ କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲା ଭାରତୀୟ ଆଥଲେଟିକ୍ସରେ ଚହଲ ସୃଷ୍ଟି କରିଥିଲା। ସହଯୋଗିତା ଏବଂ ନିଷିଦ୍ଧ ପଦାର୍ଥ ପ୍ରୟୋଗ ପାଇଁ ଅନ୍ୟ ଦୁଇ ଜଣ କୋଚ୍ କରମବୀର ସିଂ ଓ ରାକେଶ ମଧ୍ୟ ସସ୍‌ପେଣ୍ଡ ହୋଇଛନ୍ତି। ନାଡା ଦ୍ୱାରା ପ୍ରକାଶିତ ଡୋପ୍ ଅପରାଧୀ ତାଲିକାରେ ସସ୍‌ପେଣ୍ଡ ହୋଇଥିବା ୭ ଆଥଲେଟଙ୍କ ନାମ ପ୍ରକାଶ ପାଇଛି। ସେମାନେ ହେଲେ ପାରସ ସିଂଘଲ, ପୂଜା ରାଣୀ, ନାଲୁବୋଥୁ ଶନମୁଗା ଶ୍ରୀନିବାସ, ଚେଲିମି ପ୍ରତୁଶା, ଶୁଭମ ମାହାରା, କିରଣ ଓ ଜ୍ୟୋତି। ନାଗପୁରୀ ହେଉଛନ୍ତି ଜଣେ ଜଣାଶୁଣା ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା।

**ସନ୍ଦେହରେ ନାଗପୁରୀଙ୍କ ଭୂମିକା**

# ଗୋପୀନାଥଦେବ ଏକାଦଶ ଚାମ୍ପିୟନ

**ଭୁବନେଶ୍ୱର,୫ା୫ (ଅନାଦି କର)**

**ରସୁଲଗଡ଼ ପ୍ରିମିୟର ଲିଗ୍**

ରସୁଲଗଡ଼ ୟୁଥ କ୍ଲବ ଦ୍ୱାରା ଆୟୋଜିତ ଦଶମ ରସୁଲଗଡ଼ ପ୍ରିମିୟର ଲିଗ୍ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ମା' କୋଚିଲେଇ ଏକାଦଶକୁ ୮ ଉଇକେଟରେ ହରାଇ ଗୋପୀନାଥଦେବ ଏକାଦଶ ଚାମ୍ପିୟନ ହୋଇଛି।

ପ୍ରଥମେ ବ୍ୟାଟିଂ କରିଥିବା ମା' କୋଚିଲେଇ ୧୨ ଓଭରରେ ୮୧ ରନ କରି ଅଲଆଉଟ୍ ହୋଇଥିଲା। ଦଳ ପକ୍ଷରୁ କ୍ରାନ୍ତି ଖଟୁଆ ୧୯ ରନ କରିଥିବା ବେଳେ ଗୋପୀନାଥଦେବ ଦଳ ପାଇଁ ବୋଲିଂରେ ସ୍ୱୟମ ନାୟକ ୩ ଉଇକେଟ ନେଇଥିଲେ। ଜବାବରେ ଗୋପୀନାଥଦେବ ୭.୧ ଓଭରରେ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଦଳ ପାଇଁ ଶ୍ରୀତମ ଜେନା ୪୬ ରନ କରିଥିଲେ। ଅମ୍ପାୟାର ଭାବେ ଶିବରାଜ ଚମ୍ପତି ଓ ଉମାକାନ୍ତ ଜଗଦେବ ମ୍ୟାଚ୍ ପରିଚାଳନା କରିଥିଲେ। ସ୍ୱୟମ ନାୟକଙ୍କୁ ମ୍ୟାନ୍ ଅଫ୍ ଦି ଫାଇନାଲ ବିବେଚିତ କରାଯାଇଥିବା ବେଳେ ସମ୍ବିତ ପାଇକରାୟଙ୍କୁ ବେଷ୍ଟ ବ୍ୟାଟ୍ସମ୍ୟାନ ଓ ଅଂଶ ଦାସଙ୍କୁ ବେଷ୍ଟ ବୋଲର ଭାବେ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ପ୍ରକାଶ ରାଉତ୍ରାୟ, ଅନୀଲ ବଳିଆରସିଂ, ସାଗର ପରିଡ଼ା, ସୁଭେନ୍ଦୁ ରାଉତ, ଅସମିତ ଦାସ, ବିପ୍ଳବ ବେହେରା, ସ୍ନେହାଶିଷ ଜେନା ଯୋଗ ଦେଇଥିଲେ।


ଅତିଥିଙ୍କ ଗହଣରେ ଚାମ୍ପିୟନ ଟ୍ରଫି ସହ ଗୋପୀନାଥଦେବ ଏକାଦଶ ଦଳର ଖେଳାଳି।

# କିଟ୍, ବରଗଡ଼, ଯାଜପୁର, କେନ୍ଦୁଝର ବିଜୟୀ

**ଭୁବନେଶ୍ୱର, ୫ା୫ (ବିଜୟ ରଣା)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲା ମହିଳା ଟି୨୦ କ୍ରିକେଟ ସୁପର ଲିଗ୍‌ରେ ସୋମବାର ମ୍ୟାଚରେ କିଟ୍, ବରଗଡ଼, ଯାଜପୁର ଓ କେନ୍ଦୁଝର ବିଜୟୀ ହୋଇଛନ୍ତି। କଟକ ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଖେଳାଯାଇଥିବା ମ୍ୟାଚରେ କିଟ୍ ୧୨ ରନରେ ଭୁବନେଶ୍ୱରକୁ ହରାଇଛି। ପ୍ରଥମେ ବ୍ୟାଟିଂ କରିଥିବା କିଟ୍ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ହରାଇ ୯୫ ରନ କରିଥିଲା। ଟପ୍ ସ୍କୋରର ରାନୀ ଟୁଡୁ ୪୮ ବଲ୍‌ରୁ ୪୭ ରନ କରିଥିଲେ। ଜବାବରେ ଭୁବନେଶ୍ୱର ୬ ଉଇକେଟ ହରାଇ ୮୬ରନ କରିପାରିଥିଲା। ରାନୀ ଟୁଡୁ ପ୍ଲେୟର ଅଫ ଦି ମ୍ୟାଚ ହୋଇଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ବାଲେଶ୍ୱର ବିପକ୍ଷରେ ବରଗଡ଼ ୪ଉଇକେଟରେ ବିଜୟ ଲାଭ କରିଛି। ବାଲେଶ୍ୱର ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୬୨ ରନ କରିଥିଲା। ଜବାବରେ ବରଗଡ଼ ୧୯.୨ ଓଭରରେ ୬ଉଇକେଟ ହରାଇ ୬୪ ରନ କରି ମ୍ୟାଚ ଜିତି ନେଇଥିଲା। ବିଜୟୀ ଦଳର ଲୁଇସା ଦାଶ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ସେ ୪୮ ବଲ୍‌ରୁ ୪୩ ରନ କରି ଅପରାଜିତ ରହିବା ସହ ୧୬ ରନ ଦେଇ ଗୋଟିଏ ଉଇକେଟ ନେଇଥିଲେ। ସେହିପରି ଡ୍ରିମ୍ସ ଗ୍ରାଉଣ୍ଡ ମ୍ୟାଚରେ ଭଦ୍ରକ ବିପକ୍ଷରେ ଯାଜପୁର ୪୫ ରନରେ ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ଯାଜପୁର ଆଲିସ୍ପା ବିଶ୍ୱାଳ (୬୯ବଲ୍‌ରୁ ୫୩ରନ)ଙ୍କ ଅର୍ଦ୍ଧଶତକ ବଳରେ ୪ ଉଇକେଟ ହରାଇ ୧୨୫ ରନ କରିଥିଲା। ଭଦ୍ରକ ନିର୍ଦ୍ଧାରିତ ଓଭରରେ ୯ଉଇକେଟ ବିନିମୟରେ ୮୦ରନ କରି ମ୍ୟାଚରେ ପରାଜିତ ହୋଇଥିଲା। ଯାଜପୁରର କାଜଲ ଜେନା ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ସେ ୧୬ ବଲ୍‌ରେ ୨୧ ରନ କରିବା ସହ ୯ ରନ ଦେଇ ଗୋଟିଏ ଉଇକେଟ ହାସଲ କରିଥିଲେ। ବିଡ଼ାନାସୀ ଗ୍ରାଉଣ୍ଡରେ ସମ୍ବଲପୁରକୁ ୫୬ରନରେ ହରାଇ ଦେଇଛି କେନ୍ଦୁଝର। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା କେନ୍ଦୁଝର କୁସୁମ ତିରିଆଙ୍କ ୪୭ ଏବଂ ଅର୍ଚ୍ଚନା ପରିଡ଼ାଙ୍କ ୪୦ରନ ସହାୟତାରେ ୨ଉଇକେଟ ବିନିମୟରେ ୧୬୫ ରନ କରିଥିଲା। ସମ୍ବଲପୁର ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୧୦୯ ରନ କରି ପରାଜିତ ହୋଇଥିଲା। ଏଥିରେ ବିଜୟୀ ଦଳର ଅର୍ଚ୍ଚନା ପରିଡ଼ା ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ସେ ୪୦ରନ କରିବା ସହ ଗୋଟିଏ ଉଇକେଟ ମଧ୍ୟ ନେଇଥିଲେ।


ଅର୍ଚ୍ଚନା ପରିଡ଼ା


ଲୁଇସା ଦାଶ


ରାନୀ ଟୁଡୁ


କାଜଲ ଜେନା

**ଆନ୍ତଃଜିଲା ମହିଳା କ୍ରିକେଟ**

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ